ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ ୫/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Thursday, May 5/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୧୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-



**ଅଡୁଆରେ ରଣବୀରଙ୍କ 'ଜୟେଶଭାଇ ଜୋରଦାର'**
ରଣବୀର ସିଂହ ଅଭିନୀତ ଫିଲ୍ମ 'ଜୟେଶଭାଇ ଜୋରଦାର' ଆଇନ ଜାଲରେ ଫସିଛି। ଟ୍ରେଲରରେ ଦେଖାଯାଇଥିବା ଗର୍ଭସ୍ଥ ଶିଶୁର ଲିଙ୍ଗ ପରୀକ୍ଷାକୁ ନେଇ ବିବାଦ ଦେଖାଦେଇଛି। ୦୪

୦୮ **ଅସ୍ମିତା ଅଧିନାୟିକା**
ଭୋପାଳରେ ହେବାକୁଥିବା ଜାତୀୟ ସିନିୟର ମହିଳା ହକି ଚାମ୍ପିୟନଶିପ୍ ପାଇଁ ଅସ୍ମିତା ବାର୍ଲା ଓଡ଼ିଶା ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି।



# ଇଏମ୍ଆଇ ବୋଝ ବଢ଼ିବ

## ରେପୋ ରେଟ୍ ୦.୪୦% ବଢ଼ାଇଲା ଆର୍‌ବିଆଇ

**ତୈଳ ଓ ଖାଦ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧିରେ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଦୈନନ୍ଦିନ ଚଳଣି ଦୁର୍ବିଷହ ହୋଇପଡ଼ିଥିବାବେଳେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ବୁଧବାର ରେପୋ ହାର ବୃଦ୍ଧି କରିଛି। ପ୍ରାୟ ୪ବର୍ଷର ବ୍ୟବଧାନ ପରେ ଅଚାନକ ଗୋଟିଏ ଥରରେ ୦.୪୦ ବିପିଏସ୍ ବୃଦ୍ଧି ଘଟି ରେପୋ ରେଟ୍ ୪.୪୦ ପ୍ରତିଶତ ହୋଇଯାଇଛି। ଫଳରେ ଶସ୍ତା ଋଣ ସମୟର ପରିସମାପ୍ତି ଘଟିବା ସହ ଗୃହ, ଗାଡ଼ି ଋଣ ମହଙ୍ଗା ହେବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଗୋଟିଏ ପଟେ ଅହେତୁକ ଦରବୃଦ୍ଧିରେ ଲୋକେ ହୀନସ୍ତା ହେଉଥିବାବେଳେ ଏବେ ଋଣ ବାବଦ ମାସିକ କିସ୍ତି (ଇଏମ୍ଆଇ) ବୋଝ ବଢ଼ିବା ପ୍ରାୟ ନିଶ୍ଚିତ।**

ଭୁବନେଶ୍ୱର,୪।୫(ବ୍ୟୁରୋ)

ଦେଶର ସମ୍ପ୍ରତି ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଅପ୍ରତ୍ୟାଶିତ ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୁଧବାର ରେପୋ ହାରରେ ୪୦ ବେସିସ୍ ପଏଣ୍ଟ ବୃଦ୍ଧି କରି ୪.୪୦ ପ୍ରତିଶତ କରାଯାଇଛି। ଏଥିସହିତ କ୍ୟାଶ୍ ରିଜର୍ଭ ରେସିଓ ବା ନଗଦ ଜମା ଅନୁପାତ ମଧ୍ୟ ୫୦ ବେସିସ୍ ପଏଣ୍ଟ ବୃଦ୍ଧି କରି ୪.୫ ପ୍ରତିଶତ କରାଯାଇଛି। ଏହା ଦ୍ୱାରା ବ୍ୟାଙ୍କଗୁଡ଼ିକରୁ ୮୭ହଜାର କୋଟି ଟଙ୍କାର ନଗଦ ଅର୍ଥ ଆର୍‌ବିଆଇ ନିକଟକୁ ଚାଲିଯିବ। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ବୁଧବାର ଭିଡିଓ କନ୍‌ଫରେନ୍ସ ଯୋଗେ ସୂଚନା ଦେଇ କହିଛନ୍ତି ଯେ, ୨୦୧୮ ଅଗଷ୍ଟ ମାସଠାରୁ ରେପୋ ରେଟ୍ ଅପରିବର୍ତ୍ତିତ ୪%ରେ ରହି ଆସୁଥିଲା। ହେଲେ ଦରଦାମ ବୃଦ୍ଧି ଦୃଷ୍ଟିରୁ ସୁଧ ହାର ବଢ଼ାଇବା ପାଇଁ ଆର୍‌ବିଆଇ ଉପରେ ଚାପ ରହି ଆସୁଥିଲା। ଆର୍‌ବିଆଇର ମୁଦ୍ରାହାର ନୀତି କମିଟି(ଏମ୍‌ପିସି) ପକ୍ଷରୁ ଦେଶର ଅର୍ଥନୀତି ସମ୍ପର୍କିତ ଆଲୋଚନା ପାଇଁ ଅନୁଷ୍ଠିତ ବୈଠକରେ ସଦସ୍ୟଙ୍କ ସହମତିରେ ରେପୋ ହାର ବୃଦ୍ଧି କରାଯାଇଛି ବୋଲି ଗଭର୍ନର ଦାସ କହିଛନ୍ତି। ତେବେ ରେପୋ ରେଟ ବୃଦ୍ଧି ସମ୍ପର୍କରେ ଆର୍‌ବିଆଇର ଏହି ଘୋଷଣା ପରେ ଏହାର ପ୍ରଭାବ ସିଧାସଳଖ ପୁଞ୍ଜି ବଜାର ଉପରେ ପଡ଼ିଛି। ବୁଧବାର ଶେୟାର ବଜାରରେ ବ୍ୟାପକ ହ୍ରାସ ପରିଲକ୍ଷିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ସେନ୍‌ସେକ୍ସ ୧୩୦୭ ପଏଣ୍ଟ ହ୍ରାସ ପାଇ ୫୫,୬୬୯କୁ ପହଞ୍ଚିଥିବାବେଳେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜର ନିଫ୍‌ଟି ୪୧୪ ପଏଣ୍ଟ ହ୍ରାସ ପାଇ ୧୬,୬୭୮ ପଏଣ୍ଟ ତଳକୁ ଖସିଯାଇଛି। ଉଭୟ ଫଳରେ ବୁଧବାର ପୁଞ୍ଜି ବଜାରରେ ୬.୨୭ଲକ୍ଷ କୋଟି ଟଙ୍କାର କ୍ଷତି ହୋଇଥିବା କୁହାଯାଉଛି। ☞ପୃଷ୍ଠା-୪

**୨୦୧୮ ଅଗଷ୍ଟଠାରୁ ୪% ଅପରିବର୍ତ୍ତିତ ଥିଲା**




- **ପୁଞ୍ଜି ବଜାରରେ ଭାରି ହ୍ରାସ**
- **୬.୨୭ ଲକ୍ଷ କୋଟି ହରାଇଲେ ନିବେଶକାରୀ**

## ଆଉ ମାଗଣା ରହିବନି ଟୁଇଟର



ୱାଶିଂଟନ୍, ୪।୫: ଟେସ୍‌ଲା ସିଇଓ ଏଲନ୍ ମସ୍କ ୪୪ ବିଲିୟନ ଡଲାରରେ ଟୁଇଟରକୁ କିଣିବା ପରେ ଏଥିରୁ ଆୟ କରିବା ନିମନ୍ତେ ଏହାର ପଲିସିରେ ପରିବର୍ତ୍ତନ ପାଇଁ ପ୍ରଥମ ଘୋଷଣା କରିଛନ୍ତି। ଏଣିକି ସରକାରୀ କିମ୍ବା ବାଣିଜ୍ୟିକ ବ୍ୟବହାର ପାଇଁ ଏହି ମାଇକ୍ରୋ ବ୍ଲଗିଂ ପ୍ଲାଟ୍‌ଫର୍ମର ବ୍ୟବହାର ମାଗଣାରେ କରିହେବ ନାହିଁ। ଏଥିପାଇଁ ଦେୟ ଦେବାକୁ ପଡ଼ିବ ବୋଲି ମସ୍କ ବୁଧବାର ଏକ ଟୁଇଟ୍ କରିଛନ୍ତି। ତେବେ ସାଧାରଣ ୟୁଜର୍ସଙ୍କ ପାଇଁ ଏହା ପୂର୍ବଭଳି ଦେୟମୁକ୍ତ ରହିବ ବୋଲି ସେ କହିଛନ୍ତି। ପୂର୍ବରୁ ଏହାର ପ୍ରିମିୟମ ସେବା ଟୁଇଟର ବ୍ଲୁ ପାଇଁ ୟୁଜର୍ସଙ୍କୁ ଶୁଳ୍କ ଦେବାକୁ ପଡୁଥିଲା। ଅନ୍ୟ ଏକ ଟୁଇଟ୍‌ରେ ମସ୍କ ଏହି ଆପ୍ଲିକେଶନରେ କିଛି ପରିବର୍ତ୍ତନ ଆଣିବା କଥା ମଧ କହିଛନ୍ତି। ଟୁଇଟର ବଟ୍‌ସ, ସ୍ପାମ୍ ଏବଂ ସ୍କାମ୍‌ରୁ ଦୂରରେ ରହିବା ଜରୁରୀ। କୌଣସି ମତ ବାସ୍ତବରେ ବହୁସଂଖ୍ୟାରେ ଜନସାଧାରଣଙ୍କର ନା କେହି ଅନେକ ଆକାଉଣ୍ଟ ଖୋଲି ନିଜ ମତକୁ ପ୍ରଚାର କରୁଛି ତାହା ଜଣାପଡ଼ିବା ଆବଶ୍ୟକ। ଏବେ କିନ୍ତୁ ସେପରି ସୁବିଧା ନାହିଁ। ତେଣୁ ଟୁଇଟରର ଆଲ୍‌ଗୋରିଦମ୍ ଖୋଲା ରହିବା ଦରକାର ଏବଂ କିଏ କେଉଁଭଳି ଭାବେ ଏଥିରେ ହସ୍ତକ୍ଷେପ କରୁଛି ତାହା ସ୍ପଷ୍ଟ ଭାବେ ଚିହ୍ନଟ ହେବା ଜରୁରୀ। ଏହା ଦ୍ୱାରା ଟୁଇଟର ବିଶ୍ୱାସଯୋଗ୍ୟ ହୋଇପାରିବ ବୋଲି ମସ୍କ କହିଛନ୍ତି।

**ଆଜିର ସମ୍ପାଦକୀୟ**
ଦେଖିବାର କଳା

ଗର୍ଭପାତ କଟକଣା: ଆମେରିକାରେ ଦ୍ୱନ୍ଦ୍ୱ (ପୃଷ୍ଠା-୨)
ଜମି ସେଟେଲ୍‌ମେଣ୍ଟ ଆକ୍ଟ ୧୯୮୩ରେ ସଂଶୋଧନ (ପୃଷ୍ଠା-୩)

## ଶହୀଦ ଅନୁକମ୍ପା ସହାୟତା ରାଶି ୧୦ ଲକ୍ଷ ଟଙ୍କାକୁ ବଢ଼ିଲା

ଭୁବନେଶ୍ୱର,୪।୫(ବ୍ୟୁରୋ)

ଯୁଦ୍ଧ ତଥା ଉଗ୍ରବାଦର ମୁକାବିଲା ସମୟରେ ପ୍ରାଣବଳୀ ଦେଉଥିବା ଶହୀଦ ଓଡ଼ିଆ ଯବାନମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ସହାୟତା ରାଶି ପରିମାଣକୁ ୫ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ସାମରିକ ତଥା ଅର୍ଦ୍ଧସାମରିକ ବାହିନୀରେ ରହି ଦେଶ ପାଇଁ ଜୀବନ ଉତ୍ସର୍ଗ କରୁଥିବା ଯବାନ ଓ ଅଫିସରମାନଙ୍କ ପରିବାର କଲ୍ୟାଣ ପାଇଁ ରାଜ୍ୟ ସରକାର କାର୍‌ଗିଲ ଯୁଦ୍ଧ ସମୟରୁ ଶହୀଦ ପରିବାର କଲ୍ୟାଣ ଲାଗି ଏକ ସହାୟତା ପାଣ୍ଠି ଗଠନ କରିଛନ୍ତି। ପ୍ରାଥମିକ ଭାବେ ଏହି ସହାୟତା ରାଶି ୧ ଲକ୍ଷ ଟଙ୍କା ଥିବା ବେଳେ ୨୦୧୦ ଓ ୨୦୧୨ରେ ଏହାକୁ ଯଥାକ୍ରମେ ୨ ଲକ୍ଷ ଓ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏବେ ଏହାକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

## ୨୦୨୩ ଡିସେମ୍ବର ସୁଦ୍ଧା ୧୭ ସହରାଞ୍ଚଳରେ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍'

ଭୁବନେଶ୍ୱର,୪।୫(ବ୍ୟୁରୋ)

୨୦୨୩ ଡିସେମ୍ବର ସୁଦ୍ଧା ୧୭ ପ୍ରମୁଖ ସହରରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ୍ ପାଇଁ ଲକ୍ଷ୍ୟ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାର ସହରାଞ୍ଚଳରେ ଆରମ୍ଭ କରିଥିବା ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନକୁ ବେଶ୍ ସଫଳତା ମିଳିଛି। ଏହା ଏବେ ଜାତୀୟ ମଡେଲରେ ପରିଣତ ହୋଇଛି। ଦେଶର ବିଭିନ୍ନ ଭାଗରେ ଏହାକୁ ଗ୍ରହଣ କରିବା ପାଇଁ କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିଛନ୍ତି। ଓଡ଼ିଶା ଜଳ ଏକାଡେମୀକୁ ଜାତୀୟ ସ୍ତରରେ ଏକ ଅଗ୍ରଣୀ କାପାସିଟି ବିଲ୍ଡିଂ ଇନ୍‌ଷ୍ଟିଚ୍ୟୁଟ୍ ଭାବେ ଏମ୍ପ୍ୟାନେଲ୍ଡ୍ ☞ପୃଷ୍ଠା-୪

DSPL - 23

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ଓଡ଼ିଶା ସରକାର**

**ସାଂସ୍କୃତିକ ଦଳର କମ୍ପ୍ୟୁଟରୀକରଣ ଏବଂ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ**

- ବର୍ତ୍ତମାନ ଏଇ କାର୍ଯ୍ୟ ବିନା ପ୍ରଯୁକ୍ତି ବିଦ୍ୟା ପ୍ରଣାଳୀରେ କରାଯାଉଛି । ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରି ଏହି କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ଏକ ଆପ୍ଲିକେସନ CTMS (ସି.ଟି.ଏମ.ଏସ) ପ୍ରସ୍ତୁତ କରାଯାଇଛି ।
- CTMS ବ୍ୟବହାର ଫଳରେ ଶେଷ ସମୟର ଅସୁବିଧା ଓ ଝିନଝଟକୁ ଏଡାଇ ଦିଆଯାଇପାରିବ ।
- CTMS ଦ୍ୱାରା ରାଜ୍ୟର ସବୁ ଅଞ୍ଚଳର ସାଂସ୍କୃତିକ ଦଳମାନଙ୍କୁ କଳା ପରିବେଷଣ କରିବାକୁ ସମାନ ସୁଯୋଗ ମିଳିବ ।
- ଏହା ସାହାଯ୍ୟରେ ସାଂସ୍କୃତିକ ଦଳମାନଙ୍କୁ ତାଙ୍କର ପ୍ରାପ୍ୟ କଳା ପରିବେଷଣ କରିବାର ଚାରି ସପ୍ତାହ ମଧ୍ୟରେ ଦିଆଯାଇପାରିବ ।
- CTMS ଦ୍ୱାରା ସାଂସ୍କୃତିକ ଦଳ ପ୍ରେରଣ ପ୍ରକ୍ରିୟାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିବ ବୋଲି ଆଶା ଓ ବିଶ୍ୱାସ ।
- ରାଜ୍ୟର ସବୁ ସାଂସ୍କୃତିକ ଦଳମାନଙ୍କୁ CTMSରେ ପଞ୍ଜୀକରଣ ମଇ ୫ ତାରିଖ ଠାରୁ ମଇ ୨୫ ତାରିଖ ମଧ୍ୟରେ www.ctms-ollc.in web link ରେ କରିବା ପାଇଁ ଅନୁରୋଧ ।

ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି ପଞ୍ଜୀକରଣ ବ୍ୟବସ୍ଥା ତା ୦୫.୦୫.୨୦୨୨ ରିଖ ରାଜ୍ୟ ସଂସ୍କୃତି ଭବନ ଭୁବନେଶ୍ୱରରେ ଶୁଭାରମ୍ଭ କରିବେ ।



TRANSPARENCY
TECHNOLOGY
TEAMWORK
TIME
TRANSFORMATION

ସହାୟତା - 0674- 2432945, helpdesk.ollc@gmail.com

OIPR-03001/13/0003/2223

RSPL

**ମେ ସ୍କିମ୍ ଧମାକା** — ଘଡ଼ି ଡିଟର୍ଜେଣ୍ଟ

କେବଳ ଓଡ଼ିଶା ପ୍ରାନ୍ତର ଦୋକାନୀ ଭାଇମାନଙ୍କ ପାଇଁ ମାନ୍ୟ
ସ୍କିମ୍ 2nd May, 2022 ରୁ ଲାଗୁ. ସଂପର୍କ କରନ୍ତୁ 7459080808

| ସ୍ଲାବ୍ | ଘଡ଼ି ଡିଟର୍ଜେଣ୍ଟ ପାଉଡର ମାଗଣା ପ୍ୟାକେଟ୍ |
|---|---|
| 3kg ର 2* ବସ୍ତା | 3kg ର 1ପ୍ୟାକେଟ୍ ମାଗଣା |
| 2kg ର 1* ବସ୍ତା | 1kg ର 1 ପ୍ୟାକେଟ୍ ମାଗଣା |
| 1kg ର 1* ବସ୍ତା | 1kg ର 1ପ୍ୟାକେଟ୍ ମାଗଣା |
| ₹50/- (800g/750g) ର 1* ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| 500g ର 1* ବସ୍ତା | 1kg ର 1 ପ୍ୟାକେଟ୍ ମାଗଣା |
| ₹10/- (125g/120g) ର 1* ବସ୍ତା | ₹10/-(125g/120g)ର 3 pcs. ମାଗଣା |
| ₹5/- (62g/60g) ର 1* ବସ୍ତା | ₹5/- (62g/60g) ର 5 pcs. ମାଗଣା |

*As per Nielsen Retail Index data for Mat Dec. 2021. All India (Urban+Rural) market in Washing Powder Category.

Ghadi Powder: *1 ବସ୍ତା = 4kgx5 pkts., 3kgx10 pkts., 2kgx10 pkts., 1kgx25 pkts., 800g/750gx25 pkts., 500gx40 pkts., 125g/120gx72 pkts.,62g/60gx100 pkts.,

| ସ୍ଲାବ୍ | ଘଡ଼ି ଡିଟର୍ଜେଣ୍ଟ କେକ୍ ମାଗଣା ପିସ୍ |
|---|---|
| 1@ ପେଟି | ₹5/- (65g) ର 3 pcs. ମାଗଣା |

Ghadi Cake: @1 ପେଟି = 65gx100 pcs., 140gx56 pcs., 250gx40 pcs., 300gx48 pcs.,

| ସ୍ଲାବ୍ | ଘଡ଼ି ମେଶିନ୍ ୱାଶ୍ ମାଗଣା ପ୍ୟାକେଟ୍ |
|---|---|
| 1kg ର 1$ ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| 500g ର 1$ ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| 3kg ର 1$ ବସ୍ତା | 1kg ର 1 ପ୍ୟାକେଟ୍ ମାଗଣା |

Ghadi Machine Wash: $1 ବସ୍ତା = 1kgx12 pkts., 500gx24 pkts., 90g/80gx60 pkts., 3kgx5 pkts. + Plastic Container

| ସ୍ଲାବ୍ | ଗ୍ଲୋରି ମାଗଣା ପିସ୍ |
|---|---|
| 100g/50g ର 1# ପେଟି | 50g ର 5 pcs. ମାଗଣା |
| 200ml HW ର 12 pcs. | 200ml HW ର 1 pc. ମାଗଣା |
| 190ml/180ml HW ର 12 pcs. | 190ml/180ml HW ର 1 pc. ମାଗଣା |
| 65ml/60ml HW ର 12 pcs. | 65ml/60ml HW ର 1 pc. ମାଗଣା |
| 30ml/25ml HW ର 12 pcs. | 30ml/25ml HW ର 5 pcs. ମାଗଣା |

Glori Soap: #1 ପେଟି = (100g x 4) x 12 pcs., (50g x 4) x 15 pcs.
HW = Handwash

ସ୍କିମ୍ ସମ୍ବନ୍ଧିତ କୌଣସି ସମସ୍ୟା ପାଇଁ ତଳେ ଦିଆଯାଇଥିବା ନମ୍ବରରେ ତୁରନ୍ତ ସଂପର୍କ କରନ୍ତୁ
B. UMA SANKAR (BHUBANESWAR): 7873096108, PANCHANAN PRADHAN (SAMBALPUR): 9439649875
DHEERENDRA KUMAR (STATE HEAD): 9935279225

ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : RSPL CARE 1800 120 2800




ପାନମଧୁରୀ ଫ୍ଲେଭର

| Weight* | M.R.P.* |
|---|---|
| 160g | ₹65 |
| 80g | ₹35 |
| 40g | ₹15 |
| 20g | ₹10 |

ଘରକୁ ଆଣନ୍ତୁ 18 ଆୟୁର୍ବେଦିକ ଜଡ଼ିବୁଟିର ଶକ୍ତି ବାଲା ଭିକୋ ବଜ୍ରଦନ୍ତୀ ପାନମଧୁରୀ ଫ୍ଲେଭର । ଯାହା ମାଢ଼ିର ଫୁଲା, ବ୍ଲିଡିଂ ଗମ୍‌ସ, ପାଇରିଆ, ସେନ୍ସିଟିଭ୍‌ରୁ ବଞ୍ଚାଏ ଏବଂ ଶ୍ୱାସକୁ ରଖେ ତାଜା, ମିତବ୍ୟୟୀ ଦାମ୍‌ରେ ।

*All M.R.P's are inclusive of all taxes • Offer valid till stocks last • Stocks also available without offer • Available in selected states/cities

ସମ୍ପୂର୍ଣ୍ଣ ସ୍ୱଦେଶୀ
ପ୍ରାକୃତିକ ଏବଂ ସୁରକ୍ଷିତ • ପିଲାଙ୍କ ପାଇଁ ସୁରକ୍ଷିତ • ଫ୍ଲୋରାଇଡ୍ ଫ୍ରୀ • ଟ୍ରାଇକ୍ଲୋସନ୍ ଫ୍ରୀ
www.viccolabs.com • Like us on /ViccoLabs
Shop online at www.viccoestore.com • Customer Care Cell No. 0712-2420890

**ଇଦ୍‌ଗା ପାଇଁ ଜମି ଦାନ କଲେ ଦୁଇ ହିନ୍ଦୁ ଯୁବତୀ**

ଉତ୍ତରାଖଣ୍ଡର ସରୋଜ ରସ୍ତୋଗି ଓ ତାଙ୍କ ଭଉଣୀ ଅନିତା ରସ୍ତୋଗି ଇଦ୍‌ଗାହ ନିର୍ମାଣ ପାଇଁ ୨୦,୪୦୦ ବର୍ଗ ଫୁଟର ଜମି ଦାନ କରିଛନ୍ତି। ଉଭୟେ ବାପାଙ୍କ ଶେଷ ଇଚ୍ଛା ପୂରଣ କରିବାକୁ ଯାଇ ଜମି ଦାନ କରିଥିବା କହିଛନ୍ତି। ଦେଶରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ସଂଘର୍ଷ ଦେଖିବାକୁ ମିଳୁଥିବାବେଳେ ଦୁଇ ଭଉଣୀଙ୍କ ଏ ପ୍ରକାର କାର୍ଯ୍ୟ ଲୋକଙ୍କୁ ପ୍ରଭାବିତ କରିବ ବୋଲି ଇଦଗା କମିଟି ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଯୋଧପୁର ହିଂସା: ଚିନ୍ତାବ୍ୟକ୍ତ କଲା ଜାତିସଂଘ

**ନୂଆଦିଲ୍ଲୀ, ୪।୫:** ଇଦ୍-ଉଲ୍ ଫିତର ପାଳନ ଅବସରରେ ରାଜସ୍ଥାନର ଯୋଧପୁରରେ ଘଟିଥିବା ସାମ୍ପ୍ରଦାୟିକ ହିଂସାକାଣ୍ଡ ମାମଲାରେ ଜାତିସଂଘ ଚିନ୍ତାବ୍ୟକ୍ତ କରିଛି। ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୁଟେରସ୍‌ଙ୍କ ଡେପୁଟି ମୁଖପାତ୍ର ଫରହାନ୍ ହକ୍ ଶାନ୍ତି ବଜାୟ ରଖିବାକୁ ଭାରତ ସରକାର ଏବଂ ଲୋକଙ୍କୁ ନିବେଦନ କରିଛନ୍ତି। ସୋମବାର ରାତିରେ ଜାଲୋରି ଗେଟ୍ ଅଞ୍ଚଳରେ ଇସ୍‌ଲାମୀୟ ପତାକା ଲଗାଯିବାକୁ ନେଇ ବିବାଦରୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଉଭୟ ପକ୍ଷ ପରସ୍ପର ଉପରକୁ ଢେଲାମାଡ଼ କରିବା ସହ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଭିଆଇଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସକୁ ବଳ ପ୍ରୟୋଗ କରିବାକୁ ପଡ଼ିଥିଲା। ମଙ୍ଗଳବାର ପୁଣିଥରେ ଉଭୟ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୫ ପୋଲିସ କର୍ମଚାରୀଙ୍କ ସମେତ ଏକାଧିକ ଆହତ ହୋଇଥିଲେ। ଘଟଣାରେ ଅଦ୍ୟାବଧି ୯୭ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ ଏଡିଜି ହୱା ସିଂ ଘୁମାରିଆ କହିଛନ୍ତି।

### ପ୍ରବାସୀଙ୍କ ୱାର୍କ ପରମିଟ୍ ସମୟ ବଢ଼ାଇଲେ ବାଇଡେନ୍

**ଲାଭବାନ ହେବେ ଭାରତୀୟ ପ୍ରବାସୀ**

**ୱାଶିଂଟନ୍, ୪।୫:** ଆମେରିକାରେ ୱାର୍କ ପରମିଟ୍ ଶେଷ ହେବାକୁ ଥିବା ନିର୍ଦ୍ଦିଷ୍ଟ ବର୍ଗର ପ୍ରବାସୀଙ୍କ ପାଇଁ ଜୋ ବାଇଡେନ୍ ସରକାର ଦେଢ଼ ବର୍ଷ ସମୟ ସୀମା ବଢ଼ାଇବା ନିମନ୍ତେ ଘୋଷଣା କରିଛନ୍ତି। ସେମାନଙ୍କ ମଧ୍ୟରେ ଗ୍ରୀନ୍‌କାର୍ଡ ଅପେକ୍ଷାରେ ଥିବା ବ୍ୟକ୍ତିଙ୍କ ସମେତ ଏମ୍ପ୍ଲଏମେଣ୍ଟ ଅଥରାଇଜେଶନ କାର୍ଡ (ଇଏଡି)ରେ ଚାକିରି କରିଥିବା ଲୋକଙ୍କ ସ୍ୱାମୀ/ସ୍ତ୍ରୀ ମଧ୍ୟ ରହିଛନ୍ତି। ଏଥିଯୋଗୁ ବହୁସଂଖ୍ୟାରେ ଭାରତୀୟ ପ୍ରବାସୀ ଲାଭବାନ୍ ହେବେ। ପୂର୍ବରୁ ଇଏଡିରେ ଉଲ୍ଲେଖ କରାଯାଇଥିଲା ଯେ, ପ୍ରବାସୀଙ୍କ କାର୍ଯ୍ୟଦିବସ ଶେଷ ହେବା ପରେ ସେମାନେ ଅଧିକ ୧୮୦ ଦିନ କାର୍ଯ୍ୟ କରିପାରୁଥିଲେ। ଏବେ ନୂଆ ୱାର୍କ ପରମିଟ୍ ଅନୁସାରେ ଅବଧି ଶେଷ ହେବାର ତାରିଖ ପରଠାରୁ କାର୍ଯ୍ୟଦିବସ ସଂଖ୍ୟା ସ୍ୱତଃ ୫୪୦କୁ ବୃଦ୍ଧି ପାଇଛି।

### ବୃଦ୍ଧି ପାଇଛି ଖାଦ୍ୟ ସଙ୍କଟ

**ଜାତିସଂଘ ରିପୋର୍ଟ**

**ପ୍ୟାରିସ,୪।୫:** ଜାତିସଂଘର ସଦ୍ୟ ରିପୋର୍ଟ ଅନୁସାରେ ବର୍ଷ ୨୦୨୧ରେ ଖାଦ୍ୟାଭାବ ଦେଇ ଗତି କରୁଥିବା ଲୋକଙ୍କ ସଂଖ୍ୟା ୪୦ ମିଲିୟନ୍ ବୃଦ୍ଧି ପାଇଛି। ଗତବର୍ଷଠାରୁ ୧୯୩ ମିଲିୟନ ଲୋକ ଖାଦ୍ୟ ସଙ୍କଟ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ଆର୍ଥିକ ସଙ୍କଟ ଏହାର ମୁଖ୍ୟ କାରଣ ବୋଲି ୟୁଏନ୍ ଖାଦ୍ୟ ଏବଂ କୃଷି ସଂଗଠନ (ଏଫ୍ଏଓ) ପକ୍ଷରୁ କୁହାଯାଇଛି। ବାର୍ଷିକ ରିପୋର୍ଟ ଅନୁସାରେ ୨୦୨୧ରେ ଖାଦ୍ୟାଭାବ ଭୋଗୁଥିବା ଲୋକଙ୍କ ସଂଖ୍ୟା ୪୦ ମିଲିୟନକୁ ବୃଦ୍ଧି ପାଇଛି। ବିଶ୍ୱର ୫୩ଟି ଦେଶ ଖାଦ୍ୟ ସଙ୍କଟ କ୍ଷେତ୍ରରେ ଅଧିକମାତ୍ରାରେ ପ୍ରଭାବିତ ହୋଇଛନ୍ତି। ରିପୋର୍ଟ ମୁତାବକ ଯେଉଁ ଦେଶଗୁଡ଼ିକରେ ଦୀର୍ଘଦିନ ଧରି ସଂଘର୍ଷମୟ ସ୍ଥିତି ଲାଗି ରହିଛି ସେହି ଦେଶଗୁଡ଼ିକରେ ଅଧିକ ଖାଦ୍ୟ ସଙ୍କଟ ଦେଖାଯାଉଛି। ଆଫଗାନିସ୍ଥାନ, କଙ୍ଗୋ, ଏଥିଓପିଆ, ନାଇଜେରିଆ, ସାଉଥ୍ ସୁଦାନ, ସିରିଆ ଓ ୟେମେନରେ ଅଧିକ ଖାଦ୍ୟ ସଙ୍କଟ ଦେଖିବାକୁ ମିଳିଛି। ସେହିପରି ଚଳିତ ବର୍ଷ ସୋମାଲିଆରେ ଅଧିକ ସଂଖ୍ୟକ ଲୋକ ଭୋକରେ ରହିବାର ସମ୍ଭାବନା ରହିଛି। ଖାଦ୍ୟ ଦରବୃଦ୍ଧି ସାଙ୍ଗକୁ ଲଗାତର ହିଂସା କାରଣରୁ ଦେଶର ପାଖାପାଖି ୬ ମିଲିୟନ୍ ଅର୍ଥାତ୍ ୬୦ ଲକ୍ଷ ଲୋକ ଖାଦ୍ୟାଭାବ ଭୋଗିବା ଆଶଙ୍କା କରାଯାଉଛି।

### ଶ୍ରୀଲଙ୍କା ସଙ୍କଟ ଆଉ ୨ ବର୍ଷ

**କଲମ୍ବୋ, ୪।୫:** ମାସାଧିକ କାଳ ବ୍ଲାକ୍‌ଆଉଟ୍, ଖାଦ୍ୟ, ଇନ୍ଧନ, ଔଷଧ ଅଭାବଜନିତ ଗମ୍ଭୀର ସ୍ଥିତି ଶ୍ରୀଲଙ୍କାରେ ଆହୁରି ୨ ବର୍ଷ ପର୍ଯ୍ୟନ୍ତ ଜାରି ରହିବ ବୋଲି ଅର୍ଥମନ୍ତ୍ରୀ ଅଲି ସାବରି ବୁଧବାର ପାର୍ଲାମେଣ୍ଟରେ କହିଛନ୍ତି। ଏଥିସହ ଲୋକେ ନଗଦ ଅର୍ଥାଭାବର ମଧ୍ୟ ସମ୍ମୁଖୀନ ହେବେ। ଲୋକଙ୍କୁ ସତ ଜଣାଇବା ଜରୁରୀ ଯେ, ସରକାର ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ଦେଶରେ ଜାରିଥିବା ଆର୍ଥିକ ସଙ୍କଟର ସମାଧାନ କରିପାରିବେ ନାହିଁ ବୋଲି ଅର୍ଥମନ୍ତ୍ରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେଙ୍କ ବିରୋଧରେ ଜନଆନ୍ଦୋଳନ ଜାରିଥିବାବେଳେ ସରକାରରୁ ହଟାଇବା ପାଇଁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ବିରୋଧୀ ପ୍ରସ୍ତୁତି ଚଳାଇଛନ୍ତି।

# ଗର୍ଭପାତ କଟକଣା: ଆମେରିକାରେ ଦ୍ୱନ୍ଦ୍ୱ

## ସୁପ୍ରିମକୋର୍ଟ ରାୟ ପୂର୍ବରୁ ଚିଠା ପ୍ରଘଟ

**ୱାଶିଂଟନ,୪।୫**

୧୯୭୩ ମସିହାରେ ଆମେରିକା ସୁପ୍ରିମକୋର୍ଟ 'ରୋ ବନାମ ୱେଡ୍' ମାମଲାର ବିଚାର କରି ଗର୍ଭପାତ କରାଇବା ସପକ୍ଷରେ ରାୟ ଦେଇଥିଲେ। ସର୍ବୋଚ୍ଚ ଅଦାଲତଙ୍କ ଏହି ଐତିହାସିକ ନିଷ୍ପତ୍ତି ଗର୍ଭପାତ ଅଧିକାରକୁ ଆଇନତଃ ବୈଧ କରିଥିବାବେଳେ ଦେଶରେ ଏହାକୁ ନେଇ ଆଣ୍ଟାଇ ଆବର୍ସନ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଯଦିଓ ପୂର୍ବରୁ ମଧ୍ୟ ଏଭଳି ବିକ୍ଷୋଭ ବିଭିନ୍ନ ରାଜ୍ୟରେ ଦେଖିବାକୁ ମିଳୁଥିଲା, ତେବେ ଉକ୍ତ ରାୟ ଏହାକୁ ଜାତୀୟସ୍ତରୀୟ ଆନ୍ଦୋଳନର ରୂପ ଦେଇଥିଲା। ଏବେ ସୁପ୍ରିମକୋର୍ଟ ଉକ୍ତ ଗର୍ଭପାତ ଅଧିକାର ରାୟକୁ ପଲଟାଇପାରନ୍ତି ବୋଲି ଆମେରିକୀୟମାନେ ଆଶଙ୍କା କରି ରାସ୍ତାକୁ ଓହ୍ଲାଇଛନ୍ତି। ମୋଟାମୋଟି ଭାବେ ଏହା ଏକ ରାଜନୈତିକ ପ୍ରସଙ୍ଗ ପାଲଟିଯାଇଛି। ତେବେ ପ୍ରଧାନ ବିଚାପତି ଜନ୍ ଗ୍ଲୋଭର ରବର୍ଟ୍ସ କହିଛନ୍ତି, ପ୍ରଘଟ ହୋଇଥିବା ଡ୍ରାଫ୍ଟ ଓପିନିୟନ୍ କୋର୍ଟଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ନୁହେଁ। ତେବେ ଯଦି ସୁପ୍ରିମକୋର୍ଟ ଏପରି ରାୟ ଦେଲେ ଦେଶର ୨୨ ରାଜ୍ୟରେ ଗର୍ଭପାତ ଅବୈଧ ହୋଇଯିବ।

ସୁପ୍ରିମକୋର୍ଟଙ୍କ ଗର୍ଭପାତ ନିରୋଧୀ ୯୮ ପୃଷ୍ଠା ସମ୍ବଳିତ ଚିଠା ମତାମତ ସୋମବାର ରାତିରେ ଲିକ୍ ହେବା ପରେ ଦେଶରେ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକିଛି। କାରଣ ଶୀର୍ଷ ଅଦାଲତଙ୍କ ରାୟ ଆସିବା ପରେ ଦେଶର ସମସ୍ତ ରାଜ୍ୟରେ ତାହା ଲାଗୁ ହେବ। କେତେକ ରାଜ୍ୟ ବିଧାନସଭାରେ ଶାସକ ଦଳ ପକ୍ଷରୁ ଗର୍ଭପାତ ବନ୍ଦ ନେଇ ଆଇନ ଅଣାଯିବ। ଏଥିସହ ଗର୍ଭପାତ ପାଇଁ ବାହାରକୁ ଯିବାକୁ ଆଗ୍ରହୀ ମହିଳାଙ୍କ ଯାତ୍ରା ଉପରେ କଟକଣା ଲଗାଯାଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଗତ କିଛିବର୍ଷ ଧରି ସଂଗୃହୀତ ଜନମତ ଅନୁସାରେ ଅଧିକାଂଶ ଆମେରିକୀୟ ଆବର୍ସନ ଉପରେ କଟକଣାକୁ ବିରୋଧ କରନ୍ତି। ନିକଟରେ




କ୍ୟାପିଟୋଲରୁ ଗର୍ଭପାତ ସପକ୍ଷବାଦୀ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରି ଟେକ୍ସାସର ଅଷ୍ଟିନ୍‌ସ୍ଥିତ ଫେଡେରାଲ କୋର୍ଟ ହାଉସକୁ ଯାଉଛନ୍ତି।

ଏବିସି/ୱାଶିଂଟନ ପୋଷ୍ଟ ପକ୍ଷରୁ ଏକ ଜନମତ ସର୍ଭେ କରାଯାଇଥିଲା। ୫୪% ଲୋକ 'ରୋ ବନାମ ୱେଡ୍' ମାମଲାର ରାୟ ବଳବତ୍ତର ରହୁ ବୋଲି ଚାହୁଁଥିବାବେଳେ ୨୮ ପ୍ରତିଶତଙ୍କ ମତରେ ଏହାକୁ ପଲଟାଇ ଦିଆଯିବା ଉଚିତ। ଅନ୍ୟପକ୍ଷେ ୧୮% ଆମେରିକୀୟ ମତାମତ ଦେବାକୁ ମନା କରିଦେଇଥିଲେ। ଉପରୋକ୍ତ ମାମଲାର ରାୟକୁ ବଦଳାଇବା ନେଇ ବିବାଦ ଉପୁଜିବା ନୂଆ ନୁହେଁ। ସିଏନ୍ଏନ୍ ପକ୍ଷରୁ ୧୯୮୯ରେ ଏନେଇ କରାଯାଇଥିବା ଏକ ପୋଲ୍‌ରେ ଜଣାପଡ଼ିଥିଲା ଯେ, ଉକ୍ତ ରାୟ ବଦଳାଇବା ସପକ୍ଷରେ ଥିବା ଆମେରିକୀୟଙ୍କ ସଂଖ୍ୟା କେବେହେଲେ ୩୫%ରୁ ଊର୍ଦ୍ଧ୍ୱକୁ ଯାଇନାହିଁ। ତେଣୁ ବର୍ତ୍ତମାନ ସୁପ୍ରିମକୋର୍ଟ ସଂଖ୍ୟାଗରିଷ୍ଠ ଆମେରିକୀୟ ଚାହୁଁଥିବା ଆଇନ ଅନୁରୂପ ଏକ ରାୟ ଦେଇପାରନ୍ତି ବୋଲି କୁହାଯାଉଛି।

ପ୍ରକାଶ ଯେ, ୨୦୧୬ ରାଷ୍ଟ୍ରପତି ନିର୍ବାଚନ ବେଳେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ରୋ ରାୟକୁ ବଦଳାଇବା ନିମନ୍ତେ ସୁପ୍ରିମକୋର୍ଟରେ ବିଚାରପତିମାନଙ୍କୁ ନିଯୁକ୍ତି ପ୍ରଦାନର ପ୍ରତିଶ୍ରୁତି ଦେଇ ହ୍ୱାଇଟ୍ ହାଉସକୁ ଯିବାରେ ସମର୍ଥ ହୋଇଥିଲେ। ଟ୍ରମ୍ପ୍ ମଝିରେ ଗର୍ଭପାତ ଅଧିକାରକୁ ସମର୍ଥନ କରିଥିଲେ ହେଁ ତାଙ୍କ ନିର୍ବାଚନୀ ପ୍ରତିଶ୍ରୁତି ପାଳନ ହୋଇଛି। କିନ୍ତୁ ଗର୍ଭପାତ ସପକ୍ଷରେ ସଙ୍ଗଠିତ ବିରୋଧର ଇତିହାସ 'ରୋ ବନାମ ୱେଡ୍' ମାମଲାର ରାୟ ଆସିବାର ପ୍ରାୟ ଏକ ଶତାବ୍ଦି ତଳେ ବ୍ରିଟିଶ୍ ଆଇନକୁ ଅନୁକରଣ କରି ଆରମ୍ଭ ହୋଇସାରିଥିଲା।

### ରୋ, ୱେଡ୍ କିଏ

ଆମେରିକୀୟ ମହିଳାମାନଙ୍କ ମନରେ ଗର୍ଭପାତ କରିବା ନେଇ ସାମ୍ବିଧାନିକ ଅଧିକାର ହରାଇବା ଆଶଙ୍କା ଉପୁଜିଥିବାବେଳେ ୧୯୭୩ରେ 'ରୋ ବନାମ ୱେଡ୍' ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ଐତିହାସିକ ରାୟକୁ ଅନେକେ ମନେପକାଉଛନ୍ତି। ଏଥିସହ ରୋ ଏବଂ ୱେଡ୍ ଚରିତ୍ରକୁ ନେଇ ମଧ୍ୟ ଲୋକଙ୍କ ମନରେ ଉତ୍ସୁକତା ବଢ଼ିବାରେ ଲାଗିଛି। ଜେନ୍ ରୋ ନାମରେ ପରିଚିତ ମହିଳାଙ୍କ ମୂଳ ନାମ ହେଉଛି ମେକ୍‌କୋର୍ଭି, ଯିଏକି ୧୯୬୯ରେ ତୃତୀୟ ଶିଶୁକୁ ଗର୍ଭରେ ଧାରଣ କରିଥିଲେ। ରୋ ଗର୍ଭପାତ କରାଇବାକୁ ଚାହୁଁଥିଲେ। କିନ୍ତୁ ସେ ଟେକ୍ସାସ୍‌ରେ ରହୁଥିବାରୁ ଅସୁବିଧା ହୋଇଥିଲା। କାରଣ ଟେକ୍ସାସ୍‌ରେ କେବଳ ମା'ଙ୍କ ଜୀବନ ରକ୍ଷା ପାଇଁ ଜରୁରୀ ହେଲେ ଏହାକୁ ଆଇନତଃ ସ୍ୱୀକୃତି ମିଳୁଥିଲା। ରୋଙ୍କ ଓକିଲମାନେ ଫେଡେରାଲ କୋର୍ଟରେ ହେନେରି ୱେଡ୍‌ଙ୍କ ବିରୋଧରେ ପିଟିଶନ ଦାଖଲ କରିଥିଲେ। ପରେ ଟେକ୍ସାସ୍ କୋର୍ଟ ଏହି ମାମଲାକୁ ସୁପ୍ରିମକୋର୍ଟକୁ ଶୁଣାଣି ପାଇଁ ସ୍ଥାନାନ୍ତର କରିଥିଲେ। ସୁପ୍ରିମକୋର୍ଟ ରୋଙ୍କ ସପକ୍ଷରେ ରାୟ ଦେଇଥିଲେ। ଏଥିପାଇଁ ଆମେରିକା ସମ୍ବିଧାନର ଚତୁର୍ଦ୍ଦଶ ସଂଶୋଧନର ସହାୟତା ନିଆଯାଇଥିଲା, ଯାହାକି ଜଣେ ଗର୍ଭବତୀ ମହିଳାଙ୍କୁ ଗର୍ଭଧାରଣ/ଗର୍ଭପାତର ସ୍ୱାଧୀନତା ଦେଇଥାଏ।

## ୧,୦୭୦ ଫୁଟ ଉଚ୍ଚ ଟାୱାରକୁ ଚଢ଼ିଲେ ଗର୍ଭପାତ ବିରୋଧୀ କର୍ମୀ

**ୱାଶିଂଟନ,୪।୫**

ଇଣ୍ଟରନେଟ୍‌ରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ଆମେରିକାର ଜଣେ ଗର୍ଭପାତ ବିରୋଧୀ ଆକ୍ଟିଭିଷ୍ଟ ସାନ୍ ଫ୍ରାନ୍‌ସିସ୍କୋସ୍ଥିତ ସେଲ୍ସଫୋର୍ସ ଟାୱାରକୁ ଚଢ଼ିଯାଇଥିବା ଦେଖିବାକୁ ମିଳୁଛି। ନିଜକୁ 'ପ୍ରୋ-ଲାଇଫ୍ ସ୍ପାଇଡରମ୍ୟାନ୍' ଦାବି କରୁଥିବା ଏହି ୨୨ ବର୍ଷୀୟ ବ୍ୟକ୍ତିଙ୍କ ନାମ ହେଉଛି ମେସିଅନ୍ ଡେସ୍‌ଚାମ୍ପ୍‌ସ। ମଙ୍ଗଳବାର ପୂର୍ବାହ୍ନ ୯ଟା ୨୧ରେ ସେ ଗର୍ଭପାତ ବିରୋଧରେ ବିକ୍ଷୋଭ କରିବାକୁ ଯାଇ ୧,୦୭୦ ଫୁଟ୍ ଉଚ୍ଚ ଟାୱାରକୁ ଚଢ଼ିଥିଲେ। ଆମେରିକାର ସପ୍ତଦଶ ଉଚ୍ଚତମ ଟାୱାର ଉପରୁ ସେ ଟୁଇଟର ଓ ଇନ୍‌ଷ୍ଟାଗ୍ରାମ ଭଳି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ନିଜେ ଚଢ଼ିବାବେଳର ଦୃଶ୍ୟ ପୋଷ୍ଟ କରିବା ପରେ ସେଗୁଡ଼ିକ ବହୁଳ ପ୍ରସାରିତ ହୋଇଛି। ଦେଖଣାହାରୀଙ୍କଠାରୁ ଖବର ପାଇ ପୋଲିସ ସେଠାକୁ ଯାଇ ମେସିଅନ୍‌ଙ୍କୁ ଗିରଫ କରିଥିଲା। ଗତମାସରେ ୱାଶିଂଟନ ଡିସିର ଗର୍ଭପାତ ସପକ୍ଷବାଦୀ ଡାକ୍ତର ସେସାରେ ସାଣ୍ଟାନ୍‌ଗେଲୋଙ୍କ କ୍ଲିନିକ୍ ବାହାରେ ୧୧୫ ଶିଶୁଙ୍କ ଭ୍ରୁଣ ମିଳିଥିଲା। ସେସାରେ ସେମାନଙ୍କୁ ହତ୍ୟା କରିଥିଲେ। କିନ୍ତୁ ତାଙ୍କୁ ଜେଲ ପଠାଇବା ତ ଦୂରର କଥା, ତାଙ୍କ ବିରୋଧରେ କୌଣସି ତଦନ୍ତ ମଧ୍ୟ ଆରମ୍ଭ ହୋଇନାହିଁ ବୋଲି ଟାୱାର ଚଢ଼ାଳି ମେସିଅନ୍ ନିଜ ପୋଷ୍ଟରେ ସମାଲୋଚନା କରିଛନ୍ତି।



# ସ୍ୱଚ୍ଛ ଶକ୍ତି ଉପରେ ଆଲୋଚନା

## ନର୍ଡିକ ସମ୍ମିଳନୀରେ ମୋଦି

**କୋପେନହାଗେନ୍, ୪।୫**

ୟୁରୋପ ଗସ୍ତର ଶେଷ ଦିନରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଡେନ୍‌ମାର୍କରେ ଦ୍ୱିତୀୟ ଇଣ୍ଡିଆ-ନର୍ଡିକ ସମ୍ମିଳନୀରେ ଯୋଗ ଦେଇଛନ୍ତି। ଏଥିରେ ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ଆଇସ୍‌ଲାଣ୍ଡ, ନରୱେ ଏବଂ ସୁଇଡେନ୍ ପ୍ରଧାନମନ୍ତ୍ରୀ ସାମିଲ ହୋଇଥିଲେ। ସମ୍ମିଳନୀରେ ମହାମାରୀ ଯୋଗୁ ପ୍ରଭାବିତ ଅର୍ଥନୀତିରେ ସୁଧାର, ଜଳବାୟୁ ପରିବର୍ତ୍ତନ, ପୁନଃ ବ୍ୟବହାର ଯୋଗ୍ୟ ଶକ୍ତି ଏବଂ ବିକାଶଶୀଳ ବୈଶ୍ୱିକ ସୁରକ୍ଷା ସ୍ଥିତି ଉପରେ ଆଲୋଚନା ହୋଇଥିଲା। ଇଣ୍ଡିଆ-ନର୍ଡିକ ସମ୍ମିଳନୀ ପ୍ରଯୁକ୍ତିବିଦ୍ୟା, ପୁଞ୍ଜି ବିନିଯୋଗ, ସ୍ୱଚ୍ଛ ଶକ୍ତି, ଆର୍କଟିକ୍ ଗବେଷଣା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ନର୍ଡିକ୍ ଦେଶଗୁଡ଼ିକ ସହିତ



ବହୁମୁଖୀ ସହଯୋଗ ବୃଦ୍ଧି କରିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ଟୁଇଟ୍ କରିଛନ୍ତି।

ସୂଚନାଯୋଗ୍ୟ, ଉତ୍ତର ୟୁରୋପ ଏବଂ ଉତ୍ତର ଆଟ୍‌ଲାଣ୍ଟିକ୍‌ର ଭୌଗୋଳିକ ଓ ସାଂସ୍କୃତିକ ଅଞ୍ଚଳକୁ ନେଇ ନର୍ଡିକ ଦେଶ ସମୂହ କୁହାଯାଏ। ଏଥିରେ ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ଆଇସଲ୍ୟାଣ୍ଡ, ନରୱେ ଏବଂ ସୁଇଡେନ୍ ସମେତ ଫାରୋ ଦ୍ୱୀପପୁଞ୍ଜ, ଗ୍ରୀନ୍‌ଲ୍ୟାଣ୍ଡ ଓ ଆଲାଣ୍ଡ ଅଟୋନୋମସ୍ ରିଜିଅନ୍ ଅନ୍ତର୍ଭୁକ୍ତ। ନର୍ଡିକ ସମ୍ମିଳନୀ ପୂର୍ବରୁ ମୋଦି ଡେନ୍‌ମାର୍କ ପ୍ରତିପକ୍ଷ ମେଟେ ଫ୍ରେଡେରିକ୍‌ସେନ୍, ନରୱେ ପ୍ରଧାନମନ୍ତ୍ରୀ ଜୋନାସ୍ ଗହର୍ ଷ୍ଟୋର, ଆଇସଲାଣ୍ଡର କ୍ୟାଟ୍ରିନ୍ ଜାକୋବ୍‌ସଡୋଟିର୍, ସୁଇଡେନ୍‌ର ମାଗ୍‌ଡାଲେନା ଆଣ୍ଡରସନ୍ ଏବଂ ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସନା ମାରିନ୍‌ଙ୍କୁ ଭେଟି ଭାରତ ସହ ସମ୍ପର୍କ ମଜଭୁତ ଓ ବାଣିଜ୍ୟ କାରବାର ବୃଦ୍ଧି ଉପରେ ଆଲୋଚନା କରିଥିଲେ। ପରେ ମୋଦି ଫ୍ରାନ୍ସ ଗସ୍ତ କରି ପୁନଃ ନିର୍ବାଚିତ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁଙ୍କୁ ଭେଟିଥିଲେ। ଫ୍ରାନ୍ସ ଭାରତର ସବୁଠୁ ବଡ଼ ସହଯୋଗୀ ବୋଲି ମୋଦି କହିଥିଲେ।

## ଏଭରେଷ୍ଟରେ ସର୍ବୋଚ୍ଚ ୱେଦର ଷ୍ଟେଶନ ସ୍ଥାପନ କଲା ଚାଇନା

**ବେଜିଂ,୪।୫**

ଏଭରେଷ୍ଟ ପର୍ବତରେ ଚାଇନା ବିଶ୍ୱର ସର୍ବୋଚ୍ଚ ୱେଦର ଷ୍ଟେଶନ ସ୍ଥାପନ କରିଛି। ସମୁଦ୍ର ତଟରୁ ଷ୍ଟେଶନର ଉଚ୍ଚତା ୮,୮୩୦ ମିଟର ରହିଛି। ଆର୍ଦ୍ର ଜଳବାୟୁରେ ଏହି ସ୍ୱୟଂଚାଳିତ ଷ୍ଟେଶନ କାମ କରୁଛି କି ନାହିଁ ଚାଇନାର ଏକ ସ୍ୱତନ୍ତ୍ର ବୈଜ୍ଞାନିକ ଟିମ ଅନୁଧ୍ୟାନ କରିଥିଲେ। ତେବେ ଏହି ଷ୍ଟେଶନ ତିଆରି ପାଇଁ ୫୦ କିଲୋଗ୍ରାମର ଉପକରଣ ବ୍ୟବହାର କରାଯାଇଛି। ସୋଲାର ପ୍ୟାନେଲ ଦ୍ୱାରା ଷ୍ଟେଶନ ପରିଚାଳିତ ହେବାକୁ ଥିବାବେଳେ ପ୍ରତିକୂଳ ପାଣିପାଗରେ ଏହା ଦୁଇ ବର୍ଷ କାର୍ଯ୍ୟ କରିବ ବୋଲି ଚାଇନା ପକ୍ଷରୁ କୁହାଯାଇଛି। ସାଟେଲାଇଟ୍ କମ୍ୟୁନିକେସନ ଦ୍ୱାରା ଷ୍ଟେଶନ ପ୍ରତି ୧୨ ମିନିଟ



ବ୍ୟବଧାନରେ ଡାଟା ଟ୍ରାନ୍ସଫର କରିବ। ଏହାପୂର୍ବରୁ ଏଭରେଷ୍ଟର ଉତ୍ତର ଭାଗରେ ଚାଇନା ୩ଟି ମେଟେରୋଲୋଜିକାଲ ଷ୍ଟେଶନ ସ୍ଥାପନ କରିସାରିଛି, ଯାହାର ଉଚ୍ଚତା ଯଥାକ୍ରମେ ୭,୦୨୮ ମିଟର, ୭,୭୯୦ ଏବଂ ୮୩୦୦ ମିଟର ରହିଛି। ବିଗତ ବର୍ଷରେ ଆମେରିକା ଏଭରେଷ୍ଟର ଦକ୍ଷିଣ ଭାଗରେ ୮,୪୩୦ ଉଚ୍ଚତା ବିଶିଷ୍ଟ ୱେଦର ଷ୍ଟେଶନ ସ୍ଥାପନ କରିଥିଲା।

# ରୁଷିଆରୁ ତେଲ କ୍ରୟ ବନ୍ଦ କରିବ ୟୁରୋପ

**ବ୍ରସେଲ୍ସ, ୪।୫**

ୟୁକ୍ରେନ୍ ଆକ୍ରମଣ ପାଇଁ ରୁଷିଆକୁ ଦଣ୍ଡିତ କରିବାକୁ ୟୁରୋପୀୟ ସଂଘ(ଇୟୁ) ଏହାର ଅର୍ଥନୀତିକୁ ଟାର୍ଗେଟ କରୁଛି। ରୁଷିଆ ଆୟର ବଡ଼ ଭାଗ ଅଶୋଧିତ ତୈଳ ରପ୍ତାନିରୁ ଆସୁଥିବାବେଳେ ଏହି ଉତ୍ସକୁ ବନ୍ଦ କରିବାକୁ ଇୟୁ ପ୍ରସ୍ତୁତି ଚଳାଇଛି। ପାଶ୍ଚାତ୍ୟ ଦେଶଗୁଡ଼ିକର ତୈଳ ଆବଶ୍ୟକତା ରୁଷିଆ ମେଣ୍ଟାଉଥିବାବେଳେ ଏବେ ଇୟୁ ମସ୍କୋରୁ ଏହି ଆମଦାନୀ ବନ୍ଦ କରିବାକୁ ଆହ୍ୱାନ ଦେଇଛି। ୬ ମାସ ମଧ୍ୟରେ ପର୍ଯ୍ୟାୟକ୍ରମେ ରୁଷିଆ ତୈଳ ଏବଂ ଅନ୍ୟ ରିଫାଇନଡ଼ ସାମଗ୍ରୀ ରପ୍ତାନି ଉପରେ କଟକଣା ଲଗାଯିବାକୁ ବୁଧବାର ୟୁରୋପିଆନ କମିଶନ ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡର୍ ଲେୟେନ୍ ପ୍ରସ୍ତାବ ଦେଇଛନ୍ତି। ଏଥିସହ ରୁଷିଆର ସବର ବ୍ୟାଙ୍କ ସମେତ ଆଉ ଦୁଇ ପ୍ରମୁଖ ବ୍ୟାଙ୍କକୁ ସ୍ୱିଫ୍ଟ ଇଣ୍ଟରନ୍ୟାଶନାଲ ବ୍ୟାଙ୍କିଙ୍ଗ ପେମେଣ୍ଟ ସିଷ୍ଟମରୁ ବାଦ୍ କରିବାକୁ ଭୋନ୍ ଡର୍ ଲେୟେନ୍ ଫ୍ରାନ୍ସର ଷ୍ଟାର୍ସବର୍ଗ ସ୍ଥିତ ୟୁରୋପିଆନ୍ ପାର୍ଲାମେଣ୍ଟରେ ସମ୍ବୋଧନ ବେଳେ ୟୁନିୟନର ୨୭ ସଦସ୍ୟ ରାଷ୍ଟ୍ରଙ୍କ ଆଗରେ ପ୍ରସ୍ତାବ ରଖିଛନ୍ତି। ପୂର୍ବରୁ ହଙ୍ଗେରୀ, ସ୍ଲୋଭାକିଆ ରୁଷିଆରୁ ତୈଳ ଆମଦାନୀ ଉପରେ ଲାଗିବାକୁ ଥିବା କଟକଣାରେ ସାମିଲ ହେବେ ନାହିଁ ବୋଲି କହିଥିବାବେଳେ ଉର୍ସୁଲା କୌଣସି ଦେଶ ଏଥିରୁ ବାଦ୍ ପଡ଼ିପାରିବେ କି ନା ସେ ନେଇ ସ୍ପଷ୍ଟ କରିନାହାନ୍ତି।



### ୟୁରୋପ ଉପରେ ପ୍ରଭାବ

ୟୁରୋପ ରୁଷିଆରୁ ତୈଳ ଆମଦାନୀ ବନ୍ଦ କରିବାକୁ ପ୍ରସ୍ତୁତି ଚଳାଇଥିବାବେଳେ ପାଶ୍ଚାତ୍ୟ ଦେଶ ପାଇଁ ତାହା ସେତେ ସହଜ ହୋଇ ନ ପାରେ। ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ଇୟୁ କଡ଼ା ନିନ୍ଦା କରିବା ସତ୍ତ୍ୱେ ତୈଳ କିଣିବା ଜାରି ରଖିଛି। ପ୍ରାକୃତିକ ଗ୍ୟାସ୍ ଏବଂ ତୈଳ କ୍ରୟ ବାବଦରେ ୟୁରୋପ ଦିନକୁ ୮୫୦ ନିୟୁତ ଡଲାର ରୁଷିଆକୁ ଦେଇଥାଏ। ଦଶନ୍ଧି ଦଶନ୍ଧି ଧରି ରୁଷିଆ ଉପରେ ପାଶ୍ଚାତ୍ୟ ଦେଶଗୁଡ଼ିକ ନିର୍ଭରଶୀଳ। ହଙ୍ଗେରୀ ଓ ସ୍ଲୋଭାକିଆ ଭଳି ଭୂଆବଦ୍ଧ ଦେଶପାଇଁ ଏହା ଅଧିକ କଷ୍ଟକର ହୋଇପଡ଼ିବ। ବିପି ଷ୍ଟାଟିଷ୍ଟିକାଲ ରିଭ୍ୟୁ ଅଫ୍ ୱାର୍ଲ୍ଡ ଏନର୍ଜୀ ଡାଟା ଅନୁସାରେ, ୨୦୨୦ରେ ରୁଷିଆର କ୍ରୁଡ୍ ଅଏଲ ରପ୍ତାନୀ ୨୬୦ ନିୟୁତ ଟନ୍ ଥିବାବେଳେ ସେଥିରୁ ୧୩୮ ନିୟୁତ ଟନ୍ ବା ୫୩% କ୍ରୁଡ୍ ଅଏଲ କେବଳ ୟୁରୋପକୁ ଯାଇଥିଲା। ୟୁରୋପ ନିଜ ଆବଶ୍ୟକତାର ଏକ ଚତୁର୍ଥାଂଶ ଅଶୋଧିତ ତୈଳ କେବଳ ରୁଷିଆରୁ ପାଇଥାଏ। ଅନ୍ୟପକ୍ଷରେ ଇୟୁ ଏବେ ରୁଷିଆରୁ ତୈଳ ଆମଦାନୀ ବନ୍ଦ କରିବା ଉପରେ ଅଧିକ ଗୁରୁତ୍ୱ ଦେଇଛି। କାରଣ ତୈଳ ଉତ୍ସର ଅନ୍ୟ ବିକଳ୍ପ ଉପଲବ୍ଧ ଥିଲେ ମଧ୍ୟ ପ୍ରାକୃତିକ ଗ୍ୟାସ ଚାହିଦା ପୂରଣର ସହଜ ସୋର୍ସ ମିଳିବା କଷ୍ଟକର। କାରଣ ପ୍ରାକୃତିକ ଗ୍ୟାସ୍ ଆମଦାନୀ ପାଇଁ ପାଇପ୍ ଲାଇନ ଆବଶ୍ୟକ ପଡୁଥିବାବେଳେ ବୈଶ୍ୱିକ ସ୍ତରରେ ଟ୍ୟାଙ୍କର ଯୋଗେ ତୈଳ ପରିବହନ ହୋଇଥାଏ। ତେଣୁ ପ୍ରାକୃତିକ ଗ୍ୟାସ୍ ଉପରେ ଅଧିକ ମାତ୍ରାରେ ନିର୍ଭରଶୀଳ ଜର୍ମାନୀ ପାଇଁ ଦ୍ରୁତ ଭିତ୍ତିରେ ଆମଦାନୀ ବନ୍ଦ କରିବା ସହଜ ହେବନାହିଁ। ଏଥିଯୋଗୁ ଜର୍ମାନୀର ଅର୍ଥନୀତି ବ୍ୟାପକ ଭାବେ ପ୍ରଭାବିତ ହେବ। ରୁଷିଆରୁ ଉଭୟ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଆମଦାନୀ ବନ୍ଦ ହେଲେ ତାହା ସମଗ୍ର ୟୁରୋପରେ ଗମ୍ଭୀର ମାନ୍ଦାବସ୍ଥା ସୃଷ୍ଟି କରିବ ବୋଲି ଅର୍ଥନୀତିଜ୍ଞମାନେ ମତ ପ୍ରକାଶ କରିଛନ୍ତି।

### ଶସ୍ତାରେ ତେଲ ଚାହୁଁଛି ଭାରତ

ୟୁକ୍ରେନ ଯୁଦ୍ଧ ପୂର୍ବରୁ ୟୁରୋପ ଦୈନିକ ୩.୮ ମିଲିୟନ ବ୍ୟାରେଲ ତୈଳ ରୁଷିଆରୁ ଆମଦାନୀ କରୁଥିଲା। ଯଦି ୟୁରୋପ ରୁଷିଆ ତୈଳ ଉପରେ କଟକଣା ଲଗାଏ, ତେବେ ମଧ୍ୟପ୍ରାଚ୍ୟ ସମେତ ଆମେରିକା, ଲାଟିନ୍ ଆମେରିକା ଏବଂ ଆଫ୍ରିକାରୁ ଆବଶ୍ୟକତା ପୂରଣ କରିପାରିବ। ମଧ୍ୟପ୍ରାଚ୍ୟରୁ ସାଧାରଣତଃ ଏସୀୟ ଦେଶଗୁଡ଼ିକୁ ଅଶୋଧିତ ତେଲ ରପ୍ତାନି ହେଉଥିବାବେଳେ ରୁଷିଆ ଶସ୍ତାରେ ଏସିଆକୁ ଏହି ଇନ୍ଧନ ଯୋଗାଇବ। ସେଗୁଡ଼ିକ ମଧ୍ୟରେ ଚାଇନା, ଭାରତ ଭଳି ଦେଶ ରହିଛନ୍ତି। ରିପୋର୍ଟ ଅନୁସାରେ ୨୦୨୨ରେ ଚାଇନାକୁ ରୁଷିଆର ଗ୍ୟାସ୍ ଯୋଗାଣ ଗତ ବର୍ଷ ତୁଳନାରେ ୬୦% ବୃଦ୍ଧି ପାଇଛି। ସିଏନ୍‌ପିସିର ଏକ ଅଂଶ ଭାବେ ପାୱାର ଅଫ୍ ସାଇବେରିଆ ପାଇପ୍‌ଲାଇନ ଜରିଆରେ ରୁଷିଆରୁ ଚାଇନାକୁ ଗ୍ୟାସ୍ ଯୋଗାଣ କରାଯାଇଛି। ଅନ୍ୟପକ୍ଷରେ ଭାରତ ମଧ୍ୟ ମସ୍କୋରୁ ଶସ୍ତାରେ ତୈଳ କିଣିବାକୁ ଚାହୁଁଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବ୍ୟାରେଲ ପିଛା ତୈଳ ଦର ୧୦୫ ଡଲାର ଥିବାବେଳେ ଭାରତ ୭୦ ଡଲାରରେ କ୍ରୁଡ୍ ଅଏଲ କ୍ରୟ ନିମନ୍ତେ ରୁଷିଆ ଉପରେ ଚାପ ପକାଉଥିବା ଜଣାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୪୯,୧୦,୬୬୦ | ୬୨,୬୬,୫୮୪ | ୪୬,୯୫,୬୧,୯୦୪ |
| ଭାରତ | ୪,୩୦,୮୮,୪୦୧ | ୫,୨୩,୯୨୦ | ୪,୨୫,୪୪,୬୮୯ |
| ଓଡ଼ିଶା | ୧୨,୮୮,୦୮୫ | ୯୧୨୬(+୫୩) | ୧୨,୬୮,୮୭୫ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଜମି ସେଟଲ୍‌ମେଣ୍ଟ ଆକ୍ଟ ୧୯୮୩ରେ ସଂଶୋଧନ

- ■ମାଓବାଦୀ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ପ୍ରାଣ ହରାଇଥିବା ପାରା ମିଲିଟାରି, ପୋଲିସଙ୍କ ପରିବାରକୁ ମାଗଣା ଜମି
- ■ଭୁବନେଶ୍ୱର ବ୍ୟତୀତ ଅନ୍ୟ ସହରାଞ୍ଚଳରେ ୪, ଗ୍ରାମାଞ୍ଚଳ ହେଲେ ୧୦ ଡିସିମିଲ
- ■ଜମିହୀନଙ୍କ ପାଇଁ ଆସିଲା ନୂଆ ନିୟମ

ଭୁବନେଶ୍ୱର,୪।୫(ବ୍ୟୁରୋ)

ରାଜ୍ୟ ସରକାର ଜମି ସେଟଲମେଣ୍ଟ ଆକ୍ଟ ୧୯୮୩ରେ ସଂଶୋଧନ କରିଛନ୍ତି। ମାଓବାଦୀ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ପ୍ରାଣ ହରାଇଥିବା ଆମ ରାଜ୍ୟର ପାରା ମିଲିଟାରି ଫୋର୍ସ ଓ ପୋଲିସ ପରିବାର ଲୋକଙ୍କୁ ଭୁବନେଶ୍ୱର ବ୍ୟତୀତ ଅନ୍ୟ ସହରାଞ୍ଚଳରେ ୪ ଡିସିମିଲ ଓ ଗ୍ରାମାଞ୍ଚଳରେ ୧୦ ଡିସିମିଲ ଜମି ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଛି । ଏହି ସଂଶୋଧନ ପରେ ଜନସାଧାରଣ ସରକାରଙ୍କ ରାଜସ୍ୱ ଦେୟକୁ ଇଲେକ୍ଟ୍ରୋନିକ ଉପାୟ ମାଧ୍ୟମରେ ଦେଇପାରିବେ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବିଭାଗ ତରଫରୁ ମିଳିଥିବା ସୂଚନା ମୁତାବକ, ସମସ୍ତଙ୍କୁ ବାସଯୋଗ୍ୟ ଜମି ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ତେଣୁ ପ୍ରତ୍ୟେକ ଗ୍ରାମରେ ଆବଶ୍ୟକ ହେଉଥିବା ଗୋଚର ଜମି ପରିମାଣକୁ ସରକାର ଶତକଡା ୫ରୁ ୩ ଭାଗକୁ କମେଇ ଦେଇଛନ୍ତି । ପୂର୍ବରୁ କିଛି ଗ୍ରାମରେ ବାସହୀନ ଲୋକ ଏହି ଜମିରେ ବାସ କରୁଥିଲେ ମଧ୍ୟ ଗୋଚର ଜମିର ଆଇନଗତ ଆବଶ୍ୟକତା ଦୃଷ୍ଟିରୁ ସେହି ଲୋକଙ୍କୁ ଆବଶ୍ୟକ ଘରଡିହ ଯୋଗାଇ ହେଉ ନ ଥିଲା। ସେହି ବାସହୀନ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ଯୋଜନାରେ ଘର ମିଳୁଥିଲେ ମଧ୍ୟ ବାସଯୋଗ୍ୟ ଜମି ଅଭାବରୁ ସେମାନଙ୍କୁ ଘର କରିବାର ସୁଯୋଗ ମିଳିପାରୁ ନ ଥିଲା । ସେଥିପାଇଁ ସେହି ଗ୍ରାମର ଗୋଚର ଜମି ପରିମାଣକୁ କମାଇ ଅଣସଂରକ୍ଷିତ କରିବାକୁ ଜିଲାପାଳଙ୍କୁ କ୍ଷମତାପ୍ରାପ୍ତ କରାଯାଇଛି । ମାତ୍ର ଏହି ଅଣସଂରକ୍ଷିତ କରିବାର ବ୍ୟବସ୍ଥା ସଂରକ୍ଷିତ ଜଙ୍ଗଲର ୩ କିଲୋମିଟର ଅଞ୍ଚଳ ମଧ୍ୟରେ ଥିବା ଗ୍ରାମ ପାଇଁ ପ୍ରଯୁଜ୍ୟ ହେବନାହିଁ । ସେହିପରି ଗ୍ରାମକଣ୍ଠ ପରମ୍ବୋକ, ନଜୁଲ, ଆବାଦୀ ଓ ଖାସ୍‌ମାହାଲ ଜମିରେ ବସବାସ କରୁଥିବା ଲୋକମାନେ ଅକ୍ଟୋବର ୨୨, ୨୦୧୮ ପୂର୍ବରୁ ସେଠାରେ ରହୁଥିଲେ ପଟ୍ଟା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ । ପୂର୍ବରୁ ୨୬ ଫେବୃୟାରୀ ୨୦୦୬ ପୂର୍ବରୁ ବସବାସ କରୁଥିବା ଲୋକଙ୍କୁ ଏହିସବୁ ଜମିର ପଟ୍ଟା ପାଇଁ ଆବେଦନ କରିପାରୁଥିଲେ । ସରକାର ମଧ୍ୟ ଏହାର ଅବଧିକୁ ଏହି ସଂଶୋଧନରେ ବଢ଼ାଇଛନ୍ତି। ସରକାର ଆଗରୁ କେବଳ ବନୀକରଣ ଓ ବୃକ୍ଷରୋପଣ ନିମନ୍ତେ ଦଖଲ ଅନୁମତି ପ୍ରଦାନ କରୁଥିଲେ । ଏହି ସଂଶୋଧନ ପରେ ବନୀକରଣ ଓ ବୃକ୍ଷରୋପଣ ସହିତ ଅନ୍ୟାନ୍ୟ ଉଦ୍ଦେଶ୍ୟ ଯଥା କୌଣସି ନଦୀ, ନାଳ, କେନାଲ ଉପରେ ପୋଲ ତିଆରି ଇତ୍ୟାଦି କାର୍ଯ୍ୟ ନିମନ୍ତେ ଦଖଲ ଅନୁମତି ଦିଆଯାଇପାରିବ। ଏହାଦ୍ୱାରା ଜାତୀୟ ରାଜପଥ, ରେଳପଥ ତଥା ଅନ୍ୟାନ୍ୟ ରାସ୍ତା ତ୍ୱରିତ ବେଗରେ ଆଗେଇପାରିବ। ରାଜ୍ୟର ବିଭିନ୍ନ ସରକାରୀ ଓ ସରକାରୀ ଅନୁମୋଦନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧୀନରେ ଥିବା ସହରାଞ୍ଚଳରେ ୧୦ ଏକର ଓ ଗ୍ରାମାଞ୍ଚଳରେ ୧୫ ଏକର ପର୍ଯ୍ୟନ୍ତ ସରକାରୀ ଜମିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନାମରେ ସମ୍ପୃକ୍ତ ବିଦ୍ୟାଳୟକୁ ମାର୍ଫତ ରଖି ବିନା ମୂଲ୍ୟରେ ରେକର୍ଡ କରିବା ପାଇଁ ଜିଲାପାଳଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ସେହିପରି ମହାବିଦ୍ୟାଳୟଗୁଡ଼ିକ ଅଧୀନରେ ଥିବା ଜମିକୁ ଉଚ୍ଚଶିକ୍ଷା ବିଭାଗ ମାର୍ଫତ୍ ସମ୍ପୃକ୍ତ ମହାବିଦ୍ୟାଳୟ ନାମରେ ରେକର୍ଡ କରିବାକୁ ଜିଲାପାଳଙ୍କୁ କ୍ଷମତା ପ୍ରଦାନ କରାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶ ପାଇଛି।

# ବିଜ୍ଞାନକୁ ଲୋକାଭିମୁଖୀ କରୁଛି ଏକାଡେମୀ: ମନ୍ତ୍ରୀ



ଉତ୍ସବରେ ସମ୍ବର୍ଦ୍ଧିତ, ପୁରସ୍କୃତ ବୈଜ୍ଞାନିକଙ୍କ ସହ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

ଭୁବନେଶ୍ୱର, ୪।୫(ବ୍ୟୁରୋ)

ବିଜ୍ଞାନ ବିଭିନ୍ନ କ୍ଷେତ୍ରରେ ଆମର ଅଜ୍ଞତା ଦୂର କରିବା ସହିତ ମାନବସମାଜର ହିତସାଧନ କରୁଛି। ତେବେ ବିଜ୍ଞାନକୁ ଲୋକାଭିମୁଖୀ କରିବା ଦିଗରେ ବିଜ୍ଞାନ ଏକାଡେମୀ ପରି ଅନୁଷ୍ଠାନଗୁଡ଼ିକ ଉତ୍ସାହଜନକ କାର୍ଯ୍ୟ କରୁଛନ୍ତି। ବିଜ୍ଞାନ ଶିକ୍ଷାର ପ୍ରସାର ସହ ବ୍ୟାପକ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ବୁଧବାର ଗୀତଗୋବିନ୍ଦ ସଦନରେ ଏକାଡେମୀ ପକ୍ଷରୁ ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ବିଜ୍ଞାନର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ଏହି ଅବସରରେ ୨୦୧୯ ପାଇଁ ପ୍ରଫେସର ଅମର କୁମାର ମହାନ୍ତିଙ୍କୁ 'ବିଜୁ ପଟ୍ଟନାୟକ ବୈଜ୍ଞାନିକ ଉତ୍କର୍ଷ' ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୨ ଲକ୍ଷ ଟଙ୍କାର ଅର୍ଥରାଶି ସହ ପ୍ରଶସ୍ତିପତ୍ର, ଅଙ୍ଗବସ୍ତ୍ର ଓ ପଦକ ପ୍ରଦାନ କରାଯାଇଥିଲା। ସେହିପରି ପ୍ରଫେସର ମୃତ୍ୟୁଞ୍ଜୟ ସୁଆର, ପ୍ରଫେସର ସୁଶାନ୍ତ କୁମାର ସାହୁ ଓ ପ୍ରଫେସର ଗୋପବନ୍ଧୁ ଜେନାଙ୍କୁ 'ସାମନ୍ତ ଚନ୍ଦ୍ରଶେଖର' ସ୍ମୃତି ପୁରସ୍କାର ଦିଆଯାଇଥିଲା। ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କାର ଅର୍ଥରାଶି, ପ୍ରଶସ୍ତିପତ୍ର, ଅଙ୍ଗବସ୍ତ୍ର ଓ ପଦକ ପ୍ରଦାନ କରାଯାଇଥିଲା। ଯୁବବୈଜ୍ଞାନିକ ଭାବରେ ଡ. ନମ୍ରତା ମିଶ୍ର, ଡ. ମନସ୍ୱିନୀ ବେହେରା ଓ ଡ. ସୁନୀଲ ମନୋହର ଦାଶଙ୍କୁ ପୁରସ୍କୃତ କରାଯାଇ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଲୋକପ୍ରିୟ ବିଜ୍ଞାନ ପୁସ୍ତକ ରଚନା କରିଥିବା ଡା. ଦ୍ୱିଜେଶ କୁମାର ପଣ୍ଡାଙ୍କୁ 'ପ୍ରାଣକୃଷ୍ଣ ପରିଜା' ପୁରସ୍କାର ବାବଦକୁ ୨୫ ହଜାର ଟଙ୍କାର ଅର୍ଥରାଶି ଦିଆଯାଇଥିଲା। ଅନ୍ୟପକ୍ଷରେ ବିଜ୍ଞାନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପ୍ରଫେସର ମମତା ଶତପଥୀ, ପ୍ରଫେସର ବିଷ୍ଣୁଚରଣାରବିନ୍ଦ ମହାନ୍ତି, ପ୍ରଫେସର ନିରଞ୍ଜନ ବାରିକ, ପ୍ରଫେସର ହେମନ୍ତ କୁମାର ପାତ୍ର ଓ ଡ. ଚିତ୍ତରଞ୍ଜନ ମିଶ୍ରଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ବିଭାଗର ଶାସନ ସଚିବ ମନୋଜ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜ୍ଞାନ କ୍ଷେତ୍ରରେ ଅଧିକ ସଫଳତା ପାଇଁ ଓଡ଼ିଶାର ବୈଜ୍ଞାନିକମାନେ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏକାଡେମୀ ସଭାପତି ପ୍ରଫେସର ବିଭୂତିଭୂଷଣ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଏକାଡେମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବାବେଳେ ସମ୍ପାଦକ ଇଂ. ନରେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, କରୋନା ସଙ୍କଟ ପାଇଁ ଦୁଇବର୍ଷ ଧରି ଏହି ପୁରସ୍କାର ପ୍ରଦାନ କରାଯାଇ ପାରି ନ ଥିଲା।

# ଖାସପା ଗାଁରେ ଝାଡ଼ାବାନ୍ତି: ୨ ମୃତ, ୫ ଗୁରୁତର

**ହିଞ୍ଜିଳିକାଟୁ,୪।୫(ଡି.ଏନ୍.ଏ):** ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଖାସପା ଗ୍ରାମରେ ଗତ ୪ଦିନ ଧରି ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଏଥିରେ ଆକ୍ରାନ୍ତ ହୋଇ ଗ୍ରାମର ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ମୃତକମାନେ ହେଲେ ଖାସପା ଗାଁ ବଡ଼ଦାଣ୍ଡ ସାହିର ଚିତ୍ରସେନ ସ୍ୱାଇଁ(୩୯) ଓ ସ୍ୱପ୍ନେଶ୍ୱର ସାହିର ଚମ୍ପା ଦଳେଇ(୫୮)। ଚମ୍ପାଙ୍କ ରବିବାର ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ଚିତ୍ରସେନଙ୍କ ଜୀବନ ଯାଇଛି। ଗ୍ରାମର ଦଳିତ ସାହିର ବସନ୍ତ ନାଇକ(୨୭) ଓ ମହେଶ୍ୱର ବିଶ୍ୱାଳ(୨୫) ଝାଡ଼ାବାନ୍ତିରେ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବୁଧବାର ହିଞ୍ଜିଳିକାଟୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ସ୍ୱପ୍ନେଶ୍ୱର ସାହିର ବାବୁ ମହାରଣା ଓ ଉକ୍ତ ପଞ୍ଚାୟତ ଅନ୍ତର୍ଗତ ଠୁରୁବୁରାଇ ଗାଁର ସନ୍ଦିପ ଆଚାରି ପ୍ରମୁଖଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ପ୍ରକାଶ ଯେ, ଗ୍ରାମ୍ୟ ଜଳ ଯୋଗାଣ ପାଇପ୍ ଜରିଆରେ ଗାଁକୁ ପିଇବା ପାଣି ଆସୁଛି। ପିଇବା ପାଣିରେ କୌଣସି ସମସ୍ୟା ନାହିଁ। ତେବେ ପ୍ରାୟ ୪ ଦିନ ତଳେ ଖାସପା ଗ୍ରାମରେ ଆୟୋଜିତ ଏକ ବିବାହ ଭୋଜି ଖାଇ ବହୁ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଉକ୍ତ ଗ୍ରାମର ଗୋପବନ୍ଧୁ ନାହାକ କହିଛନ୍ତି। ବୁଧବାର ଗାଁରେ ଝାଡ଼ାବାନ୍ତି ବ୍ୟାପିବା ନେଇ ପ୍ରଚାର ପରେ ଶେରଗଡ଼ ଡାକ୍ତରଖାନାର ଏକ ଟିମ ଗାଁରେ ପହଞ୍ଚି ଓଆର୍ଏସ୍ ଓ ଅନ୍ୟାନ୍ୟ ଔଷଧ ବଣ୍ଟନ କରିଛନ୍ତି। ପରିସ୍ଥିତି ଦିନକୁ ଦିନ ଅଣାୟତ୍ତ ହେଉଥିବାରୁ ଗାଁକୁ ଉଚ୍ଚ ସ୍ତରର ଡାକ୍ତରୀ ଦଳ ପଠାଇ ସ୍ୱାସ୍ଥ୍ୟ ଯାଞ୍ଚ ସହ ଆକ୍ରାନ୍ତଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିରଳ ପକ୍ଷୀ ଉଦ୍ଧାର: ରହିବ ନନ୍ଦନକାନନରେ



ଉଦ୍ଧାର ହୋଇଥିବା ବିରଳ ପକ୍ଷୀ।

ଟେନ୍‌ସା, ୪।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଣାଇ ବନାଞ୍ଚଳର ବରାହମୂଷା ଗ୍ରାମରୁ ବୁଧବାର ସକାଳେ ଏକ ବିରଳ ବିଦେଶୀ ପକ୍ଷୀ ଉଦ୍ଧାର କରାଯାଇଛି। ଏହାକୁ ଗୁରୁବାର ଭୁବନେଶ୍ୱର ନନ୍ଦନକାନନକୁ ପଠାଯିବ ବୋଲି ଜଣାପଡିଛି। ବରାହମୂଷା ଗ୍ରାମର କିଶାନସାହିଠାରେ ଥିବା ପୋଖରୀରେ ଏକ ବିରଳ ପକ୍ଷୀ ବସିଥିବା ଗ୍ରାମବାସୀ ଦେଖିଥିଲେ। ଏ ନେଇ ଗ୍ରାମବାସୀ ବଣାଇ ବନ ବିଭାଗକୁ ଖବର ଦେବା ପରେ ବଣାଇଗଡ଼ ବନପାଳ ସଦାଶିବ ପାତ୍ର ଏବଂ ବନ୍ୟଜନ୍ତୁ ବିଶେଷଜ୍ଞ ଶାନ୍ତିଭୂଷଣ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଏହା ଏକ ବିରଳ ବିଦେଶୀ ପକ୍ଷୀ ବୋଲି ଜାଣି ଏହାକୁ ଉଦ୍ଧାର କରି ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଏହି ପ୍ରଜାତିର ପକ୍ଷୀର ନାମ କଥିତ ଭାଷାରେ ହାଡ଼ଗିଲା ବୋଲି କୁହାଯାଉଥିବାବେଳେ କେଉଁ ଅଞ୍ଚଳରୁ ଏହା ଉଡି ଆସିଛି ବନ ବିଭାଗ ଅନୁସନ୍ଧାନ ଜାରି ରଖିଥିବା ବଣାଇ ଡିଏଫ୍‌ଓ ସୂଚନା ଦେଇଛନ୍ତି। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ଭିଡ଼ ଲାଗଛି।

# ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

**ଠାକୁରମୁଣ୍ଡା, ୪।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ କେନ୍ଦୁଜିଆଣୀ ପଞ୍ଚାୟତ ଛେରାଟାଙ୍ଗର ଗାଁରେ ବୁଧବାର ସକାଳେ ଏକ ହତ୍ୟାକାଣ୍ଡ ଘଟିଛି। ଗୁଣିଗାରେଡି ସନ୍ଦେହରେ ଶମ୍ଭୁ ଲୋହାର ନାମକ ବୃଦ୍ଧଙ୍କୁ ହତ୍ୟା କରାଯାଇଛି। ହତ୍ୟା ପରେ ଅଭିଯୁକ୍ତ ଠାକୁରମୁଣ୍ଡା ଥାନାକୁ ଆସି ଆତ୍ମସମର୍ପଣ କରିଛି। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତଦନ୍ତ ଜାରି ରଖିଛି। ହତ୍ୟାକାରୀ ଯୁବକ ହେଲେ ଛେରାଟାଙ୍ଗର ଗାଁର କାଣ୍ଡେ ଜାମୁଦା। ତାଙ୍କ ମା' ବାପା ପୂର୍ବରୁ ଜ୍ୱରରେ ପୀଡିତ ଥିଲେ। ତେବେ ଶମ୍ଭୁ ଲୋହାର ଗୁଣିଗାରେଡି କରୁଥିବାରୁ ଏପରି ହେଉଥିବା କାଣ୍ଡେ ସନ୍ଦେହ କରିଥିଲେ। ବୁଧବାର ସକାଳ ସାଢେ ୮ଟା ବେଳେ କାଣ୍ଡେ ଏକ କୁରାଢି ଧରି ଶମ୍ଭୁଙ୍କ କମାରଶାଳରେ ପହଞ୍ଚିଥିଲେ। କଣ୍ଡେ କୁରାଢ଼ି ଧାର କରିବାକୁ ଆସିଛନ୍ତି ବୋଲି ଶମ୍ଭୁ ଭାବିଥିଲେ। ଘର ବାହାରେ ଖଟରେ ବସି ଶମ୍ଭୁ ମୁଢି ଖାଉଥିବା ବେଳେ ତାଙ୍କ ବେକକୁ କାଣ୍ଡେ ଚୋଟ ପକାଇଥିଲେ। ସେହି ଖଟରେ ପଡି ଶମ୍ଭୁଙ୍କ ମୃତ୍ୟୁ ହୋଇଯାଇଥିଲା। ହତ୍ୟାକାଣ୍ଡ ଘଟାଇ କାଣ୍ଡେ ସିଧା ଠାକୁରମୁଣ୍ଡା ଥାନାକୁ ଆସି ଆତ୍ମସମର୍ପଣ କରିଥିଲେ। ଥାନାଧିକାରିଣୀ ପ୍ରେମଦା ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାସ୍ଥଳ ଅନୁଧ୍ୟାନ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ନେଇଛି। ଶମ୍ଭୁଙ୍କ ପୁଅ ଶତ୍ରୁଘ୍ନଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ଥାନାରେ ମାମଲା (ନଂ. ୩୭/୨୨) ରୁଜୁ କରାଯାଇ କାଣ୍ଡେଙ୍କୁ କୋର୍ଟଚାଲାଣ କରାଯାଇଛି।

# ଘର ଭିତରୁ ମୃତଦେହ ଜବତ, ହତ୍ୟା ସନ୍ଦେହ

ଲହୁଣୀପଡ଼ା/ଟେନ୍‌ସା,୪।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଗଡ଼ରୁଆ ଗ୍ରାମରେ ଏକ ଘରୁ ପ୍ରହ୍ଲାଦ କୁଅର ନାମକ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ମଙ୍ଗଳବାର ରାତିରେ ପ୍ରହ୍ଲାଦ ଖାଇପିଇ ଖରାଦିନ ଥିବାରୁ ବାରଣ୍ଡାରେ ଶୋଇଥିଲେ। ବୁଧବାର ସକାଳୁ ବାରଣ୍ଡାରେ ତାଙ୍କ ମୃତଦେହ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ପରିବାର ଲୋକେ ହତ୍ୟା ସନ୍ଦେହ କରି ଲହୁଣୀପଡା ପୋଲିସକୁ ଖବର ଦେଇଥିଲେ। ଗତ ଦୁଇ ଦିନ ତଳେ କୌଣସି କାରଣ ନେଇ ଗ୍ରାମବାସୀଙ୍କ ସହିତ ପ୍ରହ୍ଲାଦଙ୍କ ଝଗଡା ହୋଇଥିଲା। ଏଣୁ କେହି ଜଣେ ପ୍ରହ୍ଲାଦଙ୍କୁ ହତ୍ୟା କରିଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ପୋଲିସକୁ ବନ୍ଧୁକ ଦେଖାଇ ହତ୍ୟା ଉଦ୍ୟମ

## ଯୁବକ ଗିରଫ, ବନ୍ଧୁକ ଜବତ

ବ୍ରହ୍ମପୁର ଅଫିସ,୪।୫

ସହର ତଥା ସହରତଳି ଅଞ୍ଚଳରେ ଚୋରି, ଲୁଟ ଓ ହତ୍ୟା ଭଳି ଘଟଣା ଘଟିବା ପରେ ପୋଲିସ ବେଶ୍ ଚଳଚଞ୍ଚଳ ହୋଇ ଉଠିଛି। ପୋଲିସ ସହର ଏଣ୍ଟ୍ରି ପଏଣ୍ଟରେ ପ୍ରତିଦିନ ବ୍ଲକିଂ କରିବା ସହ ଯାନବାହନ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିଛି। ଫଳରେ ଅପରାଧୀଙ୍କ ଗତିବିଧି ଉପରେ ଅନେକ ତଥ୍ୟ ହାସଲ କରିଛି। ଏହି ଧାରାରେ ମଙ୍ଗଳବାର ରାତିରେ ବ୍ରହ୍ମପୁର ସଦର ଥାନା ପୋଲିସ ବ୍ରହ୍ମପୁର–ଦିଗପହଣ୍ଡି ରାସ୍ତା ପଦରବାଲି ଛକରେ ଗାଡ଼ି ଅଟକାଇ କାଗଜପତ୍ର ଯାଞ୍ଚ କରୁଥିଲା। ଏହି ସମୟରେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ ବାଇକ୍‌କୁ ଅଟକାଇ କାଗଜପତ୍ର ମାଗିଥିଲା। ଯୁବକ ଜଣଙ୍କ ନିଜର ବାଇକ୍‌ଟିକୁ ରାସ୍ତା ଉପରେ ରଖିଥିଲା। ସେ ଧରିଥିବା ଏକ ବନ୍ଧୁକ ବାହାରକରି ପୋଲିସ ଉପରକୁ ଦେଖାଇ ସମସ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ପରେ ପୋଲିସ କୌଶଳକ୍ରମେ ଉକ୍ତ ଯୁବକଙ୍କୁ କାବୁ କରିଥିଲା। ଗିରଫ ଯୁବକ ଜଣଙ୍କ ବାଲିପଡାର ବଂଶୀଧର ବିଷୋୟୀ (୩୨) ବୋଲି ପୋଲିସ କହିଛି। ପୋଲିସ ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୭ ରାଉଣ୍ଡ ଅଫୁଟା ଗୁଳି, ଗୋଟିଏ କ୍ୟାଟ୍ରିଜ ଓ ଗୋଟିଏ ବାଇକ୍ ଜବତ କରିଛି। ମାମଲା ନମ୍ବର ୧୬୮/୨୨ ରେ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିବା ସଦର ଏସଡିପିଓ ଶିବଶଙ୍କର ମହାପାତ୍ର ଏକ ପ୍ରେସ୍‌ନୋଟରେ ସୂଚନା ଦେଇଛନ୍ତି।





# ପୋଖରୀରୁ ୬ ଫୁଟ୍‌ର କୁମ୍ଭୀର ଉଦ୍ଧାର



**ବାରିପଦା ଅଫିସ/ଖୁଣ୍ଟା, ୪।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଭୋଳାଗଡିଆ ପଞ୍ଚାୟତ ନୂଆଗାଁ ଗ୍ରାମ ସ୍କୁଲ ପୋଖରୀରେ ଏକ ୬ଫୁଟର କୁମ୍ଭୀରକୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ତାକୁ ଏକ ବାଉଁଶରେ ବାନ୍ଧି ନିକଟସ୍ଥ ଫରେଷ୍ଟ ବିଟ୍‌ହାଉସକୁ ନେବା ପରେ ଅକ୍ଷତ ଅବସ୍ଥାରେ ଶିମିଳିପାଳରେ ଛାଡି ଦିଆଯାଇଛି ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଜୋଶୀ ସୂଚନା ଦେଇଛନ୍ତି।

ଶିମିଳିପାଳ ପାଦଦେଶରେ ଥିବା ଉକ୍ତ ପୋଖରୀରେ ଗ୍ରାମବାସୀ ମାଛଚାଷ କରିଛନ୍ତି। ମାଛ ଧରିବାକୁ ଜାଲ ପକାଇବା ବେଳେ ସେଥିରେ ଏକ କୁମ୍ଭୀର ପଡିଥିଲା। କୁମ୍ଭୀରକୁ ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ମାତ୍ର ବିଭାଗ ପହଞ୍ଚିବାରେ ବିଳମ୍ବ କରିବାରୁ ଲୋକମାନେ ଏକ ବାଉଁଶ ସାହାଯ୍ୟରେ ବୋହିନେଇ ବିଟ୍ ହାଉସରେ ପହଞ୍ଚିଥିଲେ। କୁମ୍ଭୀରକୁ ଦେଖିବା ପାଇଁ ଆଖପାଖ ଗ୍ରାମର ଲୋକଙ୍କ ଭିଡ ଜମିଥିଲା। ପ୍ରତିବର୍ଷ ପୋଖରୀରେ ଥିବା ମାଛ, ବତକଙ୍କୁ ଖାଇବା ସହ ପୋଖରୀ ନିକଟରେ ଥିବା ଘାସରେ ଚରୁଥିବା ଛେଳି ଓ କୁକୁଡ଼ାମାନଙ୍କୁ କୁମ୍ଭୀର ଖାଇଥିବାରୁ ଗ୍ରାମବାସୀ କ୍ଷତିପୂରଣ ଦାବିକରି ବନ ବିଭାଗର ଗାଡିକୁ ଦୁଇ ଘଣ୍ଟା ଧରି ଅଟକ ରଖିଥିଲେ। ଫଳରେ ଉଦଳା ରେଞ୍ଜର ଅରୁଣ ବେହେରା ଓ ଏସିଏଫ୍ ରବି ନାରାୟଣ ମହାନ୍ତି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାଟଣାଗଡ଼ ଜେଲରୁ ଚମ୍ପଟ ଉଦ୍ୟମ ମାମଲା: ପୁଞ୍ଜିଲାଲଙ୍କୁ ଜାମିନ୍

ବଲାଙ୍ଗୀର ଅଫିସ/ପାଟଣାଗଡ, ୪।୫ (ଡି.ଏନ୍.ଏ.)

ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଗତ ୨୦୧୯ ମସିହାରେ ପାଟଣାଗଡ ଜେଲ ଭିତରୁ ଚମ୍ପଟ ମାରିବା ଉଦ୍ୟମ କରିବା ଅଭିଯୋଗ ହୋଇଥିଲା। ଏହି ନିର୍ଦ୍ଦିଷ୍ଟ ମାମଲାର ବିଚାର କରି ପାଟଣାଗଡ ଏସଡିଜେଏମ୍ ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି। ତେବେ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ତାଙ୍କୁ ଜାମିନ୍ ମିଳି ନ ଥିବାରୁ ସେ ଏବେବି ଜେଲରେ ରହିବେ ବୋଲି ଜଣାପଡିଛି। ମିଳିଥିବା ସୂଚନା ମୁତାବକ୍ ୨୦୧୯ ମସିହାରେ ପାଟଣାଗଡ ଉପ ଜେଲରେ ଥିବାବେଳେ ପୁଞ୍ଜିଲାଲଙ୍କ ବିରୋଧରେ ଜେଲ ୱାର୍ଡର ପଞ୍ଚାନନ ଭୋଇ ଅଭିଯୋଗ ଆଣିଥିଲେ। ଜେଲରେ ପୁଞ୍ଜିଲାଲ ଗଣ୍ଡଗୋଳ ଭିଆଉଥିବା ଏବଂ କେତେକ କଏଦୀଙ୍କ ସହ ଚମ୍ପଟ ମାରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଥିଲା। ଏନେଇ ୱାର୍ଡର ଭୋଇଙ୍କ ଅଭିଯୋଗକୁ ଭିତ୍ତିକରି ପାଟଣାଗଡ ଥାନାରେ ୨୪ ଜାନୁୟାରୀ ୨୦୧୯ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ପାଟଣାଗଡ ଏସ୍‌ଡିଜେଏମ୍ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ଜାମିନ୍ ପ୍ରଦାନ କରିଥିବା ଆଡଭୋକେଟ୍ ଦର୍ପଗଞ୍ଜନ ପଟ୍ଟନାୟକ କହିଛନ୍ତି। ସେ ଆହୁରି ସୂଚନା ଦେଇଛନ୍ତି ଯେ, ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଅଭିଯୁକ୍ତ ଥିବାରୁ ସେ ଏବେବି ବଲାଙ୍ଗୀର ଜେଲ ଭିତରେ ରହିବେ। ୨୦୧୮ ମସିହାରେ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେମାମଣି ଦେବୀଙ୍କ ମୃତ୍ୟୁ ଘଟିବା ସହ ନବବଧୂ ରିମାରାଣୀ ସାହୁ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ ପୁଞ୍ଜିଲାଲଙ୍କୁ ଅଭିଯୁକ୍ତ ଦର୍ଶାଇ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ଉତ୍ଫୁଲ୍ଲ ହୁଅନା କରଡି**
**ବଢ଼ିଗଲେ ହେବୁ ବାଉଁଶ**
**ଚିରିଦେଲେ ହେବୁ କୁଲା ବାଉଁଶିଆ।**
**ପୋଡ଼ିଦେଲେ ହେବୁ ପାଉଁଶ ।**

କଣିଟିଏ ବଢି ବଢି ବାଉଁଶ ହେଉଥିବାବେଳେ ସେହି ବାଉଁଶକୁ ଚିରି ଉକ୍ତ ବାଉଁଶ ପାତିଆରେ କୁଲା, ଟୋକେଇ ଆଦି ପ୍ରସ୍ତୁତ କରାଯାଇଥାଏ। ପରିଶେଷରେ ସେହି ବାଉଁଶ ଦ୍ୱାରା ପ୍ରସ୍ତୁତ ଉପକରଣକୁ ପୋଡ଼ିଦେଲେ ଏହା ମୁଠାଏ ପାଉଁଶରେ ପରିଣତ ହେବାଭଳି ବଡ଼ ଲୋକର ଆତ୍ମବଡିମା କିଭଳି ଦିନେ ପତନୋନ୍ମୁଖୀ ହୁଏ ଏହା ତାହାର ଏକ ନିଚ୍ଛକ ଉଦାହରଣ ଭାବେ ଏଠାରେ ବର୍ଣ୍ଣନା କରାଯାଇଛି।

**ଅଳପ ଆୟୀ ବହୁତ ବ୍ୟୟୀ**
**ଛୋଟ ପଣତ ପରାଏ ସେହି ।**

ସ୍ୱଳ୍ପ ଆୟ ମଣିଷର ସବୁ ଆବଶ୍ୟକତାକୁ ପୂରଣ କରିପାରି ନ ଥାଏ। ଏଭଳି ସ୍ଥିତିରେ ମଣିଷ ନିଜ ଆୟ ଦେଖି ବ୍ୟୟ କରିବା ଉଚିତ ହୋଇଥାଏ। ସ୍ୱଳ୍ପ ଆୟ ଛୋଟ ପଣତ ପରି ନିଅଣ୍ଟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ଲୁହା ପାଇପ୍‌ରେ ପିଟି ସ୍ତ୍ରୀଙ୍କୁ ହତ୍ୟା

ପଟ୍ଟାମୁଣ୍ଡାଇ,୪।୫(ସ୍ୱ.ପ୍ର.)

ବାପ ଘରୁ ବାଇକ୍ ଆଣିବା ପାଇଁ ସ୍ୱାମୀ ବାରମ୍ବାର ଦାବି କରୁଥିଲେ। ହେଲେ ସେହି ଦାବିକୁ ପୂରଣ କରିବାକୁ ଶ୍ୱଶୁର ଘର ଲୋକେ ଅସମର୍ଥ ହେବାରୁ ସ୍ତ୍ରୀଙ୍କୁ ଏକ ଲୁହା ପାଇପ୍‌ରେ ପିଟି ସ୍ୱାମୀ ହତ୍ୟା କରିଛନ୍ତି। ଏହି ଦୁଃଖଦ ଘଟଣା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଧୀନ କଖାରୁଣୀ ଗ୍ରାମରେ ବୁଧବାର ଘଟିଛି। ପୋଲିସ ମୃତା ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ନିକିରାଇ ଥାନା ଅଧୀନ ବାରୋ ଗ୍ରାମର ବାବୁରାମ ମଳିକଙ୍କ ଭଉଣୀ ସୁଭଦ୍ରାଙ୍କ ୨୦୧୩ରେ ପଟ୍ଟାମୁଣ୍ଡାଇ ଥାନା ଅଧୀନ କଖାରୁଣୀ ଗ୍ରାମର ଚିତ୍ତ ମଳିକଙ୍କ ସହିତ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ୪୫ ହଜାର ଟଙ୍କା, ସୁନା ଚେନ, ମୁଦି ଓ ଅନ୍ୟାନ୍ୟ ସ୍ୱର୍ଣ୍ଣ ଅଳଙ୍କାର ସହିତ ବାସନକୁସନ ଓ ଘରକରଣା ଜିନିଷ ଯୌତୁକ ବାବଦକୁ ଦିଆଯାଇଥିଲା। କିନ୍ତୁ ବିବାହ ପରେ ଏକ ଦାମୀ ମୋଟର ସାଇକେଲ ବାପଘରୁ ଆଣିବା ପାଇଁ ସୁଭଦ୍ରାଙ୍କ ଉପରେ ଶାଶୁଘର ଲୋକେ ଚାପ ପକାଇଥିଲେ। ଏଥିପାଇଁ ସେମାନେ ସୁଭଦ୍ରାଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଇଆସୁଥିଲେ।

### ସ୍ୱାମୀ ଥାନାରେ ଅଟକ

ଗତ ମାସ ୧୫ ତାରିଖରେ ସୁଭଦ୍ରାଙ୍କୁ ମାଡ଼ ମାରି ସ୍ୱାମୀ ଶ୍ୱଶୁରଙ୍କ ଘରେ ଛାଡି ଦେଇ ଆସିଥିଲେ। ତେବେ ଗତ ୨ ତାରିଖରେ ସୁଭଦ୍ରାଙ୍କ ଭାଇ ବାବୁରାମ ଭଦ୍ରଲୋକଙ୍କ ସହଯୋଗରେ ଏହି ବିବାଦର ସମାଧାନ କରିଥିଲେ। ଏହାପରେ ସୁଭଦ୍ରାଙ୍କୁ ନେଇ ତାଙ୍କ ଶାଶୁଘରେ ଛାଡି ଦେଇ ଆସିଥିଲେ। ବାଇକ୍ ପାଇଁ ସେ ସମୟ ମାଗିଥିଲେ। କିନ୍ତୁ ବୁଧବାର କଖାରୁଣୀ ଗ୍ରାମର ଜଣେ ବ୍ୟକ୍ତି ବାବୁରାମଙ୍କୁ ଫୋନ କରି ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକେ ମାରି ଦେଇଥିବା ଖବର ଦେଇଥିଲେ। ଖବର ପାଇ ବାବୁରାମ ଭଉଣୀ ଘରେ ପହଞ୍ଚି ସୁଭଦ୍ରା ମରି ପଡିଥିବା ଦେଖିବାକୁ ପାଇଥିଲେ। ଏନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ସେ ଲିଖିତ ଅଭିଯୋଗ କରିବା ପରେ ପଟ୍ଟାମୁଣ୍ଡାଇ ଥାନା ଭାରପ୍ରାପ୍ତ ଆଇଆଇସି ତପନ କୁମାର ନାୟକ ସୁଭଦ୍ରାଙ୍କ ସ୍ୱାମୀ ଚିତ୍ତ ମଳିକଙ୍କୁ ଗିରଫ କରିଛନ୍ତି। ଲୁହା ପାଇପ୍‌କୁ ଜବତ କରାଯାଇଛି। ଏହି ଘଟଣାରେ ସୁଭଦ୍ରାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ ସମେତ ୯ ଜଣ ସଂପୃକ୍ତ ଥିବା ଏତଲାରେ ଦର୍ଶାଯାଇଛି। ସୁଭଦ୍ରାଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କଥା ଜଣାପଡିବ ବୋଲି ପୋଲିସ କହିଛି।

# ଅଡୁଆରେ ରଣବୀରଙ୍କ 'ଜୟେଶଭାଇ ଜୋରଦାର'

ମୁମ୍ବାଇ: ଆଇନ ଜାଲରେ ଫସିଛି 'ଜୟେଶଭାଇ ଜୋରଦାର'। ନିକଟରେ ଏହାର ଟ୍ରେଲର ରିଲିଜ ହୋଇଥିଲା। ଏହାକୁ ଦର୍ଶକ ବେଶ ପସନ୍ଦ କରିଥିଲେ ହେଁ ସେଥିରେ ଦେଖାଯାଇଥିବା କିଛି ଦୃଶ୍ୟକୁ ନେଇ ବିବାଦ ଉପୁଜିଛି। ଟ୍ରେଲରରେ ଦେଖାଯାଇଥିବା ଗର୍ଭସ୍ଥ ଶିଶୁର ଲିଙ୍ଗ ପରୀକ୍ଷାକୁ ନେଇ ବିବାଦ ଦେଖାଦେଇଛି। ଏହି ଦୃଶ୍ୟକୁ ଫିଲ୍ମରୁ ହଟାଇବା ଦାବିରେ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରାଯାଇଛି। ଫିଲ୍ମରେ ଅଭିନେତା ରଣବୀର ସିଂହ ଜୟେଶଭାଇ ପଟେଲ ଚରିତ୍ରରେ ନଜର ଆସିଛନ୍ତି। ଏଥିରେ ସେ ଜଣେ ଗୁଜରାଟୀ ବ୍ୟକ୍ତିଙ୍କ ଭୂମିକାରେ ଅଭିନୟ



କରିଛନ୍ତି। ଯାହାଙ୍କ ବିବାହ ମୁଦ୍ରା ପଟେଲ(ଶାଲିନୀ ପାଣ୍ଡେ)ଙ୍କ ସହ ହୋଇଛି। ବିବାହ ପରେ ସେ ନିଜ ଗର୍ଭସ୍ଥ ଶିଶୁର ଜୀବନ ବଞ୍ଚାଇବା ପାଇଁ ସଂଘର୍ଷ କରନ୍ତି। ଲିଙ୍ଗ ପରୀକ୍ଷା ପରେ କନ୍ୟା ସନ୍ତାନ ଥିବା ଜଣାପଡିବା ପରେ ଜୟେଶଭାଇଙ୍କ ପରିବାରଲୋକେ ଉକ୍ତ ଶିଶୁକୁ ମାରିବା ପାଇଁ ଚେଷ୍ଟା କରନ୍ତି। ଏହି ଦୃଶ୍ୟକୁ ନେଇ ହିଁ ଦିଲ୍ଲୀ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିପିନ ସାଙ୍ଗି ଏବଂ ଜଷ୍ଟିସ ନବୀନ ଚାୱଲାଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି।

## ଇଏମ୍‌ଆଇ ବୋଝ...

ପ୍ରଥମ ପୃଷ୍ଠାରୁ...

ତୈଳ ଏବଂ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି, ୟୁକ୍ରେନ-ରୁଷିଆ ଯୁଦ୍ଧ ଏବଂ କରୋନା ମହାମାରୀ ପ୍ରଭାବରୁ ଆର୍ଥିକ ମାନ୍ଦାବସ୍ଥା ଲାଗି ରହିଛି। ଫଳରେ ଚଳିତ ବର୍ଷ ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇ ୭%ରେ ପହଞ୍ଚିଛି। ଫଳରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ଗତ ୧୭ ମାସ ମଧ୍ୟରେ ମାର୍ଚ୍ଚରେ ସର୍ବାଧିକ ରହିଥିଲା। ଏ ସମ୍ପର୍କରେ ଗଭର୍ଣ୍ଣର ଦାସ କହିଛନ୍ତି ଯେ, ମଧ୍ୟମ ସମୟସୀମା ମଧ୍ୟରେ ଅର୍ଥନୈତିକ ଉନ୍ନତିର ପ୍ରୋସ୍ପେକ୍ଟସ୍‌କୁ ମଜଭୁତ କରିବା ପାଇଁ ସୁଧ ହାର ବଢାଇବାର ନିଷ୍ପତ୍ତି ନିଆଯାଇଛି। ଏମ୍‌ପିସିର ପରବର୍ତ୍ତୀ ବୈଠକ ଜୁନ୍ ୮ରେ ବସିବାକୁ ସ୍ଥିର ହୋଇଛି। ଉକ୍ତ ବୈଠକରେ ରେପୋ ହାର ୨୫ବିପିଏସ୍ ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ରେପୋ ରେଟ୍ ବୃଦ୍ଧିର ପ୍ରଭାବ ଗୃହ ଋଣ, ଗାଡ଼ି ଋଣ ଏବଂ ଅନ୍ୟ ସମସ୍ତ ପ୍ରକାର ଋଣ ଉପରେ ଦେଖାଦେବ। ଏହା ପ୍ରଭାବରେ ପୂର୍ବ ଅପେକ୍ଷା ସୁଧ ହାର ବଢିବା କାରଣରୁ ଇକ୍ୱେଟେଡ୍ ମନ୍ଥଲି ଇନ୍‌ଷ୍ଟଲ୍‌ମେଣ୍ଟ (ଇଏମ୍‌ଆଇ) ମଧ୍ୟ ବୃଦ୍ଧି ପାଇବ। ପୂର୍ବରୁ ଋଣ ନେଇଥିବା କିମ୍ବା ଆଗକୁ ଋଣ ନେବାକୁ ଥିବା, ଉଭୟ ପ୍ରକାର ଗ୍ରାହକଙ୍କ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିବ।

ଅନ୍ୟପଟେ ଆର୍‌ବିଆଇ ପକ୍ଷରୁ ରେପୋ ରେଟ୍ ବୃଦ୍ଧି ଘୋଷଣା ହେବା ପରେ ବୁଧବାର ଅପରାହ୍ନ ପରଠାରୁ ଶେୟାର ବଜାରରେ ଜୋର୍‌ଦାର ହ୍ରାସ ଦେଖିବାକୁ ମିଳିଥିଲା। ଶେୟାର ବଜାରର ଦୁଇ ମାନକ ସୂଚକାଙ୍କ ସେନ୍‌ସେକ୍ସ ଏବଂ ନିଫ୍ଟିରେ ୨%ରୁ ଉର୍ଦ୍ଧ୍ୱ ହ୍ରାସ ଘଟିଥିଲା। ଦିନର କାରବାର ଶେଷ ସୁଦ୍ଧା ବିଏସ୍‌ଇ ସେନ୍‌ସେକ୍ସରେ ୧୩୦୬.୯୬ ପଏଣ୍ଟ (୨.୨୯%) ହ୍ରାସ ଘଟି ୫୫,୬୬୯.୦୩ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ସେହିପରି ନିଫ୍ଟିରେ ୩୯୧.୫୦ ଅଙ୍କ (୨.୨୯%) ହ୍ରାସ ଘଟି ୧୬,୬୭୭.୬୦ ଇଣ୍ଡେକ୍ସରେ ବନ୍ଦ ହୋଇଛି। ଆର୍‌ବିଆଇର ଏହି ଅଚାନକ ଘୋଷଣା ଦ୍ୱାରା ଶେୟାର ବଜାର ନିବେଶକମାନଙ୍କ ୬.୨୭ ଲକ୍ଷ କୋଟି ଟଙ୍କା କ୍ଷତି ଘଟିଛି। ସୂଚନାଯୋଗ୍ୟ, ଗତ ଏପ୍ରିଲ୍ ୮ରେ ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ଆର୍‌ବିଆଇର ପ୍ରଥମ ଏମ୍‌ପିସି ରିଭ୍ୟୁ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆର୍‌ବିଆଇ ପକ୍ଷରୁ ରେପୋ ରେଟ୍ ଏବଂ ରିଭର୍ସ ରେପୋ ରେଟ୍‌ରେ ପରିବର୍ତ୍ତନ କରାଯାଇ ନ ଥିଲେ ମଧ୍ୟ ପରିବର୍ତ୍ତନ ସମ୍ପର୍କରେ ଆଭାସ ଦିଆଯାଇଥିଲା।

## ୨୦୨୩ ଡିସେମ୍ବର ସୁଦ୍ଧା...

କରାଯାଇଛି। ୱାଟ୍‌କୋର ମୁଖ୍ୟ ନିର୍ବାହୀ ଜାତୀୟ ଟାସ୍କଫୋର୍ସ ସଦସ୍ୟ ଭାବେ ସାମିଲ ହୋଇଛନ୍ତି। ବୁଧବାର କର୍ଣ୍ଣାଟକର ଉଚ୍ଚସ୍ତରୀୟ ପ୍ରଶାସନିକ ଟିମ୍ ଏବଂ ଓଡ଼ିଶା ସରକାରଙ୍କ ଅଧିକାରୀଙ୍କ ସହ ଅନୁଷ୍ଠିତ ବୈଠକରୁ ଏହା ଜଣାପଡ଼ିଛି। କର୍ଣ୍ଣାଟକର ନଗର ଉନ୍ନୟନ ସଚିବ ଅଜୟ ନାଗଭୂଷଣଙ୍କ ନେତୃତ୍ୱରେ ଏକ ୨୦ ଜଣିଆ ଟିମ୍ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ପ୍ରମୁଖ ସଚିବ ଜି. ମାଥିଭାଥାନନ୍‌ଙ୍କ ସମେତ ଓଡ଼ିଶା ୱାଟର ଏକାଡେମୀର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ଏହି ମିଶନର ବିଭିନ୍ନ ଦିଗ ସମ୍ପର୍କରେ କର୍ଣ୍ଣାଟକର ଟିମ୍‌କୁ ଅବଗତ କରାଯାଇଛି। ଏହି ଟିମ୍ ପୁରୀ ଏବଂ ଭୁବନେଶ୍ୱରରେ କ୍ଷେତ୍ର ପରିଦର୍ଶନ କରିବା ସହ ଏହାର କାର୍ଯ୍ୟକାରିତା ଦେଖିଛନ୍ତି। ଏହି ଟିମ୍ ସଦସ୍ୟ ସିଧାସଳଖ ଟ୍ୟାପ୍‌ରୁ ପାଣି ପିଇଥିଲେ। ଏହାପରେ ସେମାନେ ଏହି ମିଶନ ଉପରେ ସନ୍ତୋଷ ପ୍ରକାଶ କରିଥିବା ଜଣାପଡିଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଏହି ମିଶନ ଜରିଆରେ ପୁରୀର ପ୍ରାୟ ୨.୫ ଲକ୍ଷ ଲୋକ ଟ୍ୟାପ୍‌ରୁ ସିଧାସଳଖ ପାଣି ପିଇବା ସହ ବିନା ବିଶୁଦ୍ଧୀକରଣରେ ରୋଷେଇରେ ବ୍ୟବହାର କରୁଛନ୍ତି। ଭୁବନେଶ୍ୱର ଏବଂ କଟକ ସହରରେ ମଧ୍ୟ ଏହା ଆରମ୍ଭ ହୋଇଛି। ୯୮ ଜୋନ୍‌ରେ ବିଭକ୍ତ ହୋଇଥିବା ଭୁବନେଶ୍ୱରର ୧୦ଟି ଜୋନ୍‌ରେ ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ ଆରମ୍ଭ ହୋଇଛି। ୨୦୨୩ ଡିସେମ୍ବର ସୁଦ୍ଧା ଭୁବନେଶ୍ୱରର ପ୍ରାୟ ୧୧ ଲକ୍ଷ ଲୋକଙ୍କୁ ଏହି ମିଶନରେ ପାନୀୟ ଜଳ ଯୋଗାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିପରି କଟକର ୨ଟି ଜୋନ୍‌ରେ ଏହି କାର୍ଯ୍ୟ ସମାପ୍ତ ହୋଇଛି। ୨୦୨୩ ଅଗଷ୍ଟ ସୁଦ୍ଧା ବ୍ରହ୍ମପୁରରେ ପ୍ରକଳ୍ପ ଶେଷ କରିବାକୁ କାର୍ଯ୍ୟ ଜାରି ରହିଛି। ଏହାଛଡ଼ା ସୁନ୍ଦରଗଡ଼, ମୟୂରଭଞ୍ଜ ଏବଂ ଯାଜପୁର ଜିଲାରେ ଏହି ପ୍ରକଳ୍ପ ଆରମ୍ଭ କରାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ମଙ୍ଗଳ ନକ୍ଷତ୍ରସ୍ଥ ଚନ୍ଦ୍ର ଏକାଧାରରେ ଶାରୀରିକ ଓ ମାନସିକ ସ୍ଥିତିକୁ ମଜଭୁତ ରଖିବ। ଉଚ୍ଚାରୋହୀ ଶୁକ୍ର ବିଳାସ ସାମଗ୍ରୀ ସହିତ ଅର୍ଥ, ସୁଖ ଓ ସମ୍ମାନ ପ୍ରଦାନ କରିବେ। କିନ୍ତୁ କର୍ମକ୍ଷେତ୍ରରେ ଅତ୍ୟଧିକ ଯୁକ୍ତିତର୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବାର ସୂଚନା ରହିଛି।

**ବୃଷ**
ଶୁକ୍ରଙ୍କ ସୁପ୍ରଭାବ ବଳରେ କୌଣସି କାମ ଅଟକିବ ନାହିଁ। ଅର୍ଥନୈତିକ ପ୍ରଗତି ଜୀବନଯାତ୍ରାକୁ ସୁଖମୟ କରିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିଲେ ଭୁଲ୍ କରିବେ। ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ ଏବଂ ପ୍ରତିଦ୍ୱନ୍ଦ୍ୱିତା କଲେ କିଛି ଲାଭ ହେବନି।

**ମିଥୁନ**
ସ୍ୱରାଶ୍ୟାଭିମୁଖୀ ବୁଧ ଆପଣଙ୍କର ବୌଦ୍ଧିକ ବିକାଶ ସାଙ୍ଗକୁ ବନ୍ଧୁବତ୍ସଳ କରାଇବ। ପୂର୍ବର ସମସ୍ୟା ସମାଧାନ ହେବା କାରଣରୁ ମାନସିକ ଶାନ୍ତି ପାଇବାର ବହୁତ ଆଶା ରହିଛି। ବହୁ ଦିନରୁ ରହିଯାଇଥିବା ଅପୂର୍ଣ୍ଣ କାମକୁ ଆଜି ସନ୍ଧ୍ୟା ସୁଦ୍ଧା ସମ୍ପୂର୍ଣ୍ଣ କରିପାରନ୍ତି। ସାମାଜିକସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ**
ଶନିଙ୍କ ପ୍ରଭାବରେ ଆଶା ଓ ଆଶଙ୍କା ମଧ୍ୟରେ ସମୟ କଟାଇବା ସାଙ୍ଗକୁ ଦୈହିକ ଦୁର୍ବଳତା ଲାଗି ରହିବ। ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ଆତ୍ମୀୟମାନେ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଆକସ୍ମିକ ଦୂରଯାତ୍ରା ଓ ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବାର ସୌଭାଗ୍ୟପ୍ରାପ୍ତ ହୋଇପାରନ୍ତି।

**ସିଂହ**
କର୍ମକ୍ଷେତ୍ରରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟ ସାଧିତ ହେବ। କିନ୍ତୁ ବିଭିନ୍ନ ସମସ୍ୟା ମଧ୍ୟରେ ଗତିକରି ମାନସିକ ସ୍ଥିତି ଭଲ ରହି ନ ପାରେ। ମାଙ୍ଗଳିକ କାର୍ଯ୍ୟ ପରିପ୍ରେକ୍ଷୀରେ ଆକସ୍ମିକ ଭାବେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଗୁରୁତ୍ୱପୂର୍ଣ୍ଣ କାମ ଲାଗି ହଠାତ୍ ମୋଟାଅଙ୍କର ଅର୍ଥ ଆବଶ୍ୟକ ପଡ଼ିପାରେ।

**କନ୍ୟା**
ସୌଜନ୍ୟମୂଳକ ବ୍ୟବହାର ଓ ନମ୍ରତା ପ୍ରଭାବରେ କାର୍ଯ୍ୟଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। କିନ୍ତୁ ଚିତ୍ରା ନକ୍ଷତ୍ର ସାଧାରଣ ଯୁକ୍ତିତର୍କରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବ୍ୟବସାୟ ଓ ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, କଚେରି ମାମଲା ବିଷୟରେ ଚିନ୍ତା କରିପାରନ୍ତି। ପାରିବାରିକ ସ୍ଥିତି ସକାଳ ସମୟରେ ଭଲ ରହିବ।

**ତୁଳା**
ସ୍ୱଗୃହରେ ବୃହସ୍ପତିଙ୍କ ପ୍ରଭାବରୁ ଆଜି ସକାଳୁ କୌଣସି ଶୁଭ ଖବର ପାଇ ଖୁସି ହୋଇଯିବେ। ଅର୍ଥ ଓ ସମ୍ମାନ ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। କିନ୍ତୁ ଅଧିକାଂଶ ସମୟ ଘର କାମ ଛାଡ଼ି ବାହାର କାମରେ ସମୟ କଟାଇବାକୁ ପଡ଼ିପାରେ। ବିଶିଷ୍ଟ ବ୍ୟକ୍ତିଙ୍କ ସୌଜନ୍ୟରୁ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି।

**ବିଛା**
ତୃତୀୟ ଚତୁର୍ଥାଧିପଙ୍କ ଶୁଭତ୍ୱ କାରଣରୁ ସମ୍ପର୍କୀୟଙ୍କୁ ନିଜ ସପକ୍ଷରେ ଆଣିବାରେ ସମର୍ଥ ହେବେ। ଅନୁରାଧାର ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବ। ଜ୍ୟେଷ୍ଠାର ପାରିବାରିକ କଳହ ଦେଖାଦେଇପାରେ। ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସାମାଜିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ।

**ଧନୁ**
ଆଜି ସପ୍ତମସ୍ଥ ଚନ୍ଦ୍ର ହେତୁ କାମରେ କୌଣସି ଅସୁବିଧା ହେବନାହିଁ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ସବୁକିଛି ଠିକ୍ ହୋଇଯିବ। କିନ୍ତୁ ମୂଳା ନକ୍ଷତ୍ର ସକାଶେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଏଣୁ ସାବଧାନ ରହିବା ଭଲ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାରେ କିଛି ଅସୁବିଧା ହେବନାହିଁ।

**ମକର**
ତୃତୀୟସ୍ଥ ବୃହସ୍ପତି ଓ ଶୁଭ ଚନ୍ଦ୍ର ପ୍ରଭାବରେ ଯାତ୍ରା, ବାଣିଜ୍ୟ ତଥା ପାରିବାରିକ ଜୀବନ ଉନ୍ନତ ରହିବ। ଶ୍ରବଣା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ନିଜ ଲୋକଙ୍କ ଦ୍ୱାରା ସମସ୍ୟାଗ୍ରସ୍ତ ହୋଇପାରନ୍ତି। ନିଜର ଦୂରଦର୍ଶିତା ହେତୁ ପାରିବାରିକ ଜୀବନ ସୁଖରେ କଟିବ। ପୂର୍ବ ଶତ୍ରୁତା ହେତୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**
ରାଶ୍ୟାଧିପଙ୍କ ବଳବାନତ୍ୱ କାରଣରୁ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। କିନ୍ତୁ ପରିବାରରେ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପୂର୍ବ ଶତ୍ରୁତାକୁ ନେଇ ଆତ୍ମୀୟମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ**
ମାନସିକ ସ୍ଥିତି ଭଲ ନ ରହିଲେ ମଧ୍ୟ ଶାରୀରିକ ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧୀନ ରହିବ। ମାଙ୍ଗଳିକ କାର୍ଯ୍ୟ ସକାଶେ ପରିବାର ପାଇଁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁଙ୍କ ଜରିଆରେ ଆଜିର ଅର୍ଥ ସଂଗ୍ରହର ପ୍ରଚେଷ୍ଟା ନିଷ୍ଫଳ ହେବନାହିଁ। କଳା, ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ସତ୍‌ସଙ୍ଗ, ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ।


# classifieds

Everyday 0674-2580101, 2549302




**SALE**

2000sqft. ପ୍ଲଟ୍ 8,00,000/- (15 plot available) ସୁନ୍ଦରପଦାରୁ ଜଟଣୀ ରୋଡ୍ Bhubaneswar. 9439493164. D-73242

Gharabari plot for sale at Uttampur before Meeras Courtyard Brahmanjharilo Adjacent to Nakhara Niali State Highway Contact: 8658444666, 9937012712. D-73315

ଭୁବନେଶ୍ୱର **Sum Hospital 4KM** ଦୂରତାରେ ଘରବାଡ଼ି, **Road**, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। **9090963952.** D-73214

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **50mtr** ଦୂରରେ **BDA yellowzone** ପ୍ଲଟ୍ ମିଳୁଛି। **9556368377.** D-73238




Prabhakar construction construct your building get quality house. 9437025258, 8984389029. D-315




2BHK flat with parking at Lingipur rent family. Contact: 7894381416. D-71496

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ନିଜର ଖାଲି ଜାଗାକୁ ଭଡ଼ାରେ ଦେଇ ନିଶ୍ଚିନ୍ତରେ ବସନ୍ତୁ। **9692095626, 7978456831.** D-71631




Newly open full body massage ladies and gents. 7750904837. D-71894

Newly open SPA positively health benefit with expert. Contact: 7749976301. D-71987

**Relax, Refresh your body, Mind at Saikrupa Spa with best therapies. 8984068077.** D-327

Newly open full body massage expert male/female therapist. 7008713526. D-71497

Newly open full body massage ladies and gents. 8327740003. D-71893

Refreshing your mind and body with the best therapy, 7873794731. D-317

Take wellness relax body massage by experienced lady therapist. 7008773793. D-73601

Newly open SPA positively health benefits expert therapist, kalpana. 7846814019. D-71500

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71986

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**LEGAL NOTICE**

(Order-V), Rule20 (1-A) CPC. In the Court of the Senior Civil Judge, Hindol C.S. No.- 16/2006
Shailendra Narayan Singhdeo ......Plaintiff
VRS
State of Odisha and others ....... Defendants

To,
1. Sri Dolagobinda Nayak, S/o- Late Rabash Bihari Nayak, Sub-Collector/Sub-Divisional Magistrate, Hindol, At/Po/Ps.- Hindol, Dist.- Dhenkanal. 2. Sri Premananda Mallik, S/o- Akuli Mallik, Village- Jatakmundi, Po.- Padanpur, Sub Division- Banki, Dist.- Cuttack, Sub- Treasury Officer, At/Po/Ps.- Hindol, Dist.- Dhenkanal. 3. Sri Madhusudan Nanda, Tahasildar, At/Po/Ps- Hindol, Dist.- Dhenkanal. 4. Sri Niranjan Sahu, Revenue Officer, At/Po/Ps.- Hindol, Dist.- Dhenkanal. 5. Sri Bijaya Kumar Ratha, R.I, At/Po/Ps.- Hindol, Dist.- Dhenkanal. 6. Nirmal Chandra Swain, P.W.D. Engineer, At/Po/Ps.- Hindol, Dist.- Dhenkanal.

Whereas the plaintiff Shailendra Narayan Singhdeo has instituted a suit against you for mandatory injunction to buildup the wall at the cost of defendants No.-2 to 7 and perpetual injunction to restrain you, your agents, servants and representatives from interfering in the possession of the plaintiff over the "B" Schedule land (Hal Khata No.- 1255, Plot No.-2659 of Village- Nizigarh, Dist.- Dhenkanal) and "D" Schedule land (Hal Khata No.- 670, Plot No.- 2660, 2669, 2669/3902 "Part", Village- Nizigarh, Dist.- Dhenkanal) with further decree of declaration of right, title and interest over A (Hal Khata No.- 1255, Plot No.- 2659 (Part), Village- Nizigarh, Dist.- Dhenkanal), C (Hal Khata No.-1255, Plot No.-2661, Hal Khata No.- 670, Plot No.- 2670/ 4005 (Part), Village- Nizigarh, Dist.- Dhenkanal) and summons in ordinary way could not be served on you either due to your avoiding or for some other reason.

Therefore, notice hereby published directing you to appear in this court in person or by a pleader duly instructed and able to answer all material questions relating to the suit or who shall be accompanied by some person able to answer all such questions on the 20th day of May 2022 at 07.00 O' clock in the forenoon to answer the claim and to produce on that upon which you intend to rely in support of your defense.

Take notice that in default of your appearance on the above mentioned, the suit will be heard and determined in your absence.

Given under my hand and seal of this court the 20th day of April 2022.
Sd./- Senior Civil Judge, Hindol.
D-70394

ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। **-ଶ୍ରୀଅରବିନ୍ଦ**

# ଦେଖିବାର କଳା



ଦେବଦତ୍ତ ପଟ୍ଟନାୟକ

ସୃଷ୍ଟିରେ କ'ଣ ଦେଖିପାରିବା , କ'ଣ ଦେଖି ନ ପାରିବା ତାହା ହିଁ ପ୍ରଶ୍ନ। ଜୀବ ଓ ଜଡ଼ବସ୍ତୁ , ସବୁକିଛି ସ୍ରଷ୍ଟାଙ୍କ ସୃଷ୍ଟି। ସୃଷ୍ଟିର କୌଣସି ଏକ ଜୀବ ଓ ଜଡ଼ବସ୍ତୁ ମଧ୍ୟରେ ପ୍ରଭେଦ ଦେଖିବାକୁ ମିଳେ। ଜୀବର ଚେତନ ଶକ୍ତି , ଅନୁଭବ ଶକ୍ତି ରହିଛି। ସେଥିପାଇଁ ଜୀବଟିଏ ତା'ଚାରିପାଖ ବିଶ୍ୱକୁ ଅନୁଭବ କରିପାରେ। ଏହା ହେଉଛି ସମ୍ବେଦନଶୀଳତା। ଜୀବ ଜୀବନ ପାଇଁ ସଂଗ୍ରାମ ଜାରି ରଖେ ଓ ବଞ୍ଚି ରହିବାକୁ ସର୍ବଦା ଚେଷ୍ଟା କରେ। ଏଥିପାଇଁ ତାକୁ ତା' ଚତୁଃପାର୍ଶ୍ୱର ବିଶ୍ୱକୁ ଅନୁଭବ କରିବାର ଆବଶ୍ୟକତା ରହେ। ଚଳପ୍ରଚଳ କରିବାକୁ ହେଲେ ତାକୁ ଖାଦ୍ୟ ଓ ବିପଦର ଉପସ୍ଥିତି ସମ୍ପର୍କରେ ସମ୍ବେଦନ ରହିବାକୁ ହୁଏ। ଜୀବନ ସ୍ରୋତରେ ସମ୍ପର୍କ ସ୍ଥାପନ କରିବା ଜୀବର ଏକ ପ୍ରମୁଖ ଗୁଣ। ଏଥିଲାଗି ତାକୁ ସହଯୋଗୀ ଓ ଶତ୍ରୁ ମଧ୍ୟରେ ଥିବା ପ୍ରଭେଦକୁ ବୁଝିବାକୁ ପଡ଼େ।

ପାଣି ଓ ପବନ ଅବିରତ ବହି ଚାଲନ୍ତି। ସେମାନଙ୍କ ଗତିପଥରେ ଯେଉଁ ବାଧାଗୁଡ଼ିକ ଆସେ ତାହାକୁ ସେମାନେ ଦେଖିପାରନ୍ତି ନାହିଁ। ବାଧକ ସହ ସିଧା ଧକ୍କା ଖାଇବା ପରେ ହିଁ ସେମାନେ କେବଳ ସେମାନଙ୍କ ଗତିପଥ ବଦଳାଇ ଥାଆନ୍ତି। ଉଦ୍ଭିଦଗୁଡ଼ିକର ଚେତନ ଶକ୍ତି ରହିଛି। ସେଗୁଡ଼ିକ ବାଧା ଏବଂ ଅନୁକୂଳ ସ୍ଥିତିକୁ ଜାଣିପାରନ୍ତି, ଅନୁଭବ ବି କରିପାରନ୍ତି। ସେହି ଅନୁଯାୟୀ ସେମାନେ ଶାଖାପ୍ରଶାଖା ଓ ଚେର ମେଲି ବଢ଼ିଥାଆନ୍ତି। ଅନ୍ୟପକ୍ଷରେ ପ୍ରାଣୀମାନଙ୍କର ଗତିବିଧି ଦୃଷ୍ଟି, ଧ୍ୱନି ଓ ଗନ୍ଧ ଦ୍ୱାରା ନିର୍ଦ୍ଦେଶିତ ହୋଇଥାଏ। ସେମାନେ ଦେଖି, ଶୁଣି ଏବଂ ଗନ୍ଧ ବାରି ଚଳନଶୀଳ ହୋଇଥାନ୍ତି। ଏପରିକି ପରିବେଶରେ ଥିବା ଅଦୃଶ୍ୟ ତରଙ୍ଗ ଏବଂ ବିକିରଣଗୁଡ଼ିକ ମାଧ୍ୟମରେ କେଉଁଠି ଖାଦ୍ୟ ମିଳିବାର ସମ୍ଭାବନା ଅଛି, କେଉଁଠି କମ୍ ବିପଦ ରହିଛି ତାହା ସେମାନେ ଜାଣିପାରନ୍ତି। କିନ୍ତୁ ମଣିଷ କ୍ଷେତ୍ରରେ ଏସବୁ ବିଷୟ ଜଟିଳ ହୋଇଯାଏ। ଆମେ ତ ସଚରାଚରର ସବୁ ବସ୍ତୁକୁ ଦେଖୁଛୁ। ଆମେ ମଧ୍ୟ ଆମ ଭୌତିକ ଶରୀରକୁ ଦେଖୁଛୁ। କିନ୍ତୁ ମଣିଷ ଧନ, କ୍ଷମତା, ଜ୍ଞାନ, ପ୍ରତିଷ୍ଠା ପ୍ରଦର୍ଶନ ପାଇଁ ବିଭିନ୍ନ ସଙ୍କେତ ବ୍ୟବହାର କରୁଥିବା ଯୋଗୁ ଭୌତିକ ଶରୀର ବାଦ୍ ସୂକ୍ଷ୍ମ ସ୍ତରରେ ଅଧିକ କିଛି ଆମେ ଦେଖିପାରୁ ଓ ବୁଝିପାରୁ। ପ୍ରତ୍ୟେକଟିକୁ ଏକ ମୂଲ୍ୟ, କ୍ଷମତା, ସୌନ୍ଦର୍ଯ୍ୟବୋଧତା, ନୈତିକ କର୍ମର ପଦକ୍ରମତାରେ ଦେଖିବା ଲାଗି ସାଂସ୍କୃତିକ ଦୃଷ୍ଟିରୁ ପ୍ରତିବନ୍ଧିତ ହୋଇଥିବାରୁ ଆମେ କେବଳ ସେହି ସଙ୍କେତଗୁଡ଼ିକୁ ବୁଝିପାରୁ ଓ ସେଗୁଡ଼ିକର ଉଚିତ ଆକଳନ ମଧ୍ୟ କରିଥାଉ। ଚାଇନିଜ୍‌ମାନେ ଖାଦ୍ୟ ଖାଇବା ପାଇଁ ଚୋପଷ୍ଟିକ ବ୍ୟବହାର କରିଥାଆନ୍ତି ଏବଂ ଭାରତୀୟମାନେ ଖାଦ୍ୟ ଖାଇବାରେ ଡାହାଣ ହାତ ଅଙ୍ଗୁଳିଗୁଡ଼ିକ ବ୍ୟବହାର କରିବା ଦେଖିଲେ ସତର୍କ କରାଯାଇପାରେ। ଜଣଙ୍କର ପଦ୍ଧତି କାହିଁକି ଅନ୍ୟଠାରୁ ଉନ୍ନତ ବୋଲି ଉଭୟ ଗୋଷ୍ଠୀ ହୁଏତ ଯୁକ୍ତି କରିପାରନ୍ତି। କାରଣ ସେମାନେ ପରସ୍ପର ସେମାନଙ୍କ ସଂସ୍କୃତି ଧାରାରେ ଓତପ୍ରୋତଃ ଭାବେ ଜଡ଼ିତ ଏବଂ ସେହି ସଙ୍କେତ ସବୁ ସଂସ୍କୃତିର ପରିପ୍ରକାଶ। ଧନର ପ୍ରତୀକ ଭାବେ ଗହଣାକୁ ବିଚାର କରିବାରେ କୌଣସି ଯୁକ୍ତିସଙ୍ଗତ ଭାବନା ନାହିଁ, କିନ୍ତୁ ଏହା ଅହଂକାରର ସଙ୍କେତ। ମରୁଭୂମିରେ ରହୁଥିବା ଓ ସେଠାକାର ସଂସ୍କୃତିକୁ ଆପଣାଇଥିବା ଲୋକମାନେ ପରଦା ଓ ମାସ୍କ ପିନ୍ଧନ୍ତି। ଏପରି କି ମରୁଭୂମି ବାହାରେ ସେମାନେ ଏଭଳି ପୋଷାକ ପନ୍ଧିଥାଆନ୍ତି। ସେମାନେ ବାଲିଝଡ଼ରୁ ନିଜକୁ ସୁରକ୍ଷିତ ରଖିବା ଲାଗି ଏଭଳି କରନ୍ତି ନାହିଁ, ବରଂ ଏହା ଏବେ ସଂସ୍କୃତିର ଏକ ସୂଚକ, ପରିଚୟର ପ୍ରତୀକ ହୋଇଯାଇଛି। ଏଣୁ ଆମେ ଯାହା ପ୍ରଦର୍ଶନ କରୁଛୁ ତାହା ଯୁକ୍ତି ଆଧାରିତ ନୁହେଁ।



ଏହା ସହ ଈର୍ଷାଠାରୁ ଆରମ୍ଭ କରି ଘୃଣା ଯାଏ, ଲୋଭ ଠାରୁ କ୍ରୋଧ ଯାଏ ; ପ୍ରତିଟି ଭାବନାକୁ ପ୍ରତ୍ୟେକ ମଣିଷ ଅନୁଭବ କରେ। ଆମେ ଏସବୁକୁ ସ୍ଥୂଳତଃ ଦେଖିପାରୁନାହୁଁ, କିନ୍ତୁ ତାହାର ପରିଣାମଗୁଡ଼ିକୁ ଭଲ ଭାବେ ଅନୁଭବ କରିଥାଉ।

ଦେଖିବାର କଳା ବା କ୍ରିୟା ଅନ୍ୟମାନଙ୍କୁ ବୁଝିବା ଓ ଆମ ଭାବନା, ବ୍ୟବହାର, ବିଚାର କିମ୍ବା କାର୍ଯ୍ୟକଳାପ ଜାଣିବା ପାଇଁ ଅନ୍ତର୍ଦୃଷ୍ଟି ପ୍ରଦାନ କରିଛି। କେତେଜଣ ବନ୍ଧୁ ସେମାନଙ୍କ ସମ୍ପର୍କିତ ପ୍ରତ୍ୟେକ ବିଚାର ବା କାର୍ଯ୍ୟକଳାପକୁ କିପରି ପରିବର୍ତ୍ତନ କରିପାରନ୍ତି, ତାହା ସେମାନଙ୍କ କଥୋପକଥନରୁ ଆମେ ଅନୁଭବ କରିଥାଉ। ଆମେ ଯାହା ବି ଅନୁଭବ କରୁ ତାହା ସବୁବେଳେ ସେମାନଙ୍କ ସମ୍ପର୍କିତ ବିଷୟ ହିଁ ହୋଇଥାଏ, ଅନ୍ୟମାନଙ୍କ ସମ୍ପର୍କରେ ନୁହେଁ। ଅନ୍ୟପଟେ ସେମାନେ ଯେତେବେଳେ ତୁମ ସମ୍ପର୍କରେ ବିଚାର କରିବେ, ସେତେବେଳେ ସେମାନେ ବାସ୍ତବରେ ତୁମର ପ୍ରତିଷ୍ଠା, ଧନ, କ୍ଷମତାକୁ ଦେଖିବେ। ସେମାନେ କେବେ ବି ତୁମ ଭୟ ଓ ଅସୁରକ୍ଷା ବିଷୟକୁ ଦେଖିବେ ନାହିଁ। ଆମେ ଦେବଦେବୀଙ୍କ ପ୍ରତିଷ୍ଠା ଓ ଶକ୍ତି ସମ୍ପର୍କରେ ମଧ୍ୟ ଭିନ୍ନ ଭାବନା ଆଣିଥାଉ। ସେମାନେ ଆମ ସୁରକ୍ଷା ଓ ବିପଦଗୁଡ଼ିକୁ ଦେଖିବେ ବୋଲି ସେମାନଙ୍କ ନିକଟକୁ ଯାଇଥାଉ। ଏଥିପାଇଁ ଏକ ହିନ୍ଦୁ ମନ୍ଦିରରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ କାର୍ଯ୍ୟକୁ ଦର୍ଶନ କିମ୍ବା ଦେଖିବା ବୋଲି କୁହାଯାଉଛି। ଦର୍ଶନାର୍ଥୀମାନେ ବରାଜିତ(ପ୍ରତିଷ୍ଠିତ) ଦେବୀଙ୍କ ପ୍ରତିମାକୁ ଦେଖିଥାଆନ୍ତି। ବିଶେଷକରି ତାଙ୍କର ବଡ଼ ଆଖି ରହିଛି ଏବଂ ଦର୍ଶନାର୍ଥୀ ତାଙ୍କୁ ଦର୍ଶନ କଲେ ସେ ସେମାନଙ୍କୁ ମଧ୍ୟ ଦେଖିଥାନ୍ତି ବୋଲି ମନେକରାଯାଏ। ଦେବୀଙ୍କ ପ୍ରତିମା ବାସ୍ତବ ମୂର୍ତ୍ତିଠାରୁ ସମ୍ପୂର୍ଣ୍ଣ ଭିନ୍ନ ବି ହୋଇଥାଏ। ସ୍ୱତନ୍ତ୍ର ଧାର୍ମିକ କାର୍ଯ୍ୟ ଦ୍ୱାରା ଏଥିରେ ପ୍ରାଣ ପ୍ରତିଷ୍ଠା କରାଯିବା ଦ୍ୱାରା ଏହା ଚେତନ ଓ ସଚେତନତାକୁ ପ୍ରତିପାଦିତ କରେ। ତା'ପରେ ଏହାକୁ ଚେତନ ଶକ୍ତି ଭାବେ କଳ୍ପନା କରାଯାଏ। ଏହା ଏବେ 'ଅର୍ଚ୍ଚ' ବା ପୂଜ୍ୟ ମୂର୍ତ୍ତି ପାଲଟିଯାଏ ଏବଂ ପୂଜା ବା ଅର୍ଚ୍ଚନା ଯୋଗ୍ୟ ହୋଇଯାଏ।

ବଞ୍ଚିବା ଲାଗି କେବଳ ଅନୁକୂଳ ସ୍ଥିତି ସନ୍ଧାନ କରିବା ସହ ବିପଦଗୁଡ଼ିକ ଉପରେ ନଜର ରଖୁଥିବା ଗୋଟିଏ ଉଦ୍ଭିଦ କିମ୍ବା ପ୍ରାଣୀ ଭଳି ଭକ୍ତ ବଞ୍ଚିବା ପାଇଁ ଉପଯୁକ୍ତ ସ୍ଥିତି ଓ ଜୀବନ ପ୍ରତି ଭୟ ସୃଷ୍ଟି କରୁଥିବା ବିପଦଗୁଡ଼ିକୁ ଦେବଦେବୀ ଦେଖି ଭକ୍ତଙ୍କୁ ସାହାଯ୍ୟ କରିବାରେ ବିପରୀତ ସ୍ଥିତି ଦେଖିବାକୁ ମିଳେ। ହେଲେ ଭକ୍ତ ଦେବଦେବୀଙ୍କୁ ପ୍ରସାଦ, କପଡ଼ା ଏବଂ ସୁଖ ସୁବିଧା ଦେଇ ତା'ଆଦରର କ୍ଷମତା ପ୍ରଦର୍ଶିତ କରିଥାଏ। ସମ୍ଭବତଃ, ଏହି କାରଣରୁ ଆମ ପୂର୍ବପୁରୁଷମାନେ ଦର୍ଶନ ଭଳି ଧାର୍ମିକ କାର୍ଯ୍ୟ ଦ୍ୱାରା ଆମମାନଙ୍କ ଧ୍ୟାନ ଓ ଉଦାରତା ଆକର୍ଷିତ କରିବା ସକାଶେ ଚେଷ୍ଟା କରୁଥିଲେ। ଭଗବାନ୍ ଆମକୁ ଦେଖନ୍ତୁ ବୋଲି ଆମେ ଆଶା କରୁଛୁ , ହେଲେ ଆମେ ଆମ ସାଥୀ ମଣିଷଙ୍କୁ ଠିକ୍ ସେହିଭଳି ଦେଖୁଛୁ କି?

devdutt.pattanaik@gmail.com

# ଜଳବୁଡ଼ି ମୃତ୍ୟୁ ଚିନ୍ତାର କାରଣ



ଶେଖ୍ ଫରିଦଉଦ୍ଦିନ

ଏକ ସରକାରୀ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ, ରାଜ୍ୟରେ ବର୍ଷକୁ ହାରାହାରି ୪୩୧ ଜଣ ପାଣିରେ ବୁଡ଼ି ମରୁଛନ୍ତି। ଗତ ତିନିବର୍ଷ ମଧ୍ୟରେ ୧୨୯୨ ଜଣ ପ୍ରାଣ ହରାଇଥିବାବେଳେ ଅଧିକ ସଂଖ୍ୟକ ଯୁବକଙ୍କ ମୃତ୍ୟୁ ଘଟିବା ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ରାଜ୍ୟ ସରକାର ୮ଟି ପ୍ରାକୃତିକ ବିପର୍ଯ୍ୟୟକୁ ରାଜ୍ୟସ୍ତରୀୟ ବିପର୍ଯ୍ୟୟ ତାଲିକାରେ ଅନ୍ତର୍ଭୁକ୍ତ କରିଛନ୍ତି। ଏଥିମଧ୍ୟରେ ପାଣିରେ ବୁଡ଼ି ମରିବା, ବଜ୍ରପାତ, ଘୂର୍ଣ୍ଣିଝଡ଼, ପ୍ରବଳ ବୃଷ୍ଟିପାତ, ଅଂଶୁଘାତ, ନୌକା ଦୁର୍ଘଟଣା, ଘୂର୍ଣ୍ଣିବାତ୍ୟା ଓ ସାପକାମୁଡ଼ା। ଏହିସବୁ ଦୁର୍ବିପାକରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ସରକାର ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରୁଛନ୍ତି। ବିଗତ ୩ ବର୍ଷ ମଧ୍ୟରେ ୧୨୯୨ ଜଣ ବ୍ୟକ୍ତି ପାଣିରେ ବୁଡ଼ି ମରିଥିବା ଜଣାଯାଇଛି। ଏହି ମୃତ୍ୟୁ ବନ୍ୟାଜନିତ ନୁହେଁ। କାରଣ ବନ୍ୟା ସମୟରେ ବୁଡ଼ି ମୃତ୍ୟୁକୁ ବନ୍ୟାଜନିତ ମୃତ୍ୟୁ ଭାବେ ଗଣାଯାଇଥାଏ। ପ୍ରତିବର୍ଷ ପାଣିରେ ବୁଡ଼ି ମରୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୨୦୧୫-୧୬ ବର୍ଷରେ ୨୪୬ ଜଣ ବୁଡ଼ି ମରିଥିବା ବେଳେ ୨୦୧୬-୧୭ରେ ଏହି ସଂଖ୍ୟା ୪୨୮ ଓ ୨୦୨୦-୨୧ରେ ୬୭୪ ରେକର୍ଡ କରାଯାଇଛି। ହାରାହାରି ଭାବେ ପ୍ରତିବର୍ଷ ୪୩୧ ଜଣ ପାଣିରେ ବୁଡ଼ି ମରୁଛନ୍ତି। ରାଜ୍ୟର ୨୯ଟି ଜିଲାର ୨୩୮ ବ୍ଲକରେ ୧୨୯୨ ଜଣ ପାଣିରେ ବୁଡ଼ି ମରିଥିବାବେଳେ ବୌଦ୍ଧ ଜିଲାରେ ଜଣେ ହେଲେ କେହି ଏଥିରେ ମରିନାହାନ୍ତି। ସେହିଭଳି ବିଗତ ୩ ବର୍ଷ ମଧ୍ୟରେ ୭୬ଟି ବ୍ଲକରେ ମଧ୍ୟ ଏହିଭଳି ମୃତ୍ୟୁ ରେକର୍ଡ ହୋଇନାହିଁ।

ସର୍ବାଧିକ ଜଳବୁଡ଼ି ମୃତ୍ୟୁ ଜୁଲାଇରୁ ନଭେମ୍ବର ମଧ୍ୟରେ ଘଟୁଛି। ଏଭଳି ଦୁର୍ଘଟଣାରେ ମରୁଥିବା ୧୨୯୨ଜଣଙ୍କ ମଧ୍ୟରୁ ୭୮୩ ଅର୍ଥାତ୍ ୬୧% ମୃତ୍ୟୁ ଏହି ୫ ମାସ ମଧ୍ୟରେ ଘଟିଛି। ବର୍ଷାଋତୁରେ ସର୍ବାଧିକ ମୃତ୍ୟୁ ଘଟୁଥିବା ଜଣାଯାଇଛି। ଏହାଛଡ଼ା ପୁରୀ, କୋଣାର୍କ ଓ ଗୋପାଳପୁର ବେଳାଭୂମିରେ ସମୁଦ୍ରରେ ବୁଡ଼ି ବି ଅନେକେ ମରୁଛନ୍ତି। ୨୦୦୪ରେ ଦକ୍ଷିଣ-ପୂର୍ବ ସମୁଦ୍ରରେ ଆସିଥିବା ସୁନାମି ପରଠାରୁ କୋଣାର୍କ ଓ ପୁରୀ ବେଳାଭୂମିରେ ଉଚ୍ଚ ଜୁଆର ଲକ୍ଷ୍ୟ କରାଯାଉଥିବା ବେଳେ ଗୋପାଳପୁରରେ ମଧ୍ୟ ଏଭଳି ଦେଖିବାକୁ ମିଳୁଛି। ପୂର୍ଣ୍ଣିମା ଓ ଅମାବାସ୍ୟା ତିଥିରେ ସାମୁଦ୍ରିକ ବିଦ୍ୟୁତ୍ ଅନୁଭୂତ ହେଉଥିବା ବେଳେ ସେହି ସମୟରେ ସତର୍କ ରହିବା ଲାଗି ଲୋକଙ୍କୁ ପରାମର୍ଶ ଦିଆଯାଉଛି। ଜିଲା ପ୍ରଶାସନ ପକ୍ଷରୁ ସମୁଦ୍ର କୂଳରେ ହୋମ୍‌ଗାର୍ଡ ଓ ନୋଳିଆଙ୍କୁ ମୁତୟନ କରାଯାଇଥିବା ବେଳେ ଯୁବକମାନେ ଏଠାରେ ନିୟମିତ ବୁଡ଼ି ମରିବା ଚିନ୍ତାର କାରଣ ପାଲଟିଛି। ଚିଲିକା ଡଙ୍ଗାବୁଡ଼ି ସମୟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ବୈଠକରେ ରାଜ୍ୟ ବୋଟ୍ ନିୟମ-୨୦୦୪ ଓ ଶହୀଦ ବାଜି ରାଉତ ନୌଯାତ୍ରା ସୁରକ୍ଷା ଯୋଜନାକୁ କଡ଼ାକଡ଼ି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରେ ସେତୁ ଯୋଗାଯୋଗ ନ ଥିବାରୁ ଅସୁରକ୍ଷିତ ଭାବେ ଭରାନଈରେ ଲୋକମାନେ ଯାତାୟାତ କରୁଛନ୍ତି। ବେଳେବେଳେ ଦୁଃଖଦ ଘଟଣା ସମସ୍ତଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟୁଛି। ରାଜ୍ୟ ସରକାରଙ୍କ ବୋଟ୍ ନିୟମ-୨୦୦୪କୁ କଡ଼ାକଡ଼ିର ବ୍ୟବସ୍ଥା ସହ ନୌଯାତ୍ରା ବେଳେ ଲାଇଫ୍ ଜ୍ୟାକେଟକୁ ବାଧ୍ୟତାମୂଳକ କରିବା ସହ ସବୁ ବୋଟ୍‌ର ପଞ୍ଜୀକରଣର ବାଧ୍ୟତାମୂଳକ ବ୍ୟବସ୍ଥା ରହିଛି। ମାଡ୍ରାସ ଆଇଆଇଟି ଯନ୍ତ୍ରୀଙ୍କ ପରାମର୍ଶ ମୁତାବକ, ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ ହୋଇ ଯାତ୍ରା ସମୟରେ ପ୍ରତ୍ୟେକ ବୋଟ୍‌ରେ ତାଲିମ୍‌ପ୍ରାପ୍ତ ଉଦ୍ଧାରକାରୀ ଦଳ ନିୟୋଜିତ ହେବା ସହ ବୋଟ୍‌ର ଯାନ୍ତ୍ରିକ ପରିଚାଳନା ଲାଗି ଯାନ୍ତ୍ରିକ ବିଶେଷଜ୍ଞଙ୍କ ନିଯୁକ୍ତି ଜରୁରୀ। ଯେଉଁ ଡଙ୍ଗାର ବୈଧତା ନ ଥିବ ସେଗୁଡ଼ିକୁ ସମୁଦ୍ର ଭିତରକୁ ଯିବା ପାଇଁ ଅନୁମତି ମିଳିବ ନାହିଁ। ଏହାବାଦ୍ ମାଛଧରା ବୋଟ୍ ବା ଡଙ୍ଗାରେ ସାଧାରଣ ଯାତ୍ରୀଙ୍କୁ କୌଣସି ପ୍ରକାର ଉଠାଯିବ ନାହିଁ। ବୋଟ୍‌ର ପଞ୍ଜୀକରଣ ନ ଥିଲେ ଜିଲା ପ୍ରଶାସନ ତୁରନ୍ତ ଲାଇସେନ୍ସ ରଦ୍ଦ ଓ ଜରିମାନା ପାଇଁ ବ୍ୟବସ୍ଥା ରହିଛି। ସେହିପରି ସରକାର ୭କୋଟି ଟଙ୍କାର ଲାଇଫ୍ ଜ୍ୟାକେଟ ଓ ଅନ୍ୟାନ୍ୟ ଯାନ୍ତ୍ରିକ ଉପକରଣ ସଂଗ୍ରହ କରି ରଖିଛନ୍ତି ହେଲେ ନିୟମାବଳୀ ଠିକ୍ ଭାବେ କାର୍ଯ୍ୟକାରୀ ନ ହୋଇ କାଗଜକଲମରେ ସାଇତା ହୋଇ ରହିଥିବାରୁ ନିୟମିତ ଭାବେ ଓଡ଼ିଶାରେ ଏପରି ଦୁଃଖଦ ଘଟଣା ଘଟୁଛି।

**ମଧୁପୁର, କୁଆଁପାଳ, କଟକ**
**ମୋ: ୯୪୩୭୦୦୪୮୮୮**

## ଏଇ ଭାରତରେ

ଜଳ ଅପଚୟ ରୋକିବାରେ ବେଙ୍ଗାଲୁରୁର ଲଳିଥାମ୍ବା ବିଶ୍ୱନାଥିଆଙ୍କ ପ୍ରୟାସ ପ୍ରଶଂସନୀୟ। ସେ ୧୨୫ଟି ସ୍କୁଲ, ବିବାହ ମଣ୍ଡପ ଓ ସମ୍ମିଳନୀ କକ୍ଷଗୁଡ଼ିକରେ ଏରେଟର ଲଗାଇ ୧୮ ଲକ୍ଷ ଲିଟର ପାଣି ବଞ୍ଚାଇବାରେ ସକ୍ଷମ ହୋଇପାରିଛନ୍ତି। ଏହାକୁ ସେ ଟ୍ୟାପ୍ ଉପରେ ଲଗାଇ ପାଣି ଅପଚୟ ରୋକିପାରୁଛନ୍ତି। ଏହାଦ୍ୱାରା ପ୍ରତି ମିନିଟ୍‌ରେ ୧୦ ଲିଟର ପାଣି ବଞ୍ଚାଯାଇପାରୁଛି। ଏଥିପାଇଁ ସେ ୧୨,୦୦୦ ଟଙ୍କା ନିଜ ପକେଟରୁ ବ୍ୟୟ କରିଛନ୍ତି। ସେ କଠିନ ବର୍ଜ୍ୟ ପରିଚାଳନାଠାରୁ ଆରମ୍ଭ କରି ବହୁ ସାମାଜିକ କାର୍ଯ୍ୟକ୍ରମ ସହ ବିଦ୍ୟୁତ୍ ଓ ୱାଟର ବୋର୍ଡ ସମ୍ପର୍କିତ ସମସ୍ୟାଗୁଡ଼ିକରେ ଜଡ଼ିତ ରହି ୧୩ ବର୍ଷ ହେଲା କାର୍ଯ୍ୟ କରିଆସୁଛନ୍ତି। କେବଳ ଏତିକି ନୁହେଁ, ଲଳିଥାମ୍ବା ମଧ୍ୟ କ୍ରୋକେରି ବ୍ୟାଙ୍କ କରିଛନ୍ତି, ଯେଉଁଥିରେ ୨୦୦ ଚାଇନା ମାଟିପାତ୍ର ସହ ବିଭିନ୍ନ ରୋଷେଇ ସାମଗ୍ରୀ ରଖିଛନ୍ତି। ବିଭିନ୍ନ ଉତ୍ସବ ଲାଗି ଏହାକୁ ସେ ଲୋକମାନଙ୍କୁ ମାଗଣାରେ ଯୋଗାଇ ଦେଉଛନ୍ତି। ବର୍ଜ୍ୟମୁକ୍ତ ପରିବେଶ ପାଇଁ ସେ ଏହି ଅଭିଯାନ ଚଳାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୫ ମେ ୧୯୯୭

- ପାକିସ୍ତାନ ଇଣ୍ଟରନ୍ୟାସନାଲ ଏୟାରଲାଇନ୍ସ (ପିଆଇଏ)ରେ ବେଆଇନ ନିଯୁକ୍ତି ଦେବା ଅଭିଯୋଗରେ ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ଶାସନ ଅମଳର ୪ ବରିଷ୍ଠ ଅଫିସର ଗିରଫ।
- ବରିଷ୍ଠ ସମତାପାର୍ଟି ନେତା ତଥା ସାଂସଦ ନିତିଶ କୁମାର ବିହାର ସମତାପାର୍ଟି ଶାଖା ସଭାପତି ନିର୍ବାଚିତ।
- ବିଶିଷ୍ଟ ଲେଖିକା, ସମାଜସେବୀ ତଥା ସ୍ତମ୍ଭକାର ପଦ୍ମାଳୟା ଦାଶଙ୍କ ୬୫ ବର୍ଷ ବୟସରେ ପରଲୋକ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | 7 | | | |
| | | | | | 9 | | | 8 |
| | | | 1 | | 3 | 5 | | 2 |
| | | 8 | | | 2 | | | |
| | 9 | 1 | | | 4 | 7 | 6 | |
| | 4 | | | 7 | | | | 9 |
| | | | 2 | | | | | |
| 6 | | | | | | | 9 | |
| | 5 | | | | 8 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 1 | 3 | 7 | 8 | 6 | 4 | 9 |
| 9 | 3 | 4 | 1 | 6 | 5 | 8 | 7 | 2 |
| 7 | 6 | 8 | 9 | 4 | 2 | 1 | 5 | 3 |
| 1 | 4 | 3 | 8 | 5 | 9 | 7 | 2 | 6 |
| 6 | 5 | 2 | 4 | 3 | 7 | 9 | 1 | 8 |
| 8 | 9 | 7 | 2 | 1 | 6 | 4 | 3 | 5 |
| 2 | 7 | 5 | 6 | 9 | 1 | 3 | 8 | 4 |
| 4 | 1 | 9 | 5 | 8 | 3 | 2 | 6 | 7 |
| 3 | 8 | 6 | 7 | 2 | 4 | 5 | 9 | 1 |

ଗତକାଲିର ଉତ୍ତର

# 'ଭିଜିଲାନ୍ସ' ପ୍ରଚାର ବେଶି, ଫଳ କମ୍



ସହଦେବ ସାହୁ

ହରିନାମ କୀର୍ତ୍ତନାଦି ଶେଷରେ ପ୍ରସାଦ ପାଇଁ ପରସ୍ପର ଉପରେ ପଡ଼ି ଛଡ଼ାଛଡ଼ି ହୋଇ ଖାଇବାର ଏକ ଉତ୍ସବକୁ ମଧ୍ୟଯୁଗରେ ହରିଲୁଟ୍ କୁହାଯାଉଥିଲା। ଏ ଉତ୍ସବରେ ଦାତାଙ୍କ ଦ୍ୱାରା ପ୍ରଦତ୍ତ ପ୍ରସାଦର ବଣ୍ଟନ ଆରମ୍ଭ ହେଲା କ୍ଷଣି ଭକ୍ତମାନେ ଟଣାଟଣି କରି ପ୍ରସାଦ ଛଡ଼ାଇ ନେଉଥିବାର (ଅର୍ଥାତ୍ ଲୁଟ୍ କରିବାର) ଏକ ପରମ୍ପରା ଅଛି। ଲୁଟ୍ ଆରବିକ ଶବ୍ଦ ଓଡ଼ିଆରେ ବହୁଳ ବ୍ୟବହୃତ। ହରି ବଦଳରେ ଶାସକ ଦଳ, ଦାତା ବଦଳରେ ଦଳର ସୁପ୍ରିମୋ ବା ହାଇକମାଣ୍ଡ, ପ୍ରସାଦ ବଦଳରେ ସରକାରୀ ଯୋଜନା, ଭକ୍ତ ବଦଳରେ ଉପଭୋକ୍ତା ଓ ଉପଭୋକ୍ତାଙ୍କୁ ସୁପାରିସ କରୁଥିବା ଶାସକଦଳର ପ୍ରତିନିଧି ଏବଂ କୀର୍ତ୍ତନର ଆଧୁନିକ ପରିଭାଷା ହେଉଛି ଶାସକଦଳ ନେତାଙ୍କ ନୀତି ସପକ୍ଷରେ ଓକାଲତି (ସଭା ହେଉ କି ଟିଭିର ଲାଇଭ୍ ଆଲୋଚନା ହେଉ, ସେଠାରେ ବି)। ଗ୍ରାମପଞ୍ଚାୟତ ୱାର୍ଡ ମେମ୍ବରଠାରୁ ଆରମ୍ଭ କରି ଏମ୍‌ଏଲ୍‌ଏ ଓ ଏମ୍‌ପି ଯାଏ ଶାସକଦଳର ସ୍ଥାନୀୟ ପ୍ରତିନିଧି ଉପଭୋକ୍ତାଙ୍କୁ ଚିହ୍ନଟ (ସୁପାରିସ) କରିବାର ଭଡ଼ା (ଅର୍ଥଶାସ୍ତ୍ରରେ ରେଣ୍ଟିଂ) ଆଦାୟ କରନ୍ତି ; ଯେଉଁ କର୍ମଚାରୀମାନଙ୍କ ଜରିଆରେ ସରକାରୀ ଅନୁଦାନ ମିଳିବ ସେ କାହିଁକି ରିସ୍‌ପତ ନ ନେବ? ଲେଜିସ୍ଲେଟିଭ୍ ଶାଖାର ଲୋକ ହୋଇ ଦଳର ପ୍ରତିନିଧିମାନେ ଏକ୍‌ଜିକ୍ୟୁଟିଭ୍ କାମ କରାଇନିଅନ୍ତି। ବଡ଼ ଠିକା ହେଉ କି ନଗଣ୍ୟ ପାଇଖାନା ହେଉ ତାହା ପାଇବା ପାଇଁ ଯୋଗ୍ୟତା ସାର୍ଟିଫିକେଟ୍ ଭାବେ କାମ କରେ ରାଜନେତାଙ୍କ ସୁପାରିସ ଓ ସୁପାରିସ ତଳେ ଲୁଚିରହିଥିବା ରେଣ୍ଟିଂ ବା ପ୍ରଭାବର ଭଡ଼ା। ଦଳ ବି ଲେଜିସ୍ଲେଚର୍ ଜରିଆରେ ଏଥିପାଇଁ ଆଇନ କରିନିଏ- ବିଧେୟକ ହିସାବରେ ପାରିତ କରିନେଇ ଅଥବା ରୁଲ୍‌ସ ଆକାରରେ ଗୃହର ମେଜ ଉପରେ ପନ୍ଦର କି କୋଡ଼ିଏ ଦିନ ଥୋଇଦେଇ। ଉପୁରି ମିଳୁଥିବା ବ୍ୟବସ୍ଥାକୁ କାହିଁକି କେଉଁ ଦଳ ମନା କରିବ! ଦେଶରେ ଭ୍ରଷ୍ଟାଚାର ଚାଷ କରିବାରେ ସରକାରୀ କୃଷି (କଲ୍‌ଚର୍)ରେ ବାଲୁଙ୍ଗା ବୁଣିବାରେ ରାଜନୈତିକ ଦଳମାନେ ମହାନ୍ କୃଷକ! ଦେଶ ଧରାତଳକୁ ଯାଉ, ଦଳ ତ ଗାଦିରେ ରହିବ! ଏଭଳି କାରବାର ଏକ୍‌ଜିକ୍ୟୁଟିଭ୍ ଶାଖାର ଯେଉଁ ସରକାରୀ ଅଧିକାରୀ ଦେଖି ବି ଆପତ୍ତି କରେନାହିଁ ସେ କାହିଁକି ତା' କାମ ପାଇଁ ରେଣ୍ଟିଂ ନ ନେବ? ଭ୍ରଷ୍ଟାଚାରର ଭଦ୍ର ଶବ୍ଦ ରେଣ୍ଟିଂ ନାମରେ (ଅର୍ଥନୀତି ଶାସ୍ତ୍ରରେ) ଅଭିହିତ।

ରାଜ୍ୟ ସରକାରଙ୍କ ବ୍ୟାପାର ନିୟମ (ରୁଲ୍‌ସ ଅଫ୍ ବିଜ୍‌ନେସ୍) ଅନୁସାରେ ଭିଜିଲାନ୍ସ ସାଧାରଣ ପ୍ରଶାସନ ବିଭାଗ ଅଧୀନରେ କାମ କରେ: ସରକାରୀ ଅଧିକାରୀ ବା ସରକାରୀ ସାହାଯ୍ୟପ୍ରାପ୍ତ ସଂଗଠନ ଯେପରି ଭ୍ରଷ୍ଟାଚାର ନ କରନ୍ତି ତା' ଉପରେ ନଜର ରଖିବା ମାନେ ଭିଜିଲାନ୍ସ କାମ: ସେହି କାରଣରୁ ପ୍ରତ୍ୟେକ ବିଭାଗରେ ଓ ପ୍ରତି ରାଷ୍ଟ୍ରାୟତ୍ତ କମ୍ପାନୀରେ ଭିଜିଲାନ୍ସ ଅଧିକାରୀ ନିଯୁକ୍ତ ଅଛନ୍ତି ; ପ୍ରାୟ ସବୁ ଅର୍ଥ ମଞ୍ଜୁରି-ନଥି ସେମାନଙ୍କ ଜରିଆରେ ବିଭାଗୀୟ ମୁଖ୍ୟଙ୍କ ମଞ୍ଜୁରି ପାଇଁ ଯାଏ। କେବେ ଏହି ଭିଜିଲାନ୍ସ ଅଧିକାରୀମାନେ କୌଣସି ଅଧିକାରୀଙ୍କୁ ଧରିଥିବା ଖବର ଆପଣ ପାଉଛନ୍ତି କି? ଲାଞ୍ଚ କାରବାର ହେଉଥିବା ବେଳେ ଧରିବା ଖବର ଆମେ ଶୁଣୁ, ଘୁସ୍ ଦାବିରେ ଲୋକ ଅତିଷ୍ଠ ହୋଇ ଭିଜିଲାନ୍ସ ବିଭାଗ ପାଖରେ ଶରଣ ପଶନ୍ତି ବୋଲି 'ରେଡ୍ ହାଣ୍ଡେଡ୍' ଧରାପଡ଼େ (ନୋଟ ଉପରେ ବୋଳାହୋଇଥିବା କେମିକାଲ୍ ଲାଞ୍ଚନେଉଥିବା ଅଧିକାରୀର ହାତରେ ଲାଗିଯାଉଥିବାରୁ ଓ ତାହା ପାଣି ପଡ଼ିଲେ ପାପୁଲି ଲାଲ ଦିଶୁଥିବାରୁ ଏ ଧରପଗଡ଼ର ଏପରି ନାମ)। କାହା ଉପରେ ନିର୍ଭର ନ କରି ନିଜ ନଜରରେ ଭ୍ରଷ୍ଟାଚାର କାର୍ଯ୍ୟକୁ ଧରିନେବା ହିଁ ଭିଜିଲାନ୍ସ! ତାହା କେବେ ହେଉନାହିଁ, ବରଂ ପ୍ରତି ଭ୍ରଷ୍ଟାଚାରସୁରାକ ଭିଜିଲାନ୍ସ ବିଭାଗର କେତେକ ଅଧିକାରୀଙ୍କୁ ଅଯାଚିତ ଧନୀ କରିଥାଏ। ପବ୍ଲିକ୍ ସର୍ଭାଣ୍ଟ ଲାଞ୍ଚନେବା ଭଳି ପରିସ୍ଥିତିକୁ ଭିଜିଲାନ୍ସ ରୋକିବା କଥା! ତାହା କେବେ ହେଉନାହିଁ। ବିଭାଗଟିଏ ଅଛି ବୋଲି କିଛି କାମ ଦେଖାଇବା କଥା, ତେଣୁ ଆୟବହିର୍ଭୂତ ସମ୍ପତ୍ତିକୁ ଧରୁଛି, ଏଥିରେ ପବ୍ଲିକ୍ ସର୍ଭାଣ୍ଟଙ୍କ କୁଟୁମ୍ବଙ୍କ ସମ୍ପତ୍ତି ମିଶିଥିବାର ପ୍ରମାଣ ମିଳିଲେ ପବ୍ଲିକ୍ ସର୍ଭାଣ୍ଟର ଦୋଷ ଲାଘବ ହୋଇଯାଏ। ଅର୍ଥାତ୍ ଭିଜିଲାନ୍ସ ସାଧାରଣ ପୋଲିସ୍‌ର କାମ କରୁଛି!

ଭାରତୀୟ ପିଙ୍ଗଳ ସଂହିତାର ୨୧ ଧାରାରେ ଲୋକପ୍ରତିନିଧିମାନେ ପବ୍ଲିକ୍ ସର୍ଭାଣ୍ଟ ନୁହନ୍ତି, କିନ୍ତୁ ଭ୍ରଷ୍ଟାଚାର-ନିରୋଧ ଆଇନ, ୧୯୮୪ ପାରିତ ହେବା ପରଠୁ ଏମ୍‌ଏଲ୍‌ଏ ଓ ଏମ୍‌ପିମାନଙ୍କୁ ପବ୍ଲିକ୍ ସର୍ଭାଣ୍ଟ ଧରାଯାଉଛି। ସେମାନଙ୍କ ଭିତରୁ କେତେ ଜଣ ଭିଜିଲାନ୍ସ ଧରିଲାଣି? କାହା ଉପରେ ଛାପା ମାରିଲେ ତାହାର ବ୍ୟକ୍ତିଗତ ଗୋପନୀୟତା କ୍ଷୁଣ୍ଣ ହେବ ବୋଲି ଭିଜିଲାନ୍ସ ଅଫିସର୍‌ମାନେ କୋର୍ଟର ଅର୍ଡର ନିଅନ୍ତି, ପୁଣି ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଛାପା ମାରିବା ପାଇଁ ବହୁତ ଅଫିସର ଦରକାର ; ତେଣୁ ଲିକ୍ (ଗୋପନରେ ଖବର ପ୍ରଚାର) ହେବାର ସମ୍ଭାବନା ଅଛି ; ତେଣୁ ସମ୍ଭାବ୍ୟ ଧରପଗଡ ଜାଣି ଭ୍ରଷ୍ଟାଚାରୀ ତା' ଧନକୁ ଲୁଚାଇ ରଖିବାର ଚେଷ୍ଟା କରିଥାଏ। ପୁଣି ପବ୍ଲିକ୍ ସର୍ଭାଣ୍ଟ ଶାସକ ଦଳର ପ୍ରଭାବୀ ଲୋକ ବା ଅମଲାତନ୍ତ୍ରର ଉଚ୍ଚ ପଦବୀବାଲା ହୋଇଥିଲେ ମୁଖ୍ୟମନ୍ତ୍ରୀଙ୍କ ଆଦେଶ ଦରକାର। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଜଉମୁଦଦିଆ ନଥିକୁ ଖୋଲି ଭିତରେ ଆଖି ପକାଇପାରେ ଓ ତା'ର ସାଙ୍ଗସାଥୀକୁ ଜଣାଇ ଦେଇ ଧରାଧରିକୁ ଭଣ୍ଡୁର କରିପାରେ! ସମ୍ପୃକ୍ତ ପବ୍ଲିକ୍ ସର୍ଭାଣ୍ଟ ଯଥାସମୟରେ ମୁଖ୍ୟମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଭାବିତ କରିପାରୁଥିବା ରାଜନେତା ବା କୁଟୁମ୍ବଙ୍କୁ ଧରିପାରେ।



ପି. ଭି. ନରସିଂହ ରାଓଙ୍କ ସରକାରକୁ ପତନରୁ ରକ୍ଷା କରିବା ପାଇଁ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ଏମ୍‌ପିମାନେ (ଆମ ରାଜ୍ୟର କେନ୍ଦୁଝରର ସାଂସଦ ମୁଣ୍ଡା ବି ଅନ୍ତର୍ଭୁକ୍ତ ଥିଲେ) ଦୁର୍ନୀତି ନିବାରଣ ଆଇନରେ ଦୋଷୀ ସାବ୍ୟସ୍ତ ହୋଇଥିଲେ, ସୁପ୍ରିମ୍ କୋର୍ଟ ଏପରି ବିଚାର କରିଥିଲେ ହେଁ ଲାଞ୍ଚ ନେଇଥିବା ଏମ୍‌ପିମାନଙ୍କୁ ଦଣ୍ଡିତ କଲେ ନାହିଁ, କାରଣ ସେମାନେ ଟଙ୍କାର ମୁଣି ନେଇ ତା' ବଦଳରେ ସଂସଦରେ କାମ କରିଛନ୍ତି, ପଇସା ନେଇ ଉଦ୍ଦିଷ୍ଟ କାମ କରିଦେଲେ ତା' ପାରିଶ୍ରମିକ ହୋଇଗଲା ବୋଧହୁଏ! ଲାଞ୍ଚ ଦେଇଥିବା ଲୋକ ଦୋଷୀ ହେଲା। ଏ ଏକ ଅଦ୍ଭୁତ ବିଚାର, ଯାହା ସାଧାରଣ ଜନତା ଗ୍ରହଣ କରିନାହାନ୍ତି।

ସମ୍ପତ୍ତି ଠୁଳ ହୋଇଗଲା ପରେ ହିଁ ଆୟବହିର୍ଭୂତ ବୋଲି କଳନା କରିହେବ, ତାହା ତ ଭିଜିଲାନ୍ସ ନୁହେଁ ସାଧାରଣ ପୋଲିସିଂ, କନ୍ତୁ ଭିଲାନ୍ସ ପୋଲିସ୍ ଧରିଲା ବୋଲି ପ୍ରେସ୍‌ନୋଟ୍ ବାହାର କରିଦିଆଯାଉଛି, ଏ ଭୁଆଁ ବୁଲେଇବା ନୁହେଁ କି? ଭିଜିଲାନ୍ସ ଯେ 'ଅପରାଧ ଘଟୁଥିବା ସମୟର ନଜର' ତା ଭୁଲିଯାଉଛୁ ! ନିର୍ବାଚନ ସମୟର ବିଶ୍ଳେଷଣରେ ତ ଆସୋସିଏଶନ ଫର୍ ଡିମୋକ୍ରାଟିକ୍ ରିଫର୍ମ (ଏଡିଆର୍) ଓ ଓଡ଼ିଶା ଇଲେକ୍ସନ୍ ୱାଚ୍ ପ୍ରାର୍ଥୀମାନଙ୍କ ସତ୍ୟପାଠ ଉପରେ କେଉଁ ପ୍ରାର୍ଥୀ କେତେ ସମ୍ପତ୍ତି କରିଛନ୍ତି ତାହା ଦର୍ଶାଇଥାଆନ୍ତି। ଭିଜିଲାନ୍ସ କେବେ ଆୟବହିର୍ଭୂତ ମାମଲାରେ ବିଧାୟକ ବା ସାଂସଦଙ୍କୁ ଧରିଲାଣି କି? ଷଷ୍ଠ ବେତନ କମିଶନଙ୍କ ସୁପାରିସ୍ ପୂର୍ବରୁ ତ ଅଫିସରମାନଙ୍କ ଦରମା ସାମାନ୍ୟ କେଇ ହଜାର ଟଙ୍କାରେ ସୀମିତ ଥିଲା, ସେତେବେଳେ ଯେଉଁମାନେ ସମ୍ପତ୍ତି ଠୁଳ କରିଛନ୍ତି ସେମାନେ ପଦପଦବୀର ଅପବ୍ୟବହାର କରିନାହାନ୍ତି କି? ଭିଜିଲାନ୍ସର ଧରାଧରି ଭ୍ରଷ୍ଟାଚାରୀର ଧରାଧରି ଦ୍ୱାରା ପ୍ରତିହତ ହୋଇପାରେ।

sahadevas@yahoo.com

## ପାଠକ ଶ୍ରେଷ୍ଠ ବିଚାରକ

### ପାସ୍‌ବୁକ ପ୍ରିଣ୍ଟିଂରେ ସମସ୍ୟା

ମହାଶୟ,

ପୁରୀ ଏସ୍‌ବିଆଇ ଆଚାର୍ଯ୍ୟ ହରିହର ସ୍କୋୟାର ଶାଖାରେ ପାସ୍‌ବୁକ ପ୍ରିଣ୍ଟିଂରେ ପ୍ରବଳ ସମସ୍ୟା ଦେଖାଦେଇଛି। କର୍ମଚାରୀ ହଟାଇ ପାସ୍‌ବୁକ୍ ଅପଡେଟ ପାଇଁ ଯେଉଁ ସ୍ୱୟଂଚାଳିତ ମେଶିନ ରଖାଯାଇଛି ତାହା କାମ ନ କରିବାରୁ ଗ୍ରାହକଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି। ଅନେକ ସମୟରେ ମେଶିନ ଭିତରେ ପାସ୍‌ବୁକ୍ ରହିଯାଉଛି। ପୁଣି କେବେ ଠିକ୍ ଛପା ନ ହୋଇ ମଧ୍ୟ ପାସ୍‌ବୁକ୍‌ର ଅନେକ ପୃଷ୍ଠା ନଷ୍ଟ ହୋଇଯାଉଛି। ମ୍ୟାନେଜରଙ୍କୁ ଦେଖା କରିବା ପରେ ସେ କାଉଣ୍ଟର ପଠାଉଛନ୍ତି। କିନ୍ତୁ ମ୍ୟାନେଜରଙ୍କ କଥା ଶୁଣି ବି କାଉଣ୍ଟର କର୍ମଚାରୀ ବରିଷ୍ଠ ନାଗରିକ, ଗ୍ରାହକଙ୍କ କଥା ଓ ଅନୁରୋଧକୁ ହେୟଜ୍ଞାନ କରି ଫେରାଇ ଦେଉଛନ୍ତି।

**-ଦୁର୍ଗା ପ୍ରସାଦ ତ୍ରିପାଠୀ, ଅଧିବକ୍ତା, ପୁରୀ ଓକିଲ ସଂଘ**

### ନଳକୂପ ସଚଳ କରାଯାଉ

କଟକ ସହର ମଧ୍ୟରେ ଥିବା ପୁରୁଣା ନଳକୂପଗୁଡ଼ିକ ମଧ୍ୟରୁ ଅନେକ ଅଚଳ ହୋଇଯାଇଛି। କେଉଁଠି ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ଅନ୍ୟ କେଉଁଠାରେ ହଳଦିଆ ପାଣି ବାହାରୁଛି। ନଳକୂପଗୁଡ଼ିକ ଅଲୋଡ଼ା ହେବା ଦ୍ୱାରା ତା'ଉପରେ ଗଛଲତା ମାଡିଗଲାଣି। ଲୋକେ କିଭଳି ପାନୀୟ ଜଳ ପାଇବେ ସେଥିପାଇଁ ନଳକୂପଗୁଡ଼ିକୁ ତୁରନ୍ତ ମରାମତି କରିବା ଆବଶ୍ୟକ। ପାନୀୟ ଜଳ ଆଣିବା ପାଇଁ ଦୂର ଲୋକେ ସ୍ଥାନକୁ ଯାଉଛନ୍ତି। ବହୁ ସମୟରେ ସେମାନଙ୍କୁ ଶୋଷରେ ରହିବାକୁ ପଡୁଛି। ପ୍ରଚଣ୍ଡ ଖରାରୁ ରକ୍ଷା ପାଇବା ପାଇଁ ପାଣି ଏକାନ୍ତ ଆବଶ୍ୟକ। ବିକଳ୍ପ ବ୍ୟବସ୍ଥା କରାଯାଉ।

**-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

## ଚିରନ୍ତନୀ

ମୋ ମରମ କିପାଁ ସଚକିତ ଯେ
ଫଗୁଣ-ଜୋଛନା ତଳେ ମିତ ହେ!
ଯୌବନ ଛଳ ଛଳ ଧରଣୀ
ନୀଳ ଜଳେ ଭାସିଯାଏ ତରଣୀ
ଉନ୍ମନା ଆଜି ମୋର କରଣୀ
ନ ମାନଇ ଭାଷା ବନ୍ଧର ଗୀତ ସେ!

-(ଫଗୁଣ ଜ୍ୟୋତ୍ସ୍ନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅପରାଧ ତାଲିକା ଦେବେ ପ୍ରାର୍ଥୀ

ଭୁବନେଶ୍ୱର,୪।୫(ବ୍ୟୁରୋ)

**ବ୍ରଜରାଜନଗର ଉପନିର୍ବାଚନ**
- ■ପ୍ରକାଶ ପାଇଲା ବିଜ୍ଞପ୍ତି
- ■୨.୧୪ ଲକ୍ଷ ଭୋଟର
- ■୨୭୯ ବୁଥ୍‌ରେ ହେବ ମତଦାନ
- ■ମେ' ୩୧ରେ ଭୋଟ, ଜୁନ୍ ୩ରେ ଗଣତି

ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପାଇଁ ବୁଧବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିସହିତ ନାମାଙ୍କନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ। ମେ' ୧୨ରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ୧୭ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଛି।

ନିର୍ବାଚନ ସୂଚୀ ଅନୁସାରେ ମେ' ୩୧ ତାରିଖ ଭୋଟ ଗ୍ରହଣ, ଜୁନ୍ ୩ ତାରିଖ ଭୋଟ ଗଣତି ଓ ୫ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ନିର୍ବାଚନ ତାରିଖ ଘୋଷଣା ଦିନଠାରୁ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ସହ ସମଗ୍ର ଝାରସୁଗୁଡ଼ା ଜିଲା ଏବଂ ଜିଲା ମଧ୍ୟରେ ଥିବା କେନ୍ଦ୍ର ସରକାର ଓ ପିଏସ୍‌ୟୁର ସଂସ୍ଥାଗୁଡ଼ିକ ପାଇଁ ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି। ୨୦୨୨ ଜାନୁୟାରୀ ୧ ତାରିଖ ସୁଦ୍ଧା ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ସମୁଦାୟ ଭୋଟର ୨,୧୪,୭୪୫ । ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟର ୧,୦୯,୯୯୮, ମହିଳା ଭୋଟର ୧,୦୪,୭୩୯ ହୋଇଥିବାବେଳେ ତୃତୀୟ ଲିଙ୍ଗ ଭୋଟରଙ୍କ ସଂଖ୍ୟା ୧୭ । ସମୁଦାୟ ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ୩୫୧୯ ଥିବା ବେଳେ ସେଥିରୁ ୧୯୪୩ ମହିଳା ଓ ୧୫୭୬ ଜଣ ପୁରୁଷ ଭୋଟର ଅଛନ୍ତି । ୮୦ ବର୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ସଂଖ୍ୟା ୩୧୨୭ ଓ ସେଥି ମଧ୍ୟରୁ ୧୪୩୨ ଜଣ ମହିଳା ଓ ୧୬୯୫ ଜଣ ପୁରୁଷ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ସମୁଦାୟ ବୁଥ୍ ସଂଖ୍ୟା ୨୫୭ । କୋଭିଡ୍ ଦୃଷ୍ଟିରୁ ପ୍ରତି ବୁଥ୍‌ରେ ସର୍ବାଧିକ ୧୨୫୦ ଭୋଟର ମତଦାନ ନିମନ୍ତେ ନିଷ୍ପତ୍ତି ହୋଇଛି। ସେହି ଦୃଷ୍ଟିରୁ ଅତିରିକ୍ତ ୨୨ଗୋଟି ବୁଥ୍ କରାଯାଇ ମୋଟ ବୁଥ୍ ସଂଖ୍ୟା ୨୭୯କୁ ବୃଦ୍ଧି ପାଇଛି। ଉପନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ଇଭିଏମ୍ ଏବଂ ଭିଭିପାଟ୍‌ଗୁଡ଼ିକୁ ଇସିଆଇଏଲ୍‌ସ୍ଥିତ ହାଇଦ୍ରାବାଦ୍‌ରୁ ଅଣାଯାଇ ପ୍ରଥମ ପର୍ଯ୍ୟାୟ ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି। ଉପନିର୍ବାଚନ ବେଳେ କୋଭିଡ୍ ନିର୍ଦ୍ଦେଶାବଳୀର ଠିକ୍ ଭାବେ ଅନୁପାଳନ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ସମୟାନୁସାରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜାରି ହେଉଥିବା କୋଭିଡ୍ ନିର୍ଦ୍ଦେଶାବଳୀକୁ ଭୋଟରଙ୍କଠାରୁ ଆରମ୍ଭକରି ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀ କଡ଼ାକଡ଼ି ଭାବେ ପାଳନ କରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ଉପନିର୍ବାଚନରେ ଅଂଶଗ୍ରହଣ ପାଇଁ ଅପରାଧ ପୃଷ୍ଠଭୂମି ଥିବା ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାର ସମୟସୀମା ମଧ୍ୟରେ ୩ ଥର ଖବରକାଗଜ ଓ ଟେଲିଭିଜନ୍ ମାଧ୍ୟମରେ ପ୍ରକାଶିତ କରିବେ । ରାଜନୈତିକ ଦଳଗୁଡ଼ିକ ମଧ୍ୟ ଦଳ ମଧ୍ୟରେ ଅପରାଧ ପୃଷ୍ଠଭୂମି ଥିବା ପ୍ରାର୍ଥୀମାନଙ୍କ ବିବରଣୀ ନିର୍ବାଚନ ପ୍ରଚାର ସମୟରେ ଖବରକାଗଜ ଓ ଟେଲିଭିଜନ୍ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ବିଜେଡି ବିଧାୟକ କିଶୋର ମହାନ୍ତିଙ୍କ ଦେହାନ୍ତ ପରେ ଏହି ଆସନ ଖାଲି ପଡ଼ିଛି । ଡିସେମ୍ବର ୩୦ରେ ତାଙ୍କର ବିୟୋଗ ହୋଇଥିଲା। ମେ' ୩୦ତାରିଖ ସୁଦ୍ଧା ୬ମାସ ପୂରଣ ହେଉଛି। ଇତିମଧ୍ୟରେ ପ୍ରାୟ ସାଢେ ୪ ମାସ ବିତିଯାଇଛି । ଏହି ଆସନ ପାଇଁ ବିଜେଡି କାହାକୁ ପ୍ରାର୍ଥୀ କରିବ ଏ ନେଇ ସ୍ପଷ୍ଟ ହୋଇ ନାହିଁ। ତେବେ ସ୍ୱର୍ଗତ ବିଧାୟକଙ୍କ ପତ୍ନୀ ଅଳକା ମହାନ୍ତି ଏହି ଆସନ ପାଇଁ ପ୍ରାର୍ଥୀ ହେବାକୁ ସୂଚନା ଦେଇଛନ୍ତି । ନିୟମ ଦୃଷ୍ଟିରୁ ସେ ଟିକେଟ ପାଇବାକୁ ଯୋଗ୍ୟ ବୋଲି କହି ବିଜେଡି ଉପରେ ଚାପ ପକାଇବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି ।

# ରାଣା ଦମ୍ପତିଙ୍କୁ ସର୍ତ୍ତମୂଳକ ଜାମିନ


ଏମ୍‌ପି ନବନୀତ (ଡାହାଣ) ଏବଂ ତାଙ୍କ ବିଧାୟକ ସ୍ୱାମୀ ରବି ରାଣା।

ମୁମ୍ବାଇ, ୪।୫

**ହନୁମାନ ଚାଳିସା ବିବାଦ**

ହନୁମାନ ଚାଳିସା ବିବାଦରେ ଗିରଫ ହୋଇଥିବା ଅମରାବତୀର ସ୍ୱାଧୀନ ଏମ୍‌ପି ନବନୀତ ରାଣା ଏବଂ ତାଙ୍କ ବିଧାୟକ ସ୍ୱାମୀ ରବି ରାଣାଙ୍କୁ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ବୁଧବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ମନୋଭାବକୁ ପ୍ରୋତ୍ସାହିତ କରିବା ଅଭିଯୋଗରେ ଉଭୟଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଥିଲା। ସ୍ୱତନ୍ତ୍ର ଜଜ୍ ଜାମିନ୍ ଶନିବାର ମାମଲାର ଶୁଣାଣି କରିଥିବାବେଳେ ବୁଧବାର ଉଭୟଙ୍କୁ ୫୦ ହଜାର ଟଙ୍କା ମୁଚାଲିକାରେ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। କୋର୍ଟ ରଖିଥିବା ସର୍ତ୍ତ ଅନୁସାରେ, ତଦନ୍ତକାରୀ ଅଧିକାରୀ ପଚରାଉଚରା ପାଇଁ ନୋଟିସ୍ ଦେବାର ୨୪ ଘଣ୍ଟା ପରେ ଏହି ଦମ୍ପତି ଅଫିସରଙ୍କ ସମ୍ମୁଖରେ ହାଜର ହେବେ। ଅଭିଯୁକ୍ତ ଦ୍ୱୟ ହନୁମାନ ଚାଳିସା ବିବାଦ ସହ ସମ୍ପର୍କିତ କୌଣସି ପ୍ରକାର ମତ ଗଣମାଧ୍ୟମ ସମ୍ମୁଖରେ ରଖିପାରିବେ ନାହିଁ। ସାକ୍ଷ୍ୟ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିବେ ନାହିଁ ଏବଂ ଜାମିନରେ ଥିବାବେଳେ ସମାନ ଅପରାଧରୁ ଦୂରେଇ ରହିବେ। ଏହି ସର୍ତ୍ତଗୁଡ଼ିକର ଉଲ୍ଲଘଂନ ହେଲେ ସେମାନଙ୍କ ଜାମିନ ଖାରଜ ହେବ ବୋଲି କୋର୍ଟ କହିଛନ୍ତି।

# ବୁର୍ଲା ମେଡିକାଲରେ ଦେବଗଡ଼ ବିଧାୟକ

ଦେବଗଡ଼,୪।୫(ଡି.ଏନ୍.ଏ.)

- ■ସ୍ୱାସ୍ଥ୍ୟାବସ୍ଥାରେ ଅବନତି
- ■ବାଚସ୍ପତିଙ୍କୁ ଭେଟିଲେ ଭାଜପା ବିଧାୟକ

ଦେବଗଡ଼ ଜିଲା ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲାରେ ଗିରଫ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ଅଧିକ ଚିକିତ୍ସା ନିମନ୍ତେ ବୁଧବାର ବୁର୍ଲାସ୍ଥିତ ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଛି। ବିଧାୟକ ପାଣିଗ୍ରାହୀ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗରେ ପୀଡିତ ଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରୁଥିବା ସେ ଡାକ୍ତରଙ୍କ ଆଗରେ ପ୍ରକାଶ କରିଥିଲେ। ସେହିପରି କୋଲେଷ୍ଟରଲ ସ୍ତର ମଧ୍ୟ ଉଚ୍ଚରେ ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଥିବା ଚିକିତ୍ସା ଦାୟିତ୍ୱରେ ଥିବା ଭେଷଜ ବିଶେଷଜ୍ଞ ଡାକ୍ତର ମନୋରଞ୍ଜନ ସାମଲ ସୂଚନା ଦେଇଛନ୍ତି। ଅନ୍ୟପଟେ ଭାଜପା ବିଧାୟକମାନେ ବୁଧବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ଭେଟି ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀଙ୍କ ବିରୋଧରେ ଲାଗିଥିବା ମିଛ ମାମଲା ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଗତ ୧ ତାରିଖରେ ଦେବଗଡ଼ ଥାନା ପୋଲିସ ବିଧାୟକଙ୍କୁ ଭୁବନେଶ୍ୱରରୁ ଗିରଫ କରିଆଣୁଥିବାବେଳେ ବାଟରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ଫଳରେ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାଲାଇନ ଲଗାଇ ଚିକିତ୍ସା କରାଯାଇଥିଲା। ଏହା ପରେ କୋର୍ଟ ଚାଲାଣ କରାଯାଇଥିଲା। ଅଦାଲତ ତାଙ୍କୁ ଜେଲ ହାଜତକୁ ପଠାଇଥିବାବେଳେ ଅସୁସ୍ଥତା କାରଣରୁ ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଶୀତତାପ ନିୟନ୍ତ୍ରିତ ଆଇସୋଲେସନ ୱାର୍ଡରେ ଭର୍ତ୍ତି କରାଯାଇଥିଲା।

# ଦଳ ମୁଖ୍ୟଙ୍କ ନିଷ୍ପତ୍ତି ମାନିବା ଲାଗି ପ୍ରସ୍ତାବ ଗୃହୀତ


ବୈଠକରେ ଯୋଗଦେଇଥିବା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ପର୍ଯ୍ୟବେକ୍ଷକ ସୁବାସ ସିଂ, ଉପପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ ।

ଝାରସୁଗୁଡ଼ା ଅଫିସ,୪।୫

- ■ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ
- ■ବିଜେଡିର ସାଂଗଠନିକ ବୈଠକ

ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତିଙ୍କ ଅକାଳ ବିୟୋଗ ପରେ ଏଠାରେ ଉପନିର୍ବାଚନ ପାଇଁ ଦିନ ଧାର୍ଯ୍ୟ ହୋଇଛି। ଏ ନେଇ ନିର୍ବାଚନ ଆୟୋଗଙ୍କ ତରଫରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୩୧ରେ ମତଦାନ ହେବ। ତାରିଖ ଘୋଷଣା ହେବା ପରେ ବିଭିନ୍ନ ରାଜନୈତିକ ଦଳ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଏଥିରେ ବିଜେଡି ଆଗରେ ରହିଛି।

ଝାରସୁଗୁଡା ସହରର ଏକ ହୋଟେଲରେ ବୁଧବାର ବିଜେଡିର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ପର୍ଯ୍ୟବେକ୍ଷକ ସୁବାସ ସିଂ, ଉପପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପନିର୍ବାଚନରେ ଦଳ କିଭଳି ନିର୍ବାଚନ ଲଢି ସଫଳତା ହାସଲ କରିବ ସେ ସମ୍ପର୍କରେ ନେତାମାନେ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ପ୍ରାର୍ଥୀ ଚୟନ ନେଇ ଦଳ ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ନିଷ୍ପତ୍ତି ନେବେ ତାହାକୁ ସମସ୍ତେ ମାନିନେବେ ବୋଲି ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ଏହି ପ୍ରସ୍ତାବକୁ ଦଳର ମୁଖ୍ୟଙ୍କ ନିକଟକୁ ପଠାଇ ଦିଆଯିବ ବୋଲି ନେତୃବୃନ୍ଦ କହିଛନ୍ତି। ଦଳୀୟ ପ୍ରାର୍ଥୀ ଯେମିତି ବିପୁଳ ଭୋଟ୍ ବ୍ୟବଧାନରେ ବିଜୟୀ ହେବେ ସେ ନେଇ ପୂର୍ଣ୍ଣମାତ୍ରାରେ ସହଯୋଗ କରିବାକୁ ନେତୃବୃନ୍ଦ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରାର୍ଥୀ ଚୟନକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ନେତୃବୃନ୍ଦଙ୍କୁ ବାରମ୍ବାର ପ୍ରଶ୍ନ କରିଥିଲେ । ହେଲେ ସେମାନେ ଏହାକୁ ଏଡାଇଦେଇ ଦଳର ମୁଖ୍ୟ ଯାହାକୁ ଚୟନ କରିବେ ତାହାକୁ ସମସ୍ତେ ମାନିନେବେ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଉପନିର୍ବାଚନ ପରିଚାଳନା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏଥିରେ ଜିଲା ଉପପର୍ଯ୍ୟବେକ୍ଷକ କେଡିଆଙ୍କ ସତେତେ ରବିରନ୍ ପ୍ରଧାନ, ନଟବର ଶର୍ମା, ରଘୁମଣି ପଟେଲ, ଜୟନ୍ତ ଦୀକ୍ଷିତ, ବିଶ୍ୱନାଥ ନାୟକ, ରାଧାକାନ୍ତ ପ୍ରଧାନ, ପପୁ ଶର୍ମା, ପିଣ୍ଟୁ ପାଢୀ, ଅକ୍ଷୟ ସାହୁ, ପି. ରାମମୋହନ ରାଓ, ସମୀର ମିଶ୍ର, ପୁଷ୍ପଲତା ସେଠ୍, ତାପସରାୟ ଚୌଧୁରୀ, ସନ୍ଦୀପ ଅବସ୍ଥୀ, ହରିଶ ଗଣତ୍ରା, ରବି ସିଂହ, ନନ୍ଦ କିଶୋର ଅଗ୍ରୱାଲ, ଟିକେଶ୍ୱର ସେନାପତି ସଦସ୍ୟ ରହିଛନ୍ତି।

**ଆଚରଣବିଧି ଯୋଗୁ ବୈଠକ ସ୍ଥାନ ପରିବର୍ତ୍ତନ**

ବ୍ରଜରାଜନଗର ପୌର ପରିଷଦ କଲ୍ୟାଣ ମଣ୍ଡପରେ ବିଜେଡି ସାଂଗଠନିକ ବୈଠକ କରାଯିବା ପାଇଁ ପୂର୍ବରୁ ସ୍ଥିରୀକୃତ ହୋଇଥିଲା। ସେଥିପାଇଁ ଶତାଧିକ ଦଳୀୟ କର୍ମକର୍ତ୍ତା ବିଭିନ୍ନ ଅଞ୍ଚଳରୁ ଆସି କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲେ। ହେଲେ ନେତୃବୃନ୍ଦ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ପରେ ଜଣାପଡିଥିଲା ବୈଠକ ହେଲେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହେବ। ଫଳରେ ବୈଠକ ସ୍ଥାନ ପରିବର୍ତ୍ତନ କରି ସହରର ଏକ ହୋଟେଲରେ କରାଯାଇଥିଲା। ଏହା ଜାଣିବା ପରେ ପ୍ରବଳ ଖରାରେ ଦଳୀୟ କର୍ମୀମାନଙ୍କୁ ବ୍ରଜରାଜନଗରରୁ ଝାରସୁଗୁଡା ଯିବାକୁ ପଡିଥିଲା ।

# କେତେଜଣ ବରିଷ୍ଠ ନେତାଙ୍କୁ ଡକାଯାଇଥିବା କହିଲେ ନିରଞ୍ଜନ

ଭୁବନେଶ୍ୱର,୪।୫(ବ୍ୟୁରୋ)

**୯ରେ କଂଗ୍ରେସ ବିଧାୟକମାନେ ଦିଲ୍ଲୀ ଯିବା ଘଟଣା**



ଓଡ଼ିଶା କଂଗ୍ରେସରେ ପିସିସି ସଭାପତି ପରିବର୍ତ୍ତନ ନେଇ ଏବେ ରାଜନୀତି ଜୋର୍ ଧରିଛି। ଆସନ୍ତା ୯ ତାରିଖରେ ଓଡ଼ିଶାର ୯ କଂଗ୍ରେସ ବିଧାୟକଙ୍କୁ ଭେଟିବା ଲାଗି ରାହୁଲ ଗାନ୍ଧୀ ସମୟ ଦେଇଛନ୍ତି। ଏନେଇ କେତେକ ବିଧାୟକ ସୂଚନା ଦେବାପରେ ଦଳର ଅନ୍ୟାନ୍ୟ ବରିଷ୍ଠ ନେତାଙ୍କୁ ମଧ୍ୟ ଡକରା ଆସିଥିବା ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି, ଆସନ୍ତା ୯ରେ ଓଡ଼ିଶାର ନେତାମାନେ ଦିଲ୍ଲୀ ଯିବେ। କେବଳ ବିଧାୟକନୁହନ୍ତି, ବରିଷ୍ଠ ନେତାମାନେ ବି ହାଇକମାଣ୍ଡଙ୍କୁ ଭେଟିବେ। ଏନେଇ ଏଆଇସିସି (ଅଖିଳ ଭାରତ କଂଗ୍ରେସ କମିଟି) ପକ୍ଷରୁ ଚିଠି ଆସିଥିବା ସେ କହିଛନ୍ତି। ତେବେ ସଭାପତିଙ୍କ କହିବାନୁଯାୟୀ ଅନ୍ୟ କେଉଁ ବରିଷ୍ଠ ନେତାଙ୍କୁ ଦିଲ୍ଲୀ ଯିବା ଲାଗି ଡକାଯାଇଛି ସେନେଇ କିଛି ଜଣାପଡ଼ିନାହିଁ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏବଂ ବରିଷ୍ଠ ନେତା ଶରତ ରାଉତଙ୍କୁ ପଚାରିବାରୁ ସେମାନଙ୍କୁ ଦିଲ୍ଲୀ ଯିବା ଲାଗି କୌଣସି ଡକରା ଆସି ନ ଥିବା କହିଛନ୍ତି। ତେବେ ଓଡ଼ିଶାର ଜଣେ ଏମ୍‌ପି ସପ୍ତଗିରି ଉଲାକା ଏବଂ ଏଆଇସିସିରେ ଥିବା ସଦସ୍ୟଙ୍କୁ ଡକାଯାଇଥିବା ଜଣାପଡିଛି।

# ଏସି କ୍ୟାବିନ୍ ପାଇଁ ଅସନ୍ତୋଷ

ସମ୍ବଲପୁର,୪।୫(ବ୍ୟୁରୋ)

ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ ସମ୍ବଲପୁର ବୁର୍ଲାର ଭିମ୍‌ସାରରେ ଭର୍ତ୍ତି ହୋଇଛନ୍ତି। ମେଡିସିନ ବିଭାଗ ମୁଖ୍ୟ ଡା. ବଟକେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସେ ଚିକିତ୍ସିତ ହେଉଛନ୍ତି। ପ୍ରଥମେ ତାଙ୍କୁ ମେଡିସିନ ୱାର୍ଡକୁ ନିଆଯାଇଥିଲା। ସେଠାରେ କ୍ୟାବିନ ଅଭାବରୁ ସର୍ଜରୀ ୱାର୍ଡ କ୍ୟାବିନ ସୁବିଧା ଯୋଗାଇ ଦିଆଯାଇଥିଲା। ହେଲେ ଉକ୍ତ କ୍ୟାବିନରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା (ଏସି) ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଭିମ୍‌ସାର ଅଧୀକ୍ଷକ ଡା. ଲାଲମୋହନ ନାୟକ କହିଛନ୍ତି, ବିଧାୟକ ପାଣିଗ୍ରାହୀଙ୍କ ଚିକିସା ପାଇଁ ଏକ ଟିମ୍ ଗଠନ କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଆଉଥରେ କେତେକ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଦେଖିଲା ପରେ ଡିସଚାର୍ଜ କରାଯିବ। ଯଦି ସ୍ୱାସ୍ଥ୍ୟାବସ୍ଥା ବିଗିଡିବ ତା'ହେଲେ କଟକ ସ୍ଥାନାନ୍ତର କରାଯିବ। ସୂଚନାଯୋଗ୍ୟ ବିଧାୟକ ପାଣିଗ୍ରାହୀ ଦେବଗଡ଼ ଜିଲା ତିଲେଇବଣି ବ୍ଲକ ବିଡିଓଙ୍କୁ ମାରପିଟ କରିଥିଲେ। ଏ ନେଇ ଦେବଗଡ଼ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା। ଜେଲ ହାଜତକୁ ପଠାଇବା ସମୟରେ ସେ ଅସୁସ୍ଥ ହୋଇପଡିଥିଲେ। ପୋଲିସ ପ୍ରଥମେ ରିଆମାଳ ଡାକ୍ତରଖାନାରେ ତାଙ୍କ ଚିକିତ୍ସା କରାଇଥିଲା। ପରେ ସେ ଦେବଗଡ ଜିଲା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ।

# ବ୍ରଜରାଜନଗରରେ ଦ୍ୱିତୀୟ ଉପନିର୍ବାଚନ

ଝାରସୁଗୁଡ଼ା ଅଫିସ,୪।୫

ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତିଙ୍କ ଅକାଳ ବିୟୋଗ ପରେ ଏଠାରେ ଆସନ୍ତା ୩୧ତାରିଖରେ ଦ୍ୱିତୀୟ ଥର ପାଇଁ ଉପନିର୍ବାଚନ ହେବାକୁ ଯାଉଛି। ପୂର୍ବରୁ ପୂର୍ବତନ ବିଧାୟକ ପ୍ରସନ୍ନ ପଣ୍ଡାଙ୍କ ବିୟୋଗ ପରେ ୧୯୯୮ରେ ଏଠାରେ ପ୍ରଥମଥର ଉପନିର୍ବାଚନ ହୋଇଥିଲା। ଏହି ନିର୍ବାଚନ ମଣ୍ଡଳୀ ୧୯୬୧ରେ ଗଠନ ହୋଇଥିବାବେଳେ ଇତି ମଧ୍ୟରେ ୨ଜଣ ବିଧାୟକଙ୍କ ଦେହାନ୍ତ ହୋଇଛି। ଫଳରେ ନିୟମ ଅନୁଯାୟୀ ଉପନିର୍ବାଚନ ହୋଇଛି।

ଏଠାରେ ସିପିଆଇ ନେତା ସ୍ୱର୍ଗତ ପ୍ରସନ୍ନ ପଣ୍ଡା ସର୍ବାଧିକ ୬ଥର ବିଧାୟକ ହୋଇଥିଲେ। ତାଙ୍କର ଦେହାନ୍ତ ପରେ ଏଠାରେ ଉପନିର୍ବାଚନ ହୋଇଥିଲା। ଏଥିରେ ବିଭିନ୍ନ ଦଳ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିଲେ। କିନ୍ତୁ କଂଗ୍ରେସ ପ୍ରାର୍ଥୀ କେଶବ ସାହୁ ବିଜେଡି ପ୍ରାର୍ଥୀ ରାଧାରାଣୀ ପଣ୍ଡାଙ୍କୁ ହରାଇ ବିଜୟୀ ହୋଇଥିଲେ। ଏହା ପୂର୍ବରୁ ଏହି ଆସନକୁ କଂଗ୍ରେସ ୬ଥର ଅକ୍ତିଆର କରିଥିବାବେଳେ ସ୍ୱର୍ଗତ ଉପେନ୍ଦ୍ର ଦୀକ୍ଷିତି, ଅନୁପ ସାଏ ୩ଥର ବିଧାୟକ ହୋଇଥିଲେ। ଅନୁପ ସାଏ କଂଗ୍ରେସ ଛାଡି ବିଜେଡିରେ ଯୋଗଦେବା ପରେ ୨୦୧୪ରେ ନିର୍ବାଚନ ଲଢିଥିଲେ। ହେଲେ ଭାଜପା ପ୍ରାର୍ଥୀ ରାଧାରାଣୀ ପଣ୍ଡାଙ୍କ ନିକଟରୁ ପରାଜୟ ବରଣ କରିଥିଲେ। ୨୦୧୯ରେ ବିଜେଡିରୁ କିଶୋର ମହାନ୍ତି ପ୍ରାର୍ଥୀ ହୋଇ ଭାଜପାର ରାଧାରାଣୀ ପଣ୍ଡାଙ୍କୁ ହରାଇ ବିଜୟୀ ହୋଇଥିଲେ।


**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସରୋଜ ବାଳା ରାୟ
ଗ୍ରାମ:ବଗଇଗଡ଼, ଭାୟା-ନିଆଳି, ଜିଲ୍ଲା-କଟକ
ଆବିର୍ଭାବ : ୧୯୩୫
ତିରୋଧାନ : ୧୬.୦୫.୨୦୨୧
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ ଏବଂ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୩୩୭

୧୬ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନରେନ୍ଦ୍ର କୁମାର ମିଶ୍ର
ଆବିର୍ଭାବ - ୦୮.୧୦.୧୯୩୬
ତିରୋଧାନ - ୦୨.୦୫.୨୦୦୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମର ବିନମ୍ର ପ୍ରାର୍ଥନା ।
-: ଶୋକସନ୍ତପ୍ତ :-
ପୁତ୍ର ଓ ପୁତ୍ରବଧୂ-ହର୍ଷ, ମାମୁନି, ଟିକୁ, ଶିବାନୀ, ବୁବୁଲ୍, ରୁନୁ, ନାତି ଓ ନାତୁଣୀ-ଡାଲିଆ, ଜିନିଆ, ରୋହନ, ସୋହନ ଓ ପରିବାରବର୍ଗ ।
ଧ-୭୧୯୮୯


# 'ଭୟରେ ଷଡ଼ଯନ୍ତ୍ର କରିଛନ୍ତି ବିରୋଧୀ'

ନବରଙ୍ଗପୁର,୪।୫(ବି.ପ୍ର.)



ସମ୍ମିଳନୀରେ ଉପସ୍ଥିତ ଜିଲା ମହିଳା ବିଜେଡିର ସଦସ୍ୟାମାନେ।

**ଜିଲା ମହିଳା ବିଜେଡିର ଖବରଦାତା ସମ୍ମିଳନୀ**

ନବରଙ୍ଗପୁର ଜିଲା ଝରିଗାଁ ବିଧାୟକ ପ୍ରକାଶ ମାଝିଙ୍କ ବିରୋଧରେ ଯୌନ ଓ ହତ୍ୟା ଅଭିଯୋଗ ଆସିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କଂଗ୍ରେସ ଓ ଭାଜପା ଦାବି କରିଛନ୍ତି। ଏହା ମଧ୍ୟରେ ବୁଧବାର ନବରଙ୍ଗପୁର ମହିଳା ବିଜେଡି ସ୍ଥାନୀୟ ଏକ ଲଜ୍‌ରେ ଖବରଦାତା ସମ୍ମିଳନୀ କରିଛି। ବିଧାୟକ ପ୍ରକାଶ ମାଝିଙ୍କୁ କାଳେ ମନ୍ତ୍ରୀ ପଦ ମିଳିଯିବ, ସେହି ଭୟରେ ବିରୋଧୀ କଂଗ୍ରେସ ଓ ଭାଜପା ଷଡ଼ଯନ୍ତ୍ର କରିଛନ୍ତି ବୋଲି ମତ ରଖିଛନ୍ତି ଜିଲା ମହିଳା ବିଜେଡି ସଭାପତି ମଞ୍ଜୁଳା ମାଝି । ଯଦି ପ୍ରକାଶ ମାଝି ତଦନ୍ତରେ ଦୋଷୀ ହେଉଛନ୍ତି, ତାହେଲେ ତାଙ୍କ ଉପରେ ଅଙ୍ଗୁଳି ଉଠାଇଲେ ଠିକ ହେବ, କିନ୍ତୁ ଆମେ ହୀନ ଚକ୍ରାନ୍ତ ଓ ରାଜନୀତି କରି ଜଣେ ନିରୀହ ବିଧାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ଠିକ ନୁହଁ ବୋଲି ସେ କହିଛନ୍ତି। ବିଧାୟକଙ୍କ ପରିବାର ଦୀର୍ଘ ୩୦ ବର୍ଷ ହେଲା ଜିଲାବାସୀଙ୍କ ସେବା କରିଆସୁଛନ୍ତି । ବିଧାୟକଙ୍କ ବାପା ସ୍ୱର୍ଗତ ଯାଦବ ମାଝିଙ୍କ ସେବା ମନୋବୃତ୍ତିକୁ ଏବେବି ଲୋକେ ଝୁରୁଛନ୍ତି। ପ୍ରକାଶଙ୍କ ବଡ଼ ଭାଇ ରମେଶ ମାଝି ୨ଥର ମନ୍ତ୍ରୀ ଓ ବର୍ତ୍ତମାନର ଏମ୍‌ପି। ସେ ଜଣେ ଶାନ୍ତ ସରଳ ବ୍ୟକ୍ତିତ୍ୱ। ପ୍ରକାଶ ମାଝି ମଧ୍ୟ ଜଣେ ସରଳ, ଭଦ୍ର ଯୁବ ନେତା। ଦିନକୁ ଦିନ ଜିଲାରେ ପ୍ରକାଶଙ୍କ ଲୋକପ୍ରିୟତା ବୃଦ୍ଧି ପାଉଥିବାରୁ ଅସହିଷ୍ଣୁ ହେଇ ବିରୋଧୀ ଗୋଷ୍ଠୀ ଏଭଳି ହୀନ ଚକ୍ରାନ୍ତ କରୁଛନ୍ତି ବୋଲି ମଞ୍ଜୁଳା କହିଛନ୍ତି। ଏବେ ପ୍ରକାଶ ମାଝି ଭୁବନେଶ୍ୱରରେ ଅଛନ୍ତି। ତେଣୁ ସ୍ପଷ୍ଟୀକରଣ ଦେଇନାହାନ୍ତି। କିନ୍ତୁ ଆଗକୁ ନିଶ୍ଚୟ ସ୍ପଷ୍ଟୀକରଣ ଦେବେ ବୋଲି ସେ ମତ ରଖିଛନ୍ତି। ଖବରଦାତା ସମ୍ମିଳନୀରେ ପୌର ଉପାଧକ୍ଷା ସୌମ୍ୟା ମହାପାତ୍ର, କାଉନ୍‌ସିଲର ରଞ୍ଜିତା ପଣ୍ଡା, ଏ. ଉମାମହେଶ୍ୱରୀ, ଏ. ରାଜେଶ୍ୱରୀ, ଗୀତାଞ୍ଜଳି ଯାଦବ ଉପସ୍ଥିତ ଥିଲେ। ଏହି ଘଟଣା ପରେ ବିଧାୟକ ପ୍ରକାଶ ମାଝି କିମ୍ବା ତାଙ୍କ ବଡ଼ଭାଇ ଏମ୍‌ପି ରମେଶ ମାଝି ବର୍ତ୍ତମାନ ପର୍ଯ୍ୟନ୍ତ ଗଣମାଧ୍ୟମ ଆଗରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।


**CLASSIFIED DISPLAY** ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**GLOBAL FINANCE** (Registered)
ଭାରତର ନଂ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8887313379

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9470149388
Whatsapp: 9470149608

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମେ ୫/୨୦୨୨ Bhubaneswar, Thursday, May 5/ 2022

# ଓଡ଼ିଶାରେ ହେବ ଜନଜାତି ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷଣ ସ୍ଥଳ

**ଭୁବନେଶ୍ୱର, ୪।୫(ବ୍ୟୁରୋ)**

ଓଡ଼ିଶାରେ ପ୍ରତିଷ୍ଠା ହେବ ଦେଶର ପ୍ରଥମ ଜନଜାତି ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷଣ ସ୍ଥଳ(ଟ୍ରାଇହବ୍)। ଏଥି ନିମନ୍ତେ ବୁଧବାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ(ଏସ୍‌ଟିଏସ୍‌ସି) ବିଭାଗ ଏବଂ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର (ଆର୍‌ଏମ୍‌ଆର୍‌ସି,

**ଏସ୍‌ଟିଏସ୍‌ସି ବିଭାଗ ଓ ଆର୍‌ଏମ୍‌ଆର୍‌ସି ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ**

ଆଇସିଏମ୍‌ଆର୍) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ 'ମୋ ସ୍କୁଲ ଅଭିଯାନ'ର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତାଙ୍କ ଉପସ୍ଥିତିରେ ଏସ୍‌ଟିଏସ୍‌ସି ବିଭାଗର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ଏବଂ ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶକ ଡା. ସଂଘମିତ୍ରା ପତିଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ଓଡ଼ିଶାରେ ଜନଜାତିଙ୍କ ସ୍ୱାସ୍ଥ୍ୟ ଉପରେ ଟ୍ରାଇହବ୍ ଏକ ଆଧାର ହୋଇପାରିବ। ସେମାନଙ୍କ କାର୍ଯ୍ୟକ୍ଷମତା, ବ୍ୟବହାର ଓ ବିଭିନ୍ନ ରୋଗ ସମ୍ପର୍କିତ ପର୍ଯ୍ୟବେକ୍ଷଣ ସହ ଜନଜାତି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏଥିରେ ଅନ୍ତର୍ଭୁକ୍ତ ହେବ। ଏହା ଓଡ଼ିଶାର ଜନଜାତି ପରିବାରରେ ସଚେତନତା ସୃଷ୍ଟି ସହିତ ପ୍ରତିଷେଧକ ବ୍ୟବସ୍ଥା ଆଣିପାରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ଅବସରରେ ବାଗ୍‌ଚୀ ଓଡ଼ିଶା ଜନଜାତି ପରିବାର ସ୍ୱାସ୍ଥ୍ୟ ସର୍ଭେର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ଆଦିବାସୀ ସମ୍ପ୍ରଦାୟଙ୍କ ସ୍ୱାସ୍ଥ୍ୟ ଉପରେ ଏକ ବ୍ୟାପକ ସର୍ଭେ ହୋଇପାରିବ। ଏଥିରେ ଉଚ୍ଚମାନର ଜନ୍ମ, ମୃତ୍ୟୁ ରୋଗ ଆଦି ପରିସଂଖ୍ୟାନର ଅନୁଶୀଳନ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ ତଥ୍ୟ ଗଚ୍ଛିତ, ସଂରକ୍ଷିତ ତଥା ଉପଲବ୍ଧ ହୋଇପାରିବ। ଏଥିସହ ଏସ୍‌ଟିଏସ୍‌ସି ବିଭାଗ ଓ ଆର୍‌ଏମ୍‌ଆର୍‌ସି ଦ୍ୱାରା ହୋଇଥିବା ଓଡ଼ିଶା ଜନଜାତି ସେରୋ ସର୍ଭେ ରିପୋର୍ଟ ମଧ୍ୟ ଉନ୍ମୋଚିତ ହୋଇଥିଲା। ବିଭାଗୀୟ ନିର୍ଦ୍ଦେଶକ, ଏସ୍‌ଟି ତଥା ଓଟିଡିସିର ସିଇଓ ଗୁହା ପୁନମ ତାପସ କୁମାର, ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଅଖିଳ ବିହାରୀ ଓତା, ବିଭାଗୀୟ ସ୍ୱତନ୍ତ୍ର ସଚିବ ବିଶ୍ୱରଞ୍ଜନ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ଟିଏସ୍‌ସି ବିଭାଗର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ଏବଂ ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶକ ଡା. ସଂଘମିତ୍ରା ପତିଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି।

# ମଙ୍ଗଳାଯୋଡ଼ିରେ ପୃଥିବୀର ଏକମାତ୍ର ଧଳା କାମପକ୍ଷୀ

## ଓଡ଼ିଆ ଗବେଷକଙ୍କ ଗବେଷଣାରୁ ମିଳିଲା ତଥ୍ୟ



ସାଧାରଣ କାମପକ୍ଷୀ



ଧଳା କାମପକ୍ଷୀ

**ଭୁବନେଶ୍ୱର, ୪।୫(ବ୍ୟୁରୋ)**

ମଙ୍ଗଳାଯୋଡ଼ିରେ ପୃଥିବୀର ଏକମାତ୍ର ଧଳା କାମପକ୍ଷୀ ଦେଖାଯାଇଛି। ୩ଜଣ ଓଡ଼ିଆ ଗବେଷକଙ୍କ ଗବେଷଣାରୁ ଏହି ତଥ୍ୟ ମିଳିଛି। ଗ୍ରେ-ହେଡେଡ୍ ସ୍ୱାମ୍ପ ହେନ୍ ବା ପର୍ପଲ ମୁର ହେନକୁ ଓଡ଼ିଆରେ କାମ ପକ୍ଷୀ ବୋଲି କୁହାଯାଏ। ଏହାର ବୈଜ୍ଞାନିକ ନାମ ପରଫାଇରିଓ ପୋଲିଓସେଫାଲସ୍ (Porphyrio poliocephalus)। ସାଧାରଣ କାମ ପକ୍ଷୀର ଦେହ ରଙ୍ଗ ବାଇଗଣି-ନୀଳ ହୋଇଥିବାବେଳେ ନାଲି ରଙ୍ଗର ବଡ଼ ଥଣ୍ଟ ଥାଏ। ଓଡ଼ିଶା ସମେତ ପ୍ରାୟ ସମସ୍ତ ରାଜ୍ୟରେ ଏହି କାମ ପକ୍ଷୀ ଦେଖିବାକୁ ମିଳନ୍ତି। କିନ୍ତୁ ୨୦୧୯-୨୦ ମସିହାରେ ଚିଲିକାର ମଙ୍ଗଳାଯୋଡ଼ିରେ ଠାବ ହୋଇଥିବା ଏହି ବିରଳ କାମପକ୍ଷୀର ରଙ୍ଗ ଧଳା। ଏହି ପକ୍ଷୀକୁ ସେତେବେଳେ ସୋସିଆଲ ମିଡିଆରେ ଆଲ୍‌ବିନୋ, ଲିୟୁସିଷ୍ଟିକ ବୋଲି କୁହାଯାଇଥିଲା। ତେବେ ଉକ୍ତ ପକ୍ଷୀ ଓ ରଙ୍ଗ ଉପରେ ଅଧିକ ଗବେଷଣା ଆରମ୍ଭ କରିଥିଲେ ଓଡ଼ିଶାର ଏକ ୩ ଜଣିଆ ଟିମ୍। ସେମାନେ ହେଲେ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ, ୱାଇଲ୍ଡଲାଇଫ୍ ଫଟୋଗ୍ରାଫର ତଥା ଆର୍କିଟେକ୍ଟ ଶକ୍ତି ନନ୍ଦ ଏବଂ ସହକାରୀ ବନ ସଂରକ୍ଷକ ଆଶୁତୋଷ ମଲ୍ଲିକ। ଦୁଇ ବର୍ଷ ପରେ ଗତ ୩ ତାରିଖରେ ପୃଥିବୀର ଅନ୍ୟତମ ଶ୍ରେଷ୍ଠ ଆନ୍ତର୍ଜାତିକ ଜର୍ନାଲ୍ 'ୱିଲ୍‌ଶନ ଜର୍ନାଲ୍ ଅଫ୍ ଅର୍ନିଥୋଲୋଜି'ରେ ଏହା ପୃଥିବୀର ଏକମାତ୍ର ଧଳା କାମପକ୍ଷୀ ବୋଲି ପ୍ରକାଶିତ ହୋଇଛି। ଏଥିସହ କାମପକ୍ଷୀର ରଙ୍ଗ ପରିବର୍ତ୍ତନ ସଂକ୍ରାନ୍ତରେ ମଧ୍ୟ ଉଲ୍ଲେଖ କରାଯାଇଛି। ଗୋଟିଏ ରଙ୍ଗିନ ପକ୍ଷୀ ୫ଟି କାରଣରୁ ବେରଙ୍ଗ ହୋଇ ଧଳା ରଙ୍ଗର ହୋଇଥାଏ। ସେଗୁଡ଼ିକ ହେଲା ଆଲ୍‌ବିନୋ, ଲିୟୁସିଷ୍ଟିକ, ଆଇନୋ, ଡାଇଲ୍ୟୁଶନ ଏବଂ ପ୍ରୋଗ୍ରେସିଭ ଗ୍ରୋଇଙ୍ଗ। ମଙ୍ଗଳାଯୋଡ଼ିର ବେରଙ୍ଗ ଧଳା କାମ ପକ୍ଷୀଟିର ଏଭଳି ରଙ୍ଗର କାରଣ ଡାଇଲ୍ୟୁଶନ ଯୋଗୁ ହୋଇଥିବା ଏହି ଗବେଷଣାରୁ ଜଣାପଡ଼ିଛି। ଏନେଇ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ପକ୍ଷୀଙ୍କ କ୍ଷେତ୍ରରେ ସାଧାରଣ ରଙ୍ଗ, ବେରଙ୍ଗ ହେବା କିଛି ଅସାଧାରଣ ଘଟଣା ନୁହେଁ। ପୃଥିବୀରେ ଏଯାବତ ଗ୍ରେ-ହେଡେଡ୍ ସ୍ୱାମ୍ପ ହେନ୍ ପକ୍ଷୀ ପ୍ରଜାତିରେ କୌଣସି ବି ସ୍ଥାନରେ ବେରଙ୍ଗ ଉଦାହରଣ ନ ଥିଲା ଏବଂ ଓଡ଼ିଆ ଗବେଷକଙ୍କ ଏହି ଗବେଷଣାରୁ ଏହା ପ୍ରଥମ ତଥା ଏକମାତ୍ର ବୋଲି ଜଣାପଡ଼ିଛି। ତେବେ ବେରଙ୍ଗ ପକ୍ଷୀକୁ ଚିହ୍ନିବା ନିଶ୍ଚିତ ଭାବେ କଷ୍ଟସାଧ୍ୟ ବୋଲି ଶୁଭେନ୍ଦୁ କହିଛନ୍ତି।

# ମଧ୍ୟାହ୍ନଭୋଜନ ପ୍ରସ୍ତୁତି ବେଳେ ପ୍ରେସର କୁକର ଫାଟିଲା

**ମହାକାଳପଡ଼ା, ୪।୫ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଖରିନାସି ପଞ୍ଚାୟତ ଅଧୀନ ଖରିନାସି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ବେଳେ ପ୍ରେସର କୁକର ଫାଟିବାରୁ ପାଚିକା ଆହତ ହୋଇଛନ୍ତି। ଆହତ ପାଚିକା ହେଲେ ଆରତି ଦାସ। ତାଙ୍କୁ ରାମନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ଏହି ଦୁର୍ଘଟଣାରୁ ସ୍କୁଲର ଛାତ୍ରୀଛାତ୍ରମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ବୁଧବାର ଖରିନାସି ପ୍ରାଥମିକ ବିଦ୍ୟାଳୟ ସକାଳ ୬ଟାରୁ ଖୋଲା ଯାଇଥିଲା। ସକାଳୁଆ କ୍ଲାସ୍ ହେଉଥିବାରୁ ପାଚିକା ଦାସ ୧୨୦ ଛାତ୍ରୀଛାତ୍ରଙ୍କ ପାଇଁ ଭାତ ଓ ଅଣ୍ଡା ତରକାରୀ ପ୍ରସ୍ତୁତ କରୁଥିଲେ। ପ୍ରେସର କୁକରରେ ଆଳୁ ସିଝାଯାଉଥିଲା। ହେଲେ ହଠାତ୍ ସେହି ପ୍ରେସର କୁକର ଫାଟିବାରୁ ପାଚିକ ଙ୍କ ପେଟ, ପିଠି, ହାତ ଓ ମୁହଁରେ ଗରମ ପାଣି ଛିଟକି ପଡିଥିଲା। ଆହତ ପାଚିକାଙ୍କୁ ଡାକ୍ତରଖାନା ପଠାଯାଇଥିଲା। ନିମ୍ନମାନର ରୋଷେଇ ସାମଗ୍ରୀ ଯୋଗୁ ଏହି ଘଟଣା ଘଟିଲା ବୋଲି ସ୍ଥାନୀୟ ଅଭିଭାବକ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷୟିତ୍ରୀ ଆରତି ବେହେରା କହିଛନ୍ତି, ବିଦ୍ୟାଳୟରେ ରୋଷେଇ ଘର ନିର୍ମାଣ ହୋଇନାହିଁ। ସ୍କୁଲ ଅଫିସ ରୁମ୍‌ରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଥିଲା। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହି ଘଟଣା ବେଳେ ସିଆରସିସି ଅନୁପସ୍ଥିତ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସିଆରସିସି ପ୍ରମୋଦ କୁମାର ଜେନା କହିଛନ୍ତି, ଉକ୍ତ ଘଟଣା ବିଷୟରେ ମୁଁ ଅବଗତ ଅଛି।



ଡାକ୍ତରଖାନାରେ ଆହତ ପାଚିକା ଚିକିତ୍ସିତ ହେଉଛନ୍ତି।

**ପାଚିକା ଆହତ, ଅଳ୍ପକେ ବର୍ତ୍ତିଲେ ଛାତ୍ରୀଛାତ୍ର**

# ପ୍ରେମୀଯୁଗଳଙ୍କୁ ଧରିବାକୁ ଆସି ଛତିଶଗଡ଼ ପୋଲିସ ହଟହଟା

**ଯୋଡ଼ା, ୪।୫ (ଡି.ଏନ.ଏ.):** ଫେରାର ପ୍ରେମୀଯୁଗଳଙ୍କୁ ଧରିବାକୁ ଆସି ବୁଧବାର ଛତିଶଗଡ଼ ପୋଲିସ କେନ୍ଦୁଝର ଜିଲା ଯୋଡ଼ା ଥାନାରେ ହଟହଟା ହୋଇଛି। ଯୋଡା ଥାନା ଅଞ୍ଚଳର ଯୁବକଙ୍କୁ ନ ନେବା ଲାଗି ସ୍ଥାନୀୟ ବସ୍ତିବାସିନ୍ଦା ଅଡି ବସିବାରୁ ଏଭଳି ପରିସ୍ଥିତି ଉପୁଜିଛି। ଛତିଶଗଡ ପୋଲିସ ଯୋଡା ପୋଲିସ ସହାୟତାରେ ଉଭୟ ପରିବାର ବର୍ଗଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଯୋଡ଼ା ଥାନା ଅଞ୍ଚଳର ସମ୍ପୃକ୍ତ ଯୁବକ ଛତିଶଗଡ଼ର ଜଣେ ନାବାଳିକାଙ୍କ ସହ ସାସିଆଲ ମିଡିଆ ମାଧ୍ୟମରେ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ପରେ ସେ ଉକ୍ତ ନାବାଳିକାଙ୍କୁ ଭେଟି କିଛି ମାସ ହେଲା ଛତିଶଗଡରୁ ଆଣି ଯୋଡ଼ାରେ ରଖିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଛତିଶଗଡ଼ର ସୀତାପୁର ଥାନାରେ ମାର୍ଚ୍ଚ ୨୮ରେ ଏତଲା ଦିଆଯାଇଥିଲା। ଛତିଶଗଡ଼ ପୋଲିସ ବହୁ ଖୋଜିଖୋଜି କରିବା ପରେ ଯୋଡ଼ାରେ ପ୍ରେମୀଯୁଗଳ ରହିଥିବା ଜାଣିବାକୁ ପାଇଥିଲା। ବୁଧବାର ଯୋଡ଼ା ପୋଲିସ ସହାୟତାରେ ପ୍ରେମୀଯୁଗଳଙ୍କୁ ଧରି ଛତିଶଗଡ ପୋଲିସ ଥାନାକୁ ଆଣିଥିଲା। କିନ୍ତୁ ଯୋଡ଼ା ଥାନାରେ ସ୍ଥାନୀୟ ବସ୍ତିବାସିନ୍ଦା ଏକାଠି ହୋଇ ଯୁବକଙ୍କୁ ଛାଡିଦେବା ପାଇଁ ଜିଦ୍ କରିଥିଲେ। ଛତିଶଗଡ଼ ପୋଲିସ ନ ଶୁଣି ଥାନାର ପଛଦ୍ୱାର ଦେଇ ପ୍ରେମୀଯୁଗଳଙ୍କୁ ନେବା ପାଇଁ ଉଦ୍ୟମ କଲା ବେଳେ ପୋଲିସ ଗାଡି ସମ୍ମୁଖରେ ବସ୍ତିବାସିନ୍ଦା ଠିଆ ହୋଇରହିଥିଲେ।

# ବ୍ୟବସାୟୀଙ୍କୁ ଭୁଜାଲିରେ ହାଣିଲେ

**କାମାକ୍ଷାନଗର, ୪।୫ (ଡି.ଏନ୍.ଏ.)**

ବ୍ୟବସାୟ ପାଇଁ ସାମଗ୍ରୀ ଆଣିବାକୁ ଯାଉଥିବାବେଳେ ବନ୍ଧୁକଧାରୀ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଛନ୍ତି ଜଣେ ବ୍ୟବସାୟୀ। ଅଭିଯୁକ୍ତମାନେ ତାଙ୍କୁ ଭୁଜାଲିରେ ହାଣିବା ସହ ୩ ଲକ୍ଷ ଟଙ୍କା ଛଡ଼ାଇ ନେଇଛନ୍ତି। ଅସାମାଜିକଙ୍କ

**ଛଡ଼ାଇନେଲେ ୩ ଲକ୍ଷ**

ଆକ୍ରମଣରୁ ବ୍ୟବସାୟୀଙ୍କ ଡ୍ରାଇଭର ମଧ୍ୟ ବର୍ତ୍ତିନାହାନ୍ତି। ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ପଣ୍ଡୁଆ ଫାଣ୍ଡି ଅନ୍ତର୍ଗତ ଘୋଡ଼ାଡିଆଁ ନାଳ ନିକଟରେ ବୁଧବାର ମଧ୍ୟାହ୍ନରେ ଘଟିଛି ଏହି ଘଟଣା।

ପୋଲିସ ସୂଚନା ଅନୁଯାୟୀ, ଜିରାଳ ଗ୍ରାମର ବ୍ୟବସାୟୀ ଅଭିମନ୍ୟୁ ସାହୁ, ତାଙ୍କ ଡ୍ରାଇଭର ମୃତ୍ୟୁଞ୍ଜୟ ପଣ୍ଡା ଏକ ପିକ୍‌ଅପ ଭ୍ୟାନରେ ବ୍ୟବସାୟିକ ସାମଗ୍ରୀ ଆଣିବା ପାଇଁ କଟକ ମାଲ୍‌ଗୋଦାମ ଯାଉଥିଲେ। ଘୋଡ଼ାଡ଼ିଆଁ ନାଳ ନିକଟରେ ୩ଜଣ ବାଇକ୍ ଆରୋହୀ ଯୁବକ ହଠାତ୍ ଗାଡ଼ି ଅଟକାଇଥିଲେ। ପ୍ରଥମ ଭୁଜାଲିରେ ଅଭିମନ୍ୟୁଙ୍କ ହାତକୁ ହାଣି ଦେଇଥିଲେ। ଡ୍ରାଇଭରଙ୍କୁ ନିସ୍ତୁକ ମାଡ଼ ମାରିବା ସହ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ଗାଡ଼ି ଭିତରେ ଏକ ବ୍ୟାଗ୍‌ରେ ରଖାଯାଇଥିବା ୩ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ପଣ୍ଡୁଆ ଫାଣ୍ଡି ଅଧିକାରୀ ବିଦ୍ୟୁଲତା ନାଏକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭିମନ୍ୟୁ ଏବଂ ମୃତ୍ୟୁଞ୍ଜୟ ଚିକିତ୍ସିତ ହୋଇଛନ୍ତି। ସେମାନେ ବିପଦମୁକ୍ତ ଥିବା ଜଣାପଡ଼ିଛି। ଏ ନେଇ ଏସ୍‌ଡିପିଓ ରଞ୍ଜନ କୁମାର ଦେ କୁହନ୍ତି, ଘଟଣା ସମ୍ପର୍କରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି।



ଗୁରୁତର ଅଭିମନ୍ୟୁ ଏବଂ ମୃତ୍ୟୁଞ୍ଜୟ।

# ସୁନୀତା, ଲିଲିମାଙ୍କ ପ୍ରତ୍ୟାବର୍ତ୍ତନ



ଜାତୀୟ ସିନିୟର ମହିଳା ହକି ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ ଅତିଥିଙ୍କ ସହ।

**ଜାତୀୟ ସିନିୟର ମହିଳା ହକି ପାଇଁ ଓଡ଼ିଶା ଦଳ**

**ଭୁବନେଶ୍ୱର, ୪।୫ (କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ୬ରୁ ୧୭ ପର୍ଯ୍ୟନ୍ତ ୧୨ତମ ଜାତୀୟ ସିନିୟର ମହିଳା ହକି ଚାମ୍ପିୟନଶିପ୍ ଭୋପାଳରେ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଘୋଷିତ ଓଡ଼ିଶା ଦଳକୁ ଅଲିମ୍ପିଆନ ସୁନୀତା ଲାକ୍ରା ଓ ଲିଲିମା ମିଞ୍ଜ ଦୀର୍ଘଦିନ ପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅସ୍ମିତା ବାର୍ଲା ଦଳର ଅଧିନାୟିକା ଓ ରୋଜିତା କୁଜୁର ଉପ-ଅଧିନାୟିକା ମନୋନୀତ ହୋଇଛନ୍ତି। ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ଖେଳାଳିଙ୍କ ସହ ପରିଚିତ ହେବା ସହ ଆଗାମୀ ଟୁର୍ନାମେଣ୍ଟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ଖୁସ୍‌ବୁ କୁଜୁର, ଦୀପ୍ତି ଲାକ୍ରା, ଅସ୍ମିତା ବାର୍ଲା (ଅଧିନାୟିକା), ଅସୀମ କାଞ୍ଚନ ବାର୍ଲା, ଅସୀମା ମିଞ୍ଜ, ପ୍ରେମୀତା ବାରା, ରୋଜିତା କୁଜୁର (ଉପ-ଅଧିନାୟିକା), ଲକ୍ଷ୍ମୀ ଏକ୍କା, ରାହିଲ ତିର୍କୀ, ଜାହ୍ନବୀ ପ୍ରଧାନ, ଭାରତୀ ଏକ୍କା, ଅବିନାସି ମୁକ୍ତି ସୁରିନ, କୁମୁଦିନୀ ଲାକ୍ରା, ନେହା ଲାକ୍ରା, ସୁନୀତା ଲାକ୍ରା, ଲିଲିମା ମିଞ୍ଜ, ପୁନମ ବାର୍ଲା, ପ୍ରେମାଞ୍ଜଳି ଟପ୍ପୋ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ ୫/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Thursday, May 5/2022 | ପୃଷ୍ଠା-୧




**ବଲିଉଡ୍‌କୁ ନେଇ ପୂଜା ଅସୁଖୀ**

ବି-ଟାଉନ୍ ସୁପରଷ୍ଟାରଙ୍କ ସହ କାମ କରିବାର ସୁଯୋଗ ମିଳିଥିଲେ ସୁଦ୍ଧା କାହାଣୀ ପସନ୍ଦ ନ ଆସିବାରୁ ଅନେକ ଅଫର ହାତଛଡ଼ା କରିଥିବା ନାୟିକା ପୂଜା ହେଗଡେ କହିଛନ୍ତି।

୦୨

୦୮

**ଧୋନୀ ଖେଳିଲେ ୨୦୦ତମ ମ୍ୟାଚ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ବୁଧବାର ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ୨୦୦ତମ ମ୍ୟାଚ ଖେଳିଛନ୍ତି ମହେନ୍ଦ୍ର ସିଂ ଧୋନୀ।



# ଗଣବଳାତ୍କାର ପୀଡ଼ିତାଙ୍କୁ ଥାନାରେ ବଳାତ୍କାର

## ୟୁପି ପୋଲିସ ବାବୁଙ୍କ ବର୍ବରତା

ଲକ୍ଷ୍ନୌ,୪।୫

ଉତ୍ତର ପ୍ରଦେଶରେ ମହିଳା ବିରୋଧୀ ଅପରାଧ ବଢ଼ିବାରେ ଲାଗିଥିବାବେଳେ କଳଙ୍କିତ ଅଧ୍ୟାୟରେ ନୂଆ ଫର୍ଦ ଯୋଡ଼ିଛନ୍ତି ଜଣେ ପୋଲିସ ବାବୁ। ଗଣବଳାତ୍କାରର ଶିକାର ହୋଇଥିବା ଜଣେ ନାବାଳିକା ଥାନାକୁ ଗୁହାରି କରିବାକୁ ଯାଇଥିବାବେଳେ ଲଳିତପୁରସ୍ଥିତ ପାଲି ଷ୍ଟେଶନ ହାଉସ୍ ଅଫିସର (ଏସ୍‌ଏଚ୍‌ଓ) ତାଙ୍କୁ ବଳାତ୍କାର କରିଛନ୍ତି। ଏସ୍‌ଏଚ୍‌ଓ ତିଲକଧାରୀ ସରୋଜଙ୍କୁ ଗିରଫ କରାଯାଇଛି। ଏଥିସହ ସମ୍ପୃକ୍ତ ଥାନାରେ ଅବସ୍ଥାପିତ ସମସ୍ତ ପୋଲିସ କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଲଜ୍ଜାଜନକ କଥା ହେଉଛି ପୋଲିସ ଅଧିକାରୀ ବଳାତ୍କାର କରିବା ସମୟରେ ନାବାଳିକାଙ୍କ ଜଣେ ସମ୍ପର୍କୀୟା ସେହି ଦୃଶ୍ୟକୁ ଉପଭୋଗ କରୁଥିଲେ। ଏପ୍ରିଲ ୩୦ରେ ପୋଲିସ ପୀଡ଼ିତାଙ୍କୁ ଚାଇଲ୍ଡଲାଇନ୍ ଟିମ୍‌କୁ କାଉନ୍‌ସେଲିଂ ପାଇଁ ହସ୍ତାନ୍ତର କରିଛି।

ଲଳିତପୁର ଜିଲା ନିବାସୀ ୧୩ ବର୍ଷୀୟା ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ହେଲା ନାବାଳିକାଙ୍କୁ ୪ ଜଣ ବ୍ୟକ୍ତି ପ୍ରଲୋଭନ ଦେଖାଇ ଏପ୍ରିଲ ୨୨ରେ ସେଠାରୁ ୨୪୦ କି.ମି. ଦୂର ମଧ୍ୟପ୍ରଦେଶର ଭୋପାଳକୁ ନେଇଥିଲେ। ସେମାନେ ତାଙ୍କୁ ଭୋପାଳରେ ୪ ଦିନ ଧରି ଗଣବଳାତ୍କାର କରିଥିଲେ। ଅଭିଯୁକ୍ତମାନେ ନିଜ ଯୌନ ପିପାସା ମେଣ୍ଟାଇବା ପରେ ପୀଡ଼ିତାଙ୍କୁ ତାଙ୍କ ଗାଁକୁ ଆଣି ପାଲି ଥାନାରେ ଛାଡ଼ି ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ଥାନା ଅଧିକାରୀ ନାବାଳିକାଙ୍କୁ ତାଙ୍କର ଜଣେ ସମ୍ପର୍କୀୟାଙ୍କୁ ହସ୍ତାନ୍ତର କରିଥିଲେ। ପର ଦିନ ଥାନାଧିକାରୀ ବୟାନ ରେକର୍ଡ ପାଇଁ ତାଙ୍କୁ ଥାନାକୁ ଡକାଇଥିଲେ। ନାବାଳିକା ଥାନାକୁ ଯିବା ପରେ ସେ ତାଙ୍କୁ ଭିତରେ ଥିବା ଏକ ରୁମ୍‌କୁ ନେଇ ସମ୍ପର୍କୀୟାଙ୍କ ଉପସ୍ଥିତିରେ ବଳାତ୍କାର କରିଥିଲେ। ଏଫ୍‌ଆଇଆର୍‌ରେ ସମ୍ପୃକ୍ତ ସମ୍ପର୍କୀୟାଙ୍କ ସମେତ ୬ ଅଭିଯୁକ୍ତଙ୍କ ନାମ ଉଲ୍ଲେଖ କରାଯାଇଛି। ଶିଶୁଙ୍କ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ଲଳିତପୁର ଥାନା ଏସ୍‌ଏଚ୍‌ଓ ତିଲକଧାରୀ ସରୋଜଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ତିଲକଧାରୀଙ୍କ ସମେତ ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି। ଝାନ୍ସୀ ଡିଆଇଜି ଯୋଗେନ୍ଦ୍ର କୁମାରଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ତଦନ୍ତକାରୀ ଅଧିକାରୀଙ୍କୁ କୁହାଯାଇଛି।

ଏନେଇ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ୟୁପିର ଭାଜପା ସରକାରଙ୍କୁ ସମାଲୋଚନା କରିଛନ୍ତି। ବୁଲଡୋଜରର କୋଳାହଳ ମଧ୍ୟରେ ଆଇନ ଶୃଙ୍ଖଳାକୁ କିପରି ଦଳି ☞ପୃଷ୍ଠା–୬

# ପାରାଦୀପ ହାଜତ ମୃତ୍ୟୁ: ହତ୍ୟା ମାମଲା ରୁଜୁ

କୁଜଙ୍ଗ,୪।୫ (ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ପାରାଦୀପ ଅଭୟଚାନ୍ଦପୁର ଥାନା ହାଜତରେ ଶନିବାର ମଧ୍ୟରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେ ହେଲେ ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବୃନ୍ଦାବନ କଲୋନୀର ମନୋରଞ୍ଜନ ଗେଡି (୨୩)। ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ପୋଲିସ ତାଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫର ୨ ଘଣ୍ଟା ମଧ୍ୟରେ ମନୋରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ତରବରିଆ ଭାବେ ରାତିରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରି ଦେଇଥିଲା। ମନୋରଞ୍ଜନଙ୍କୁ ପୋଲିସ ହାଜତରେ ପିଟି ପିଟି ମାରି ଦେଇଥିବା ତାଙ୍କ ବାପା ପ୍ରହ୍ଲାଦ ରବିବାର ଗଣମାଧ୍ୟମରେ କହିଥିଲେ। ହେଲେ ପୋଲିସ ଏହି ଘଟଣାକୁ ଖଣ୍ଡନ କରିଥିଲା। ମାତ୍ର ବୁଧବାର ମନୋରଞ୍ଜନଙ୍କ ବାପା ପ୍ରହ୍ଲାଦ ପୁଅଙ୍କୁ ଧରି ଆଣିଥିବା ପୋଲିସ ଦଳ ମାରି ☞ପୃଷ୍ଠା–୬






# ବାତ୍ୟା ପାଇଁ ପାଗ ଅନୁକୂଳ

## ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ମୁଖ୍ୟ ଶାସନ ସଚିବ

- ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ
- ୧୨ରେ ସ୍ଥଳଭାଗ ଛୁଇଁପାରେ ବାତ୍ୟା
- ଅଯଥାରେ ଅତ୍ୟାବଶ୍ୟକ ଜିନିଷ କିଣ ନାହିଁ: ସମବାୟ ମନ୍ତ୍ରୀ

ଭୁବନେଶ୍ୱର,୪।୫(ବ୍ୟୁରୋ)

ଦକ୍ଷିଣ ଆଣ୍ଡାମାନ ଓ ଏହାର ଆଖପାଖ ଅଞ୍ଚଳରେ ବୁଧବାର ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୬ ତାରିଖରେ ଏହା ଲଘୁଚାପରେ ପରିଣତ ହେବ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଅବପାତ (ଡିପ୍ରେସନ)ରେ ପରିଣତ ହେବାର ସମ୍ଭାବନା ରହିଛି। ପ୍ରାକ୍ ମୌସୁମୀ ପରିବେଶ ବାତ୍ୟା ପାଇଁ ଅନୁକୂଳ ରହିଛି। ହେଲେ ସାମୁଦ୍ରିକ ଝଡ଼ ଓଡ଼ିଶା ଉପକୂଳକୁ ଆସିବ କି ନାହିଁ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ତାଙ୍କ କହିବା ଅନୁଯାୟୀ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ଉପରିଭାଗରେ ସୃଷ୍ଟି ହୋଇଛି। ୬ ତାରିଖ ସୁଦ୍ଧା ତାହା ଦକ୍ଷିଣ ଆଣ୍ଡାମାନ ସାଗର ଓ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ରରେ ପରିଣତ ହେବା ସମ୍ଭାବନା ରହିଛି। ଧୀରେ ଧୀରେ ଏହା ଉତ୍ତର–ପଶ୍ଚିମ ଦିଗରେ ୨ ଦିନ ପାଇଁ ଗତି କରିବ। ଏହା କ୍ରମଶଃ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ। ଦକ୍ଷିଣ ଆଣ୍ଡାମାନ ସାଗରରୁ ଏହା ଦକ୍ଷିଣ ପୂର୍ବ ଓ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଆଡ଼କୁ ଗତି କରିବ। ଲଘୁଚାପ ସୃଷ୍ଟି ହେବାର ପରବର୍ତ୍ତୀ ୨୪ରୁ ୪୮ ଘଣ୍ଟାରେ ଏହା ଅବପାତରେ ପରିଣତ ହେବ। ଏବେ ସୁଦ୍ଧା ଲ୍ୟାଣ୍ଡଫଲ ପୂର୍ବାନୁମାନ କରାଯାଇନି। ବାତ୍ୟାରେ ପରିଣତ ହେଲେ ତାହା କେତେ ତୀବ୍ର ହେବ ଓ କେଉଁ ଉପକୂଳରେ ପହଞ୍ଚିବ ତାହା ଆକଳନ କରାଯିବ।

ଲଘୁଚାପ ସମ୍ଭାବନା ଥିବାରୁ ଦକ୍ଷିଣପୂର୍ବ ବଙ୍ଗୋପସାଗର ଓ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳର ମତ୍ସ୍ୟଜୀବୀଙ୍କୁ ଆସନ୍ତା ୫ରୁ ୮ ତାରିଖ ☞ପୃଷ୍ଠା–୬

ବିଶ୍ୱ ବ୍ୟଙ୍ଗଚିତ୍ରଶିଳ୍ପୀ ଦିବସ।









# ୩ ଦିନରେ ଟମାଟୋ ଦର ଦୁଇଗୁଣା

- କେଜି ୮୦ ଟଙ୍କା ଛୁଇଁଲା
- ଚିନ୍ତାରେ ସାଧାରଣ ଖାଉଟି
- ସଂରକ୍ଷଣ ବ୍ୟବସ୍ଥା ନାହିଁ

ଭୁବନେଶ୍ୱର, ୪।୫(ବ୍ୟୁରୋ)

ରାଜ୍ୟରେ ଟମାଟୋ ଦର ଆକାଶଛୁଆଁ ହୋଇଛି। ୩ଦିନ ତଳେ ୩୦ରୁ ୪୦ ଟଙ୍କାରେ ମିଳୁଥିବା ବେଳେ ହଠାତ୍ ଏହାର ଦର ବୃଦ୍ଧି ପାଇ ୬୦ରୁ ୮୦ ଟଙ୍କାରେ ପହଞ୍ଚିଛି। ତରକାରି ପାଇଁ ଟମାଟୋ ଏକ ଅତ୍ୟାବଶ୍ୟକ ପରିବା ହୋଇଥିବା ବେଳେ ଏଭଳି ମୂଲ୍ୟବୃଦ୍ଧି ଗ୍ରାହକଙ୍କ ଚିନ୍ତା ବଢ଼ାଇ ଦେଇଛି। କେଜିଏ ପରିବର୍ତ୍ତେ ୨୫୦ ଗ୍ରାମରେ ସନ୍ତୁଷ୍ଟ ହେବାକୁ ପଡୁଛି। ରାଜ୍ୟରେ ଉତ୍ପାଦନ ହ୍ରାସ ପାଇଥିବାରୁ ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶରୁ ଟମାଟୋ ଆମଦାନୀ କରାଯାଉଛି। ଫଳରେ ସ୍ଥାନୀୟ ବଜାରରେ ଏହାର ଦାମ୍ ବେଲଗାମ ହୋଇଥିବା ଜଣାପଡ଼ିଛି।

ଭୁବନେଶ୍ୱରରେ ଟମାଟୋ କିଲୋ ୭୦ରୁ ୮୦ ଟଙ୍କାରେ ପହଞ୍ଚି ଥିବା ବେଳେ ବ୍ରହ୍ମପୁରରେ ୮୦, ବାଲେଶ୍ୱରରେ ୬୦ରୁ ୭୦, ବଲାଙ୍ଗୀରରେ ୫୦ରୁ ୬୦, କଟକରେ ୬୦ରୁ ୭୫, ରାଉରକେଲାରେ ୫୦ରୁ ୬୦, ସମ୍ବଲପୁରରେ ୫୦ରୁ ୬୦, ବରଗଡ଼ ଟାଉନରେ ୫୦ରୁ ୭୦ ଏବଂ ସୁନ୍ଦରଗଡ଼ରେ ୪୦ରୁ ୬୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି। ଇନ୍ଦ୍ରଧନୁ ମାର୍କେଟରେ ପରିବା ବ୍ୟବସାୟ କରୁଥିବା ଶିଶିର ଲେଙ୍କା କହିଛନ୍ତି, ଗତ ୩–୪ ଦିନ ହେବ ଟମାଟୋ ଦରରେ ଏଭଳି ଅସ୍ୱାଭାବିକ ବୃଦ୍ଧି ହୋଇଛି। ୨୫ କିଲୋଗ୍ରାମ ବିଶିଷ୍ଟ ଟ୍ରେ'କୁ ୧୪୦୦ ଟଙ୍କାରେ କିଣିବାକୁ ପଡୁଛି, ଯାହା ପୂର୍ବରୁ ୬୦୦ରୁ ୭୦୦ ଟଙ୍କାରେ ମିଳୁଥିଲା। ଲୋକାଲ ମାର୍କେଟରୁ ଟମାଟୋ ଆସୁନାହିଁ। ଦର ବଢ଼ିବା ପରେ ଟମାଟୋ ବ୍ୟବସାୟ ମଧ୍ୟ କମିଯାଇଛି। ସେହିପରି ହୋଲ୍‌ସେଲ୍ ପରିବା ବ୍ୟବସାୟୀ ବାଉରିବନ୍ଧୁ ଖୁଣ୍ଟିଆ କହିଛନ୍ତି, ରାଜ୍ୟ ଭିତରୁ ଟମାଟୋ ଆସିବା ବନ୍ଦ ହୋଇଯାଇଛି। କର୍ଣ୍ଣାଟକ ଟମାଟୋ ଉପରେ ନିର୍ଭର କରିବାକୁ ପଡୁଛି। ତୈଳ ଦର ବୃଦ୍ଧି ଯୋଗୁ ପରିବହନ ଖର୍ଚ୍ଚ ବଢ଼ିଯାଉଛି। ଏସବୁକୁ ମିଶାଇଲେ ମୂଲ୍ୟ ବଢୁଛି। ସ୍ଥାନୀୟ ଅଞ୍ଚଳରୁ ଟମାଟୋ ଆସିଲେ ଦର କମିବ।



ରାଜ୍ୟର ପ୍ରାୟ ଅଧିକାଂଶ ସ୍ଥାନରେ ଟମୋଟୋ ଚାଷ ହେଉଥିଲେ ମଧ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ପ୍ରଚୁର ପରିମାଣରେ ଉତ୍ପାଦନ ହୋଇଥାଏ। ହେଲେ ଆବଶ୍ୟକ ☞ପୃଷ୍ଠା–୬

**ସେବା ରପ୍ତାନି ବୃଦ୍ଧି**

**ନୂଆଦିଲ୍ଲୀ:** ଆର୍ଥିକ ବର୍ଷ ୨୦୨୧-୨୨ରେ ଦେଶର ସେବାଗୁଡ଼ିକର ରପ୍ତାନି ୨୫୪.୪ ବିଲିୟନ ଡଲାର ଛୁଇଁଛି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଏ ସମ୍ପର୍କରେ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟର ସୂଚନା ଅନୁସାରେ ମାର୍ଚ୍ଚରେ ସେବା ରପ୍ତାନି ୨୬.୯ ବିଲିୟନ ଡଲାର ରହିଛି। ଏହି ହାର ମାସିକିଆ ସର୍ବକାଳୀନ ଉଚ୍ଚ ସ୍ତରରେ ରହିଛି। ତେବେ ଉତ୍ତମ ପରିବହନ ଦ୍ୱାରା ଦେଶ ଏହି ସଫଳତା ହାସଲ କରିପାରିଛି। ଏହାପୂର୍ବରୁ ଆର୍ଥିକ ବର୍ଷ ୨୦୧୯-୨୦ରେ ଭାରତ ସେବା ରପ୍ତାନି କ୍ଷେତ୍ରରେ ରେକର୍ଡ ହାସଲ କରିଥିଲା। ୨୦୧୯-୨୦ରେ ସେବା ରପ୍ତାନି ୨୧୩.୨ ବିଲିୟନ ଡଲାର ରହିଥିଲା।

## ସଂକ୍ଷେପରେ

### କୋଓ ଆପ୍‌ର ଏସ୍‌ଭି ସେବା

**ନୂଆଦିଲ୍ଲୀ,୪।୫ :** କୋଓ ଆପ୍ ସ୍ୱେଚ୍ଛାକୃତ ଭାବେ ସେଲ୍ଫ ଭେରିଫିକେଶନ୍ (ଏସ୍‌ଭି) ସେବାର ଶୁଭାରମ୍ଭ କରିଛି। ଏଭଳି କରିବାରେ ଏହା ଦୁନିଆର ପ୍ରଥମ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପରିଣତ ହୋଇଛି। ଯେକୌଣସି ୟୁଜର ଏବେ ସେମାନଙ୍କର ସରକାରୀ ଅନୁମୋଦିତ ଆଇଡି କାର୍ଡ ବ୍ୟବହାର କରି କିଛି ସେକେଣ୍ଡ ମଧ୍ୟରେ ପ୍ଲାଟ୍‌ଫର୍ମରେ ସେମାନଙ୍କର ପ୍ରୋଫାଇଲ ସେଲ୍ଫ ଭେରିଫିକେଶନ୍ କରିପାରିବେ। ସୋସିଆଲ ମିଡିଆ ଧାରା ୪(୭) ସୂଚନା ପ୍ରଯୁକ୍ତିବିଦ୍ୟା ଗାଇଡ୍‌ଲାଇନ ଏବଂ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍ ନିୟମ, ୨୦୨୧ ଅନୁଯାୟୀ ଏହି ବୈଶିଷ୍ଟ୍ୟକୁ ସକ୍ଷମ କରିବାକୁ କୋଓ ହେଉଛି ପ୍ରଥମ ଗୁରୁତ୍ୱପୂର୍ଣ୍ଣ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ। ଏ ସମ୍ପର୍କରେ କୋଓର ସହ-ପ୍ରତିଷ୍ଠାତା ତଥା ସିଇଓ ଅପ୍ରାମେୟା ରାଧାକ୍ରିଷ୍ଣନ୍ କହିଛନ୍ତି, ସୋସିଆଲ ମିଡିଆରେ ବିଶ୍ୱାସ ଏବଂ ନିରାପତ୍ତାକୁ ପ୍ରୋତ୍ସାହିତ କରିବାରେ କୋଓ ଶୀର୍ଷରେ ରହିଛି।

### ମ୍ୟାଜିକର ସମ୍ପ୍ରସାରଣ

**ଭୁବନେଶ୍ୱର,୪।୫ :** ସେଞ୍ଚୁରି ପ୍ଲାଇ ଏବଂ ଷ୍ଟାର୍ ସିମେଣ୍ଟ ପୃଷ୍ଠପୋଷକତାରେ ସ୍ଥାପିତ ଏଲ୍‌ଇଡି ଲାଇଟିଂ ବ୍ରାଣ୍ଡ 'ମ୍ୟାଜିକ' ଓଡ଼ିଶାରେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସ୍ମାର୍ଟ ଓ ଏଲ୍‌ଇଡି ଲାଇଟିଂ ବର୍ଗରେ ସମ୍ପ୍ରସାରଣ ସହ ବଜାରରେ ଅଗ୍ରଣୀ ସ୍ଥାନ ଅଧିକାର କରିବା ଲକ୍ଷ୍ୟ ରଖି ଏକ ବ୍ୟାପକ ବିପଣନ ଯୋଜନା ପ୍ରସ୍ତୁତ କରିଛି। ରାଜ୍ୟରେ ମ୍ୟାଜିକର ଅତି ସୁଦୃଢ଼ ବିତରଣ ନେଟ୍‌ୱର୍କ ମଧ୍ୟ ରହିଛି। ସମ୍ପ୍ରତି ଏହା ରାଜ୍ୟରେ ୩୨ଜଣ ବିତରକଙ୍କ ଜରିଆରେ ୧୮୦୦ରୁ ଅଧିକ ଖୁଚୁରା ବିକ୍ରୟ କେନ୍ଦ୍ରରେ ଉପଲବ୍ଧ ହେଉଛି। ଏହି ବ୍ରାଣ୍ଡ ମଧ୍ୟ ଉଭୟ ଅଫିସ ଓ ବାହାରେ ଲାଇଟିଂ ସମାଧାନ ଯୋଗାଇଦେବାକୁ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଦ୍ୱାରା ଅନୁମୋଦିତ ହୋଇଛି। କମ୍ପାନୀ ନିଜର ଖୁଚୁରା ଏବଂ ବିତରଣ ନେଟ୍‌ୱର୍କକୁ ସମ୍ପ୍ରସାରିତ କରିବା ସହ ୨୦୨୨-୨୩ ରେ ଓଡ଼ିଶାରେ ୪୫ ବିତରକ ଏବଂ ୩୫୦୦ ଖୁଚୁରା ବିକ୍ରୟସ୍ଥଳରେ ପହଞ୍ଚିବାର ଲକ୍ଷ୍ୟ ରଖିଛି।

# ଏଲ୍‌ଆଇସି ଆଇପିଓକୁ ବଡ଼ ସଫଳତା

**ନୂଆଦିଲ୍ଲୀ,୪।୫**




ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ବହୁ ପ୍ରତୀକ୍ଷିତ ତଥା ଦେଶର ସର୍ବବୃହତ୍ ପ୍ରାରମ୍ଭିକ ସର୍ବସାଧାରଣ ଅଫର (ଆଇପିଓ) ବୁଧବାର ଠାରୁ ବଜାରରେ ପ୍ରବେଶ ସହ ଏହାର କାରବାର ମଧ୍ୟ ଆରମ୍ଭ ହୋଇଯାଇଛି। ଏହି ଆଇପିଓ ନିବେଶକଙ୍କ ପାଇଁ ମେ' ୯ ପର୍ଯ୍ୟନ୍ତ ଉପଲବ୍ଧ ରହିବ ସୂଚନା ମିଳିଛି। ଏଲ୍‌ଆଇସି ଆଇପିଓ ପାଇଁ ପ୍ରତି ଇକ୍ୱିଟି ଶେୟାର ପିଛା ପ୍ରାଇସ୍ ବ୍ୟାଣ୍ଡ ୯୦୨ଟଙ୍କାରୁ ଆରମ୍ଭ ହୋଇ ୯୪୯ ଟଙ୍କା ପର୍ଯ୍ୟନ୍ତ ସ୍ଥିର କରାଯାଇଛି। ଉକ୍ତ ଆଇପିଓରେ ନିବେଶକଙ୍କୁ ସର୍ବନିମ୍ନ ୧୫ଟି ଇକ୍ୱିଟି ଶେୟାର ପାଇଁ ନିବେଶ କରିବାକୁ କୁହାଯାଇଛି। ବୁଧବାର ଏହାର ଶୁଭାରମ୍ଭ ସହ ପ୍ରଥମ ଦିନରୁ ହିଁ ଏଲ୍‌ଆଇସି ଆଇପିଓ ଉପରେ ନିବେଶକମାନଙ୍କର ଭଲ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଫଳରେ ପ୍ରଥମ ଦିନରେ ଏଲଆଇସି ଆଇପିଓକୁ ଏକ ବଡି ସଫଳତା ମିଳିଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ସେହିଭଳି ପ୍ରଥମ ଦିନରେ ଏହା ୬୬% ସବ୍‌ସ୍କ୍ରିପ୍ସନ ହାତେଇ ପାରିଛି। ଇସ୍ୟୁ ଖୋଲିବା ପରେ ଭିନ୍ନ ଭିନ୍ନ ବିଭାଗର ନିବେଶକମାନେ ଏଥିରେ ଖୁବ୍ ଆଗ୍ରହ ଦେଖାଇଛନ୍ତି। ଏହା ଓପନ୍ ହେବାର ଅଢ଼େଇ ଘଣ୍ଟା ମଧ୍ୟରେ ପଲିସି ହୋଲ୍ଡର୍ସ କୋଟା ସମ୍ପୂର୍ଣ୍ଣ ଭାବେ ସବ୍‌ସ୍କ୍ରାଇବ୍ ହୋଇଯାଇଥିଲା। ବିଶେଷ କରି ପଲିସିହୋଲ୍ଡରମାନଙ୍କ ପାଇଁ ସଂରକ୍ଷିତ ଅଂଶର ୧.୯ଗୁଣରେ ନିବେଶ ହୋଇଛି। ସେହିପରି ଆଇପିଓରେ କର୍ମଚାରୀମାନଙ୍କ ପାଇଁ ସଂରକ୍ଷିତ ଅଂଶ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଯାଇଛି। ଏହାବ୍ୟତୀତ ଖୁଚୁରା ନିବେଶକାରୀଙ୍କ ପାଇଁ ସଂରକ୍ଷିତ ଭାଗରେ ୫୭% ବୁକିଂ କରାଯାଇଛି। ଅପରପକ୍ଷରେ ନିବେଶକଙ୍କ ମଧ୍ୟରୁ ନନ୍ ଇନ୍‌ଷ୍ଟିଚ୍ୟୁଶନାଲ ଇନ୍‌ଭେଷ୍ଟର୍ସଙ୍କ ଅଂଶରେ ୨୫% ନିବେଶ ହୋଇଥିବା ବେଳେ କ୍ୱାଲିଫାଏଡ୍ ଇନ୍‌ଷ୍ଟିଚ୍ୟୁଶନାଲ୍ କ୍ରେତାଙ୍କ ଭାଗ ମଧ୍ୟରୁ ୦.୩୩% ପୂରଣ ହୋଇଛି। ଏଥିରେ ଏଲ୍‌ଆଇସି ପଲିସିଧାରୀଙ୍କ ପାଇଁ ୧୦% ଏବଂ କମ୍ପାନୀ କର୍ମଚାରୀମାନଙ୍କ ପାଇଁ ୦.୭% ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହାଛଡ଼ା ଏଲ୍‌ଆଇସିର ଇସ୍ୟୁ ଦରରେ

**୧ମ ଦିନରେ ୬୬% ସବ୍‌ସ୍କ୍ରିପ୍ସନ**

ପଲିସିଧାରକ, ଖୁଚୁରା ନିବେଶକାରୀ ଏବଂ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଆରକ୍ଷଣ ବ୍ୟବସ୍ଥା ରହିଛି। ଏଲ୍‌ଆଇସିର ଇସ୍ୟୁ ଦରରେ ପଲିସିଧାରକମାନଙ୍କୁ ୬୦ଟଙ୍କାର ରିହାତି ପ୍ରଦାନ କରାଯାଉଥିବା ବେଳେ ଖୁଚୁରା ନିବେଶକାରୀ ଏବଂ କର୍ମଚାରୀଙ୍କୁ ଇସ୍ୟୁ ଦରରେ ୪୫ଟଙ୍କା ରିହାତି ମିଳୁଛି। ଏହି ଆଇପିଓ ଖୁଚୁରା ନିବେଶକାରୀଙ୍କ ପାଇଁ ଶନିବାର ମଧ୍ୟ ଖୋଲା ରହିବ। ଏ ନେଇ ମଧ୍ୟ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ୍ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷଜ୍ଞଙ୍କ ଅନୁସାରେ ଏଲ୍‌ଆଇସିର ଶେୟାର ଉପରେ ଗ୍ରେ ମାର୍କେଟ୍‌ରେ ୬୫ଟଙ୍କାର ପ୍ରିମିୟମ ଚାଲୁ ରହିଛି। ଏହା ଇସ୍ୟୁ ପ୍ରାଇସ୍ ତୁଳନାରେ ପ୍ରାୟ ୧୦% କମ୍ ରହିଛି। ତେବେ ମେ' ୧୭ରେ ଏହା ଶେୟାର ବଜାରରେ ଉତ୍ତମ ପ୍ରିମିୟମ ସହିତ ତାଲିକାଭୁକ୍ତ ହେବ ବୋଲି ଆକଳନ କରାଯାଉଛି।

## ସୋନିର ବ୍ରାଭିଆ ଏକ୍ସ ୭୫କେ ଟିଭି



**ନୂଆଦିଲ୍ଲୀ,୪।୫**

ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନକାରୀ କମ୍ପାନୀ 'ସୋନି ଇଣ୍ଡିଆ'ର ନୂତନ ୪କେ ଅଲଟ୍ରା ଏଚ୍‌ଡି ଏଲ୍‌ଇଡି ଡିସ୍‌ପ୍ଲେ ସହ ନୂତନ ବ୍ରାଭିଆ ଏକ୍ସ ୭୫କେ ଟିଭି ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଏକ୍ସ ୭୫କେ ଟିଭି ସହିତ ପ୍ରକୃତ ମନୋରଞ୍ଜନ ଦୁନିଆରେ ପ୍ରବେଶ କରନ୍ତୁ ଏବଂ ରୋମାଞ୍ଚକ ଭାବେରେ ଖେଳ, ସୁନ୍ଦର ରଙ୍ଗରେ ଥିବା ଚଳଚ୍ଚିତ୍ର ଏବଂ ସ୍ୱଷ୍ଟ ଓ ପ୍ରାକୃତିକ ଧ୍ୱନି ସହ ଅବିଶ୍ୱସନୀୟ ୪କେର ସ୍ୱଷ୍ଟତାକୁ ପରିବାର ସହ ଅନୁଭବ କରନ୍ତୁ। କମ୍ପାନୀର ଏହି ସିରିଜ୍ ଓ ମଡେଲର ଯଥାକ୍ରମେ ୧୬୫ସିଏମ୍ (୬୫), ୧୪୦ ସିଏମ୍ (୫୫), ୧୨୬ ସିଏମ୍ (୫୦) ଏବଂ ୧୦୮ ସିଏମ୍ (୪୩) ରେ ଉପଲବ୍ଧ। ଏଥିରେ ଏକ୍ସ୧ ଚିତ୍ର ପ୍ରୋସେସର ସାମିଲ ରହିଛି। ଶକ୍ତିଶାଳୀ ଏକ୍ସ୧ ପ୍ରୋସେସର ଶବ୍ଦ କାଟିବା ଏବଂ ସବିଶେଷ ବିବରଣୀକୁ ବଢ଼ାଇବା ପାଇଁ ଉନ୍ନତ ଆଲଗୋରିଦମ୍‌କୁ ବ୍ୟବହାର କରାଯାଇଛି। ଏକ ସ୍ୱଷ୍ଟ ୪କେ ସଙ୍କେତ ସହ ଆପଣ ଦେଖୁଥିବା ସମସ୍ତ ଜିନିଷ ୪କେ ରିଜୋଲୁସନ୍‌ର ଅଧିକ ନିକଟତର, ଜୀବନ୍ତ ଜଣାଯାଏ। ସୋନିର ଏହି କେଡି-୪୩ଏକ୍ସ୭୫କେ, କେଡି-୫୦ଏକ୍ସ୭୫କେ, କେଡି-୫୫ଏକ୍ସ୭୫କେ ଓ କେଡି-୬୫ଏକ୍ସ୭୫କେର ମୂଲ୍ୟ ଯଥାକ୍ରମେ ୫୫,୯୯୦ ଟଙ୍କା, ୬୬,୯୯୦ ଟଙ୍କା, ୭୬,୯୯୦ ଟଙ୍କା, ୧,୦୯,୯୯୦ ଟଙ୍କା ରହିଛି ଯାହା ମେ ୨ଠାରୁ ଭାରତର ସମସ୍ତ ସୋନି ସେଣ୍ଟର, ମୁଖ୍ୟ ଇଲେକ୍‌ଟ୍ରୋନିକ୍ ଷ୍ଟୋର ଏବଂ ଇ-କମର୍ସ ପୋର୍ଟାଲ୍‌ଗୁଡ଼ିକରେ ଉପଲବ୍ଧ ହେଉଛି।

## ଉତ୍ପାଦ ଗୋଷ୍ଠୀରୁ ଟମାଟୋ କ୍ରୟ କଲା ଭାରତ ମସଲା

**କଟକ,୪।୫**




ଗତ ସପ୍ତାହରେ ଓଡ଼ିଶା ରୁରାଲ ଡେଭଲପମେଣ୍ଟ ଆଣ୍ଡ ମାର୍କେଟିଂ ସୋସାଇଟି (ଓର୍‌ମାସ) ସହ ଭାରତ ମସଲା କର୍ତ୍ତୃପକ୍ଷ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଉକ୍ତ ଚୁକ୍ତି ଅନୁଯାୟୀ କମ୍ପାନୀ ପ୍ରାଥମିକ ପର୍ଯ୍ୟାୟରେ କେଚ୍‌ଅପ୍ ପ୍ରସ୍ତୁତ ପାଇଁ ଆବଶ୍ୟକ ଟମାଟୋ ସ୍ଥାନୀୟ ଚାଷୀଙ୍କଠାରୁ ସଂଗ୍ରହ କରିଛି। ଏପରିକି ଟିଗିରିଆସ୍ଥିତ ମା'ଦକ୍ଷିଣେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ଠାରୁ କମ୍ପାନୀ ଟମାଟୋ କ୍ରୟ କରିଛି। ଏହି ପରିପ୍ରେକ୍ଷୀରେ ଓର୍‌ମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତଙ୍କ ସମେତ ଅନ୍ୟ ଅଧିକାରୀମାନେ ଏସ୍‌ଏଚ୍‌ଜିଙ୍କଠାରୁ ସଂଗୃହୀତ ଟମାଟୋ କମ୍ପାନୀର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡାଙ୍କୁ ହସ୍ତାନ୍ତର କରିଛନ୍ତି। ଏକ ଟମାଟୋ ଭର୍ତ୍ତି ଟ୍ରକ୍ କମ୍ପାନୀର ରାମଦାସପୁରସ୍ଥିତ କାରଖାନାକୁ ଆସିଛି। ଉକ୍ତ ସାମଗ୍ରୀ କାରଖାନାରେ ସ୍ଥାପନ ହୋଇଥିବା ପ୍ଲାଣ୍ଟରେ କେଚ୍‌ଅପ୍ ପ୍ରସ୍ତୁତ କରାଯିବ ବୋଲି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସେହିପରି କମ୍ପାନୀର ରାମଦାସପୁରସ୍ଥିତ କାରଖାନା ପରିସରରେ ଆଉ ୩ଟି ନୂଆ ୟୁନିଟ୍ କାର୍ଯ୍ୟକ୍ଷମ ହୋଇଛି। ଏଥିରେ ୨ଟି ହଳଦୀଗୁଣ୍ଡ ଏବଂ ଗୋଟିଏ ମସଲା ୟୁନିଟ୍ ରହିଥିବା ଜଣାପଡ଼ିଛି। ଫଳରେ କମ୍ପାନୀ ପ୍ରତି ୟୁନିଟ୍‌ରୁ ଗୋଟିଏ ଦିନରେ ପ୍ରାୟ ୧୫୦ ମେଟ୍ରିକ ଟନ୍‌ର ମସଲା ପ୍ରସ୍ତୁତ କରିବ ବୋଲି ଆକଳନ କରାଯାଇଛି।

## ଅର୍ଚ୍ଚନାଙ୍କୁ ନୂଆ ଦାୟିତ୍ୱ

**ନୂଆଦିଲ୍ଲୀ,୪।୫**

ଗୁଗଲ ପକ୍ଷରୁ ଅର୍ଚ୍ଚନା ଗୁଲାଟିଙ୍କୁ କମ୍ପାନୀ ପାଇଁ ଦେଶର ନୂତନ ପବ୍ଲିକ୍ ପଲିସି ମୁଖ୍ୟ ଦାୟିତ୍ୱ ଦିଆଯାଇଛି। ଗୁଲାଟୀ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫେଡେରାଲ୍ ଥିଙ୍କ-ଟ୍ୟାଙ୍କ ଏବଂ ଦେଶର ଆଣ୍ଟିଟ୍ରଷ୍ଟ ୱାଚ୍‌ଡଗ୍ ପାଇଁ କାର୍ଯ୍ୟ କରିଛନ୍ତି। ଏହାଛଡ଼ା ତାଙ୍କ ଲିଙ୍କ୍‌ଡ ଇନ୍ ପ୍ରୋଫାଇଲ ଅନୁସାରେ ପୂର୍ବରୁ ୨୦୧୪-୨୦୧୬ ମଧ୍ୟରେ ଦେଶର ଆଣ୍ଟିଟ୍ରଷ୍ଟ ସଂସ୍ଥା, ଭାରତୀୟ କମ୍ପିଟିସନ କମିଶନର ଜଣେ ବରିଷ୍ଠ ଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ। ଗୁଗଲ ଇଣ୍ଡିଆର ମୁଖପାତ୍ର ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇଥିଲେ ମଧ୍ୟ ଗୁଲାଟିଙ୍କ ସମ୍ପର୍କରେ ବିଶେଷ କୌଣସି ତଥ୍ୟ ପ୍ରଦାନ କରିନାହାନ୍ତି।

## ୫ଜି କନେକ୍ଟେଡ୍ ଆମ୍ବୁଲାନ୍ସ ନିର୍ମାଣରେ ସହବନ୍ଧନ

**ଭୁବନେଶ୍ୱର,୪।୫**

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ୫ଜି କନେକ୍ଟେଡ୍ ଆମ୍ବୁଲାନ୍ସ ନିର୍ମାଣ କରିବା ପାଇଁ ଭାରତୀ ଏୟାରଟେଲ, ଆପୋଲୋ ହସ୍ପିଟାଲ୍ସ ଓ ସିସ୍‌କୋ ସହ ଏକ ମିଳିତ ସହଭାଗିତା ହୋଇଛି। ଏଭଳି ଏକ ଅତ୍ୟାଧୁନିକ ପ୍ରଦର୍ଶନକୁ ବେଙ୍ଗାଲୁରୁଠାରେ ଦୂରସଞ୍ଚାର ବିଭାଗ ପକ୍ଷରୁ ଏୟାରଟେଲ୍‌କୁ ଆବଣ୍ଟିତ ୫ଜି ଟ୍ରାଏଲ ସ୍ପେକ୍ଟ୍ରମ ଉପରେ ପରିଚାଳନା କରାଯାଇଥିଲା। ଏହି କଷ୍ଟମ-ଡିଜାଇନ୍‌ଡ ଷ୍ଟେଟ୍-ଅଫ୍-ଦ-ଆର୍ଟ ୫ଜି କନେକ୍ଟେଡ୍ ଆମ୍ବୁଲାନ୍ସରେ ଅତ୍ୟାଧୁନିକ ମେଡିକାଲ ଉପକରଣ ସାଙ୍ଗକୁ ରୋଗୀ ମନିଟରିଂ ଆପ୍ଲିକେଶନ ଓ ଟେଲିମେଟ୍ରି ଡିଭାଇସ୍‌ଗୁଡିକ ଏଥିରେ ସୁସଜ୍ଜିତ ଭାବେ ସଂଯୋଗ ରହିଛି। ଏହା ରୋଗୀର ସ୍ୱାସ୍ଥ୍ୟ ଡାଟା ବା ତଥ୍ୟକୁ ବାସ୍ତବ ସମୟରେ ହସ୍ପିଟାଲକୁ ସ୍ଥାନାନ୍ତର କରିଥାଏ। ଏହାବ୍ୟତୀତ ଆମ୍ବୁଲାନ୍ସରେ ଅନ୍‌ବୋର୍ଡ କ୍ୟାମେରା, କ୍ୟାମେରା ଆଧାରିତ ହେଡ୍‌ଗିୟର ଓ ପାରାମେଡିକ୍ ଷ୍ଟାଫ୍‌ଙ୍କ ପାଇଁ ବଡିକ୍ୟାମ୍ ମଧ୍ୟ ଉପଲବ୍ଧ ରହିଛି। ଆମ୍ବୁଲାନ୍ସର ସମସ୍ତ ଅଲ୍‌ଟ୍ରା-ଫାଷ୍ଟ ଓ ଲୋ-ଲାଟେନ୍ସି ଏୟାରଟେଲ୍ ୫ଜି ନେଟ୍‌ୱର୍କ ସହ କନେକ୍ଟେଡ୍ ହୋଇ ରହିଛି।

## ଫୁର୍‌ସତ୍

## ଗ୍ଲେସିୟର ତରଳିବା ଯୋଗୁ ପ୍ରଭାବିତ ହେବନି ନଦୀ ଜଳ ପ୍ରବାହ

**ନୂଆଦିଲ୍ଲୀ**



ଜଳବାୟୁ ପରିବର୍ତ୍ତନ କାରଣରୁ ପାରିପାର୍ଶ୍ୱିକ ସ୍ଥିତିରେ ଅନେକ ପ୍ରକାର ପରିବର୍ତ୍ତନ ପରିଲକ୍ଷିତ ହେବାରେ ଲାଗିଛି। ତାପମାତ୍ରା ବୃଦ୍ଧି ପାଇବା କାରଣରୁ ହିମାଳୟ ବରଫ ମାତ୍ରାଧିକ ଭାବେ ତରଳିବା ଆରମ୍ଭ କରିଛି। ତେବେ ଗ୍ଲେସିୟର ତରଳିବା ନେଇ ଗଙ୍ଗା, ସିନ୍ଧୁ ଓ ବ୍ରହ୍ମପୁତ୍ର ନଦୀରେ ଜଳ ପ୍ରବାହ କମିବା ନେଇ ଯେଉଁ ଆଶଙ୍କା ବା ବିଶେଷଜ୍ଞଙ୍କ ଗହଣରେ ଚର୍ଚ୍ଚା ହେଉଥିଲା ତାହା ଭୁଲ ବୋଲି କୁହାଯାଉଛି। କୋଟା ଇନ୍‌ଷ୍ଟିଚ୍ୟୁଟର ଗ୍ଲାସିଓଲୋଜିଷ୍ଟ ଭି.କେ. ରାଇନାଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନରେ ଦାବି କରାଯାଇଛି ଯେ, ଗ୍ଲାସିୟର ତରଳିବା ଦ୍ୱାରା ନଦୀ ଜଳ ପ୍ରବାହରେ କୌଣସି ପ୍ରକାର ବ୍ୟତିକ୍ରମ ଦେଖାଯିବ ନାହିଁ । ଅଧ୍ୟୟନ ରିପୋର୍ଟ ଅନୁସାରେ ଦୀର୍ଘ ୧୧,୭୦୦ ବର୍ଷ ଧରି ହିମାଳୟ ବରଫ ତରଳିବା ସହ ନୂଆ ବରଫ ତିଆରି ମଧ୍ୟ ହେଉଛି। ସାଧାରଣ ଭାବେ ବର୍ଷା ଏବଂ ବରଫ ତରଳିବା ଯୋଗୁ ନଦୀଗୁଡ଼ିକରେ ଜଳ ପ୍ରବାହିତ ହୋଇଥାଏ। ଲଗାତର କିଛିଦିନ ଧରି ତାପମାତ୍ରା ବୃଦ୍ଧି ପାଇବା କାରଣରୁ ଦ୍ରୁତ ବେଗରେ ବରଫ ତରଳିବା ଆରମ୍ଭ ହୋଇଛି, ଯାହାର ଚିତ୍ର ଇସ୍ରୋର ସାଟେଲାଇଟରୁ ମଧ୍ୟ ଦେଖିବାକୁ ମିଳିଛି। ମୋଟ ୨,୦୧୮ ଗ୍ଲାସିୟର ଖଣ୍ଡ ମଧ୍ୟରୁ ୧,୭୫୨ ଗ୍ଲାସିୟର ସ୍ଥିର ଅବସ୍ଥାରେ ଥିବାବେଳେ ୨୪୮ ଗୋଟି ଗ୍ଲାସିୟର ଧୀରେ ଧୀରେ ତରଳୁଛି।

## ବଲିଉଡକୁ ନେଇ ପୂଜା ଅସୁଖୀ




**ମୁମ୍ବାଇ:** ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ନାୟିକା ପୂଜା ହେଗଡେ ବଲିଉଡ୍ ଇଣ୍ଡଷ୍ଟ୍ରିକୁ ନେଇ ଅସୁଖୀ ଥିବା କହିଛନ୍ତି। ସେ କହିଛନ୍ତି ଯେ, ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରିବା ମୋ ସ୍ୱପ୍ନ ଥିଲା। କିନ୍ତୁ ଇଣ୍ଡଷ୍ଟ୍ରିରୁ ମୋତେ ସେତେଟା ଭଲ ସୁଯୋଗ ମିଳି ନାହିଁ। ଅଭିନୟ କରିବାକୁ ଆଗ୍ରହୀ ଥିବାବେଳେ ତାଙ୍କୁ ତାମିଲ ଓ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିରୁ ବହୁ ସୁଯୋଗ ମିଳିବା ପରେ ସେ ସାଉଥ୍ ଫିଲ୍ମ କରିବାକୁ ବେଶୀ ଆଗ୍ରହୀ ହେବା କଥା କହିଛନ୍ତି। ହିନ୍ଦୀ ଫିଲ୍ମ ଜଗତର ବହୁ ବଡ଼ ବଡ଼ କଳାକାରଙ୍କ ସହ କାମ କରିବାକୁ ସୁଯୋଗ ମିଳିଥିବାବେଳେ ଭଲ ଫିଲ୍ମର ସ୍କ୍ରିପ୍ଟ ପସନ୍ଦ ନ ଆସିବାରୁ ବହୁତଫିଲ୍ମ ହାତଛଡ଼ା କରିଥିବା ସେ କହିଛନ୍ତି। ୨୦୧୬ରେ ମହେନଞ୍ଜୋଦାରୋ ଫିଲ୍ମ ଜରିଆରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। କିନ୍ତୁ ଏହାପରେ ତାଙ୍କୁ କୌଣସି ଫିଲ୍ମ ଅଫର ଆସି ନ ଥିଲା। ପାଖାପାଖି ୩ ବର୍ଷ ପାରେ ଅର୍ଥାତ୍ ୨୦୧୯ରେ ତାଙ୍କୁ ହାଉସ୍‌ଫୁଲ-୪ କରିବାର ସୁଯୋଗ ମିଳିଲା। ନିକଟରେ ରିଲିଜ୍ ହୋଇଥିବା 'ରାଧେଶ୍ୟାମ'ରେ ପୂଜା ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ତାଙ୍କ ବିପକ୍ଷରେ ଥିଲେ ପ୍ରଭାସ।

## ମା' ସାଜିଛନ୍ତି କ୍ଷୀରୋଧରଙ୍କ ସାହାରା



**ରାଞ୍ଚି**

ଝାଡଖଣ୍ଡର ହଜାରିବାଗ ବାସରେ ରୁହନ୍ତି ୪୨ ବର୍ଷୀୟ କ୍ଷୀରୋଧର ପ୍ରସାଦ। ଜନ୍ମରୁ ବିକଳାଙ୍ଗ। ତାଙ୍କ ଓଜନ ୧୦ କିଲୋଗ୍ରାମ ହୋଇଥିବାବେଳେ ଶରୀରର ଲମ୍ବ ମାତ୍ର ୨୮ ଇଞ୍ଚ। ଚଲାବୁଲା କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ। ବୃଦ୍ଧା ମା'ଙ୍କ ଉପରେ ସେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ। ପାଠ ପଢ଼ିବାକୁ ଆଗ୍ରହ ଥିଲେ ମଧ୍ୟ ସ୍କୁଲ ଯିବା ତାଙ୍କ ପାଇଁ ସ୍ୱପ୍ନ ପାଲଟି ଯାଇଥିଲା। ସ୍କୁଲ ନ ଯାଇ ବି ସେ ଲେଖ ପଢା ପରିପାରୁଛନ୍ତି। ଗାଁରେ ତାଙ୍କର ଏକ ତେଜରାତି ଦୋକାନ ଯାହା ରୋଜଗାର ହୁଏ ତାଙ୍କ ପରିବାର ସେହି ଟଙ୍କାରେ ଚଳନ୍ତି। ପ୍ରତ୍ୟେକ ଦିନ ସକାଳୁ ମା' ତାଙ୍କୁ ଖୁଆଇ ପିଆଇ ଦୋକାନରେ ନେଇ ଛାଡ଼ିଦିଅନ୍ତି। ଦୋକାନକୁ ଆସୁଥିବା ଗ୍ରାହକ ଜିନିଷ ନେବାପରେ ଟଙ୍କା ରଖିଦେଇ ଚାଲିଯାନ୍ତି। ତେଜରାତି ଦୋକାନରୁ କ୍ଷୀରୋଧର ଭଲ ଆୟ କରୁଥିବାବେଳେ ଟଙ୍କା ଦରକାର କରୁଥିବା ଲୋକେ ତାଙ୍କରଠାରୁ ଧାର ନେଉଛନ୍ତି। ଜନ୍ମ ହେବା ସମୟରେ କ୍ଷୀରୋଧର ଅନ୍ୟ ଶିଶୁଙ୍କ ପରି ଥିଲେ। କିନ୍ତୁ ହଠାତ୍ ତାଙ୍କ ଶରୀରରେ ପୀଡ଼ା ଅନୁଭୂତ ହେଲା। ଚିକିତ୍ସା ପାଇଁ କ୍ଷୀରୋଧରଙ୍କୁ ପରିବାର ଲୋକେ ଡାକ୍ତରଙ୍କ ନିକଟକୁ ନେଇଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷୀରୋଧରଙ୍କୁ କୌଣସି ପ୍ରକାର ସହାୟତା ମିଳି ନ ଥିବା ସେ କହିଛନ୍ତି।

## କାଉର ସିଗାରେଟ୍ ନିଶା



**ନୂଆଦିଲ୍ଲୀ:** ନିଶା ଖାଉଥିବା ବ୍ୟକ୍ତିମାନେ ଖୁବ୍ ଶୀଘ୍ର ପରସ୍ପର ମଧ୍ୟରେ ବନ୍ଧୁତା କରି ଦେଇଥାନ୍ତି। କିନ୍ତୁ ନିଶା ଖାଇବା ପାଇଁ କେବେ କୌଣସି ଚଢ଼େଇ ମଣିଷ ସହିତ ସାଙ୍ଗ ହେବା ଦେଖିଛନ୍ତି। ଏ କଥା ହୁଏତ ସମସ୍ତଙ୍କୁ ଅଦ୍ଭୁଆ ଲାଗିପାରେ, କିନ୍ତୁ ଏମିତି ଏକ ଘଟଣା ଘଟିଛି ଇଂଲଣ୍ଡରେ। ଇଂଲଣ୍ଡର ପୂର୍ବ ସସେକ୍ସ ଅଞ୍ଚଳରେ ରହୁଥିବା ପିଟ୍ ନାମକ ଜଣେ ବ୍ୟକ୍ତି ଅଧିକାଂଶ ସମୟରେ ନିଜ ବଗିଚାରେ ବସୁଥିଲେ। ବିଶେଷକରି ଲକ୍‌ଡାଉନ୍ ସମୟରେ ସେ ପ୍ରାୟ ସବୁବେଳେ ବଗିଚାରେ ବସି ସିଗାରେଟ୍ ପିଉଥିଲେ। ଦିନେ ହଠାତ୍ ଏକ କାଉ ଆସି ସେ ଛାଡ଼ିଥିବା ଅଧା ସିଗାରେଟକୁ ନେଇ ପିଇବା ଆରମ୍ଭ କରିଥିଲା। ଏହା ପରଠାରୁ ସବୁଦିନେ କାଉଟି ପିଟ୍‌ଙ୍କ ପାଖରୁ ସିଗାରେଟ୍ ଶେୟାର କରିଥିଲା।

## ଦି ୟେଲୋ କିଡ୍

**ଆଜି ବିଶ୍ୱ କାର୍ଟୁନିଷ୍ଟ ଦିବସ**

**ମେ ୫** ତାରିଖକୁ ବିଶ୍ୱ କାର୍ଟୁନିଷ୍ଟ ଦିବସ ଭାବେ ପାଳନ କରାଯାଇଆସୁଛି। ବ୍ୟଙ୍ଗ ମାଧ୍ୟମରେ ସମସାମୟିକ ପ୍ରସଙ୍ଗ ଦେଖାଉଥିବା କାର୍ଟୁନିଷ୍ଟମାନଙ୍କ ପାଇଁ ଏହି ଦିନଟିକୁ ଉତ୍ସର୍ଗ କରାଯାଇଛି। କାର୍ଟୁନିଷ୍ଟ ଡେ' ୧୯୯୯, ମେ ୫ରେ ପ୍ରଥମଥର ଲାଗି ପାଳନ କରାଯାଇଥିଲା। କେନ୍ ଆଲ୍‌ଭିନଙ୍କ ନେତୃତ୍ୱରେ ନ୍ୟାଶନାଲ କାର୍ଟୁନିଷ୍ଟ ସୋସାଇଟିର ସଦସ୍ୟମାନେ 'ବିଶ୍ୱ କାର୍ଟୁନିଷ୍ଟ ଦିବସ' ଆରମ୍ଭ କରିଥିଲେ। କାର୍ଟୁନିଷ୍ଟ ପଲି କିନର୍ ଆକ୍ରୋନ୍, ଓହିଓ ଏବଂ କମିକ୍ ଷ୍ଟ୍ରିପ 'ହାମଷ୍ଟର୍ ଏଲି'ର ନିର୍ମାତା ପ୍ରମୁଖ ଭାବେ କାର୍ଟୁନିଷ୍ଟ ଡେ'ର ପ୍ରମୋଟର ଅଟନ୍ତି। ପାଖାପାଖି ଦେଢ଼ଶହ ବର୍ଷ ତଳେ ବିଶ୍ୱର ପ୍ରଥମ ରଙ୍ଗିନ କାର୍ଟୁନ ଆଜିର ଦିନରେ ପ୍ରକାଶିତ ହୋଇଥିଲା। ନାଁ ଥିଲା- ଦି ୟେଲୋ କିଡ୍। ସେଇ ସ୍ମରଣୀୟ ଦିନଟିକୁ ମନେ ରଖି ପ୍ରତିବର୍ଷ ମେ ୫ ସାରା ବିଶ୍ୱରେ କାର୍ଟୁନିଷ୍ଟ ଦିବସ ଭାବେ ପାଳିତ ହୁଏ।

ଇଂଲିଶ୍ ଚିତ୍ରକର ୱିଲିୟମ ହୋଗାର୍ଥ (୧୬୯୨-୧୭୬୪)ଙ୍କୁ ଆଧୁନିକ କାର୍ଟୁନର ଜନକ ବୋଲି କୁହାଯାଏ। ୧୭୦୦ ଶତାବ୍ଦୀ ପାଖାପାଖି ସମୟକୁ 'ଏଜ୍ ଅଫ୍ ରିଜିନ'ବୋଲି କୁହାଯାଏ। ଏଇ ସମୟରେ ଲୋକମାନେ ଉତ୍କଟ ସଂସ୍କାରବାଦୀ ଥିଲେ। ସମାଜରେ ଏକ ଗାମ୍ଭୀର୍ଯ୍ୟ ଥିଲା, ଯାହା ସାଧାରଣ ଜୀବନକୁ ବିରକ୍ତ କରିଦେଇଥିଲା। ହୋଗାର୍ଥଙ୍କୁ ଏହା ଭଲ ଲାଗୁ ନ ଥିଲା । ତେଣୁ ସେ ଜାଣିଶୁଣି ନୂଆଚିତ୍ର ପ୍ରସ୍ତୁତ କଲେ। ତା'କୁ ଭଳିକିଭଳି କୌତୁକିଆ ପୋଷାକ ପିନ୍ଧେଇଲେ। ମୋଟ ଉପରେ ସମାଜକୁ ହସାଇବାକୁ ଚେଷ୍ଟା କଲେ। କ୍ରମଶଃ ଅନ୍ୟ ଚିତ୍ରକର ମଧ୍ୟ ଏ ଧାରାକୁ ଆପଣାଇବାକୁ ଲାଗିଲେ । ଫଳରେ ବ୍ୟଙ୍ଗଚିତ୍ରକରଙ୍କର ଆଦର ବଢ଼ିଲା।

## ବ୍ୟାୟାମ କରୁଛି ବିଲେଇ

**ନୂଆଦିଲ୍ଲୀ:** ଓଜନ କମ୍ କରିବା ପାଇଁ ଅନେକେ ଜିମ୍ ଯିବାକୁ ପସନ୍ଦ କରୁଛନ୍ତି। କିନ୍ତୁ ବିଲେଇ କେବେ ବ୍ୟାୟାମ କରିବା ଦେଖିଛନ୍ତି! ଏବେ ଏମିତି ଏକ ବିଲେଇ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କାର୍ ପାର୍କିଂ ସ୍ଥାନରେ ବିଲେଇଟି ଏତେ ସୁନ୍ଦରଭାବେ ବ୍ୟାୟାମ କରୁଥିବା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ମଣିଷଙ୍କ ଭଳି ବେଶ୍ ସୁନ୍ଦରଭାବେ ବ୍ୟାୟାମ କରୁଛି ବିଲେଇ। ଏକଥା ଶୁଣିଲେ ହୁଏତ ବିଶ୍ୱାସ କରିହେବ ନାହିଁ। କିନ୍ତୁ ମଣିଷଙ୍କ ଭଳି ଅବିକଳ ନକଲ କରି ବ୍ୟାୟାମ କରୁଥିବା ଏକ ବିଲେଇର ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପ୍ରଥମେ ଆମାଜିଂ ନେଚର ନାମକ ଟୁଇଟରରେ ଏହି ବିଲେଇର ଏକ ଭିଜୁଆଲକୁ ଶେୟାର କରାଯାଇଥିଲା। କିନ୍ତୁ ପରେ ଏହାକୁ ଲୋକେ ବାରମ୍ବାର ଶେୟାର କରିବାରେ ଲାଗିଲେ। ବିଲେଇଟି ଏକ କାର୍ ଉପରେ ଗୋଡ଼ ରଖି ମଣିଷ ଜିମ୍‌ରେ ବ୍ୟାୟାମ କରିବା ଭଳି କରୁଛି। ଏହି ଭିଜୁଆଲକୁ ଶେୟାରକରି ଏଥିରେ କ୍ୟାପ୍‌ସନରେ ଲେଖାଯାଇଛି, ୱାର୍କଆଉଟ୍ ଟାଇମ୍। ଉକ୍ତ ଭିଜୁଆଲକୁ ଦେଖିଲେ ଜଣାପଡ଼େ ସତେଯେପରି ବିଲେଇଟି ଢେର୍ ଦିନ ଆଗରୁ ବ୍ୟାୟାମ କରିବାର ଅଭ୍ୟାସ ରଖିଥିଲା। ଏହାକୁ ଦେଖି ଏବେ ଲୋକେ ସୁନ୍ଦର ସୁନ୍ଦର କମେଣ୍ଟ ଦେଉଛନ୍ତି। ଏମିତିକି ବିଲେଇଠାରୁ ବ୍ୟାୟାମ କରିବା ଶିଖିବା ଉଚିତ ବୋଲି ଅନେକେ ମତ ଦେଇଛନ୍ତି। ବିଲେଇ ଏତେ ସୁନ୍ଦର ବ୍ୟାୟାମ କରୁଛି ଯେ ଖୁବ୍ ଶୀଘ୍ର ତା'ର ସିକ୍ସ ପ୍ୟାକ୍ ହେବ ବୋଲି କେତେକେ ମତ ଦେଇଛନ୍ତି।

# ବିପର୍ଯ୍ୟସ୍ତ ଜଳଯୋଗାଣ ବ୍ୟବସ୍ଥା ନେଇ ଉଦ୍‌ବେଗ

ଡେରାବିଶ,୪।୫(ସ୍ୱ.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ଡେରାବିଶ ପଞ୍ଚାୟତ ସମିତିର ପ୍ରଥମ ବୈଠକ ବୁଧବାର ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥିଭାବେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ୍, ୧୩ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳି ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ବିଡିଓ ଗୋପବନ୍ଧୁ ଭୋସାଗର ବୈଠକ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ସମସ୍ତ ନବନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

ମୁଖ୍ୟଅତିଥି ଅଗ୍ରୱାଲ୍, ସମ୍ମାନିତ ଅତିଥି ସେଠୀ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗରିବ କଲ୍ୟାଣ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଥମେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ଉପରେ ହୋଇଥିବା ଆଲୋଚନାର ବିଭାଗୀୟ ବ୍ଲକ ଯନ୍ତ୍ରୀ ବିଭୁଦତ୍ତ ଦାସ ବ୍ଲକ ଅଞ୍ଚଳରେ ୪୦ଟି ଜଳଯୋଗାଣ ପ୍ରକଳ୍ପ ନିର୍ମାଣର ପ୍ରସ୍ତାବ ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏହାସହ ୬ ପ୍ରକଳ୍ପ ନିର୍ମାଣଧୀନ ରହିଥିବା କହିଥିଲେ । ତେବେ ୨୬ ପଞ୍ଚାୟତରେ ପାନୀୟ ଜଳ ଯୋଗାଣର ଉତ୍କଟ ସମସ୍ୟା ସମାଧାନ ପାଇଁ ବିଭାଗ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ସଦସ୍ୟମାନେ ପଚାରିଥିଲେ ମଧ୍ୟ ଯନ୍ତ୍ରୀ ଠିକ୍ ଉତ୍ତର ଦେଇ ନ ପାରିବାରୁ ବୈଠକରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ବାରିମୂଳ ସମିତିସଭ୍ୟ ସରୋଜକାନ୍ତ ସାହୁ, ସମିତିସଭ୍ୟ ପ୍ରଫୁଲ୍ଲ ସେଠୀ, କୃଷ୍ଣଚନ୍ଦ୍ର ସାହୁ, ସରପଞ୍ଚ ଶିଶିର କୁମାର ସାମଲ, ମିତାରାଣି ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, କନକଲତା ପ୍ରଧାନ, ମଧୁସ୍ମିତା ଦାସ ପ୍ରମୁଖ ଏ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଖୁବ୍ ଶୀଘ୍ର ଲୋକଙ୍କୁ ପାନୀୟଜଳ ଯୋଗାଇ ଦେବା ପାଇଁ ଅଗ୍ରୱାଲ୍ ବିଭାଗୀୟ ଯନ୍ତ୍ରୀଙ୍କୁ ତାଗିଦ୍ କରିଥିଲେ ।


ବୈଠକରେ ପ୍ରଶାସନିକ ଅଧିକାରୀ ଓ ନେତାମାନେ।

## ଡେରାବିଶ ପଞ୍ଚାୟତ ସମିତି ବୈଠକରେ ହୋହଲ୍ଲା

ସେହିପରି ଶିକ୍ଷା ବ୍ୟବସ୍ଥା ଉପରେ ସଭ୍ୟମାନେ ଆଲୋଚନା କରିଥିଲେ । ବିଭିନ୍ନ ବିଦ୍ୟାଳୟରେ ବହୁ ବର୍ଷ ଧରି ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ନେଇ ଉପସ୍ଥିତ ଥିବା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବିପିନ ବିହାରୀ ସିଂ ଠିକ୍ ତଥ୍ୟ ଦେଇପାରି ନ ଥିଲେ । ଏହାକୁ ନେଇ ସଭ୍ୟସଭ୍ୟାମାନେ କାହିଁକି ବୈଠକରେ ବ୍ଲକ ଶିକ୍ଷାଧିକାରୀ ଅନୁପସ୍ଥିତ ରହିଛନ୍ତି ବୋଲି ପ୍ରଶ୍ନ କରିବା ସହ ହଟ୍ଟଗୋଳ କରିଥିଲେ । ଜିଲା ପରିଷଦ ସଭାନେତ୍ରୀ ସେଠୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସର୍ବପୁରାତନ ବିଦ୍ୟାଳୟରେ ବହୁ ଶିକ୍ଷକ ଅନୁପସ୍ଥିତ ଥିବାରୁ ସେଠାରେ ଶିକ୍ଷାଦାନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା କହିଥିଲେ । ଉକ୍ତ ବୈଠକରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁବିକାଶ ସମେତ ଏମ୍‌ଜିଏନ୍‌ଆରଇଜିଏସ୍ ଉପରେ ଆଲୋଚନା କରାଯାଇଥିଲା । ଆଲୋଚନାରେ ସରପଞ୍ଚ ଅରକ୍ଷିତ ସେଠୀ, ଦୟାନିଧି ଦାସ, ଦୁର୍ଯ୍ୟୋଧନ ମଲ୍ଲିକ, ଅକ୍ଷୟ କୁମାର ସାହୁ, ତୃପ୍ତିମୟୀ କର, ମମତା ରାଉତ, ସମିତିସଭ୍ୟ ନିରଞ୍ଜନ କରଙ୍କ ସମେତ ବହୁ ସରପଂଚ ସମିତିସଭ୍ୟ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ ।

ବିଧାୟିକାଙ୍କ କଲ୍ୟାଣ ପାଣ୍ଠିରେ ବ୍ଲକ ପରିସରରେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ବିଧାୟକଙ୍କ ପ୍ରତିନିଧି ଅଗ୍ରୱାଲ୍ ଉଦ୍‌ଘାଟନ କରିଥିଲେ । ହେଲେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବାରିମୂଳ ସମିତିସଭ୍ୟ ସରୋଜକାନ୍ତ ସାହୁ ଏହାର ପ୍ରତିବାଦ କରିଥିଲେ । ଲୁଚାଣିଆ ଭାବେ ଏହି ପ୍ରକଳ୍ପ ଉଦ୍‌ଘାଟନ କରାଗଲା । ସମସ୍ତ ସରପଞ୍ଚ, ସମିତିସଭ୍ୟଙ୍କ ଉପସ୍ଥିତିରେ କାହିଁକି ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟନ ହେଲା ନାହିଁ ବୋଲି ପ୍ରଶ୍ନ କରିଥିଲେ । ଏହାକୁ ନେଇ ଉପାଧ୍ୟକ୍ଷ ଆଚାର୍ଯ୍ୟ ଓ ସରୋଜଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଜିଲା ପରିଷଦ ସଭାପତି ସେଠୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

ବୈଠକରେ ୧୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ୧୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲ୍ଲିକ, ବ୍ଲକ ପଞ୍ଚାୟତ ଅଧିକାରୀ ନନ୍ଦିନୀ ଶତପଥୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ, ଡେରାବିଶ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଚିତ୍ତରଞ୍ଜନ ବେହେରା, ସ୍ୱାସ୍ଥ୍ୟକେନ୍ଦ୍ର ପ୍ରକଳ୍ପ ଅଧିକାରୀ ଇପ୍‌ସିତା ମହାପାତ୍ର, ଛତା ଜଳସମ୍ପଦ ଉପଖଣ୍ଡ ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ, ବ୍ଲକ ସହକାରୀ ଯନ୍ତ୍ରୀ ବିଜୟ କୁମାର ସେଠୀ ଉପସ୍ଥିତ ରହି ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । ଏବିଡିଓ ଭଞ୍ଜ କିଶୋର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ଶିକ୍ଷକ ସଂଘ ନେତାଙ୍କୁ ବିଦାୟ ସମ୍ବର୍ଦ୍ଧନା

ରସୁଲପୁର,୪।୫(ଡି.ଏନ.ଏ.): ଯାଜପୁର ଜିଲା ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (ମ.ଇ.) ଶିକ୍ଷକ ସଂଘର ସଭାପତି ତଥା କୋରେଇ ବ୍ଲକ ଅନ୍ତର୍ଗତ ରାମପୁର ଶଗଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର କୁମାର ପାଣିଗ୍ରାହୀଙ୍କୁ ସଂଘ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବାଜର ନିକଟସ୍ଥ ଅଭିମନ୍ୟୁ ସାମନ୍ତ ସିଂହାର ଭବନ ପରିସରରେ ଆୟୋଜିତ ସଭାରେ ଚଣ୍ଡିପୁର ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ବୈଦ୍ୟନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରସୁଲପୁର ବ୍ଲକ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ, ମୁଖ୍ୟବକ୍ତା ରସୁଲପୁର ବ୍ଲକ ଅଧକ୍ଷ ଅରୁଣ କୁମାର ରାଉତ, ସମ୍ମାନିତ ଅତିଥି ଧର୍ମଶାଳା ବ୍ଲକ ଶିକ୍ଷାଧିକାରୀ ନିକୁଞ୍ଜ କିଶୋର ମହାନ୍ତି, କୁଆଖିଆ ଥାନା ଅଧିକାରୀ ଶିବ ଚରଣ ବେହେରା, ବ୍ଲକ ସହକାରୀ ଶିକ୍ଷାଧିକାରୀ ଶାନ୍ତିଲତା ରଉାତ, ରାଜ୍ୟ ସଂଘ ସମ୍ପାଦକ ରମେଶଚନ୍ଦ୍ର ବାରିକ, ଯାଜପୁର ଜିଲା ଶିକ୍ଷକ ସଂଘ ସଭାପତି କାହ୍ନୁଚରଣ ମହାନ୍ତି ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ପାଣିଗ୍ରାହୀଙ୍କ ଗୁଣଗାନ କରିଥିଲେ। ଅତିଥିଙ୍କ ଦ୍ୱାରା ବିଦାୟୀ ଶିକ୍ଷକଙ୍କୁ ମାନପତ୍ର, ଉପଢ଼ୌକନ, ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିରୀକ୍ଷକଙ୍କ ପରଲୋକ

ପାଣିକୋଇଲି,୪।୫(ଡି.ଏନ.ଏ.): ପାଣିକୋଇଲି ବଜାରର ଓଟିନ୍ଦା ରୋଡ୍‌ରେ ରହୁଥିବା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିରୀକ୍ଷକ ପଞ୍ଚାନନ ଦାସଙ୍କ ବୁଧବାର ପରଲୋକ ଘଟିଛି। ସେ ଜଣେ ସ୍ୱାସ୍ଥ୍ୟ ନିରୀକ୍ଷକ ଭାବେ ଲୋକଙ୍କ ସେବା କରି ସ୍ଥାନୀୟ ଅଞ୍ଚଳରେ ବେଶ ସୁନାମ ଅର୍ଜନ କରିଥିଲେ। କିଛି ଦିନ ହେବ ଯକୃତ ରୋଗରେ ପୀଡ଼ିତ ହୋଇ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ପାଣିକୋଇଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା।

## ଭାରସାମ୍ୟ ହରାଇ ଓଲଟିଲା କଣ୍ଟେନର, ଚାଳକ ଗୁରୁତର



ପାଣିକୋଇଲି,୪।୫(ଡି.ଏନ.ଏ.)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସାହାପୁର ନିକଟରେ ଭାରସାମ୍ୟ ହରାଇ ଏକ କଣ୍ଟେନର ରାସ୍ତା କଡ଼ରେ ଓଲଟି ପଡ଼ିଛି। ଫଳରେ ଗାଡ଼ି ଚାଳକ ଗୁରୁତର ହୋଇଛନ୍ତି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶଯୋଗ୍ୟ, ଭୁବନେଶ୍ୱରରୁ କୋଲକାତା ଅଭିମୁଖେ କଣ୍ଟେନର ନଂ.ଏନ୍‌ଏଲ-୦୧-ଏଏ-୯୩୮୪ ଯାଉଥିଲା। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଗୋଟିଏ ରାସ୍ତାରେ ଉଭୟ ପାର୍ଶ୍ୱର ଗାଡ଼ି ଯାତାୟାତ କରୁଛି। ତେବେ ଅନ୍ୟ ଏକ ଗାଡ଼ି ସାଇଡ୍ ମାରିବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ରାସ୍ତାରେ ଏକପାଖିଆ ଗାଡ଼ିଗୁଡ଼ିକୁ ଛଡ଼ାଯାଉଥିବାରୁ ଭିଡ଼ ହେଉଛି। ସେହିପରି ରାସ୍ତାର ଅନେକ ସ୍ଥାନରେ ମାଟି ଦବି ଯାଇଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଦେଖିବାକୁ ମିଳୁଛି।

# ଡାକ୍ତରୀ ଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ

ପଟ୍ଟାମୁଣ୍ଡାଇ୪।୫(ସ୍ୱ.ପ୍ର.)

ଉତ୍କଳ ବିଶ୍ୱବିଦ୍ୟାଳୟର ୫୧ତମ ସମାବର୍ତ୍ତନ ଉତ୍ସବରେ ୨୦୨୦-୨୧ ଶିକ୍ଷାବର୍ଷର କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କର୍କଟ ରୋଗ ପାଇଁ ବିକିରଣ ଚିକିତ୍ସା ବିଜ୍ଞାନ (ରେଡିଓ ଥେରାପି) ସ୍ନାତକତୋର ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା ଓ ଚିକିତ୍ସା କେନ୍ଦ୍ରର ଛାତ୍ରୀ ତଥା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଳଭଦ୍ରପୁର ଗ୍ରାମର ମୈତ୍ରୀ ପରିଡାଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି । ଏହି ଉତ୍ସବରେ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ମୁଖ୍ୟବକ୍ତା ଭାବେ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗ ଦେଇ ଡାକ୍ତର ପରିଡାଙ୍କୁ ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଡା. ପରିଡା ବର୍ତ୍ତମାନ ବ୍ରହ୍ମପୁରସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ କର୍କଟ ରୋଗ ବିଭାଗରେ କାର୍ଯ୍ୟରତ ଅଛନ୍ତି ।



# ପୁଅକୁ ଝୁରି ଝୁରି ଜୀବନ ହାରିଲେ ମା'

ପଦ୍ମପୁର, ୪।୫(ଡି.ଏନ.ଏ.)

ପୁଅକୁ ଝୁରି ଝୁରି ଜୀବନ ହାରିଲେ ମା' । ଏଭଳି ଦୁଃଖଦ ଘଟଣା ଘଟିଛି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆନ୍ଦୋଳା ପଞ୍ଚାୟତର ଜୋରାଗଡ଼ିଆ ଗ୍ରାମରେ। ସଂଘବଦ୍ଧ ଆକ୍ରମଣରେ ଏପ୍ରିଲ ୨୯ ତାରିଖରେ କରୁଣାକର ପ୍ରଧାନଙ୍କର ମୃତ୍ୟୁ ହୋଇଥିଲା। ପୁଅର ମୃତ୍ୟୁ ପରେ ହେମ ପ୍ରଧାନ ମାନସିକ ସ୍ତରରେ ଗଭୀର ଆଘାତ ପାଇଥିଲେ। ପୁଅକୁ ଝୁରି ଝୁରି ତାଙ୍କ ଅବସ୍ଥା ଦିନକୁ ଦିନ ସଙ୍ଗୀନ ହେଉଥିବା ବେଳେ ମଙ୍ଗଳବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ ପରେ ଶବ ସତ୍କାର କରିବା ପାଇଁ କେହି ନ ଥିବା ବେଳେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚି ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କୁ ଅବଗତ କରାଇ ଥିଲେ। ଅପରାହ୍ନରେ ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି। ନାୟକାଣିଡିହୀ ଥାନାରେ କରୁଣାକରଙ୍କ ମୃତ୍ୟୁକୁ ନେଇ ୨୨ ଜଣ ସମ୍ପର୍କୀୟଙ୍କ ନାମରେ ମାମଲା ଥିବାରୁ ଶବସତ୍କାର କରିବା ପାଇଁ କେହି ଉପସ୍ଥିତ ନ ଥିଲେ।

# କ୍ରିକେଟ୍: ମଧ୍ୟପଡ଼ା ଚାମ୍ପିୟନ



ରାଜନଗର, ୪।୫(ଡି.ଏନ.ଏ.)

ରାଜନଗର ବ୍ଲକ ଚକ୍ରଧରପୁର ଖେଳପଡିଆରେ ଚାଲିଥିବା ବାସନ୍ତୀ ମେମୋରିଆଲ ଟ୍ରଫି ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବିଜିସି କ୍ରିକେଟ କ୍ଲବ ଫିରିକିଦାଣ୍ଡୀ ଏବଂ ଏମସିଜି କ୍ରିକେଟ କ୍ଲବ ମଧ୍ୟପଡା ମଧ୍ୟରେ ହୋଇଥିଲା। ମଧ୍ୟପଡ଼ା ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୯ ଉଇକେଟ ହରାଇ ୧୨୧ ରନ ସଂଗ୍ରହ କରିଥିଲା। ଜବାବରେ ଫିରିକିଦାଣ୍ଡୀ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୦୨ ରନ କରିବାକୁ ସକ୍ଷମ ହୋଇଥିଲା। ମଧ୍ୟପଡା ରଚିତ ରଞ୍ଜନକୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ମନୋଜ ମଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ମା'ସାହାଡା ସୁନ୍ଦରୀ ସ୍ପୋର୍ଟିଂ କ୍ରିକେଟ କ୍ଲବ ପକ୍ଷରୁ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଥିଲା।

# ୧୫୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦାବି



ଖବରଦାତା ସମ୍ମିଳନରେ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚର କର୍ମକର୍ତ୍ତା।

ରସୁଲପୁର,୪।୫(ଡି.ଏନ.ଏ.)

ବିଦ୍ୟୁତ୍ ବିତରଣ କମ୍ପାନୀ ବିରୋଧରେ ଜନଅସନ୍ତୋଷ ସ୍ୱର ତୀବ୍ର ହେବାରେ ଲାଗିଛି। ବିଭାଗର ଅଘୋଷିତ ବିଦ୍ୟୁତ୍ କାଟ୍, ଅଣଆଦାୟ ମିଥ୍ୟା ବକେୟା ବିଲ୍‌କୁ ଆଦାୟ କରିବାକୁ ଉପଭୋକ୍ତାଙ୍କ ଉପରେ ଜୁଲମ୍ କରିବା, ବିନା ନୋଟିସରେ ବିଦ୍ୟୁତ୍ କାଟ କରିବା, ଚାଷୀଙ୍କୁ ବିଦ୍ୟୁତ ଯୋଗାଣ ଦିଗରେ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରିବା ଆଦିକୁ ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ଏକତା ମଞ୍ଚ ଦୃଢ ବିରୋଧ କରିଛି। ଏଥିସହ ଗରିବ ଗ୍ରାହକଙ୍କ ଉପରେ ରହିଥିବା ବିବାଦୀୟ ବକେୟା ବିଦ୍ୟୁତ୍ ବିଲକୁ ଛାଡ କରିବା ସହ ପ୍ରତ୍ୟେକ ଗ୍ରାହକଙ୍କୁ ୧୫୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଇ ଦେବାକୁ ମଞ୍ଚ ପକ୍ଷରୁ ବୁଧବାର ନଠୁଆବର ହାଟସ୍ଥିତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି।

ମଞ୍ଚ ପକ୍ଷରୁ କୁହାଯାଇଛି, ନିଅଣ୍ଟିଆ ରାଜ୍ୟଗୁଡ଼ିକ ବିଦ୍ୟୁତ୍ କ୍ରୟକରି ଗ୍ରାହକଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ଦେଉଥିବା ବେଳେ ଓଡ଼ିଶା ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଏକ ବଳକା ରାଜ୍ୟ ହୋଇ ବି ରାଜ୍ୟବାସୀ ବିଦ୍ୟୁତ୍ ସମସ୍ୟାରେ ପେଶି ହେଉଛନ୍ତି। କମ୍ପାନୀର ଏଭଳି ଅନ୍ୟାୟ ଓ ଅସମାନତା ବରଦାସ୍ତ କରାଯିବ ନାହିଁ। ଏଭଳି ସ୍ଥିତି ଜାରି ରହିଲେ ମଞ୍ଚ କମ୍ପାନୀ ବିରୋଧରେ ଆନ୍ଦୋଳନାତ୍ମକପନ୍ଥା ଆପଣେଇବାକୁ ବାଧ ହେବ ବୋଲି ସଭାପତି ନାରାୟଣ ଜେନା, ସମ୍ପାଦକ ସୁଦାମ ଚରଣ ରାଉତ, ବଟକୃଷ୍ଣ ପ୍ରଧାନ, ଗୋଲକ ବିହାରୀ ରାଉତ, ମାନଗୋବିନ୍ଦ ସାମଲ, ନୀରଞ୍ଜନ ନାୟକ, ନୀରଞ୍ଜନ ପ୍ରଧାନ, ସାନ୍ତନୁ ଶତପଥୀ, ବିଶ୍ୱଜିତ୍ ମହାନ୍ତି, ସୁଧାଂଶୁ ଭୂଷଣ ମିଶ୍ର, ଦୁଃଶାସନ ନାୟକ, ଅଲେଖ ବଳ, ଯୋଗେନ୍ଦ୍ର ନାୟକ, ଅମୂଲ୍ୟ କୁମାର ସାହୁ, କୀର୍ତ୍ତନ ବିହାରି ସାହୁ, ଅଶୋକ କୁମାର ନାୟକ, କୃଷ୍ଣଚନ୍ଦ୍ର ସାହୁ, ସନ୍ତୋଷ କୁମାର ଦାଶ, ଲାଲମୋହନ ନନ୍ଦି ଓ ବିବେକାନନ୍ଦ ନାୟକ ପ୍ରମୁଖ ମତପୋଷଣ କରିଛନ୍ତି।

DADLS - 21
75 Azadi Ka Amrit Mahotsav
ଓଡ଼ିଶା ସରକାର



ମହାନ ବିପ୍ଲବୀ
ଧରଣୀଧର ନାଏକ (ଭୂୟାଁ)ଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୫ ମଇ, ୨୦୨୨

ସକାଳ ୮ ଘଟିକା ସମୟରେ ଭୁବନେଶ୍ୱର ଇ.ଏସ୍.ଆଇ ହସ୍‌ପିଟାଲ୍ ରାସ୍ତା ଛକସ୍ଥିତ ଧରଣୀଧର ନାଏକ (ଭୂୟାଁ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ସଭାପତି : -ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ
ମୁଖ୍ୟ ଅତିଥି : -ଶ୍ରୀଯୁକ୍ତ ପ୍ରେମାନନ୍ଦ ନାୟକ, ମାନ୍ୟବର ମନ୍ତ୍ରୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା
ସମ୍ମାନିତ ଅତିଥି : -ଶ୍ରୀଯୁକ୍ତ ବଦ୍ରି ନାରାୟଣ ପାତ୍ର, ମାନ୍ୟବର ବିଧାୟକ
-ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ, ଉପଦେଷ୍ଟା, ଓଡ଼ିଶା ସରକାର(ଗଣମାଧ୍ୟମ ଓ ଲୋକସମ୍ପର୍କ)
-ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକ ସମ୍ପର୍କ ବିଭାଗ
-ଡଃ ଲେନିନ୍ ମହାନ୍ତି, ସମ୍ପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା : -ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ଦାଶ, ବିଶିଷ୍ଟ ଶିକ୍ଷାବିତ୍ ତଥା ଗବେଷକ

'ଆଦୃତା', ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ 'କେନ୍ଦୁଝର ସଂଘ ଓ କେନ୍ଦୁଝର ବିକାଶ ପରିଷଦ'ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

କେନ୍ଦୁଝର ଜିଲ୍ଲା ଭୂୟାଁ ସମ୍ପ୍ରଦାୟର ଜନଜାତି ନେତା ଧରଣୀଧର ଭୂୟାଁ । ତତ୍କାଳୀନ ରାଜା ଓ ରାଜ କର୍ମଚାରୀମାନଙ୍କର ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ପ୍ରଜାମାନଙ୍କର ବେଠି ଖଟିବାକୁ ତୀବ୍ର ବିରୋଧ କରି ବିଦ୍ରୋହର ସୂତ୍ରପାତ କରିଥିଲେ ଧରଣୀଧର । ଅତ୍ୟାଚାରୀ ରାଜତନ୍ତ୍ର ଓ ଇଂରେଜ ଶାସନ ବିରୁଦ୍ଧରେ ବିପ୍ଲବୀ ଧରଣୀଧରଙ୍କର ଦୁଃସାହସିକ ସଂଗ୍ରାମ ଓଡ଼ିଶା ଇତିହାସରେ ଅନନ୍ୟ । ଜନମାନସର ନେତା ଧରଣୀଧରଙ୍କର ଜାତିପ୍ରୀତି, ସାହସିକତା, ନିର୍ଭୀକତା, ଉଦ୍ଧାମତା ଓ ଆଦର୍ଶ ଆମକୁ ଚିର ଅନୁପ୍ରାଣିତ କରୁଥିବ ।

OIPR-15001/13/0038/2223

## ସଂକ୍ଷେପରେ

### ବିଏମ୍‌ଏସ୍ ଅଧିବେଶନରେ ଭବେନ୍ଦ୍ରଙ୍କୁ ଉପସଭାପତି ଦାୟିତ୍ୱ



ପାରାଦୀପ,୪ା୫(ସ୍ୱ.ପ୍ର.): ପାରାଦୀପ ବନ୍ଦର ମଜଦୁର ସଂଘ ସମ୍ପାଦକ ଭବେନ୍ଦ୍ର କୁମାର ଦାଶଙ୍କୁ ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୁର ମହାସଂଘ (ବିଏମ୍‌ଏସ୍) ଉପସଭାପତି ଦାୟିତ୍ୱ ଦିଆଯାଇଛି। ଏହି ଖବର ଜଣାପଡ଼ିବା ପରେ ସଂଘର କର୍ମକର୍ତ୍ତାମାନେ ବୁଧବାର ପାରାଦୀପରେ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ସୂଚନାଯୋଗ୍ୟ, ମୁମ୍ବାଇ ଜେଏନ୍‌ପିଟି (ଜବାହରଲାଲ ନେହେରୁ ପୋର୍ଟ ଟ୍ରଷ୍ଟ)ଠାରେ ବିଏମ୍‌ଏସ୍‌ର ୧୦ମ ବାର୍ଷିକ ଅଧିବେଶନ ଏପ୍ରିଲ ୩୦ରୁ ମେ' ୨ ପର୍ଯ୍ୟନ୍ତ ହୋଇଥିଲା। ସେଥିରେ ପାରାଦୀପ ମଜଦୁର ସଂଘର ୧୧ଜଣ ପ୍ରତିନିଧି ଯୋଗ ଦେଇଥିଲେ। ଭବେନ୍ଦ୍ରଙ୍କୁ ଆସନ୍ତା ୨୦୨୫ ପର୍ଯ୍ୟନ୍ତ ଉପସଭାପତି ଦାୟିତ୍ୱ ଦିଆଯାଇଛି ବୋଲି ସଂଘ ସଭାପତି ରାକେଶ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ପଦବୀ ପାଇବା ପରେ ଦାଶ କହିଛନ୍ତି, ବନ୍ଦର କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀଙ୍କ ପାଇଁ ସାଧମତେ କାମ କରିବି।

### ରାସ୍ତାକଡ଼ରେ ହାଣ୍ଡିଆ ବିକୁଛନ୍ତି ମହିଳା



ପାରାଦୀପ,୪ା୫(ସ୍ୱ.ପ୍ର.): ପାରାଦୀପର ସବ୍‌ଷ୍ଟେଶନ ଛକ ପାଖ ମୁଣ୍ଡାପଡା ବସ୍ତି ରାସ୍ତାରେ ପ୍ରତିଦିନ କେତେଜଣ ଅନୁସୂଚିତ ଜନଜାତି ମହିଳା ହାଣ୍ଡିଆ ବିକୁଥିବା ଦେଖିବାକୁ ମିଳିଛି। ବୋତଲରେ ହାଣ୍ଡିଆ ରଖି ତା' ଉପରେ ଗ୍ଲାସ ସଜେଇ ବିକୁଛନ୍ତି। ପ୍ରତି ଗ୍ଲାସ ହାଣ୍ଡିଆର ମୂଲ୍ୟ ୧୦ ଟଙ୍କା ରଖିଛନ୍ତି। ଏମିତି ବିକ୍ରି ବେଳେ ତାଙ୍କୁ ହାଣ୍ଡିଆ ସମ୍ପର୍କରେ ପଚାରିଥିଲୁ। ସେ ଏହାର ଅନେକ ଉପକାରିତା ସମ୍ପର୍କରେ କହିଥିଲେ। ଏପରି କି ହାଣ୍ଡିଆ ପିଇଲେ କରୋନା ହେବ ନାହିଁ ବୋଲି ମହିଳା ଶୁକ୍ର ଲାଗୁରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ କହିଥିଲେ, କରୋନାରେ ଆମ ସମ୍ପ୍ରଦାୟର ଲୋକେ ଆକ୍ରାନ୍ତ ହୋଇନାହାନ୍ତି। ତାଙ୍କୁ କରୋନା ଟିକା ନେଇଛ କି ନାହିଁ ପଚାରିବାରେ ମଜାଳିଆ ଉତ୍ତର ଦେଇଥିଲେ, କରୋନା ଯିବା ପରେ ଟିକା। ଏମିତି ହାଣ୍ଡିଆ ବିକ୍ରି ଦୃଶ୍ୟ ପାରାଦୀପର ଅନେକ ସ୍ଥାନରେ ଦେଖିବାକୁ ମିଳିଥାଏ। ଭାତକୁ ୨ରୁ ୩ ଦିନ ପାଣିରେ ରଖିବା ପରେ ତାକୁ ଖଲିକି ଦହି ଭଳି କରାଯାଏ। ଗୋଟିଏ କେଜି ଚାଉଳ ଭାତରେ ୨୦ରୁ ୨୫ ଗ୍ଲାସ ହାଣ୍ଡିଆ ପ୍ରସ୍ତୁତ କରାଯାଏ ବୋଲି ଜଣେ ମହିଳା କହିଥିଲେ।

# ରାସ୍ତା ଫାଟିଗଲାଣି, ପିଇବା ପାଣି ନଷ୍ଟ ହେଉଛି

ଜଗତ୍‌ସିଂହପୁର ଅଫିସ,୪ା୫

ଜଗତ୍‌ସିଂହପୁର ଜିଲାର କେତେକ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଫାଟିଗଲାଣି। ସେସବୁର ମରାମତି କିମ୍ବା ପୁନଃ ନିର୍ମାଣ ହୋଇପାରିନାହିଁ। ତେଣୁ ଏହା ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧକ୍ଷଣ ଯନ୍ତ୍ରୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ। ଏରସମା ବ୍ଲକ ଅନ୍ତର୍ଗତ ବାମଦେଇରଠାରେ କାର୍ଯ୍ୟକ୍ଷମ ପାନୀୟ ଜଳ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି। ପାଇପ ଫାଟି ପାନୀୟ ଜଳ ନଷ୍ଟ ହେଉଥିବାରୁ ତୁରନ୍ତ ମରାମତି ଆବଶ୍ୟକ। ପ୍ରତ୍ୟେକ ବ୍ଲକରେ କେତେ ଫାର୍ମପଣ୍ଡ ଓ ବୃକ୍ଷରୋପଣ ହୋଇଛି ତା' ଉପରେ ସମ୍ପୃକ୍ତ ବ୍ଲକର ଅଧକ୍ଷମାନଙ୍କୁ ନେଇ ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ରିପୋର୍ଟ ଦିଅନ୍ତୁ। ବୁଧବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ପ୍ରଥମ ଜଗତ୍‌ସିଂହପୁର ଜିଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ (ଦିଶା)ରେ ଯୋଗଦେଇ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି।



ଦିଶା ବୈଠକରେ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ।

ଜଗତ୍‌ସିଂହପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ପ୍ରଶାନ୍ତ କୁମାର ମୁଦୁଲି ମଧ ଉଦ୍ୟାନ ଓ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ଜିଲାରେ କରାଯାଇଥିବା ଫାର୍ମପଣ୍ଡ ଓ ବୃକ୍ଷରୋପଣ ସମ୍ପର୍କିତ ତଥ୍ୟ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଦାଖଲ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଭୀମ ଭୋଇ ସାମର୍ଥ୍ୟ ଶିବିରରେ ଅର୍ଥୋପେଡିକ ବିଶେଷଜ୍ଞଙ୍କୁ କଟକରୁ ଆଣି ସାମିଲ କରାଗଲେ ଭିନ୍ନକ୍ଷମ ପ୍ରମାଣପତ୍ର ସୁବିଧାରେ ମିଳିପାରିବ ବୋଲି କହିଥିଲେ। ଦିଶା କମିଟିର ସେକ୍ରେଟାରୀ ତଥା ଜିଲାପାଳ ପାରୁଲ ପଟାୱରୀ ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ରରେ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା, ଫ୍ଲାଗସିପ୍ ପ୍ରୋଗ୍ରାମର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ, ଜିଲା ଉନ୍ନୟନ କ୍ଷେତ୍ରରେ ଅଧିକାରୀମାନେ କିପରି କାମ କରୁଛନ୍ତି ସେ ସମ୍ପର୍କରେ ଦିଶା କମିଟି ସଦସ୍ୟମାନେ ସମୀକ୍ଷା କରନ୍ତୁ। ତେବେ ଜିଲାର ବରିଷ୍ଠ ଅଧିକାରୀ ଯଥା ଅତିରିକ୍ତ ଜିଲାପାଳ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଉପଜିଲାପାଳ ବ୍ଲକସ୍ତରରେ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମାସକୁ ୨ଥର ସମୀକ୍ଷା କରିବେ। ଜିଲାସ୍ତରୀୟ ଓ କ୍ଷେତ୍ରୀୟ ଅଧିକାରୀମାନେ ଉନ୍ନୟନ କାର୍ଯ୍ୟର ଫଟୋଗ୍ରାଫ ଓ ଭିଜୁଆଲଗୁଡ଼ିକ ପାୱାର ପଏଣ୍ଟ ମାଧ୍ୟମରେ ପରବର୍ତ୍ତୀ ସମୀକ୍ଷା ବୈଠକରେ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ସରକାରଙ୍କ ବିଭିନ୍ନ ଯୋଜନା କିପରି ଠିକ୍ ସମୟରେ ସମ୍ପୂର୍ଣ୍ଣ ହେବ ଏବଂ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତାଗୁଡ଼ିକର ମରାମତି ଉପରେ ପ୍ରତ୍ୟେକ ଯତ୍ନବାନ ହେବା ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ଦିଶା କମିଟି ଅଧକ୍ଷା ତଥା ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ପୌରୋହିତ୍ୟ କରି ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ମଧ୍ୟରୁ କେଉଁଗୁଡ଼ିକ

**ପ୍ରଥମ ଜିଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି (ଦିଶା) ବୈଠକ**
- ଫାର୍ମପଣ୍ଡ, ବୃକ୍ଷରୋପଣ ଉପରେ ରିପୋର୍ଟ ତଲବ
- ବରିଷ୍ଠ ଅଧିକାରୀ ମାସକୁ ୨ଥର ଉନ୍ନୟନମୂଳକ କାର୍ଯ୍ୟର କରିବେ ସମୀକ୍ଷା

ଅଧୁରା କିମ୍ବା କାର୍ଯ୍ୟାନ୍ୱୟନରେ ସମସ୍ୟା ରହିଛି ତା'ର ସମାଧାନ ଦରକାର। ଏଥିସହ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଜନସାଧାରଣଙ୍କୁ ବ୍ୟାପକ ସଚେତନତା କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇବା, ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ଆଦି ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ସମନ୍ୱିତ ଶିଶୁ ବିକାଶ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଜାତୀୟ ଗ୍ରାମାଞ୍ଚଳ ପାନୀୟଜଳ କାର୍ଯ୍ୟକ୍ରମ, ଦିନଦୟାଲ ଅନ୍ତୋଦୟ ଯୋଜନା, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଦିନଦୟାଲ ଉପାଧ୍ୟାୟ ଗ୍ରାମ୍ୟ ଜ୍ୟୋତି ଯୋଜନା, ସର୍ବଶିକ୍ଷା ଅଭିଯାନ, ମଧ୍ୟାହ୍ନଭୋଜନ ସ୍କିମ, ପ୍ରଧାନମନ୍ତ୍ରୀ ନିଯୁକ୍ତି ଜେନେରେଶନ୍ କାର୍ଯ୍ୟକ୍ରମ, ହାଇୱେ ଓ ଟେଲିକମ ଭିତ୍ତିଭୂମି, ଡ୍ରେନେଜ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବୈଠକରେ ୮ଟି ବ୍ଲକର ଅଧକ୍ଷାଅଧକ୍ଷ ଜଗତ୍‌ସିଂହପୁର ପୌରାଧକ୍ଷା, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ର ବିଭାଗୀୟ ଅଧିକାରୀ ଓ ବିଡିଓମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ର ନାରାୟଣ ଦାସ ବୈଠକ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ।

# ୧୨ ଦଳର ନେତାଙ୍କୁ ଢିଙ୍କିଆରେ ପୂରାଇଦେଲେନି

କୁଜଙ୍ଗ, ୪ା୫ (ଡି.ଏନ୍.ଏ.)

- ଗ୍ରାମ୍ୟ ସୁରକ୍ଷା କମିଟିର ବିରୋଧ
- ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ

ଗ୍ରାମ୍ୟ ସୁରକ୍ଷା କମିଟିର ବିରୋଧ ଯୋଗୁ ମିଳିତ ବିରୋଧୀ ଦଳ ନେତୃମଣ୍ଡଳୀ ବୁଧବାର ଆସି ଢିଙ୍କିଆ ଗାଁରେ ପ୍ରବେଶ ନ କରି ପାରି ଫେରି ଯାଇଛନ୍ତି। ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପ୍ରତିଷ୍ଠା ହେବାକୁ ରହିଛି। ହେଲେ ଏହାକୁ ବିରୋଧ କରି ଚାଲିଥିବା ଆନ୍ଦୋଳନକୁ ପ୍ରଶାସନ, ପୋଲିସ ଲୋକମାନଙ୍କ ଉପରେ ଚାପ ସୃଷ୍ଟି କରିବା ସହ ନିର୍ଯାତନା ଦେବା ଓ ମିଥ୍ୟା ମାମଲାରେ ଫସାଇ ଜେଲ ପଠାଇ ଦେଉଥିବା ଅଭିଯୋଗ ହେଉଛି। ଆନ୍ଦୋଳନକୁ ଚପାଇ ଦେବାକୁ ସବୁ ପ୍ରକାର ଉଦ୍ୟମ କରାଯାଉଥିବା ଅଭିଯୋଗର ସ୍ଥିତି ଅନୁଧ୍ୟାନ ପାଇଁ ପୂର୍ବ ଘୋଷଣା ଅନୁଯାୟୀ କଂଗ୍ରେସ ବ୍ୟତୀତ ୧୨ଟି ରାଜନୈତିକ ଦଳର ନେତୃମଣ୍ଡଳୀ ଓ ଜନ ଆନ୍ଦୋଳନ ନେତାମାନେ ବୁଧବାର ଢିଙ୍କିଆ ଗାଁକୁ ଆସିଥିଲେ। ପୂର୍ବରୁ ଗ୍ରାମ୍ୟ ସୁରକ୍ଷା କମିଟି ଗାଁର ଭାଇଚାରା ନଷ୍ଟ କରୁଥିବା ବାହାର ଲୋକଙ୍କୁ ଭିତରେ ପୂରାଇ ନ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ,


ଗ୍ରାମବାସୀ ମିଳିତ ବିରୋଧ ଦଳ ନେତାମାନଙ୍କୁ ଗାଁରେ ପୂରାଇ ଦେଉନାହାନ୍ତି।

ଢିଙ୍କିଆର ୩ଟି ପ୍ରବେଶ ପଥରେ ଗାଁ ଲୋକେ ଜଗି ରହିଥିଲେ। ମାତ୍ର ପ୍ରତିନିଧି ମଣ୍ଡଳୀ କୁଜଙ୍ଗରୁ ବାଲିତୁଠ ଦେଇ ଆସୁଥିବା ଖବରପାଇ ଗ୍ରାମ୍ୟ ସୁରକ୍ଷା କମିଟି ପାଟଣାପଟ ଗାଁ ମୁଣ୍ଡରେ ପଥ ଅବରୋଧ କରିଥିଲେ। ସେମାନେ ଗାଁ ମୁଣ୍ଡରେ ପହଞ୍ଚିବା ପରେ ଗ୍ରାମ୍ୟ ସୁରକ୍ଷା କମିଟି ଭିତରକୁ ଛାଡି ନ ଥିଲେ। କୌଣସି ବ୍ୟକ୍ତି ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାରେ କିଛି ସାମ୍ବିଧାନିକ କଟକଣା ନାହିଁ। ଏହି ବିରୋଧ ଗଣତନ୍ତ୍ର ବିରୋଧୀ ବୋଲି ପ୍ରତିନିଧିମଣ୍ଡଳୀ ଅଭିଯୋଗ କରିଥିଲେ। ସେମାନେ କହିଥିଲେ, ଏଥିରୁ ସ୍ପଷ୍ଟ ଅନୁମେୟ କେତେଜଣ ବ୍ୟକ୍ତି ଜୋର ଜବରଦସ୍ତ କରୁଛନ୍ତି। କମ୍ପାନୀ କଥାରେ ଗାଁ ଲୋକଙ୍କ ସ୍ଥିତି ଅନୁଧ୍ୟାନ ପାଇଁ ପୂରାଇ ଦେଉନାହାନ୍ତି। ଅସଲ ଚେହେରା ପଦାରେ ପଡିଯିବା ଭୟରେ ଏମାନେ ପଥ ଓଗାଳୁଛନ୍ତି ବୋଲି ପ୍ରତିନିଧି ମଣ୍ଡଳୀ କହିଥିଲେ। ଅନ୍ୟପକ୍ଷରେ ଗ୍ରାମ୍ୟ କମିଟିର ଉପଦେଷ୍ଟା ନିଭୟ ସାମନ୍ତରାୟ କହିଥିଲେ, ଅତୀତରେ ପ୍ରଫୁଲ୍ଲ ସାମନ୍ତରା ପ୍ରମୁଖ କେତେଜଣ ପ୍ରକଳ୍ପ ବିରୋଧୀ ବ୍ୟକ୍ତି ଆସି ଆମ ଭିତରେ ବିଭେଦର ବିଷମଞ୍ଜି ବୁଣି ଭାଇଚାରା ନଷ୍ଟ କରିଛନ୍ତି। ତେଣୁ ଆମେ ବାହାର ଲୋକଙ୍କୁ ଛାଡିବୁ ନାହିଁ। ପ୍ରତିନିଧି ମଣ୍ଡଳୀ ଫେରିଯିବା ବେଳେ କହିଥିଲେ, ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଢିଙ୍କିଆ ଗସ୍ତରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ସିପିଏମ୍‌ର ସନ୍ତୋଷ ଦାସ, ଜନ୍ମେଶ୍ୱର ସାମନ୍ତରାୟ, ସିପିଆଇ ନେତା ଜୟନ୍ତ ଦାସ, ସିପିଆଇ (ଏମ୍‌ଏଲ୍) ଯୁଧିଷ୍ଠିର ମହାପାତ୍ର, ମହେନ୍ଦ୍ର ପରିଡ଼ା, କିଷାନ ପଟ୍ଟନାୟକ, ଫରୱାର୍ଡ ବ୍ଲକର ନେତା ଜ୍ୟୋତିରଞ୍ଜନ ମହାପାତ୍ର, ସିପିଆଇ(ଏମ୍‌ଏଲ୍) ନେତା ଶ୍ରୀକାନ୍ତ ମହାନ୍ତି, ସିପିଆଇରେଡ୍‌ଷ୍ଟାରନେତାଶଙ୍କରସାହୁ,ଆପ୍ ନେତା ରଙ୍ଗା ଚରଣ ପ୍ରଧାନ, ସମାଜବାଦୀ ପାର୍ଟିର ସୁଦର୍ଶନ ପ୍ରଧାନ, ରିପବ୍ଲିକାନ ପାର୍ଟିର ସେକ୍ ଅବଦୁଲ ୱାଲି, ଆରଜେଡି ନେତା ହେମନ୍ତ ବାରିକ, ଏସ୍‌ୟୁସିଆଇ ନେତା ନିରଞ୍ଜନ ମହାନ୍ତି, ରେଭେନ୍‌ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ସଭାପତି ତପନ ମିଶ୍ର ଓ ସାମାଜିକ କର୍ମୀ ସ୍ୱାତୀ ମିଶ୍ର ପ୍ରମୁଖ ନେତୃମଣ୍ଡଳୀରେ ସାମିଲ ହୋଇଥିଲେ।

# ନିଖୋଜ ନାବାଳିକା ଉଦ୍ଧାର

ପାଣିକୋଇଲି,୪ା୫(ଡି.ଏନ.ଏ.)

ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ରଙ୍ଗରଙ୍ଗା ଗ୍ରାମରୁ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ କେନ୍ଦୁଝର ଜିଲାରୁ ବୁଧବାର ଉଦ୍ଧାର କରିଛି। ଗୁରୁବାର ତାଙ୍କୁ କୋର୍ଟରେ ହାଜର କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ନାବାଳିକା ଗତ ମାସ ୨୮ ତାରିଖରେ କଲେଜ ଯାଇ ଘରକୁ ଫେରି ନ ଥିଲେ। ଏନେଇ ତାଙ୍କ ମା' ଗତ ୩ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୯୮/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ୩ୟ ଦିନରେ କୁଜଙ୍ଗ ଆଇନଜୀବୀ ସଂଘର ଆନ୍ଦୋଳନ



ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ କୋର୍ଟ ଗେଟ ବନ୍ଦ ରହିଛି।

କୁଜଙ୍ଗ,୪ା୫ (ଡି.ଏନ.ଏ.)

ପରିବାର ଅଦାଲତ ଓ ପୋସକୋ ଅଦାଲତ ପ୍ରତିଷ୍ଠା ଦାବିରେ ୨ତାରିଖରୁ କୁଜଙ୍ଗ ଆଇନଜୀବୀ ସଂଘ ପକ୍ଷରୁ କୋର୍ଟ ବନ୍ଦ ଆନ୍ଦୋଳନ ବୁଧବାର ୩ୟ ଦିନରେ ପହଞ୍ଚିଛି। ଫଳରେ ସମସ୍ତ କୋର୍ଟ କାର୍ଯ୍ୟ ବନ୍ଦ ହୋଇଯାଇଛି। ଆବଶ୍ୟକ ପଡୁଥିବା ସତ୍ୟ ପାଠଟିଏ ମଧ ସାଧାରଣ ଲୋକ କରି ପାରୁନାହାନ୍ତି। ଏଥିଯୋଗୁ ଅନେକ ଲୋକ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ତହସିଲରେ ମଧ ସାଧାରଣ ଲୋକଙ୍କ କାମ ହୋଇପାରୁନାହିଁ। ସୂଚନାଯୋଗ୍ୟ, ପୂର୍ବରୁ କୁଜଙ୍ଗରେ ସପ୍ତାହକୁ ଥରେ ପରିବାର ଓ ପୋସକୋ ସଂକ୍ରାନ୍ତୀୟ ମାମଲାର ବିଚାର ହେଉଥିଲା। ମାତ୍ର କୌଣସି କାରଣରୁ ତାହା ଏଠାରେ ନ ଚାଲି ଜଗତ୍‌ସିଂହପୁରରେ ବିଚାର ହେବାରୁ ଦୂରଦୂରାନ୍ତରୁ ମହକିଲ ଯାଇ ଖର୍ଚ୍ଚାନ୍ତ ହେବା ସହ ଠିକ୍ ସେ ଆଇନ ପରାମର୍ଶ ପାଇବାରୁ ବଞ୍ଚିତ ହେଉଛନ୍ତି। ଉକ୍ତ ଦୁଇ ଅଦାଲତ ପ୍ରତିଷ୍ଠା ପାଇଁ ପୂର୍ବତନ ସଭାପତି ଅମୃତ ଦାସଙ୍କ ନେତୃତ୍ୱରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଯାହାକି କାର୍ଯ୍ୟକାରୀ ହେବାରେ ବିଳମ୍ବ ହେବାରୁ ଆଇନଜୀବୀ ସଂଘ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଛି। ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଆଇନଜୀବୀ ସଂଘର ସଭାପତି ସୁଶାନ୍ତ ପଟ୍ଟନାୟକ କହିଛନ୍ତି।

# ପ୍ରାକୃତିକ ବାଲିସ୍ତୂପ ଖୋଳି ବାଲି ନେଉଛନ୍ତି ମାଫିଆ

କୁଜଙ୍ଗ ୪ା୫ (ଡି.ଏନ.ଏ.)

ଏରସମା ତହସିଲ ଅଭୟଚାନ୍ଦପୁର ମୌଜା ଅନ୍ତର୍ଗତ ବୋଷ୍ଟାଲିସ ପଏଣ୍ଟ ନିକଟରେ ଥିବା ପ୍ରାକୃତିକ ବାଲିସ୍ତୂପକୁ ଦିନ ଦ୍ୱିପ୍ରହରରେ ମାଫିଆମାନେ ଦୈନିକ ଶତାଧିକ ଟ୍ରିପ ବାଲି ମେଶିନ ସାହାଯ୍ୟରେ ଖୋଳି ନେଇ ଯାଉଛନ୍ତି। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଚୌଧୁରୀଙ୍କୁ ପଚାରିବାରେ ଜଣଙ୍କର ବ୍ୟକ୍ତିଗତ ଜମିରୁ ବାଲି ଉଠାଣ ଚାଲିଛି।

**କୋଟିକୋଟି ଟଙ୍କାର ରାଜସ୍ୱହାନି**


ବେଆଇନ ଭାବେ ବାଲି ଚାଲାଣ ଚାଲିଛି।

ରୟାଲିଟି କଟାଯାଇଛି। ମାତ୍ର କେତେ ପରିମାଣର ବାଲି ଉଠିବ ଏବଂ କେତେ ଟଙ୍କା ରୟାଲିଟି କଟା ହୋଇଛି ସେ କଥା ସ୍ପଷ୍ଟ କରି ନ ଥିଲେ। ଯଦି ସେ ସରକାରୀ ଜମିରୁ ଏବଂ ଆବଶ୍ୟକ ପରିମାଣଠାରୁ ଅଧିକା ବାଲି ଉଠୁଥାଏ ତେବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଆହୁରି ମଧ କହିଥିଲେ, ଏ ସମ୍ପର୍କରେ ସେ ପୂର୍ବରୁ ଗ୍ରାମବାସୀ ଓ ଅନ୍ୟମାନଙ୍କଠାରୁ ଅଭିଯୋଗ ପାଇବା ପରେ ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ନଜର ରଖିବା ପାଇଁ କୁହାଯାଇଛି। କେଉଁ ଅନାଦି କାଳରୁ ଏହି ପ୍ରାକୃତିକ ବାଲୁକା ପ୍ରାଚୀର ଢିଙ୍କିଆ, ତ୍ରିଲୋଚନପୁର, ମାହଳ, ପାଟଣା, ଗୋବିନ୍ଦପୁର ପ୍ରଭୃତି ଗ୍ରାମକୁ ସମୁଦ୍ର ଢେଉରୁ ସୁରକ୍ଷା ଦେଉଥିଲା। ମାତ୍ର ଆଜି ସେହି ବାଲୁକା ସ୍ତୂପ ଉପରେ ବାଲି ମାଫିଆମାନେ ନିଜର ମାଲିକାନା ଦର୍ଶାଇ କୋଟି କୋଟି ଟଙ୍କାରେ ଠିକାଦାରଙ୍କୁ ବିକୁଛନ୍ତି। ଏହା ଫଳରେ ତହସିଲର କୋଟି କୋଟି ଟଙ୍କାର ରାଜସ୍ୱହାନି ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବୁଧବାର ଜେସିବି ସାହାଯ୍ୟରେ ବାଲିସ୍ତୂପ ଖୋଳା ଯାଇ ଟ୍ରକରେ ଅନ୍ୟତ୍ର ଚାଲଣ ହେଉଥିବା ଦେଖିବାକୁ ମିଳିଥିଲା।

# ୬ ଦଫା ଦାବିରେ ଜିଲା ଓକିଲ ସଂଘ ଆନ୍ଦୋଳନ

**ଜିଲା କୋର୍ଟ ପରିସରରେ ସ୍ଥାୟୀ ଭିଜିଲାନ୍ସ, ଏସ୍‌ସି ଓ ଏସ୍‌ଟି କୋର୍ଟ ଖୋଲୁ**

ଜଗତ୍‌ସିଂହପୁର ଅଫିସ,୪ା୫


ଆନ୍ଦୋଳନରେ ସାମିଲ ହୋଇଥିବା ଆଇନଜୀବୀମାନେ।

ଜିଲାରେ ଭିଜିଲାନ୍ସ ଓ ଏସ୍‌ସିଏସ୍‌ଟି ମକଦ୍ଦମା ଦିନକୁଦିନ ବୃଦ୍ଧି ପାଉବାରେ ଲାଗିଛି। ଏ ପରିସ୍ଥିତିରେ ଜିଲା କୋର୍ଟ ପରିସରରେ ଉଭୟ କୋର୍ଟ ସ୍ଥାୟୀ ଭାବେ କାର୍ଯ୍ୟକ୍ଷମ ହେବା ଉଚିତ। ଏଥିସହ ପରିବାର ଓ ପୋସକୋ କୋର୍ଟର ସର୍କିଟ କୋର୍ଟ ଅନ୍ୟତ୍ର ଖୋଲିବା ଉଚିତ ନୁହେଁ। ଏଭଳି ପ୍ରସ୍ତାବକୁ ଆଇନଜୀବୀମାନେ ତୀବ୍ର ବିରୋଧ କରୁଛନ୍ତି। ବୁଧବାର ଜିଲା ଓକିଲ ସଂଘ ପକ୍ଷରୁ ଜିଲା କୋର୍ଟ ମୁଖ୍ୟ ଫାଟକ ନିକଟରେ ୬ ଦଫା ଦାବିରେ ଆରମ୍ଭ ହୋଇଥିବା କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ଏହି କଥା କୁହାଯାଇଛି। ଓକିଲମାନେ କହିଥିଲେ, ପରିବାର ଅଦାଲତ ପାଇଁ ଜିଲା କୋର୍ଟ ପରିସରରେ ସମସ୍ତ ପ୍ରକାର ବ୍ୟବସ୍ଥା ଅଛି। ଏହି କୋର୍ଟ ମଧ ଠିକ୍ ଭାବେ ଚାଲୁଛି। କିନ୍ତୁ ଆବଶ୍ୟକ ଭିତ୍ତିଭୂମି ନ ଥିବା ସ୍ଥାନରେ ସର୍କିଟ କୋର୍ଟ ଖୋଲା ଯିବାକୁ ଚିନ୍ତା କରାଯିବା ଦୁଃଖଦାୟକ। ସ୍ଥାନୀୟ ଚର୍ଚ୍ଚିକା ବଜାର ନିକଟରେ ୨ ବର୍ଷରୁ ଅଧିକ ସମୟ ଧରି ନୂତନ କୋର୍ଟ କାର୍ଯ୍ୟକ୍ଷମ ହେଲାଣି। ମାତ୍ର ଏ ପର୍ଯ୍ୟନ୍ତ ଓକିଲମାନଙ୍କ ପାଇଁ ସ୍ୱତନ୍ତ୍ର ବାର ଗୃହ ବ୍ୟବସ୍ଥା ହେଲାନାହିଁ। ସ୍ଥାୟୀ କ୍ୟାଣ୍ଟିନ, କୋର୍ଟ ପରିସରରେ ପୋଷ୍ଟ ଅଫିସ ନିର୍ମାଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ମଧ ଉପଲବ୍ଧ ହୋଇପାରିନାହିଁ। ଖୁବ୍‌ଶୀଘ୍ର ଏସବୁ ଉପଲବ୍ଧ କରାଇବାକୁ ପୂର୍ବରୁ ସଂଘ ପକ୍ଷରୁ ଦାବି କରାଯାଇଛି। କିନ୍ତୁ ପ୍ରତିକାର ନ ହେବାରୁ ଓକିଲମାନେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି କୁହାଯାଇଛି। ଆନ୍ଦାଳନରେ ସଂଘ ସଭାପତି ପ୍ରମୋଦ କୁମାର ସ୍ୱାଇଁ, ଉପସଭାପତି ପ୍ରତାପ କୁମାର ବରାଳ, ସମ୍ପାଦକ ନଳିନୀରଞ୍ଜନ ମହାପାତ୍ର, ଯୁଗ୍ମ ସମ୍ପାଦିକା ଯୁଗପ୍ରଭା ଲେଙ୍କା, କୋଷାଧକ୍ଷ ଅଲେଖ ଚରଣ ବାରିକଙ୍କ ସମେତ ବରିଷ୍ଠ ଆଇନଜୀବୀ ବିଳାସ ଚନ୍ଦ୍ର ଲେଙ୍କା, ଯୁଧିଷ୍ଠିର ମିଶ୍ର, ଭଜହରି କର, ରାଜକିଶୋର ବେହେରା, ସୌରୀପ୍ରସାଦ ସ୍ୱାଇଁ, ଅତୁଲ୍ୟ ଚନ୍ଦ୍ର ଦାସ, ଗୋରାଚାନ୍ଦ କାନୁନ୍‌ଗୋ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ପୂର୍ବତନ ସଭାପତି ଦୋଳଗୋବିନ୍ଦ ଦାଶ, ଗଗନ ଚନ୍ଦ୍ର ଦାଶ, ସୁବ୍ରତ ଶତପଥୀ, ପୂର୍ବତନ ସମ୍ପାଦକ ରବୀନ୍ଦ୍ର କୁମାର ସ୍ୱାଇଁ, ପ୍ରମୁଖ ସାମିଲ ହୋଇଥିଲେ।

# ଅଭିଯୋଗକୁ ତହସିଲର ବେଖାତିର, କାର୍ଯ୍ୟାନୁଷ୍ଠାନ ଶୂନ

ନାଉଗାଁ,୪ା୫(ସ୍ୱ.ପ୍ର.)

- ନାଉଗାଁ ବ୍ଲକରେ ବୃଦ୍ଧି ପାଉଛି ବେଆଇନ ଜବରଦଖଲ
- ଜଳ ନିଷ୍କାସନ ବାଧାପ୍ରାପ୍ତ
- ଚାଷୀ ମହଲରେ ବୃଦ୍ଧି ପାଉଛି ଅସନ୍ତୋଷ, ଆନ୍ଦୋଳନ ଚେତାବନୀ

ଜଗତ୍‌ସିଂହପୁର ଜିଲା ନାଉଗାଁ ତହସିଲ ଅଧୀନରେ ଦିନକୁଦିନ ସରକାରୀ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଥିବା ନେଇ ଅଭିଯୋଗ ହେଉଛି। ଅଭିଯୋଗକୁ ତହସିଲ ପ୍ରଶାସନ ବେଖାତିର କରିବା ସହ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଫଳରେ ଜବରଦଖଲ ବୃଦ୍ଧି ପାଇବା ସହ ଅନେକ ସ୍ଥାନରେ ବର୍ଷାଦିନେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଫଳରେ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତହସିଲ ପକ୍ଷରୁ ଏହି ଜବରଦଖଲକୁ ଉଚ୍ଛେଦ କରା ନ ଗଲେ ଆଗାମୀଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, ବ୍ଲକର ବିଭିନ୍ନ ମୌଜାରେ ଥିବା ସରକାରୀ ଜମିରେ ବେଆଇନ ଭାବେ ଗୃହ ନିର୍ମାଣ ଚାଲିଛି। ଏ ସଂକ୍ରାନ୍ତରେ ଦହିପାଳ ଗାଁର ଗ୍ରାମବାସୀ ଏପ୍ରିଲ ୨୪ରେ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଗ୍ରାମର ଦିଲୀପ କୁମାର କାଣ୍ଡି, ସୁକାନ୍ତ ମଲିକ, ଶରତ ଚନ୍ଦ୍ର ମଲିକ, ମନୋରମା ମଲିକ, ଉଲ୍ଲାସ ମଲିକ ପ୍ରମୁଖଙ୍କ ଅଭିଯୋଗ ମୁତାବକ ତାଙ୍କ ଗ୍ରାମରେ ଥିବା ଗୋଚର ଜମିକୁ କିଛି ଲୋକ ମାଟି ପକାଇ ଅବରୋଧ କରିଛନ୍ତି। ଏଥିଯୋଗୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେବା ସହ ଗୋଚାରଣ ଭୂମି ହ୍ରାସ ପାଇବାରେ ଲାଗିଛି। ଗୃହପାଳିତ ପ୍ରାଣୀମାନେ ଚରିବା ପାଇଁ ଅସୁବିଧା ହେବ। ବୁଧବାର ତିହୁଡା ଗ୍ରାମବାସୀ ଜବରଦଖଲ ସମ୍ବନ୍ଧରେ ଏକ ଅଭିଯୋଗପତ୍ର ତହସିଲଦାରଙ୍କୁ ଭେଟି ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ, ତହସିଲ ସମ୍ମୁଖ ଓ ଚତୁଃପାର୍ଶ୍ୱ ଗାଁରେ ଗୋଚର ଜମି ରହିଛି। କେତେଜଣ ବ୍ୟକ୍ତି ଗୋଚର ପଛ ପାର୍ଶ୍ୱରେ ଥିବା ଚାଷଜମି କ୍ରୟ କରିଛନ୍ତି। ପରବର୍ତ୍ତୀ ସମୟରେ ଚାଷଜମିରେ ଗୃହ ନିର୍ମାଣ କରିବା ପୂର୍ବରୁ ପ୍ରଥମେ ଚାଷଜମି ସମ୍ମୁଖରେ ଥିବା ଗୋଚର ଜମିକୁ ବେଆଇନ ଭାବେ ମାଟି ପକାଇ ଜବରଦଖଲ କରି ରଖୁଛନ୍ତି। ଏଥିଯୋଗୁ ଚାଷଜମିରୁ ଜଳ ନିଷ୍କାସନରେ ବାଧା ଉପୁଜୁଛି। ଯଥାଶୀଘ୍ର ବେଆଇନ ଭାବେ ମାଟି ପକାଯାଇଥିବା ସରକାରୀ ସ୍ଥାନରୁ ସଫା କରିବା ପାଇଁ ଅଭିଯୋଗରେ ଦର୍ଶାଯାଇଛି। ଉକ୍ତ ଅଭିଯୋଗକୁ ବିଚିତ୍ରାନନ୍ଦ ଲେଙ୍କା, ନାରାୟଣ ଲେଙ୍କା, ସୂର୍ଯ୍ୟକାନ୍ତ ପାଢୀ ପ୍ରମୁଖ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଏ ସଂକ୍ରାନ୍ତରେ ତହସିଲଦାର ଜେ. କଳ୍ପନାଙ୍କୁ ପଚାରିବାରେ ଅଭିଯୋଗ ପାଇବା ପରେ ତହସିଲ ପକ୍ଷରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ବେଆଇନ ଭାବେ ମାଟି ପକାଇ ଜଳ ନିଷ୍କାସନ ପଥକୁ ଅବରୋଧ କରାଯାଇଛି।

## ସଂକ୍ଷେପରେ

### ପୋଲିସ-ମାଓବାଦୀ ଗୁଳି ବିନିମୟ: ଯବାନ ଶହୀଦ

**ମାଲକାନଗିରି,୪।୫(ଡି.ଏନ.ଏ.):** ମାଲକାନଗିରି ସୀମାନ୍ତ ଛତିଶଗଡ଼ରେ ବୁଧବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ଯବାନ ଶହୀଦ ହୋଇଛନ୍ତି। ସେ ହେଲେ ସାଲିମାର ମାଡକମୀ। ଡିଆରଜିରେ ସେ ହେଡ କନଷ୍ଟେବଲ ରୂପେ କାର୍ଯ୍ୟ କରୁଥିଲେ। ଖବରରୁ ଜଣାପଡିଛି, ତୁଲାରଗୁମ୍ଫା ନିକଟସ୍ଥ ଜଙ୍ଗଲରେ ମାଓବାଦୀମାନେ ଏକତ୍ରିତ ହୋଇଥିବା ସୂଚନା ପାଇ ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇଥିଲା। ପୋଲିସକୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳି ଚାଳନା କରିଥିଲେ। ପୋଲିସ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିଲା। ଶେଷରେ ପୋଲିସ ଗୁଳିର ସାମନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ତଲାସି ବେଳେ ସାଲିମାର ଶହୀଦ ହୋଇଥିବା ଜଣାପଡିଥିଲା।

# ରଥକାଠ ଚିରିଲେ ଆନ୍ଧ୍ର ଭକ୍ତ

## ସଂସ୍କୃତି ବିଶାରଦଙ୍କ ମତ: ନୀତି ନିୟମର ଉଲ୍ଲଂଘନ

**ପୁରୀ ଅଫିସ,୪।୫**

ପୁରୀକୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ରାଜ୍ୟ ବାହାରୁ ଆସିଥିବା ଜଣେ ଶ୍ରଦ୍ଧାଳୁ ରଥକାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି। ସେ ହେଲେ ଆନ୍ଧ୍ରପ୍ରଦେଶର ଜୟ ସିହ୍ନା। ବୁଧବାର ମହାପ୍ରଭୁଙ୍କ ଦର୍ଶନ ସାରିବା ପରେ ଜୟ ରଥଖଳାକୁ ଆସି କିଛି ସମୟ କାମ ଦେଖିଥିଲେ। ଏହାପରେ ରଥକାଠ ଚିରିବା ପାଇଁ କରତି ସେବାୟତମାନଙ୍କୁ ଅନୁରୋଧ କରିଥିଲେ। କେତେଜଣ କରତି ସେବାୟତ ଜୟଙ୍କୁ ଏଥିଲାଗି ଅନୁମତି ଦେଇଥିଲେ। କିଛି ସମୟ ଚିରଟ କରିବା ପରେ ସେ ରଥକାଠକୁ ମୁଣ୍ଡିଆ ମାରି ସେଠାରୁ ଫେରିଥିଲେ। ଏ ନେଇ ଜୟ କହିଛନ୍ତି, ମହାପ୍ରଭୁଙ୍କୁ ଦର୍ଶନ କରି ହୃଦୟ ତୃପ୍ତ ହୋଇଛି। ରଥକାଠ ଚିରଟ କରିବାର ସୁଯୋଗ ମୋ' ପାଇଁ ବଡ଼ ସୌଭାଗ୍ୟ। ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ମିଳିଲା। କିଛି ସମୟ ରଥକାଠ ଚିରଟ କରିବା ପରେ କରତି ସେବାୟତମାନେ ତାଙ୍କୁ ଏହି କାର୍ଯ୍ୟରୁ ବାରଣ କରିଥିଲେ। ପାରମ୍ପରିକ ଭାବେ ଶାଢ଼ି ବନ୍ଧାଯାଇ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇ ନ ଥିବାରୁ ତାଙ୍କୁ ଏଥିରୁ ବାରଣ କରାଯାଇଥିଲା। ମହାପ୍ରଭୁଙ୍କ ଘୋଷଯାତ୍ରା ଦେଖିବାର ସୁଯୋଗ ଜୀବନରେ ମିଳିନାହିଁ। ମାତ୍ର ତାଙ୍କ ଅପାର କରୁଣାରୁ ଏଭଳି ସେବା କରି ଜୀବନ ସାର୍ଥକ ହେଲା ବୋଲି ସେ କହିଛନ୍ତି। ସେହିପରି କରତି ସେବାୟତମାନେ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତି କିଛି ସମୟ ପାଇଁ ରଥକାଠ ଚିରିବାକୁ ଅନୁରୋଧ କରିଥିଲେ। ଅନେକ ଥର ମନା କରିବା ପରେ ମଧ୍ୟ ସେ ସ୍ଥାନ ଛାଡ଼ି ଯାଇ ନ ଥିଲେ। ମହାପ୍ରଭୁଙ୍କର ସେ ଜଣେ ପରମ ଭକ୍ତ ବୋଲି ହୃଦୟଙ୍ଗମ କରି ଶେଷରେ ତାଙ୍କୁ ଖୁବ୍ କମ୍ ସମୟ ସୁଯୋଗ ଦେଲୁ। ମହାଆନନ୍ଦରେ ସେ ରଥକାଠ ଚିରି ଏଠାରୁ ଫେରିଯାଇଥିଲେ। ଅନ୍ୟପକ୍ଷରେ ଏଭଳି ଅନୁମତିକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଇଚ୍ଛୁକ ଅନ୍ୟ ଶ୍ରଦ୍ଧାଳଙ୍କୁ ମଧ୍ୟ ଏଭଳି ସେବା କରିବାର ସୁଯୋଗ ଦିଆଯିବା ଉଚିତ ବୋଲି ଭକ୍ତମହଲରେ ମତ ପ୍ରକାଶ ପାଇଛି। ରଥକାଠ ଚିରଟ କେବଳ କରତି ସେବାୟତମାନେ କରିଥାଆନ୍ତି, ସାଧାରଣ ଲୋକଙ୍କୁ ଏହି ଦାୟିତ୍ୱ ଦିଆଯାଏନାହିଁ। ଯେକେହି ଆସି ରଥକାଠ ଚିରିବା ନୀତି ନିୟମ ବାହାରେ ବୋଲି ଜଗନ୍ନାଥ ସଂସ୍କୃତି ବିଶାରଦମାନେ ମତ ରଖିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ଓ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ରଥକାଠ କାମ କରୁଥିବା ଲୋକେ ନିଜ ଜାତି ଅର୍ଥାତ ବଢେଇ ବା ମହାରଣା ବର୍ଗର ଲୋକଙ୍କୁ ଆଣି କାମରେ ଲଗାଇପାରିବେ। ଆନ୍ଧ୍ରପ୍ରଦେଶରୁ ଆସିଥିବା ବ୍ୟକ୍ତି ଜଣକ ବଢେଇ ହୋଇଥିବା ଦରକାର। ଜଣେ ଅପରିଚିତ ବ୍ୟକ୍ତିଙ୍କୁ ଯଦି ରଥକାମରେ ନିୟୋଜିତ କରାଯାଇଥାଏ ତେବେ ତାହା ଠିକ୍ ହୋଇନାହିଁ।



ପୁରୀ ରଥଖଳାରେ ଜୟ ସିହ୍ନା ରଥକାଠ ଚିରଟ କରୁଛନ୍ତି।

# ହଡ଼ପ ଟଙ୍କାରେ ମଉଜ କରୁଥିଲେ ବିକାଶ, ପାୟଲ

## ପ୍ରେମିକ ପାଇଁ ୯୭ ଲକ୍ଷ ହଡ଼ପ ମାମଲା

- ତିନି ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଲେ କୋର୍ଟ
- ଆଜି ପାୟଲ ରହୁଥିବା ଘରକୁ ଯାଞ୍ଚ କରିବ ପୋଲିସ

**ଭୁବନେଶ୍ୱର,୪।୫(ବ୍ୟୁରୋ)**

ସିଭି ରମଣ ବିଶ୍ୱବିଦ୍ୟାଳୟର ୯୭ ଲକ୍ଷ ଟଙ୍କା ହଡ଼ପ ଘଟଣାରେ ଗିରଫ ହୋଇଥିବା ଆକାଉଣ୍ଟାଣ୍ଟ ପାୟଲ ମହାପାତ୍ର ଓ ପ୍ରେମିକ ବିକାଶ କୁମାରଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବ କମିଶନରେଟ ପୋଲିସ। ଉଭୟଙ୍କୁ ୭ଦିନ ରିମାଣ୍ଡରେ ଆଣିବାକୁ ବୁଧବାର କୋର୍ଟ ଆବେଦନ କରାଯାଇଥିଲା। କିନ୍ତୁ କୋର୍ଟ ୩ଦିନ ପାଇଁ ଅନୁମତି ଦେଇଛନ୍ତି। ତେବେ ଏହି ରିମାଣ୍ଡ ଅବଧି ଗୁରୁବାରଠାରୁ ଆରମ୍ଭ ହେବ। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କଠାରୁ ଟ୍ୟୁଶନ ଓ ଆଡମିଶନ ଫି' ବାବଦକୁ ଆଦାୟ ହେଉଥିବା ଟଙ୍କାକୁ ହଡ଼ପ ପରେ କେଉଁବାଟରେ ଖର୍ଚ୍ଚ କରିଛନ୍ତି ତାହାର ପୂରା ତଥ୍ୟ ହାସଲ ପାଇଁ ଉଭୟଙ୍କୁ ମୁହାଁମୁହିଁ ଜେରା କରିବ ତମାଣ୍ଡୋ ଥାନା ପୋଲିସ। ତେବେ ଗିରଫ ପରେ ବିକାଶଙ୍କୁ ପଚରାଉଚୁରାବେଳେ ସେ ପ୍ରେମିକା ପାୟଲଙ୍କଠାରୁ ଟଙ୍କା ନେଇ ଅନ୍‌ଲାଇନରେ ଜୁଆ ଓ ଶେୟାର ମାର୍କେଟରେ ଲଗାଇଥିବା ସ୍ୱୀକାର କରିଥିଲେ। ଏପରି କି ପ୍ରାୟ ୫୦ଲକ୍ଷ ଟଙ୍କା କେବଳ ଜୁଆରେ ଉଡ଼ାଇଥିଲେ। ଏଥିସହ ଆଉକିଛି ନୂଆ ତଥ୍ୟ ପାଇଛି ପୋଲିସ। ଉଭୟ ବିକାଶ ଓ ପାୟଲ ହଡ଼ପ ଟଙ୍କାରେ ମଉଜ କରୁଥିଲେ। ଚେନ୍ନାଇ, ବେଙ୍ଗାଲୁରୁ, ଜମ୍ମୁକାଶ୍ମୀର ଆଦି ସ୍ଥାନକୁ ବୁଲିବାକୁ ଯାଉଥିଲେ।



ଗିରଫ ବିକାଶ କୁମାର

ଠକେଇ ଟଙ୍କାରେ ଢେର୍ ଅୟସ ଜୀବନ ବିତାଉଥିବାର କିଛି ଫଟୋ ମଧ୍ୟ ପୋଲିସ ହାତରେ ଲାଗିଛି। ଏଥିସହ ବିକାଶଙ୍କ ମୋବାଇଲ୍ ଫୋନ୍ ଓ ସୋସିଆଲ ମିଡିଆ ଆକାଉଣ୍ଟକୁ ଯାଞ୍ଚ କରାଯାଉଛି। ତେବେ କଥାବାର୍ତ୍ତାରେ ତାଳମେଳ ରହୁ ନ ଥିବାରୁ ଆହୁରି ଅନେକ କଥା ଲୁଚାଉଥିବା ପୋଲିସ ସନ୍ଦେହ କରୁଛି। ଗୁରୁବାର ପାୟଲ ରହୁଥିବା ଘରକୁ ଯାଇ ପୋଲିସ ତନାଘନା କରିବ ବୋଲି ସୂଚନା ମିଳିଛି।

ପାୟଲ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିବାବେଳେ ଉକ୍ତ ବିଶ୍ୱବିଦ୍ୟାଳୟରୁ ୨୦୧୯ରେ ପାସ୍ ଆଉଟ୍ ଛାତ୍ର ବିକାଶଙ୍କ ସହ ପ୍ରଥମେ ବନ୍ଧୁତା ଓ ପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବିକାଶ ବିଭିନ୍ନ ସମୟରେ ବାହାନା କରି ପାୟଲଙ୍କୁ ଟଙ୍କା ମାଗିଥିଲେ। ଛାତ୍ରୀଛାତ୍ରଙ୍କ ଟ୍ୟୁଶନ ଓ ଆଡମିଶନ ଫି' ସଂଗ୍ରହ ଦାୟିତ୍ୱ ନିଜ ହାତରେ ଥିବାରୁ ଉକ୍ତ ଟଙ୍କା ହଡ଼ପ ପାଇଁ ଯୋଜନା କରିଥିଲେ। ପିଲା ଦେଉଥିବା ଟଙ୍କାକୁ ସେ ଶିକ୍ଷାନୁଷ୍ଠାନ ଆକାଉଣ୍ଟରେ ନ ରଖି ନିଜ ନାମରେ ଥିବା ମହୁରା ଶାଖାସ୍ଥିତ ୟୁନିୟନ ବ୍ୟାଙ୍କ ଏବଂ ବାଦାମବାଡ଼ିସ୍ଥିତ ଆକ୍ସିସ୍ ବ୍ୟାଙ୍କ ଶାଖା ଆକାଉଣ୍ଟରେ ଜମା କରୁଥିଲେ। ପରେ ଉକ୍ତ ଟଙ୍କାକୁ ଫୋନ୍ ପେ' ଓ ଇ-ଟ୍ରାଞ୍ଜାକ୍ସନ ମାଧ୍ୟମରେ ପ୍ରେମିକ ବିକାଶଙ୍କ ପାଖକୁ ପଠାଉଥିଲେ। ବିଶ୍ୱବିଦ୍ୟାଳୟର ବାର୍ଷିକ ଅଡିଟ୍ ସମୟରେ ଟଙ୍କା ଜମାରେ ହେରଫେର ହୋଇଥିବା ଜଣାପଡ଼ିଥିଲା। ଏନେଇ ବିଶ୍ୱବିଦ୍ୟାଳୟର ଜେନେରାଲ ମ୍ୟାନେଜର (ଆକାଉଣ୍ଟସ) ଫିରୋଦ କୁମାର ଶତପଥୀଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଗତ ୨୯ ତାରିଖରେ ପାୟଲଙ୍କୁ ତାଙ୍କ ଅଫିସରୁ ଗିରଫ କରିଥିଲା। ତାଙ୍କ ବୟାନ ଆଧାରରେ କମିଶନରେଟ ପୋଲିସର ୪ଜଣିଆ ଟିମ୍ ଝାଡଖଣ୍ଡ ଯାଇ ଗତ ସୋମବାର ହଜାରିବାଗରୁ ପ୍ରେମିକ ବିକାଶଙ୍କୁ ଗିରଫ କରି ଟ୍ରାଞ୍ଜିଟ ରିମାଣ୍ଡରେ ଭୁବନେଶ୍ୱର ଆଣିଥିଲା।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ବ୍ରହ୍ମଗିରି,୪।୫(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା କୁଅପଦା ଗ୍ରାମରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଇଶାଣି ତରାଇ। ମଙ୍ଗଳବାର କାଳବୈଶାଖି ପ୍ରଭାବରେ ବ୍ରହ୍ମଗିରି ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା। ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ଅଞ୍ଚଳରେ ବିଦ୍ୟୁତ୍ ନ ଥିଲା। ଏହି ସମୟରେ ଇଶାଣି ତାଙ୍କ ଘରେ ବିଦ୍ୟୁତ୍ କାମ କରୁଥିବା ସମୟରେ ହଠାତ୍ ବିଦ୍ୟୁତ୍ ଆସିଯାଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା, ସେଠାରେ ଡାକ୍ତର ଇଶାଣିଙ୍କୁ ମୃତ ଘୋଷଣା କରିଥିଲେ।

# ଚାପ ଖେଳିପାରିଲେନି ଅଲାରନାଥ

## ଚନ୍ଦନଯାତ୍ରାରେ ବିଭ୍ରାଟ

**ବ୍ରହ୍ମଗିରି,୪।୫(ଡି.ଏନ୍.ଏ.)**

ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଳି ଠାକୁର ଅଲାରନାଥଙ୍କ ଚାପଖେଳ ବା ଚନ୍ଦନଯାତ୍ରା ଆରମ୍ଭ ହୋଇଥାଏ। କିନ୍ତୁ ଚଳିତବର୍ଷ ଅଲାରନାଥ ପୀଠରେ ଚନ୍ଦନଯାତ୍ରାରେ ଆରମ୍ଭରୁ ବିଭ୍ରାଟ ଦେଖାଦେଇଛି। ବିମାନ ବଡୁ ସେବକଙ୍କ ମନମୁଖି ଯୋଗୁ ଯାତ୍ରାର ପ୍ରଥମଦିନରେ ଠାକୁର ଅଲାରନାଥ ଚାପ ଖେଳିପାରି ନାହାନ୍ତି। କେବଳ ବିଧି ଅନୁଯାୟୀ ମଧ୍ୟରାତିରେ ଠାକୁରଙ୍କୁ ଜଳ ଛୁଆଁଇ ନୀତି ସମ୍ପନ୍ନ କରାଯାଇଥିଲା। ଫଳରେ ମହାପ୍ରଭୁଙ୍କ ଠିକ ସମୟରେ ପହୁଡ଼ ନୀତି ହୋଇପାରି ନ ଥିଲା। ଏହି କଥା ପ୍ରଚାର ହେବା ପରେ ଭକ୍ତଙ୍କ ଗହଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବୁଧବାର ତହସିଲଦାର, ମନ୍ଦିର ପରିଚାଳନା କମିଟି ଓ ବିମାନବଡୁ ସେବକଙ୍କ ମଧ୍ୟରେ ଆଲୋଚନା ହେବା ପରେ ଚାପ ଖେଳ ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଅକ୍ଷୟ ତୃତୀୟା ଦିନ ଶ୍ରୀକ୍ଷେତ୍ର ନୀତି ଅନୁଯାୟୀ ଅଲାରନାଥଙ୍କ ଚାପଖେଳ ହୋଇଥାଏ। ଏ ନେଇ ଦିନ ମଧ୍ୟରେ ମନ୍ଦିରର ସମସ୍ତ ପ୍ରସ୍ତୁତି ସରିଥିଲା। ହେଲେ ଠିକ୍ ଠାକୁରଙ୍କୁ ବିମାନକୁ ନେବା ସମୟରେ ବିମାନ ବଡୁ ସେବକଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ସେବକଙ୍କ ମଧ୍ୟରେ କିଏ କେଉଁପଟେ ବିମାନ କାନ୍ଧେଇବ ସେହି କଥାକୁ ନେଇ ଯୁକ୍ତିତର୍କ ଚାଲିଥିଲା। ଫଳରେ ନୀତି ଅନୁଯାୟୀ ଅପରାହ୍ନ ୪ଟାରେ ଠାକୁର ଚନ୍ଦନ ପୋଖରୀରେ ବିଜେ କରିପାରି ନ ଥିଲେ। ଏହି ବିବାଦର ସମାଧାନ ହେବାବେଳକୁ ରାତି ପ୍ରାୟ ୯ଟା ହୋଇଯାଇଥିଲା। ହେଲେ ଠିକ୍ ଏହି ସମୟରେ ହଠାତ୍ କାଳବୈଶାଖୀର ତାଣ୍ଡବ ଦେଖାଦେଇଥିଲା। ଫଳରେ ଠାକୁରଙ୍କୁ ରାତ୍ର ପର୍ଯ୍ୟନ୍ତ ଚନ୍ଦନ ଚକଡା ଓ ଚନ୍ଦନ ପୋଖରୀକୁ ନିଆଯାଇପାରି ନ ଥିଲା। ପରେ ବର୍ଷା କମିବାରୁ ମଧ୍ୟ ରାତି ପ୍ରାୟ ୧ଟାରେ ଠାକୁରଙ୍କୁ ନେଇ ଚନ୍ଦନ ପୋଖରୀରେ ପାଣି ଛୁଆଁଇ ନୀତି ସମ୍ପନ୍ନ କରାଯାଇଥିଲା। ନିର୍ଦ୍ଦିଷ୍ଟ ସମୟରେ ଠାକୁରଙ୍କ ପହଡ଼ ପଡ଼ି ନ ଥିବା ନେଇ ମନ୍ଦିରର ବରିଷ୍ଠ ସେବାୟତ ନାରାୟଣ ପୂଜାପଣ୍ଡା ଦୁଃଖ ପ୍ରକାଶ କରିଛନ୍ତି। ଏହି ବିଭ୍ରାଟକୁ ନେଇ ବୁଧବାର ପ୍ରଶାସନିକ ଏବଂ ମନ୍ଦିର ସେବକଙ୍କ ମଧ୍ୟରେ ଏକ ବୈଠକ ହୋଇ ନିଷ୍ପତ୍ତି ହେବା ପରେ ଶ୍ରୀଜିଉ ଚାପ ଖେଳିଥିଲେ।

# ସଦାନନ୍ଦପୁରରେ ଗୁଳି ଫୁଟିଲା

## ଯୁବକ ଆହତ, ୨ ଅଭିଯୁକ୍ତ ଫେରାର

**କେନ୍ଦ୍ରାପଡ଼ା ଅଫିସ/ଡେରାବିଶ(ସ୍ୱ.ପ୍ର.),୪।୫**

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଧୀନ ବେଣିପୁର ପଞ୍ଚାୟତ ସଦାନନ୍ଦପୁର ଗ୍ରାମରେ ବୁଧବାର ସନ୍ଧ୍ୟାରେ ଗୁଳି ଫୁଟିଛି। ଏଥିରେ ଏହି ଥାନା ଅଧୀନ ରଘୁଦେଇପୁର ଗ୍ରାମର ଅଜୟ ପତି ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କ ଡାହାଣ ହାତରେ ଗୁଳି ବାଜିଛି। ଖବରପାଇ ପୋଲିସ ଅଜୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଏ ସଂକ୍ରାନ୍ତରେ ସବିଶେଷ ତଥ୍ୟ ମିଳି ନ ଥିଲେ ମଧ୍ୟ ଅଜୟ କହିଛନ୍ତି, ସେ ସଦାନନ୍ଦପୁର ଭଉଣୀଙ୍କ ଘରକୁ ବୁଧବାର ଯାଇଥିଲେ। ସନ୍ଧ୍ୟାରେ ସେ ଭଉଣୀ ଘରେ ବସିଥିବା ବେଳେ ୨ ଯୁବକ ବାଇକ୍‌ରେ ଆସି ଘରେ ପଶି ତାଙ୍କ ଛାତିରେ ବନ୍ଧୁକ ଲଗାଇ ହତ୍ୟା ଧମକ ଦେଇଥିଲେ। ଏଥିରେ ବିଚଳିତ ହୋଇ ଅଜୟ ସେହି ବନ୍ଧୁକକୁ ଛାତି ଉପରେ ଖସାଇବାକୁ ଚେଷ୍ଟା କରୁଥିବା ବେଳେ ସେଥିରୁ ଗୁଳି ଫୁଟି ତାଙ୍କ ଡାହାଣ ହାତରେ ବାଜିଥିଲା। ତେବେ କେଉଁ କାରଣ ଯୋଗୁ ଏହି ଘଟଣା ଘଟିଲା ତାହା ସେ କହିନାହାନ୍ତି। ପୋଲିସ ତଦନ୍ତ ଚଳାଇଛି। ୨ଅଭିଯୁକ୍ତ ବାଇକ୍‌ରେ ଫେରାର ହୋଇଯାଇଛନ୍ତି।


**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA**
**(District Central Store)**

**TENDER CALL NOTICE**

**Notification No.CDM&PHO/02/HWC/DIAGNOSTIC 2022-23**

**No.E-52:**Sealed tenders are invited from registered Firms/ Suppliers/Manufacturers /authorized distributors for supply of Instrument, Equipments&misc items to the undersigned. Details regarding items with terms and conditions may be downloaded from District website www.nuapada.nic.in . The tenders should reach the office of the undersigned by Date-23.05.22 up to 02.00 PM through Speed Post/ Registered Post/ Courier Services only. The Tender paper cost is mentioned in the term & conditions of the tender. The tender will be opened on date 24.05.22 at 11.00AM in the office chamber / conference hall of the undersigned.
The undersigned reserves the right to reject any or all the tenders without assigning any reason thereof.

**Sd/-Chief District Medical & Public Health Officer, Nuapada**
**OIPR-10055/11/0002/2223**


## ପ୍ରଥମ ପୃଷ୍ଠାରୁ

### ଗଣବଳାତ୍କାର...

ଦିଆଯାଉଛି ତାହା ରାଜ୍ୟରେ ବଢ଼ିଚାଲିଥିବା ବଳାତ୍କାର ଘଟଣାଗୁଡ଼ିକ ଦର୍ଶାଉଛି। ଯଦି ଥାନାଗୁଡ଼ିକ ମହିଳାମାନଙ୍କ ପାଇଁ ସୁରକ୍ଷିତ ନୁହେଁ, ତେବେ ସେମାନେ ଅଭିଯୋଗ କରିବାକୁ କେଉଁ ସ୍ଥାନକୁ ଯିବେ ବୋଲି ପ୍ରିୟଙ୍କା ଏକ ଟୁଇଟ୍‌ରେ ପ୍ରଶ୍ନ କରିଛନ୍ତି। ସମାଜବାଦୀ ପାର୍ଟି (ଏସ୍‌ପି) ପକ୍ଷରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଟାର୍ଗେଟ କରି ଟୁଇଟ୍ କରାଯାଇଛି ଯେ, ଭାଜପା ସରକାରରେ ସବୁଠୁ ବଡ଼ ପ୍ରଶ୍ନ ହେଉଛି, କାହାକୁ ବିଶ୍ୱାସ କରିବା ଓ କାହାକୁ କରିବା ନାହିଁ। ନ୍ୟାୟ ପାଇଁ ଥାନାକୁ ଯାଇଥିବା ଜଣେ ନାବାଳିକାଙ୍କୁ ଖୋଦ୍ ଏସ୍‌ଏସ୍‌ଓ ବଳାତ୍କାର କରୁଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦଳ ଦାବି କରିଛି। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଲଳିତପୁର ଯାଇ ବଳାତ୍କାର ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଅନ୍ୟପକ୍ଷେ ଅଭିଯୁକ୍ତମାନଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ମାମଲା ରୁଜୁ କରାଯିବ ବୋଲି ୟୁପି ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ କହିଛନ୍ତି।

### ପାରାଦୀପ...

ଦେଇଥିବା ସନ୍ଦେହ କରି ଅଭୟଚାନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଆଇପିସି ଦଫା ୩୦୨ ଅନୁଯାୟୀ ନଂ.୧୮୨/୨୨ରେ ମାମଲା ରୁଜୁ କରିଥିବା ଆଇଆଇସି ଜୀବନାନନ୍ଦ ଜେନାଙ୍କଠାରୁ ପ୍ରକାଶ।

ସୂଚନାଯୋଗ୍ୟ, ଏ ନେଇ ଅନୁଗୋଳର ସୁଜିତ୍ ସାହୁ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିପରି ରାଜ୍ୟ ମାନବିକ ଅଧିକାର କମିଶନ(ଓଏଚ୍‌ଆରସି) ଏହି ଘଟଣାକୁ ଗୁରୁତ୍ୱର ସହ ନେଇଥିଲେ। ସୋମବାର କମିଶନ ନିଜ ଆଡୁ ମାମଲା ରୁଜୁ କରିବା ସହ ଜଗତ୍‌ସିଂହପୁର ଏସ୍‌ପିଙ୍କୁ ସବିଶେଷ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦ ତାରିଖ ସୁଦ୍ଧା ମୃତକଙ୍କ ବ୍ୟବଚ୍ଛେଦ ରିପୋର୍ଟ ସମେତ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ପତ୍ର (ନଂ. ୭୮୮/୨୨) ଜରିଆରେ କୁହାଯାଇଛି। ଏହାର ନକଲ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକଙ୍କୁ ପଠାଯାଇଥିଲା।

### ବାତ୍ୟା ପାଇଁ...

ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ତେବେ ଲଘୁଚାପର ଗତି ଧିମା ରହୁଥିବାରୁ ସାମୁଦ୍ରିକ ଝଡ଼ ଆସନ୍ତା ୧୨ ତାରିଖ ବେଳକୁ ଉପକୂଳ ଛୁଇଁବା ସମ୍ଭାବନା ରହିଛି। ବିଭିନ୍ନ ପାଣିପାଗ ମଡେଲ ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁଯାୟୀ ଦକ୍ଷିଣ ଆଣ୍ଡାମାନରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ବାତ୍ୟାରେ ପରିଣତ ହେବ। ଏହାର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୨୦ କିଲୋମିଟର ରହିବ। ବାତ୍ୟା ପ୍ରଭାବରେ ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର ଓ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ବର୍ଷା ହୋଇପାରେ। ବାତ୍ୟା ପାରାଦୀପରୁ ବାଲେଶ୍ୱର ମଧ୍ୟରେ ଗତି କରିବା ସମ୍ଭାବନା ରହିଛି।

ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପର ରୂପରେଖ କ'ଣ ହେବ ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ବାତ୍ୟା ନେଇ ଏବେ ସୁଦ୍ଧା କୌଣସି ସୂଚନା ନାହିଁ। ରାଜ୍ୟ ସରକାର ସମ୍ଭାବ୍ୟ ବାତ୍ୟାକୁ ମୁକାବିଲା କରିବାକୁ ପ୍ରସ୍ତୁତ ଅଛନ୍ତି। ଏ ନେଇ ଜିଲାପାଳଙ୍କୁ ସତର୍କ ରହିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଅଯଥା ଅତ୍ୟାବଶ୍ୟକ ଜିନିଷ ବହୁମାତ୍ରାରେ କିଣି ମହଜୁଦ ନ ରଖିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଟୁଇଟ କରି ମନ୍ତ୍ରୀ କହିଛନ୍ତି ଯେ ଏହାଦ୍ୱାରା ବଜାରରେ କୃତ୍ରିମ ଅଭାବ ଦେଖା ଦେଇପାରେ ଓ ଅସାଧୁ ବ୍ୟବସାୟୀ ଏହାର ସୁଯୋଗ ନେଇ ଦରବୃଦ୍ଧି କରିପାରନ୍ତି। ବଜାରରେ ସବୁପ୍ରକାର ଖାଦ୍ୟ ପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ଯଥେଷ୍ଟ ପରିମାଣରେ ମହଜୁଦ ରହିଛି। କଳାବଜାରକାରୀ ଓ ଅସାଧୁ ବ୍ୟବସାୟୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଆବଶ୍ୟକ ସ୍ଥଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଅନ୍ୟପକ୍ଷରେ କାଳବୈଶାଖୀ ଯୋଗୁ ରାଜ୍ୟରେ ତାତିର ପ୍ରକୋପ ହ୍ରାସ ପାଇଛି। ପାରଦ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ରାଜ୍ୟର ୭ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ବୁଧବାର ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୪୨.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁର ୪୧.୭, ଅନୁଗୋଳ ୪୦.୧, ଝାରସୁଗୁଡ଼ା ୪୦.୮, ସମ୍ବଲପୁର ୪୦, ବଲାଙ୍ଗୀର ୪୦, ଯାଜପୁର ୪୧, ବରଗଡ଼ ୪୦.୪, ଭୁବନେଶ୍ୱର ୩୮.୨, କଟକ ୩୭.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଆସନ୍ତା ୮ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଗୁରୁବାର ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୭ ତାରିଖରେ ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର ଏବଂ ୮ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ୩୦ରୁ ୪୦ କି.ମି. ବେଗରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

### ୩ ଦିନରେ...

ଶୀତଳ ଭଣ୍ଡାର ନ ଥିବାରୁ ଏହାର ସଂରକ୍ଷଣ କରାଯାଇପାରୁନାହିଁ। ଅମଳ ସମୟରେ ଚାଷୀମାନେ କିଲୋ ପ୍ରତି ୩ରୁ ୫ଟଙ୍କାରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ସେମାନଙ୍କ ଚାଷ ଖର୍ଚ୍ଚ ମଧ୍ୟ ଉଠୁନାହିଁ। ଅଭାବୀ ବିକ୍ରି ଯୋଗୁ ଚାଷୀମାନେ ରାସ୍ତାଘାଟରେ ଟମାଟୋ ଫିଙ୍ଗି ପ୍ରତିବାଦ କରୁଥିବା ନଜିର ରହିଛି। ଆଳୁ, ପିଆଜ ଓ ଟମାଟୋ ଦରକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ପ୍ରୋତ୍ସାହନ ଯୋଜନା କରିଥିବାବେଳେ ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆଯାଉନାହିଁ। ଅନ୍ୟପଟେ ଓଡ଼ିଶାରେ ଆଳୁ ଓ ପିଆଜ ମିଶନ ଫେଲ୍ ମାରିବା ପରେ ରାଜ୍ୟ ଉଦ୍ୟାନ କୃଷି ବିଭାଗ କେନ୍ଦୁଝର ଓ ମୟୂରଭଞ୍ଜରେ ବ୍ୟବସାୟିକ ଭିତ୍ତିରେ ଟମାଟୋ ଚାଷ ପାଇଁ ଯୋଜନା କରିଛି। ଉଦ୍ୟାନ କୃଷି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏଥିପାଇଁ ହେକ୍ଟର ପିଛା ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ। ଚାଷୀଙ୍କ ଆୟ ବଢ଼ାଇବା ସହ ଟମାଟୋ ପାଇଁ ବଜାର ସୁବିଧା କରାଯିବ। ତେବେ ଏଭଳି ଯୋଜନା କେବଳ କାଗଜ କଲମରେ ସୀମିତ ରହୁଥିବାରୁ ତିରୋଟ ସମୟରେ ଦରବୃଦ୍ଧି କଷଣ ସହିବାକୁ ପଡୁଛି ବୋଲି ଖାଉଟିମାନେ ଅଭିଯୋଗ କରିଛନ୍ତି।


**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, BURLA IRRIGATION DIVISION, BURLA**
**No.A-115:** PHONE No.0663 - 2430445
E-mail id-sambalpurirrigation@rediffmail.com

**'e' Tender Call Notice No. BID-02/2022-23 (Online)**

| | | | |
|---|---|---|---|
| 1. | Nature of Works | : | Improvement of Canal Structure |
| 2. | Nos. of Works | : | 19 (Nineteen) Nos. |
| 3. | Amount put to Tender | : | Rs.5.65 Lakhs to 16.92 Lakhs approximately |
| 4. | Period of Completion | : | As per D.T.C.N. |
| 5. | Date and Time of availability of Bid document in the Portal | : | Dt.06.05.2022 at 11.00 A.M. to Dt.17.05.2022 upto 5.00 P.M. |
| 6. | Last Date/Time for receipt of Bids in the portal | : | Dt.17.05.2022 upto 5.00 P.M. |
| 7. | Date of Opening of Bid | : | Dt.18.05.2022 at 09.00 A.M. |
| 8. | Last date & time of seeking tender clarification | : | Dt.12.05.2022 upto 01.00 P.M. |
| 9. | Name and Address of the Officer Inviting Bid | : | Superintending Engineer, Burla Irrigation Division, Burla At/Po-Burla-768017 Dist-Sambalpur, Email Id: sambalpurirrigation@rediffmail.com |

Further detail can be seen from the e-procurement portal **www.tendersodisha.gov.in.**

**Superintending Engineer, Burla Irrigation Division, Burla**
**OIPR-32436/11/0004/2223**



**OFFICE DF THE DEPUTY SUPERINTENDENT**
**GOVT. AYURVEDIC HOSPITAL**
**At-NageswarTangi, PD-B.J.B Nagar, Bhubaneswar, Pin-751014**
**Email:deputysuperintendent.gah.bbsr@gmail.com, Phone:0674-2432347**

**TENDER CALL NOTICE**

**Bid Reference No.352/DSGAH, Bhubaneswar Dt.04.05.2022**

**No.E-59:**Bids in sealed cover are invited under two-bid system from reputed and experienced manpower service provider for providing manpower of One Male Masseur & One Female Masseur to the Panchakarma Unit of Govt. Ayurvedic Hospital Society At-Nageswar Tangi, Po-BJB Nagar, Bhubaneswar. The details of the bidding process are as follows.

| Sl. No. | Bidding Schedule | Deadline |
|---|---|---|
| 1 | Date of Issue | 04.05.2022 |
| 2 | Bid Due Date and time | 18.05.2022 /5.00P.M |
| 3 | Opening of Technical Bid | 26.05.2022/11.30 A. M |
| 4 | Opening and Financial Bid | 31.05.2022 /11.30A.M. |

Bidders are required to submit the technical and financial bids separately. The bids in sealed cover-I containing 'Technical Bid" and sealed cover II containing "Financial Bid should be placed in a third sealed cover super-scribed "Bid for outsourcing of man power services for the Panchakarma unit" must reach the undersigned on or before 18.05.2022 by Speed post/Registered/Courier only.

The bid documents containing eligibility criteria of the work terms and conditions of the tender and draft agreement can be downloaded from the website of "www.ayushodisha.nic.in. The authority reserves every right to reject any or all tenders without assigning any reason thereof.

**Sd./-Deputy Superintendent,**
**Govt. Ayurvedic Hospital, Bhubaneswar**
**OIPR-10053/11/0001/2223**



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA**
**(District Central Store)**

**TENDER CALL NOTICE**

**Notification No.CDM&PHO/03/DMC-NIDAN 2022-23**

**No.E-53:**Sealed tenders are invited from registered Firms/ Suppliers/Manufacturers /authorized distributors for supply of Drugs & Medical Consumables, Bedding Clothing & Linensto the undersigned. Details regarding items with terms and conditions may be downloaded from District website www. nuapada.nic.in . The tenders should reach the office of the undersigned by Date-31.05.22 up to 02.00 PM through Speed Post/ Registered Post/ Courier Services only. The Tender paper cost is mentioned in the term & conditions of the tender. The tender will be opened on date 01.06.22 at 11.00AM in the office chamber / conference hall of the under signed.
The undersigned reserves the right to reject any or all the tenders without assigning any reason thereof.

**Sd/-Chief District Medical & Public Health Officer, Nuapada**
**OIPR-10055/11/0004/2223**



**GOVERNMENT OF ODISHA**
**OFFICE OF EXECUTIVE ENGINEER**
**KALAHANDI MINOR IRRIGATION DIVISION, BHAWANIPATNA**
**Ph :- 06670-230755, e-mail - eemikld@rediffmail.com**
**No.919/MIKLD** **Dt.28.04.2022**

**e-Procurement Notice**
**Bid Identification No. online kldmi- 3/2022-23**

**No.A-112:**Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

1. Name of the work :- Civil construction / Renovation & Improvement works
2. No of Works :- 3 (Three) Nos.
3. Estimated cost :- Varies from Rs. 36.00 lakh to Rs.50.00 lakhs (Approximately)
4. Period of completion :- (Four) calendar months.
5. Date and Time of availability of bid documents in the portal :- From 05.05.2022 (10.00 A.M.) to 17.05.2022 (5.00 P.M.)
6. Last date / time of receipt of bids in the portal :- 17.05.2022 (5.00 P.M.)
7. Date of opening of Bid :- 18.05.2022 at 11.00 AM onwards
8. Name and address of the OIT :- Executive Engineer, Kalahandi Minor Irrigation Division, Bhawanipatna
9. Mode of payment of Bid Cost & Bid security :- Online
10. Date of transparent lottery if cases :- 25.05.2022 at 11.00 A.M. or onwards
11. **Bidders are requested to mention their valid email I.D & Telephone / Mobile Contact No. for communication ( must be a valid ID & Mobile Number). This office has not been responsible for invalid email & Mobile no. of the bidders.**

**** Further details can be seen from the e-Procurement market place http://tendersodisha.gov.in**

**Sd./- Executive Engineer,**
**Kalahandi M.I. Division, Bhawanipatna**
**OIPR-32035/11/0003/2223**


ୟାମି

# ନୀରବତା ଅନ୍ତରାଳେ..

ୟାମି ଗୌତମଙ୍କୁ ଏବେ ଅଧିକାଂଶ ସମୟ ଚୁପ୍‌ଚାପ୍ ଦେଖିବାକୁ ମିଳୁଛି। ହେଲେ ଏପରି ମାନସିକତା ପଛରେ କି କାରଣ ରହିଛି ତାହା ଜାଣିବେନି? କଥା କ'ଣ କି, ନିଜ ଆକ୍ଟିଂ କ୍ୟାରିୟରକୁ ଆଗେଇନେବା ପାଇଁ ସେ ନିକଟରେ ଜଣେ ସାଧୁଙ୍କ ପରାମର୍ଶ ଲୋଡ଼ିଥିଲେ। ଆଉ ତା'ପରେ କ'ଣ ହେଲା ସେନେଇ ୟାମି କହନ୍ତି, 'ମୁଁ ପ୍ରାୟ ପ୍ରତିଟି କଥାରେ ସାଧୁଙ୍କ ପରାମର୍ଶ ନେଇଥାଏ। କାରଣ ତାଙ୍କର ମାର୍ଗଦର୍ଶନ ଦ୍ୱାରା ହିଁ ମୁଁ ଅଭିନୟ କ୍ଷେତ୍ରରେ ଆଗେଇ ପାରିଛି। ଏବେ ସେ ମୋତେ କିଛିଦିନ ଅଧିକ କଥାବାର୍ତ୍ତା ନ କରିବାକୁ ପରାମର୍ଶ ଦେଇଛନ୍ତି। ତାଙ୍କ ପରାମର୍ଶକୁ ମଧ ମୁଁ ଅକ୍ଷରେ ଅକ୍ଷରେ ପାଳନ କରୁଛି। ନିକଟରେ ମୁଁ ମୋ ସାଙ୍ଗମାନଙ୍କୁ ଏକ ଡିନର ପାର୍ଟି ଦେବି ବୋଲି କଥା ଦେଇଥିଲି। ଏହି ସମୟରେ ମୋର ନୀରବତା ଦେଖି ସେମାନେ ମୋତେ ପ୍ରଶ୍ନ କରିଥିଲେ ଆଉ ଅସଲ କଥା ଜାଣିବା ପରେ ଏପରି ସନ୍ଦେହ ସେମାନଙ୍କ ମନରୁ ଦୂର ହୋଇଥିଲା।' ୟାମିଙ୍କ ହାତରେ ଏବେ ୨-୩ଟି ଅଫର ରହିଛି। ସେହି ଅଫରଗୁଡ଼ିକୁ ଗ୍ରହଣ କରିବେ କି ନା, ସେଥିପାଇଁ ସେ କିଛିଦିନ ସମୟ ନେଇଛନ୍ତି। ପୁଣି ଶୁଣିବାକୁ ମିଳୁଛି ଯେ ଏକ ଆକ୍ସନଭିତ୍ତିକ ଫିଲ୍ମରେ ଆକ୍ଟିଂ କରିବାକୁ ସେ କୁଆଡ଼େ ସଜବାଜ ହେଉଛନ୍ତି।

## ଚୁଜି ହେଲେଣି କ୍ରିତି



କ୍ରିତି ସାନନ୍ ଏବେ ଚୁଜି ହେଲେଣି। କୌଣସି ନୂଆ ଅଫର ପାଇବା ମାତ୍ରେ ତରବର ହୋଇ ରାଜି ହେଉନାହାନ୍ତି। ସେନେଇ ଭଲଭାବେ ତର୍ଜମା କରିବାକୁ ପ୍ରଯୋଜନା ସଂସ୍ଥା ନିକଟରୁ ସମୟ ନେଉଛନ୍ତି। ଅବଶ୍ୟ ଏଭଳି ନୂଆ ଯୋଜନା ପାଇଁ ତାଙ୍କ ହାତରୁ କେତୋଟି ଅଫର ଖସିଯାଇଛି। ହେଲେ ତାହାକୁ ନେଇ ଅନୁଶୋଚନା କରୁନାହାନ୍ତି କ୍ରିତି। ଏ ନେଇ ସେ କହନ୍ତି, 'ଆକ୍ଟିଂ ଏପରି ଏକ ଲାଇନ୍, ଯେଉଁଥିପାଇଁ ବେଶ୍ ସତର୍କ ହେବାକୁ ପଡ଼ିବ। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି। ତେଣୁ କୌଣସି ଅଫରକୁ ଭଲଭାବେ ତର୍ଜମା କରିବା ପରେ ସେଥିରେ ଅଭିନୟ କରିବି କି ନାହିଁ ଜଣାଇବି।'

## ପ୍ରସ୍ଥାନମ୍


ଅମ୍ଲାନ

ଏକ ଭିନ୍ନଧରଣର ଓଡ଼ିଆ ସିନେମା 'ପ୍ରସ୍ଥାନମ୍' ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ। ଲଭ୍, ଆକ୍ସନ, ଇମୋଶନ, କମେଡି ଏବଂ ଫ୍ୟାମିଲି ଡ୍ରାମାର ତଡ଼କା ଦର୍ଶକ ଏଥିରେ ଦେଖିବାକୁ ପାଇବେ। ଅମ୍ଲାନ ଏହାର ନାୟକ ସାଜିଥିବା ବେଳେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଶ୍ରଦ୍ଧା ପାଣିଗ୍ରାହୀ। ଅନ୍ୟମାନଙ୍କ ମଧ୍ୟରେ ବଣ୍ଟି ଆର୍ ସାମଲ (ଫନୀ ଅନୁଗୁଳିଆ), ମନୋଜ ମିଶ୍ର, ଉଷସୀ ମିଶ୍ର ଓ ପାର୍ଥସାରଥି ରାୟ ପ୍ରମୁଖଙ୍କୁ ଏଥିରେ ଦେଖିବାକୁ ମିଳିବ। ରିଙ୍କୁ ରିନୁ ଜେନା ଏବଂ ଦେବେଶ ଚନ୍ଦ୍ରଲ ଦାସଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ରାଜା ଡି'। ପୂର୍ବରୁ ବେଶ୍ କେତୋଟି ମ୍ୟୁଜିକ୍ ଆଲବମ୍‌ର ନିର୍ଦ୍ଦେଶନା ଦେଇଥିବା ସଙ୍ଗୀତ ନିର୍ଦ୍ଦେଶକ ଯୋଡ଼ି ଅସାଦ୍-ନିଜାମ ଏହାର ସ୍ୱର ସଂଯୋଜନା ଦାୟିତ୍ୱ ତୁଲାଇଛନ୍ତି।

## ଶୁଟିଂ ଚାଲିଛି
## ତୋର ମୋର କଟି

ଝିଲିକ୍ ମୋଶନ ପିକ୍ଚର୍ସ ବ୍ୟାନରରେ ନୂଆ ଓଡ଼ିଆ ସିନେମା 'ତୋର ମୋର କଟି'ର ଶୁଟିଂ ଚାଲୁ ରହିଛି। ନାୟିକାରୁ ପ୍ରଯୋଜିକା ସାଜିଥିବା ଝିଲିକ୍ ଏହାର ପ୍ରଯୋଜନା କରୁଛନ୍ତି। ଖାସ୍ କଥା ହେଲା, ଏହି ଫିଲ୍ମରେ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି 'ଯିଏ ଯାହା କହୁ ମୋର ଡ୍ରୋ'ରୁ ବଡ଼ ପରଦାରେ କ୍ୟାରିୟର ଆରମ୍ଭ କରିଥିବା ଶୀତଲ। ଏହାର ଅନ୍ୟାନ୍ୟ ଭୂମିକାରେ ଶୈଳେନ୍ଦ୍ର, ଟୁକୁନା ଷ୍ଟାଇଲିସ୍, ସୁଦୀପ୍ତ, କାଳିଆ ଷଣ୍ଢ, ଜୀବନ ପଣ୍ଡା, ଐଶ୍ୱର୍ଯ୍ୟା, ସୁଧାଂଶୁ ମୋହନ ସାହୁ, ଟୁଟୁ ନାୟକ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଉକ୍ତ ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରମେଶ ରାଉତ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମାନନ୍ଦ। ଏହାବ୍ୟତୀତ ଏହି ବ୍ୟାନରରେ ଆଉ ଏକ ସିନେମା 'ପ୍ରିୟେ ତୁ ମୋର ସିଏ'ର ଶୁଟିଂ ମଧ ଚାଲୁ ରହିଛି। ଏହାର ମୁଖ୍ୟ ଭୂମିକାରେ ଅମ୍ଲାନ, ଏଲିନା ଓ ବବି ମିଶ୍ର, ସୋମା ଭୌମିକ, ଅମର, ଗୁଡ୍ଡୁ, ଧରିତ୍ରୀ ଖଣ୍ଡୁଆଳ, ପଥିରାଜ ନାୟକ, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଇଲୁ ବାନାର୍ଜୀ ପ୍ରମୁଖ ଅଭିନୟ କରୁଛନ୍ତି। ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ସୁଧାଂଶୁ ସାହୁ। ଏହାବ୍ୟତୀତ ପୂର୍ବରୁ ଝିଲିକ୍‌ଙ୍କ ପ୍ରଯୋଜିତ 'ରୁଦ୍ରାଣୀ' ଓ 'କିସ୍‌ମିସ୍' ଚିତ୍ରର ଶୁଟିଂ ଶେଷ ହୋଇଛି। ଆଗାମୀ ରଥଯାତ୍ରାରେ 'ରୁଦ୍ରାଣୀ' ସିନେମାଟି ମୁକ୍ତିଲାଭ କରିବ ବୋଲି ପ୍ରାଯୋଜନା ସଂସ୍ଥା ଘୋଷଣା କରିସାରିଛି ।

## ରିଲିଜ୍ ଅପେକ୍ଷାରେ
# ପ୍ରେମ ଏଟିଏମ୍

ଚଳିତ ମାସ ୨୦ରେ ପରଦା ଉପରକୁ ଆସୁଛି ଓଡ଼ିଆ ସିନେମା 'ପ୍ରେମ ଏଟିଏମ୍'। ମାରୁତି ମୁଭି ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ର ପ୍ରଯୋଜନା କରିଛନ୍ତି ସୁରେନ୍ଦ୍ର ନାରାୟଣ (ପୁଲିଆ) ଓ ନବନୀତା ମିଶ୍ର। ସୁଧାଂଶୁ ମୋହନ ସାହୁ ନିର୍ଦ୍ଦେଶନା ଭାର ସମ୍ଭାଳିଥିବା ବେଳେ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର। କଣ୍ଠଦାନ କରିଛନ୍ତି ମଣ୍ଟୁ ଛୁରିଆ, ହ୍ୟୁମାନ୍ ସାଗର, ସ୍ୱୟଂ ପାଢ଼ୀ, ତାରିକ୍ ଅଜିଜ୍, ଦୀପ୍ତିରେଖା ଏବଂ ଅମ୍ରିତା ନାୟକ। 'କରୋନା ପାଇଁ ଏହି ଫିଲ୍ମର ରିଲିଜ୍ ବିଳମ୍ବ ହେଲା। ଏକ ଭିନ୍ନଧରଣର କାହାଣୀକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ବିଶେଷକରି ସୁଧାଂଶୁ ସାହୁଙ୍କ ନିର୍ଦ୍ଦେଶନା ଫିଲ୍ମଟିକୁ ନିଶ୍ଚୟ ମାଇଲେଜ୍ ଦେବ। ତା'ସହ ଗୀତଗୁଡ଼ିକ ମଧ ବେଶ୍ ଶ୍ରୁତିମଧୁର ହୋଇଛି। ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁଙ୍କ ଡ୍ରିମ୍ ପ୍ରୋଜେକ୍ଟ ହେଉଛି ପ୍ରେମ ଏଟିଏମ୍। ତରଙ୍ଗ ସିନେ ପ୍ରଡକ୍ସନ ଏହାର ମୁକ୍ତିଲାଭ ଦାୟିତ୍ୱ ତୁଲାଉଛି ବୋଲି କହନ୍ତି ଏହାର ଅନ୍ୟତମ ପ୍ରଯୋଜକ ସୁରେନ୍ଦ୍ର। ଏହି ଫିଲ୍ମର ନାୟକ ଭୂମିକାରେ ଅଭିନୟ କରିଛନ୍ତି ପ୍ରଦୀପ ଦତ୍ତ। କିଛିବର୍ଷ ପୂର୍ବରୁ ସେ 'କିଏ ଦେବ ଟକ୍କର' ଫିଲ୍ମରୁ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ। 'ପ୍ରେମ ଏଟିଏମ୍'ରେ ତାଙ୍କ ବ୍ୟତୀତ ଦିବ୍ୟାଦିଶା ମହାନ୍ତି ଓ ଲିପିକା ସେନାପତି ମଧ ଅଭିନୟ କରିଛନ୍ତି।


'ପ୍ରେମ ଏଟିଏମ' ଚଳଚ୍ଚିତ୍ରରେ ପ୍ରଦୀପ-ଶ୍ରଦ୍ଧା
'ତୋର ମୋର କଟି' ଚଳଚ୍ଚିତ୍ରରେ ଶୀତଲ


ମେଘନା-ସୋମେଶ

## ଏକ୍ସପୋଜ୍

ଆଜିର ସମାଜରେ ସତ ମିଛ ଓ ପାପ ପୁଣ୍ୟକୁ ନେଇ ଲଢ଼େଇ ଚାଲିଛି। ଏଥିରେ ଜଣେ ସାମ୍ବାଦିକଙ୍କ ଭୂମିକାକୁ ନେଇ କାହାଣୀ ଗତିଶୀଳ, ଯାହାକୁ ଆଧାର କରି ପ୍ରସାରିତ ହେଉଛି ନୂଆ ୱେବ୍ ସିରିଜ 'ଏକ୍ସପୋଜ୍'। ସମାଜର ବଡ଼ପଣ୍ଡାମାନଙ୍କ ବିରୋଧରେ ସାମ୍ବାଦିକଟିଏ ଲଢ଼େଇ କରି ଜିତୁଛି ନା ହାରିଯାଉଛି ତାହା ଏଥିରେ ଦେଖିବାକୁ ମିଳିବ। ଓଟିଟି ପ୍ଲାଟ୍‌ଫର୍ମ 'କଞ୍ଚା ଲଙ୍କା'ରେ ଷ୍ଟ୍ରିମିଙ୍ଗ ହେଉଥିବା ଏହି ୱେବ୍ ସିରିଜରେ ସୋମେଶ ମହାନ୍ତ, ମେଘନା ମିଶ୍ର, କାବ୍ୟା କିରଣ, ବିକ୍ରମ କେଶରୀ ମହାନ୍ତି, ଶକ୍ତି ବରାଳ, ସୁକାନ୍ତ ରଥ, ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଏହାର କାହାଣୀ ଓ ଚିତ୍ରନାଟ୍ୟ ଦାୟିତ୍ୱ ଅର୍ଚ୍ଚନା ଦାମହେ ତୁଲାଇଥିବା ବେଳେ ସଂଳାପ ଲେଖିଛନ୍ତି ଅଭିପ୍ସା। ବିଜୟ କାନ୍ଦୋଇ ପ୍ରଯୋଜନା କରିଛନ୍ତି ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଯୁବ ନିର୍ଦ୍ଦେଶକ ଅଜୟ ପାଢ଼ୀ ।

## ଭୁଲିପାରୁନାହାନ୍ତି ତାରା

ଜୀବନର ଯେକୌଣସି ପ୍ରଥମ କଥାକୁ ଭୁଲିବା ଏତେ ସହଜ ନୁହେଁ। ଆଉ ସେଥିରୁ ବା ତାରା ବାଦ୍ ପଡ଼ନ୍ତେ କିପରି? ପ୍ରଥମେ ଯେତେବେଳେ ତାଙ୍କୁ ବଡ଼ ପରଦାରେ ଅଭିନୟ କରିବାକୁ ସୁଯୋଗ ମିଳିଲା ସେତେବେଳେ ତାହାକୁ ସେ ବିଶ୍ୱାସ କରିପାରି ନ ଥିଲେ। କାରଣ କରନ୍ ଜୋହରଙ୍କ ପରି ପ୍ରଯୋଜକ ଯେ ତାଙ୍କୁ ବ୍ରେକ୍ ଦେବେ ତାହା ସେ କେବେ ଭାବି ନ ଥିଲେ। କରନ୍‌ଙ୍କ ପ୍ରଯୋଜିତ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨'ରୁ ସେ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଯେତେବେଳେ ଏହି ପ୍ରଯୋଜନା ସଂସ୍ଥା ପକ୍ଷରୁ ତାଙ୍କୁ ଯୋଗାଯୋଗ କରାଗଲା ସେ ହଠାତ୍ ତାହାକୁ ବିଶ୍ୱାସ କରିପାରି ନ ଥିଲେ। ଏ



ସମ୍ପର୍କରେ ତାରା କହନ୍ତି, 'ମୋର ପ୍ରଥମ ଫିଲ୍ମ ଥିଲା 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର'। ଏହାପୂର୍ବରୁ ମୁଁ ଭିଡିଓ ଜକି ଭାବରେ କାମ କରୁଥିଲି। ଯେତେବେଳେ ମୁଁ ସାଇନ୍ କଲି ସେତେବେଳେ ଏତେ ଇମୋଶନାଲ ହୋଇଯାଇଥିଲି ଯେ ମୋ ଆଖିରୁ ଦୁଇଟୋପା ଲୁହ ଗଡ଼ିପଡ଼ିଥିଲା।' ନିକଟରେ ସେ ଅଭିନୟ କରିଥିବା 'ହେରୋପନ୍ତୀ-୨' ରିଲିଜ୍ ହୋଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମେ ୫/୨୦୨୨ Bhubaneswar, Thursday, May 5/ 2022

# ଚେନ୍ନାଇକୁ ହରାଇଲା ଆର୍‌ସିବି



୧୯ତମ ଓଭରରେ ୩ ଉଇକେଟ ନେଇଥିବା ଚେନ୍ନାଇର ମହେଶ ଥିକଶାନା।

**ପୁଣେ,୪।୫**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୩ ରନରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ଆର୍‌ସିବି ୨୦ ଓଭରରେ ୮ ଉଇକେଟ ହରାଇ ୧୭୩ ରନ କରିଥିବାବେଳେ ଚେନ୍ନାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୬୦ ରନ କରିବାକୁ ସକ୍ଷମ ହୋଇଥିଲା। ଚେନ୍ନାଇ ପକ୍ଷରୁ ଡେଭନ କନୱେ(୫୬ ରନ, ୩୭ ବଲ, ୬ ଚୌକା, ୨ ଛକା) ଲଢୁଆ ବ୍ୟାଟିଂ କରି କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ମୋଇନ ଅଲୀ ମଧ୍ୟ ଆକ୍ରମଣାତ୍ମକ ବ୍ୟାଟିଂ କରି ୩୪ (୨୭ ବଲ, ୨ ଚୌକା, ୨ ଛକା) ରନ କରିଥିଲେ। ତେବେ ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ଦଳ ବିଜୟ ଲକ୍ଷ୍ୟଠାରୁ ଦୂରରେ ରହି ଯାଇଥିଲା। ଆର୍‌ସିବି ପକ୍ଷରୁ ହର୍ଷଲ ପଟେଲ ୩ଟି, ଗ୍ଲେନ ମ୍ୟାକ୍ସୱେଲ ୨ଟି ଏବଂ ଶାହାବାଜ ଅହମଦ, ଜୋଶ୍ ହାଜେଲଉଡ୍ ଓ ୱାନିନ୍ଦୁ ହସରଙ୍ଗା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କ୍ରମାଗତ ୩ ମ୍ୟାଚରେ ପରାଜୟ ପରେ ଆର୍‌ସିବିର ଏହାଥିଲା ପ୍ରଥମ ବିଜୟ। ଏଠାରେ ବିଜୟ ସହ ଚେନ୍ନାଇଠାରୁ ପରାଜୟର ମଧୁର ପ୍ରତିଶୋଧ ନେଇଛି ଆରସିବି। ଏପ୍ରିଲ ୧୨ରେ ଅନୁଷ୍ଠିତ ମ୍ୟାଚରେ ଚେନ୍ନାଇଠାରୁ ୨୩ ରନରେ ଆର୍‌ସିବି ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ଚେନ୍ନାଇ ୧୦ ମ୍ୟାଚରୁ ୭ମ ପରାଜୟ ବରଣ କରିଛି। ଫଳରେ ଦଳର ପ୍ଲେ-ଅଫ୍ ପ୍ରବେଶ ଆଶା ଏକପ୍ରକାର ଶେଷ ହୋଇଛି।

**ଧୋନୀ ଖେଳିଲେ ୨୦୦ତମ ମ୍ୟାଚ**

ଏହି ମ୍ୟାଚରେ ଚେନ୍ନାଇ ପକ୍ଷରୁ ୨୦୦ତମ ମ୍ୟାଚ ଖେଳିଥିବା ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଆରସିବି ଅଧିନାୟକ ଫାଫ୍ ଡୁ’ପ୍ଲେସି ଓ ବିରାଟ କୋହଲି ପ୍ରଥମ ୫ ଓଭରରେ ୫୦ ରନ୍ ଯୋଡ଼ି ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଦୁଇ ବ୍ୟାଟର ପେସରଙ୍କୁ ଟାର୍ଗେଟ କରିବାରୁ ଧୋନୀ ସ୍ପିନରଙ୍କୁ ଡକାଇଥିଲେ। ୮ମ ଓଭରରେ ଡୁ’ପ୍ଲେସି (୩୮ ରନ୍, ୪ ଚୌକା ଓ ୧ ଛକା)ଙ୍କୁ ଆଉଟ୍ କରି ମୋଇନ ଅଲି ସିଏସ୍‌କେକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ଗ୍ଲେନ ମ୍ୟାକ୍ସୱେଲ (୩) ରନ୍ ଆଉଟ୍ ହେବା ଏବଂ କୋହଲି (୩୦ ରନ୍, ୩ ଚୌକା ଓ ୧ ଛକା) ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରି ନ ପାରିବା ଆରସିବି ପାଇଁ ଶକ୍ତ ଧକ୍କା ସଦୃଶ ହୋଇଥିଲା। ମାହିପାଲ ଲୋମରର (୪୨ ରନ୍, ୩ ଚୌକା ଓ ୨ ଛକା) ଓ ରଜତ ପଟିଦାର (୨୧) ଚତୁର୍ଥ ଉଇକେଟ ପାଇଁ ୪୪ ରନ୍ ଯୋଡ଼ି ଦଳକୁ ଆଗେଇ ନେଇଥିଲେ। କିନ୍ତୁ ୧୯ତମ ଓଭରରେ ଥିକଶାନା ମାତ୍ର ୨ ରନ ବିନିମୟରେ ୩ ଉଇକେଟ ନେଇ ଆର୍‌ସିବିକୁ ବ୍ୟାକ୍ ଫୁଟ୍‌କୁ ଠେଲି ଦେଇଥିଲେ। ଅନ୍ତିମ ତଥା ଡ୍ୱେନ ପ୍ରିଟୋରିଅସ୍‌ଙ୍କ ଓଭରରେ ଦୀନେଶ କାର୍ତ୍ତିକ ୧୬ ରନ୍ କରିବାରୁ ବାଙ୍ଗାଲୋର ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। କାର୍ତ୍ତିକ ୧୭ ବଲ୍‌ରୁ ୨୬ (୧ ଚୌକା ଓ ୨ ଛକା)ରନ୍ କରି ଅପରାଜିତ ଥିଲେ। ସିଏସ୍‌କେ ପକ୍ଷରୁ ଥିକଶାନା ୩ ଉଇକେଟ ନେଇଥିବା ବେଳେ ମୋଇନ ୨ଟି ଓ ପ୍ରିଟୋରିଅସ ଗୋଟିଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୭୩/୮(ମାହିପାଲ ଲୋମରର-୪୨, ଫାଫ ଡୁ’ପ୍ଲେସି-୩୮, ବିରାଟ କୋହଲି-୩୦, ମହେଶ ଥିକଶାନା-୩/୨୭, ମୋଇନ ଅଲି-୨/୨୮)। ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୬୦/୮ (ଡେଭନ କନୱେ-୫୬, ମୋଇନ ଅଲୀ-୩୪, ଋତୁରାଜ ଗାଏକ୍ୱାଡ-୨୮, ହର୍ଷଲ ପଟେଲ-୩/୩୫, ଗ୍ଲେନ ମ୍ୟାକ୍ସୱେଲ-୨/୨୨, ୱାନିନ୍ଦୁ ହସରଙ୍ଗା-୧/୩୧, ଜୋଶ୍ ହାଜେଲଉଡ୍-୧/୧୯, ଶାହାବାଜ ଅହମଦ-୧/୨୭)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୦ | ୮ | ୨ | ୧୬ | +୦.୧୫୮ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୦ | ୭ | ୩ | ୧୪ | +୦.୩୯୭ |
| ରାଜସ୍ଥାନ ରୟାଲ୍ସ | ୧୦ | ୬ | ୪ | ୧୨ | +୦.୩୪୦ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୬ | ୫ | ୧୨ | -୦.୪୪୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୫ | ୪ | ୧୦ | +୦.୪୭୧ |
| ପଞ୍ଜାବ କିଙ୍ଗ୍ସ | ୧୦ | ୫ | ୫ | ୧୦ | -୦.୨୨୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୪ | ୫ | ୮ | +୦.୫୮୭ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | +୦.୦୬୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୩ | ୭ | ୬ | -୦.୪୩୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୧ | ୮ | ୨ | -୦.୮୩୬ |

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ଦିଲ୍ଲୀ କ୍ୟାପିଟାଲ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ
ସ୍ଥାନ: ପୁଣେ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ସନ୍‌ରାଇଜର୍ସ ଦଳରେ ସୁଶାନ୍ତ ସାମିଲ

**ମୁମ୍ବାଇ, ୪।୫ (ପି.ଟି.):** ବାମହାତୀ ମିଡିୟମ ପେସର ସୁଶାନ୍ତ ମିଶ୍ର ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳରେ ସାମିଲ ହୋଇଛନ୍ତି। ଆହତ ସୌରଭ ଦୁବେଙ୍କ ବଦଳ ଖେଳାଳିଭାବେ ସନ୍‌ରାଇସର୍ଜ ସୁଶାନ୍ତଙ୍କ ସହ ଚୁକ୍ତି କରିଛି। ୨୧ ବର୍ଷୀୟ ରାଞ୍ଚିର ସୁଶାନ୍ତ ୪ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୧୩ଟି ଉଇକେଟ ନେଇଛନ୍ତି। ପିଠିରେ ଯନ୍ତ୍ରଣା ଯୋଗୁ ଉତ୍ତରପ୍ରଦେଶ ଦ୍ରୁତ ବୋଲର ଦୁବେ ଆଇପିଏଲ୍‌ର ଅବଶିଷ୍ଟ ଭାଗରୁ ଓହରି ଯାଇଛନ୍ତି। ତେବେ ସେ ଚଳିତ ସିଜନରେ ସନ୍‌ରାଇଜର୍ସ ପକ୍ଷରୁ ଗୋଟିଏ ହେଲେ ମ୍ୟାଚରେ ଖେଳିବା ସୁଯୋଗ ପାଇ ନ ଥିଲେ। ସୁଶାନ୍ତ ୨୦ ଲକ୍ଷ ଟଙ୍କାରେ ସନ୍‌ରାଇଜର୍ସ ଦଳରେ ଯୋଗ ଦେଇଛନ୍ତି ବୋଲି ଆଇପିଏଲ୍ ପକ୍ଷରୁ ଏକ ବିବୃତିରେ ପ୍ରକାଶ କରାଯାଇଛି। ହାଇଦ୍ରାବାଦ ଦଳ ୯ ମ୍ୟାଚରୁ ୫ମ ବିଜୟ ସହ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଛି।

**ଏଆଇଏଫ୍‌ଏଫ୍**

## ଅଡିଟ୍ ପାଇଁ ଟିମ୍ ଗଠନ କଲା ସିଏଜି

**ନୂଆଦିଲ୍ଲୀ, ୪।୫ (ପିଟି):** ଆର୍ଥିକ ଅନିୟମିତତା ଅଭିଯୋଗ କ୍ରମେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର ଅନ୍ତିମ ୪ ବର୍ଷର ଆର୍ଥିକ କାରବାରକୁ ଅଡିଟ୍ କରିବା ଲାଗି ଭାରତୀୟ କମ୍ପ୍ଟ୍ରୋଲର ଓ ଅଡିଟର ଜେନେରାଲ (ସିଏଜି) ବୁଧବାର ଏକ ଟିମ୍ ଗଠନ କରିଛି। ତେବେ ନିକଟ ଅତୀତରେ ସିଏଜି ପକ୍ଷରୁ କୌଣସି ସ୍ୱତନ୍ତ୍ର ପତ୍ର ଆସି ନାହିଁ। ଅଡିଟ୍ ହୋଇଥିବା ଆର୍ଥିକ ବିବରଣୀ ସମୟ ସମୟରେ ପେଠ କରାଯାଏ ଏବଂ ଏହା ସାଧାରଣ କଥା ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ‘‘ସିଏଜି ବୁଧବାର ଏଆଇଏଫ୍‌ଏଫ୍‌ର ଅନ୍ତିମ ୪ ବର୍ଷର ଆର୍ଥିକ ରେକର୍ଡ ଅଡିଟ୍ କରିବା ପାଇଁ ଏକ ଦଳ ଗଠିନ କରିଛି। ଉକ୍ତ ଅଧିକାରୀ ସ୍ୱତନ୍ତ୍ର ଦଳକୁ ସବିଶେଷ ତଥ୍ୟର ଗଭୀର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି’’ ବୋଲି ଭାରତୀୟ ଫୁଟ୍‌ବଲ ସୂତ୍ରରୁ କୁହାଯାଇଛି।

# କେରଳକୁ ୧୪-୦ରେ ହରାଇଲା ଓଡ଼ିଶା



ଜାତୀୟ ସବ୍‌ଜୁନିୟର ହକିରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଦଳ।

**ଜାତୀୟ ସବ୍‌ଜୁନିୟର ହକି**

■ ଆର୍ଯ୍ୟନ ଖେସ୍ ଓ ରୋହିତ ସିଂଙ୍କ ହ୍ୟାଟ୍ରିକ

**ଭୁବନେଶ୍ୱର, ୪।୫ (କ୍ରୀଡ଼ା ପ୍ରତିନିଧି)**

ଗୋଆରେ ଆରମ୍ଭ ହୋଇଥିବା ୧୨ତମ ହକି ଇଣ୍ଡିଆ ଜାତୀୟ ସବ୍‌ଜୁନିୟର (ପୁରୁଷ) ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ୧୪-୦ ଗୋଲରେ କେରଳକୁ ହରାଇ ଅଭିଯାନ ଆରମ୍ଭ କରିଛି। ପୁଲ୍ ‘ଇ’ର ଏହି ମ୍ୟାଚରେ ଓଡ଼ିଶା ପକ୍ଷରୁ ଫରୱାର୍ଡ ଆର୍ଯ୍ୟନ ଖେସ୍ ଓ ଇରେଙ୍ଗବାମ୍ ରୋହିତ ସିଂ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। କେରଳ ବିପକ୍ଷରେ ଓଡ଼ିଶା ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ବିଜୟୀ ଦଳ ପକ୍ଷରୁ ରୋହିତ ୨୧, ୩୨ ଓ ୫୮ ଏବଂ ଆର୍ଯ୍ୟନ ୩୭, ୪୪ ଓ ୫୨ତମ ମିନିଟରେ ୩ଟି ଲେଖାଏ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜିତ ତିର୍କୀ ୧୦, ୧୪ ଏବଂ ୟୋଜିନ ମିଞ୍ଜ ୩୦, ୪୭ତମ ମିନିଟରେ ୨ଟି ଲେଖାଏ ଏବଂ ଅଭିଷେକ ଟପ୍ପୋ ୨୫, ରିକି ଟୋନଜାମ ୩୪, ଅଧିନାୟକ ଅର୍ବିନ ଟପ୍ପୋ ୫୫ ଓ ପ୍ରୀତମ ଏକ୍କା ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପୁଲ୍ ‘ଇ’ର ଅନ୍ୟ ଏକ ମ୍ୟାଚରେ ଆନ୍ଧ୍ର ପ୍ରଦେଶ ୧୩-୦ରେ ମିଜୋରାମକୁ ହରାଇ ଦେଇଛି। ଆନ୍ଧ୍ର ପକ୍ଷରୁ ଅଧିନାୟକ ମେଟ୍ଟା ସାଇ କୁମାର ୪, ୩୪, ୩୭ ଓ ୪୫ତମ ମିନିଟରେ ସର୍ବାଧିକ ୪ଟି ଏବଂ ଭେଙ୍କଟ ନଦିମିଣ୍ଟି ଅଖିଲ ୨୨, ୨୭ ଓ ୪୬ତମ ମିନିଟରେ ୩ଟି ଗୋଲ ସ୍କୋର କରିଥିଲେ। ପୁଲ୍ ‘ଜି’ ମ୍ୟାଚରେ ବିହାର ୧୮-୦ରେ ତେଲଙ୍ଗାନା ଓ ଅରୁଣାଚଳ ପ୍ରଦେଶ ୬-୨ ଗୋଲରେ ଜମ୍ମୁ ଓ କଶ୍ମୀରକୁ ପରାସ୍ତ କରିଛି। ବିହାର ଅଧିନାୟକ ଅମନ କୁମାର ୧୫, ୨୦, ୨୫, ୩୭, ୪୦, ୪୧ ଓ ୪୭ତମ ମିନିଟରେ ଏକାକୀ ୭ଟି ଗୋଲ ଦେଇଥିଲେ। ଅଜିତ କୁଜୁର ୨୬, ୫୯ ଓ ୬୦ତମ ମିନିଟରେ ୩ଟି ଗୋଲ ସ୍କୋର କରିଥିଲେ।

## ୨ ବର୍ଷ ଷ୍ଟାଡିୟମରେ ପଶିପାରିବେନି ବୋରିଆ



ବୋରିଆ ମଜୁମଦାର

**ମୁମ୍ବାଇ,୪।୫(ପିଟି)**

ରିଦ୍ଧିମାନ ଶାହାଙ୍କୁ ସାକ୍ଷାତ୍‌କାର ଦେବା ପାଇଁ ଧମକପୂର୍ଣ୍ଣ ହ୍ୱାଟ୍ସଆପ୍ ମେସେଜ ପଠାଇବା ଲାଗି ସ୍ପୋର୍ଟ୍ସ ଜର୍ନାଲିଷ୍ଟ ବୋରିଆ ମଜୁମଦାରଙ୍କୁ ବିସିସିଆଇ ୨ ବର୍ଷ ଲାଗି ବାସନ୍ଦ କରିଛି। ବାସନ୍ଦ ଅବଧିରେ ସେ ଭାରତରେ ପଞ୍ଜୀକୃତ କୌଣସି ଖେଳାଳିଙ୍କ ସାକ୍ଷାତ୍‌କାର ନେଇପାରିବେ ନାହିଁ ଏବଂ ବିସିସିଆଇ ଓ ଏହାର ରାଜ୍ୟ ଶାଖାର କୌଣସି ଷ୍ଟାଡିୟମରେ ସେ ପ୍ରବେଶ କରିପାରିବେ ନାହିଁ। ବିସିସିଆଇର ଆପେକ୍ସ କାଉନସିଲର ଅନୁମୋଦିତ ବାସନ୍ଦାଦେଶ ଯୋଗୁ ତାଙ୍କୁ ୨ ବର୍ଷ ଲାଗି କୌଣସି ମିଡିଆ ଆକ୍ରେଡିଟେଶନ ମଧ୍ୟ ପ୍ରଦାନ କରାଯିବ ନାହିଁ।

ଭାରତୀୟ ଟେଷ୍ଟ ଉଇକେଟକିପର ସାକ୍ଷାତ୍‌କାର ଦେବାକୁ ମନା କରିବାରୁ ଜଣେ ଜର୍ନାଲିଷ୍ଟ ଧମକପୂର୍ଣ୍ଣ ମେସେଜ ପଠାଇବା ଘଟଣାର ତଦନ୍ତ ଲାଗି ଫେବୃୟାରୀ ୨୫ ତାରିଖରେ ବିସିସିଆଇ ଏକ ୩ ଜଣିଆ କମିଟି ଗଠନ କରିଥିଲା। ଏଥିରେ କୋଷାଧ୍ୟକ୍ଷ ଅରୁଣ ସିଂ ଧୁମାଲ, ଉପସଭାପତି ରାଜୀବ ଶୁକ୍ଲା ଓ କାଉନ୍‌ସିଲର ପ୍ରଭତେଜ ସିଂ ଭାଟିଆ ସଦସ୍ୟ ଥିଲେ। ପ୍ରାରମ୍ଭିକ ଭାବେ ଶାହା ଉକ୍ତ ଜର୍ନାଲିଷ୍ଟଙ୍କ ନାମ ପ୍ରକାଶ କରିବାକୁ ମନା କରିଥିଲେ। କିନ୍ତୁ ପରେ ସେ ବିସିସିଆଇ ଦ୍ୱାରା ଗଠିତ କମିଟି ଆଗରେ ମଜୁମଦାରଙ୍କୁ ଉକ୍ତ ଜର୍ନାଲିଷ୍ଟ ଭାବେ ଚିହ୍ନଟ କରିଥିଲେ।

ମେ’ ୩ ତାରିଖରେ ବିସିସିଆଇର ଅନ୍ତରୀଣ ସିଇଓ ଏବଂ ଆଇପିଏଲ୍ ସିଓଓ ହେମଙ୍ଗ ଆମିନ ଏକ ପତ୍ରରେ ରାଜ୍ୟ ଶାଖାଙ୍କୁ ଲେଖିଛନ୍ତି, ସୋସିଆଲ ମିଡିଆ ପ୍ଲାଟଫର୍ମରେ ଟୁଇଟରରେ ରିଦ୍ଧିମାନ ଶାହା ଜଣେ ଜର୍ନାଲିଷ୍ଟ ପଠାଇଥିବା ମେସେଜର ସ୍କ୍ରିନଶଟ୍ ଶେୟାର କରିଥିଲେ। ସେଥିରେ ଜର୍ନାଲିଷ୍ଟ ଜଣଙ୍କ ଧମକାଇଥିବା ଅନୁଭବ କରିଥିବା ଲେଖିଥିଲେ। ଶୁଣାଣି ବେଳେ ମଜୁମଦାରଙ୍କ ନାମ ପ୍ରକାଶ କରିଥିଲେ ଶାହା। କମିଟି ପକ୍ଷରୁ କରାଯାଇଥିବା ୩ ଦଣ୍ଡାଦେଶ ସୁପାରିସକୁ ଆପେକ୍ସ କାଉନସିଲ ଲାଗୁ କରିଛି। ଫଳରେ ୨ ବର୍ଷ ଲାଗି ତାଙ୍କୁ ଭାରତରେ କୌଣସି ମ୍ୟାଚ୍ (ଘରୋଇ ଓ ଅନ୍ତର୍ଜାତୀୟ) ପାଇଁ ଗଣମାଧ୍ୟମର ସଦସ୍ୟ ଭାବେ ଆକ୍ରେଡିଟେଶନ ମିଳିବ ନାହିଁ। ଭାରତରେ ପଞ୍ଜୀକୃତ ଖେଳାଳିଙ୍କ ସହ ସାକ୍ଷାତ୍‌କାର ଏବଂ ବିସିସିଆଇ ଓ ଏହାର ଶାଖା ସଦସ୍ୟ ମାଲିକାନାରେ ଥିବା ନିର୍ମାଣରେ ପ୍ରବେଶ କରିବା ଉପରେ ୨ ବର୍ଷର ବାସନ୍ଦାଦେଶ ଲଗାଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିସିସିଆଇ ପକ୍ଷରୁ ସମସ୍ତ ରାଜ୍ୟ ଶାଖାକୁ ନିର୍ଦ୍ଦେଶ ଦିଆଯାଇଛି।

# ଆଇସିସି ର୍‌ୟାଙ୍କିଙ୍ଗ୍: ଟି୨୦ରେ ଭାରତ ନଂ.୧

**ଦୁବାଇ,୪।୫:** ନୂଆ ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳ ବିଶ୍ୱର ନଂ. ୧ ଟି୨୦ ଦଳ ଭାବେ ୨୦୨୧-୨୨ ସିଜନ ଶେଷ କରିଛି। ଏହା ଦର୍ଶାଇଛି ଆଇସିସି ପକ୍ଷରୁ ବୁଧବାର ଜାରି କରାଯାଇଥିବା ପ୍ରତ୍ୟେକ ଫର୍ମାଟର ନୂଆ ବାର୍ଷିକ ର୍‌ୟାଙ୍କିଙ୍ଗ୍ସ। କିନ୍ତୁ ଟେଷ୍ଟ ର୍‌ୟାଙ୍କିଙ୍ଗ୍ସରେ ଅଷ୍ଟ୍ରେଲିଆ ଶୀର୍ଷରେ ଥିବା ବେଳେ କଟ୍‌ଅଫ୍ ତାରିଖ ୨୦୨୨ ମେ’ ୪ ସୁଦ୍ଧା ନ୍ୟୁଜିଲାଣ୍ଡ ଦିନିକିଆ ଦଳଗତ ର୍‌ୟାଙ୍କିଙ୍ଗ୍ସ ତାଲିକା ଶୀର୍ଷରେ ରହିଛି। ୨୦୨୧ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହୋଇଥିବା ଟେଷ୍ଟ ସିରିଜ୍‌ର ଏକ ମ୍ୟାଚ୍‌କୁ ସ୍ଥଗିତ ରଖାଯାଇଛି। ସେହି ସ୍ଥଗିତ ମ୍ୟାଚ୍‌ର ଫଳାଫଳକୁ ର୍‌ୟାଙ୍କିଙ୍ଗ୍ସରେ ସାମିଲ କରାଯିବ।

ଭାରତ ଟି୨୦ ଦଳଗତ ର୍‌ୟାଙ୍କିଙ୍ଗ୍ସରେ ଶୀର୍ଷରେ ରହିଛି। ଦ୍ୱିତୀୟ ସ୍ଥାନରେ ଥିବା ଇଂଲଣ୍ଡଠାରୁ ଭାରତ ୫ ପଏଣ୍ଟ ଆଗରେ ଅଛି। ଦିନିକିଆ ର୍‌ୟାଙ୍କିଙ୍ଗ୍ସରେ ନ୍ୟୁଜିଲାଣ୍ଡ ଟପ୍‌ରେ ରହିଛି।

## ଫୁଟ୍‌ବଲରଙ୍କୁ ୪ ବର୍ଷ ଜେଲ



**ମାଡ୍ରିଡ୍,୪।୫(ଏପି)**

ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ସ୍ପାନିଶ ସକର ଖେଳାଳି ସାଣ୍ଟି ମୀନାଙ୍କୁ ବୁଧବାର ୪ ବର୍ଷର ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ଯଦି ତାଙ୍କ ଆବେଦନ ଅସଫଳ ହୁଏ, ତେବେ ୨୬ ବର୍ଷୀୟ ସେଲ୍ଟା ଭିଗୋ ଖେଳାଳିଙ୍କୁ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ସ୍ପାନିଶ କୋର୍ଟ ମୀନାଙ୍କୁ ଆଗାମୀ ୧୨ ବର୍ଷ ପର୍ଯ୍ୟନ୍ତ ପୀଡ଼ିତାଙ୍କ ନିକଟକୁ ଯିବାକୁ ବାରଣ କରିଛନ୍ତି। ଏଥିସହିତ ତାଙ୍କୁ ୫୦ ହଜାର ୟୁରୋ (୪୦ ଲକ୍ଷରୁ ଊର୍ଦ୍ଧ୍ୱ)କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୀନାଙ୍କୁ ପୀଡ଼ିତା ଏବଂ ତାଙ୍କ ଘରଠାରୁ ୫୦୦ ମିଟର ନିକଟକୁ ଯିବା ପାଇଁ ଅନୁମତି ମିଳିବ ନାହିଁ। ଏପରିକି ସେ ପୀଡ଼ିତାଙ୍କ ସହ କୌଣସି ପ୍ରକାର ଯୋଗାଯୋଗ କରିପାରିବେ ନାହିଁ।

ଶୁଣାଣି ବେଳେ ହୋଇଥିବା ତ୍ରୁଟି ଆଧାରରେ କୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଆବେଦନ କରାଯିବ ବୋଲି ମୀନାଙ୍କ ପକ୍ଷ ରଖୁଥିବା ଓକିଲଙ୍କ ଦଳ ପକ୍ଷରୁ କୁହାଯାଇଛି। ତେବେ ଶୁଣାଣି ପ୍ରକ୍ରିୟା ଶେଷ ନ ହେଲା ପର୍ଯ୍ୟନ୍ତ ସେଲ୍ଟା କ୍ଲବ ପ୍ରତିଷେଧକ ଭାବେ ଖେଳାଳିଙ୍କୁ ଦଳରୁ ବାଦ୍ ଦିଆଯାଇଛି। ପୀଡ଼ିତାଙ୍କ ଓକିଲ ମିନାଙ୍କ ପାଇଁ ସାଢ଼େ ୯ ବର୍ଷ ଜେଲ ଦଣ୍ଡାଦେଶ ଦାବି କରିଥିଲେ। ନିମ୍ନ ଡିଭିଜନ କ୍ଲବ ଇବିଜା ପାଇଁ ଖେଳିଥିବା ଡେଭିଡ୍ ଗୋଲ୍ଡର, ମୀନାଙ୍କୁ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। କିନ୍ତୁ ପରେ ସେ ନିର୍ଦ୍ଦୋଷୀ ଥିବା ଜଣାପଡ଼ିଥିଲା। ପୀଡ଼ିତାଙ୍କ ଓକିଲ ତାଙ୍କ ପାଇଁ ସାଢ଼େ ଚାରି ବର୍ଷ ଜେଲଦଣ୍ଡ ଦାବି କରିଥିଲେ। ଅନ୍ୟପକ୍ଷରେ ମହିଳା ଜଣଙ୍କ ନିଜ ଇଚ୍ଛାରେ ସମ୍ପର୍କ ରଖିଥିବା ମୀନା ଏବଂ ଗୋଲ୍ଡର କହିଥିଲେ। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ୨୦୧୭ରେ ଏକ କାମ୍ପର ଭ୍ୟାନରେ ମୀନା ତାଙ୍କୁ ବଳାତ୍କାର କରିଥିଲେ। ସେଠାକୁ ସେ ଗୋଲ୍ଡରଙ୍କ ସହିତ ଯାଇଥିଲେ।

# ଭାରତର ଟପ୍ ଅର୍ଡରକୁ ନେଇ ଅଙ୍କକଷା

**ନୂଆଦିଲ୍ଲୀ, ୪।୫ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଫର୍ମ ଉତ୍ସାହଜନକ ନୁହେଁ। ଏହା ସତ୍ତ୍ୱେ ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ ବିଶ୍ୱକପ ପାଇଁ ରୋହିତ, ଲୋକେଶ ରାହୁଲ ଓ ବିରାଟ କୋହଲି ଟପ୍ ଅର୍ଡରରେ ରହିବା ଅପରିହାର୍ଯ୍ୟ ବୋଲି ବିଶେଷଜ୍ଞମାନେ ବିବେଚନା କରୁଛନ୍ତି। ଦଳର ହିତ ଦୃଷ୍ଟିରୁ ସେମାନଙ୍କ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ କରାଯାଇପାରେ। ଆଇପିଏଲ୍‌ରେ ଖରାପ ଫର୍ମଦେଇ ଗତି କରୁଥିଲେ ହେଁ ଉପରୋକ୍ତ ଖେଳାଳିଙ୍କୁ ଚେତନ ଶର୍ମାଙ୍କ ନେତୃତ୍ୱାଧୀନ ଜାତୀୟ ଚୟନ କମିଟି ଅଣଦେଖା କରିବେ ନାହିଁ ବୋଲି ସେମାନେ ଭାବୁଛନ୍ତି। ତେବେ ଅଷ୍ଟ୍ରେଲିଆରେ ଆସନ୍ତା ଅକ୍ଟୋବର-ନଭେମ୍ବରରେ ହେବାକୁଥିବା ମେଗା ଇଭେଣ୍ଟ ପାଇଁ ଅଧିନାୟକ ରୋହିତ, ତାଙ୍କ ଡେପୁଟି ରାହୁଲ ଓ ଦଳର ପ୍ରିମିୟର ବ୍ୟାଟର କୋହଲି ଟପ୍ ଅର୍ଡରର ପ୍ରଥମ ତିନି ସ୍ଥାନ ବଜାୟ ରଖିବେ କି ନାହିଁ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗତ ଟି୨୦ ବିଶ୍ୱକପରେ ଏହି ବ୍ୟାଟିଂ ଅର୍ଡର ଭଲ ଫଳାଫଳ ଦେଇପାରି ନ ଥିଲା। ତିନିଜଣଙ୍କ ଷ୍ଟାଇଲ୍ ପ୍ରାୟ ସମାନ। ସେଟ୍ ହେବା ପରେ ଯାଇ ତିନିଜଣ ଯାକ ଆକ୍ରମଣାତ୍ମକ ବ୍ୟାଟିଂ କରିଥାନ୍ତି। ଫଳରେ ଏହି ତିନି ଖେଳାଳି ତୀବ୍ର ସମାଲୋଚନାର ସରବ୍ୟ ହୋଇଥିଲେ। ରୋହିତ ନିଜ ବ୍ୟାଟିଂ ଷ୍ଟାଇଲରେ ପରିବର୍ତ୍ତନ କରି ଚଳିତ ଆଇପିଏଲ୍‌ରେ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିବାକୁ ଉଦ୍ୟମ କରିଛନ୍ତି। ମାତ୍ର ସଫଳ ହୋଇପାରି ନାହାନ୍ତି। ସେ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ଭାବେ ୯ ମ୍ୟାଚରେ ମାତ୍ର ୧୫୫ ରନ କରି ପାରିଛନ୍ତି। ତାଙ୍କ ଷ୍ଟ୍ରାଇକ୍ ହାର ରହିଛି ୧୨୩। କୋହଲିଙ୍କ ନିରାଶାଜନକ ଫର୍ମ ମଧ୍ୟ ଜାରି ରହିଛି। ସେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ ପଦ ଛାଡ଼ିଥିଲେ ହେଁ ୧୦ ମ୍ୟାଚରେ ୧୧୬ ଷ୍ଟ୍ରାଇକ୍

**ଟି୨୦ ବିଶ୍ୱକପ୍**

ହାରରେ ମାତ୍ର ୧୮୬ ରନ କରିବାକୁ ସକ୍ଷମ ହୋଇଛନ୍ତି। ସାମର୍ଥ୍ୟ ଅପେକ୍ଷା ତାଙ୍କ ପ୍ରଦର୍ଶନ ଅନେକ ଦୂରରେ ରହିଛି। ରାହୁଲ କିନ୍ତୁ ଅଧିନାୟକ ଭାବେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସର ଆଙ୍କର ଭାବେ ୧୦ ମ୍ୟାଚରୁ ୧୪୫ ଆଭରେଜରେ ୪୫୧ ରନ ସଂଗ୍ରହ କରି ସାରିଛନ୍ତି। ବିଶ୍ୱକପ ପୂର୍ବରୁ ଟିମ୍ ଇଣ୍ଡିଆ ପାଖାପାଖି ୧୫ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାକୁ ଅଛି। ତେଣୁ ଅଧିନାୟକ ରୋହିତ ଏବଂ କୋଚ୍ ରାହୁଲ ଦ୍ରାବିଡ ଏହି ମ୍ୟାଚ ପ୍ରଦର୍ଶନ ଭିତ୍ତିରେ ଦଳ ଚୟନ ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରନ୍ତି। ରୋହିତ ୯ଟି ଏବଂ ରାହୁଲ ଓ କୋହଲି ପାଖାପାଖି ୧୦ଟି ଲେଖାଏ ମ୍ୟାଚ ଖେଳିଥିଲେ ହେଁ ପ୍ରଥମ ୬ ଓଭର ପାୱାର ପ୍ଲେରେ ବିସ୍ଫୋରକ ପ୍ରଦର୍ଶନ କରିପାରି ନାହାନ୍ତି। ୧୦ଟି ମ୍ୟାଚ ଖେଳିସାରିଥିବା ରାହୁଲ ପାୱାରପ୍ଲେ ଓଭରରେ ୫୫ଟି ଡଟ୍‌ବଲ୍ ଖେଳିଛନ୍ତି। ଏହି ସମୟ ମଧ୍ୟରେ ସେ ୧୧୧.୯୦ ଷ୍ଟ୍ରାଇକ୍ ହାରରେ ୧୨୬ ବଲ୍‌ରୁ ୧୪୧ ରନ କରିବାକୁ ସକ୍ଷମ ହୋଇଛନ୍ତି। ପାୱାରପ୍ଲେ ଓଭରରେ ସେ ଏପର୍ଯ୍ୟନ୍ତ ୧୫ ଚୌକା ଓ ୪ଟି ଛକା ମାରିଛନ୍ତି। ଏହି ସମୟ ମଧ୍ୟରେ ରୋହିତ ୫୬ଟି ଡଟ୍‌ବଲ୍ ଖେଳିଛନ୍ତି। ୧୩୦.୭୬ ଷ୍ଟ୍ରାଇକ୍ ହାରରେ ୧୦୪ ବଲ୍‌ରୁ ୧୩୬ ରନ କରି ପାରିଛନ୍ତି। କୋହଲି ୭ଟି ମ୍ୟାଚରେ ପାୱାର ପ୍ଲେ ଓଭର ଖେଳିବାକୁ ସୁଯୋଗ ପାଇଛନ୍ତି। ସେ ୧୬ଟି ଡଟ୍‌ବଲ ଖେଳିଥିଲେ ହେଁ ୫୫ ବଲ୍‌ରୁ ମାତ୍ର ୬୧ ରନ କରିବାକୁ ସକ୍ଷମ ହୋଇଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ୩ ଜଣ ଯାକ ଖେଳାଳି ପାୱାର ପ୍ଲେରେ ବିସ୍ଫୋରକ ବ୍ୟାଟିଂ କରି ନ ପାରି ସମୟ ନେଇଛନ୍ତି। ଏହି ତିନି ନିର୍ଭରଯୋଗ୍ୟ ଖେଳାଳିଙ୍କ ସମ୍ପର୍କରେ ପୂର୍ବତନ ଚୟନ କମିଟି ମୁଖ୍ୟ ଏମ୍.ଏସ.କେ. ପ୍ରସାଦ, ତାଙ୍କ ସାଥି ଦେବାଙ୍ଗ ଗାନ୍ଧୀ ଏବଂ ପୂର୍ବତନ ଭାରତୀୟ ଉଇକେଟ କିପର ଦୀପ୍ ଦାସଗୁପ୍ତାଙ୍କ ପରି ବିଶେଷଜ୍ଞଙ୍କ ମତ ଭିନ୍ନ ରହିଛି। ପ୍ରସାଦଙ୍କ ମତରେ ‘‘ଯଦି ଫିଟ୍ ରୁହନ୍ତି ତେବେ ତିନଜଣଯାକ ଦଳରେ ରହିବା ଅପରିହାର୍ଯ୍ୟ। ଟି୨୦ ବିଶ୍ୱକପ ପରି ପ୍ରତିଯୋଗିତାରେ ଏ ତିନିଜଣଙ୍କୁ ବାଦ୍ ଦେଇ ହେବନି। ହଁ ବ୍ୟାଟିଂ ଅର୍ଡର କ୍ଷେତ୍ରରେ ଶିଖର ଧାୱନଙ୍କ ପରି ଖେଳାଳିଙ୍କୁ ଓପନିଂ ଦିଆଯାଇ ରାହୁଲଙ୍କୁ ୪ ନମ୍ବରକୁ ଅଣା ଯାଇପାରେ। କିଛିବର୍ଷ ତଳେ ସେ ମାଞ୍ଚେଷ୍ଟରଠାରେ ମିଡିଲ ଅର୍ଡରରେ ଖେଳି ମଧ୍ୟ ଟି୨୦ ଶତକ ହାସଲ କରିଥିଲେ’’। ତେବେ ଏସିଆ କପ୍ ପୂର୍ବରୁ ବିରାଟଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ଦିଆଯିବା ଉଚିତ। ସେ ସତେଜ ରହିଲେ ନିଶ୍ଚିତ ଭଲ ପ୍ରଦର୍ଶନ କରିପାରିବେ ବୋଲି ପ୍ରସାଦ କହିଛନ୍ତି। ଦେବାଙ୍ଗ କହିଛନ୍ତି ଯେ, ‘‘ଟି୨୦ ବିଶ୍ୱକପ ପରୀକ୍ଷା ନିରୀକ୍ଷା କରାଯିବା ଭଳି ଟୁର୍ନାମେଣ୍ଟ ନୁହେଁ। ତିନିଜଣ ଯାକ ଦେଶପାଇଁ ପୂର୍ବରୁ ଭଲ ପ୍ରଦର୍ଶନ କରି ଆସିଛନ୍ତି। କୌଣସି ଫ୍ରାଞ୍ଚାଇଜ୍ ପକ୍ଷରୁ ଖେଳିବା ସମ୍ପୂର୍ଣ୍ଣ ଭିନ୍ନ ପ୍ରସଙ୍ଗ। ପରିବର୍ତ୍ତନ କଥା ଉଠିଲେ ଏହି ତିନିଜଣଙ୍କ ବଦଳ ଖେଳାଳି କିଏ ବୋଲି ଭଲଭାବେ ଭାବିବା ଉଚିତ। ସେମାନେ ଏହି ତିନିଜଣଙ୍କ ଅପେକ୍ଷା କେତେ ଭଲ ତାହାକୁ ମଧ୍ୟ ତର୍ଜମା କରାଯିବା ଆବଶ୍ୟକ। ପାକିସ୍ତାନ ବିପକ୍ଷ ମ୍ୟାଚ ଭଳି ଚାପସ୍ଥିତିକୁ ଭଲଭାବେ ବିବେଚନା କରାଯିବା ଉଚିତ’’। ଦାସଗୁପ୍ତା କିନ୍ତୁ ଭିନ୍ନମତ ପୋଷଣ କରିଛନ୍ତି। ‘‘ଟି୨୦ ଭିନ୍ନ ମାନସିକତାର ଖେଳ। ଟେଷ୍ଟ ଏବଂ ଦିନିକିଆ ଗେମ୍‌ରେ ଖେଳାଳିଙ୍କୁ ଚୟନ କରି ସେମାନଙ୍କୁ ଭୂମିକା ସମ୍ପର୍କରେ ଅବଗତ କରାଯାଇଥାଏ। ମାତ୍ର ଟି୨୦ ଏହାର ବିପରୀତ। ପ୍ରଥମେ ଭୂମିକାକୁ ଦେଖାଯାଇ ଖେଳାଳିଙ୍କୁ ଫିଟ୍ କରାଯାଇଥାଏ। ଏ କ୍ଷେତ୍ରରେ ଯଦି ଆବଶ୍ୟକ ହୁଏ ତେବେ ଶିଖର ଧାୱନ କିମ୍ବା ପୃଥ୍ୱୀ ଶ’ଙ୍କୁ ସେଟ୍-ଅପ୍‌କୁ ଅଣାଯାଇପାରେ’’।



ବିରାଟ କୋହଲି



ଲୋକେଶ ରାହୁଲ



ରୋହିତ ଶର୍ମା



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ବିକାଶ ଆଳରେ ମୋରମ ଲୁଟ୍

ଯାଜପୁର ଅଫିସ,୪।୫

ବ୍ୟାସ ସରୋବରର ବିକାଶ କାର୍ଯ୍ୟ ଚାଲିଛି। ଏଥିପାଇଁ ରାଜ୍ୟ ସରକାର ୬୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏନ୍‌ବିସିସି (ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କର୍ପୋରେଶନ) ନେତୃତ୍ୱରେ ଦିଲ୍ଲୀର କ୍ରିଷ୍ଣା ବିଲ୍‌ଡର ଠିକାସଂସ୍ଥା ଜରିଆରେ ଏହି କାମ ଚାଲିଛି । ତେବେ ଏଥିପାଇଁ ବ୍ୟାସ ସରୋବରର ଜଗନ୍ନାଥ ମନ୍ଦିର ନିକଟସ୍ଥ ବିସ୍ତୀର୍ଣ୍ଣ ସମତଳ ଅଞ୍ଚଳ ବେଆଇନ ମୋରମ ଖନନ ଯୋଗୁ ନଷ୍ଟ ହେବାକୁ ବସିଛି। ବ୍ୟାସ ସରୋବରର ଗୋଟିଏ ପଟେ ବିକାଶ ତ ଅନ୍ୟପଟେ ବିନାଶକୁ ଆମନ୍ତ୍ରଣ କରାଯାଉଛି ବୋଲି ଚର୍ଚ୍ଚା ହେଉଛି। ଏପରି କି ବିନା ପରିବେଶ ମଞ୍ଜୁରୀରେ ବିପୁଳ ଜଙ୍ଗଲ ଜମିରୁ ମୋରମ ଉତ୍ତୋଳନ ହେଉଥିଲେ ହେଁ ତହସିଲ ପ୍ରଶାସନ ନୀରବ ରହିଥିବା ଅଭିଯୋଗ ହେଉଛି।

ଲଘୁ ଖଣିଜ ସମ୍ପଦ ବାଲି, ଗ୍ରାନାଇଟ, ମୋରମ, ମାଟି ପ୍ରଭୃତିର ଉତ୍ତୋଳନ ପାଇଁ ସରକାର ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ-୨୦୧୪ (ଓଏମ୍‌ଏମ୍‌ସିଆର) ଅନୁଯାୟୀ ବ୍ୟାସ ସରୋବରରେ ଗୋଟିଏ


ବ୍ୟାସ ସରୋବର ଜଗନ୍ନାଥ ପୀଠ ଅଞ୍ଚଳରୁ ଚାଲିଛି ମୋରମ ଲୁଟ୍।

ବି ସୈରାତ କାହାରିକୁ ଲିଜ୍ ସୂତ୍ରରେ ଦିଆଯାଇ ନାହିଁ। ମାଇନିଂ ପ୍ଲାନ, ପରିବେଶ ଓ ଜଙ୍ଗଲ ବିଭାଗର ଅନୁମୋଦନ ମଧ୍ୟ ନାହିଁ । ତେଣୁ ବ୍ୟାସ ସରୋବରରୁ ମୋରମ ଓ ମାଟି ଉତ୍ତୋଳନ ହେଉଥିବା ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ପ୍ରତ୍ୟହ ସକାଳୁ ରାତି ପର୍ଯ୍ୟନ୍ତ ଏକାଧିକ ହାଇୱା ଗାଡିରେ ମୋରମ ପରିବହନ ହେଉଥିବା ଦେଖି ସ୍ଥାନୀୟ ଲୋକେ ବିରୋଧ କରୁଥିଲେ ହେଁ ସେମାନଙ୍କୁ ସଂପୃକ୍ତ ଠିକାସଂସ୍ଥା ମାନୁ ନାହାନ୍ତି। ତହସିଲ ପ୍ରଶାସନକୁ ହାତ କରି ମୋରମ ଉତ୍ତୋଳନ ହେଉଛି ବୋଲି ସେମାନେ ଲୋକଙ୍କୁ କହୁଥିବା ସୂଚନା ମିଳିଛି । ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ ମୁତାବକ ରାଜ୍ୟ ସରକାର ବିପୁଳ ଟଙ୍କାର ରାଜସ୍ୱ ହରାଉଥିବାବେଳେ ଶତାଧିକ ଏକର ସରକାରୀ ଓ ଜଙ୍ଗଲ ଜମି ନଷ୍ଟ ହେଉଛି । ସ୍ପଷ୍ଟ ଦିବାଲୋକରେ ଏହି କଳାକାରନାମା ଚାଲିଥିଲେ ସୁଦ୍ଧା ଜଗିବାକୁ କେହି ନାହିଁ । ବିଭାଗୀୟ ଅଧିକାରୀଙ୍କ ଉଦାସୀନତାର ଫାଇଦା ବେଆଇନ ମୋରମ ବ୍ୟବସାୟୀଙ୍କୁ ବେଶ ସୁହାଉଛି । ବ୍ୟାସନଗର ପୌରାଞ୍ଚଳର ୨୬ ନମ୍ବର

- ଠିକା ସଂସ୍ଥା ସହ ପ୍ରଶାସନ ହାତ ମିଳାଇଛି
- ନଷ୍ଟ ହେଉଛି ବ୍ୟାସ ସରୋବର ଜଗନ୍ନାଥ ପୀଠ

ୱାର୍ଡ କାଉନସିଲର ରବୀନ୍ଦ୍ର ରାଉତ କୁହନ୍ତି, ବ୍ୟାସ ସରୋବରର ବିକାଶ କାର୍ଯ୍ୟକୁ ସେ ସ୍ୱାଗତ କରୁଛନ୍ତି। କିନ୍ତୁ ସଂପୃକ୍ତ ଠିକାସଂସ୍ଥାର ମନମାନି ବଢି ଚାଲିଛି। ପବିତ୍ର ଜଗନ୍ନାଥ ପୀଠ ଥିବା ବ୍ୟାସ ସରୋବର ଅଞ୍ଚଳର ମୋରମ ଖନନକୁ ସାଧାରଣ ଲୋକେ ସହଜେ ଗ୍ରହଣ କରି ପାରି ନାହାନ୍ତି। ପ୍ରଭୁ ଜଗନ୍ନାଥ ରହୁଥିବା ଅଞ୍ଚଳରେ ଧାର୍ମିକ ଭାବନା ଜଡିତ ଥିବାରୁ ସାଧାରଣ ଲୋକେ ମାଟି କିମ୍ବା ମୋରମ ଖନନ କରିବାକୁ ଉଚିତ ମନେ କରନ୍ତି ନାହିଁ। କିନ୍ତୁ ଠିକାସଂସ୍ଥାର ଏଭଳି କାର୍ଯ୍ୟକୁ ବିରୋଧ କରାଯିବ ବୋଲି କାଉନସିଲର ରାଉତ ଚେତାବନୀ ଦେଇଛନ୍ତି। ବ୍ୟାସନଗର ତହସିଲଦାର ଅଶୋକ ମାଝିଙ୍କୁ ଏ ସଂକ୍ରାନ୍ତରେ ପଚରିବାରୁ ସେ କହିଛନ୍ତି, ମୋରମ ଉତ୍ତୋଳନ ଅଭିଯୋଗ ଉପରେ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ।

## ପୁଅକୁ ଝୁରି ଝୁରି ଜୀବନ ହାରିଲେ ମା’

ପଦ୍ମପୁର, ୪।୫(ଡି.ଏନ.ଏ.)

ପୁଅକୁ ଝୁରି ଝୁରି ଜୀବନ ହାରିଲେ ମା’। ଏଭଳି ଦୁଃଖଦ ଘଟଣା ଘଟିଛି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆନ୍ଦୋଳା ପଞ୍ଚାୟତର ଜୋରାଗଡ଼ିଆ ଗ୍ରାମରେ। ସଂଘବଦ୍ଧ ଆକ୍ରମଣରେ ଏପ୍ରିଲ ୨୯ ତାରିଖରେ କରୁଣାକର ପ୍ରଧାନଙ୍କର ମୃତ୍ୟୁ ହୋଇଥିଲା। ପୁଅର ମୃତ୍ୟୁ ପରେ ହେମ ପ୍ରଧାନ ମାନସିକ ସ୍ତରରେ ଗଭୀର ଆଘାତ ପାଇଥିଲେ। ପୁଅକୁ ଝୁରି ଝୁରି ତାଙ୍କ ଅବସ୍ଥା ଦିନକୁ ଦିନ ସଙ୍ଗୀନ ହେଉଥିବା ବେଳେ ମଙ୍ଗଳବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ ପରେ ଶବ ସତ୍କାର କରିବା ପାଇଁ କେହି ନ ଥିବା ବେଳେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚି ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କୁ ଅବଗତ କରାଇ ଥିଲେ। ଅପରାହ୍ନରେ ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି। ନାୟକାଣିଡିହୀ ଥାନାରେ କରୁଣାକରଙ୍କ ମୃତ୍ୟୁକୁ ନେଇ ୨୨ ଜଣ ସମ୍ପର୍କୀୟଙ୍କ ନାମରେ ମାମଲା ଥିବାରୁ ଶବସତ୍କାର କରିବା ପାଇଁ କେହି ଉପସ୍ଥିତ ନ ଥିଲେ।

## ୧୫୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦାବି



ଖବରଦାତା ସମ୍ମିଳନରେ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚର କର୍ମକର୍ତ୍ତା।

ରସୁଲପୁର,୪।୫(ଡି.ଏନ.ଏ.)

ବିଦ୍ୟୁତ୍ ବିତରଣ କମ୍ପାନୀ ବିରୋଧରେ ଜନଅସନ୍ତୋଷ ସ୍ୱର ତୀବ୍ର ହେବାରେ ଲାଗିଛି। ବିଭାଗର ଅଘୋଷିତ ବିଦ୍ୟୁତ୍ କାଟ୍, ଅଣଆଦାୟ ମିଥ୍ୟା ବକେୟା ବିଲ୍‌କୁ ଆଦାୟ କରିବାକୁ ଉପଭୋକ୍ତାଙ୍କ ଉପରେ ଜୁଲମ୍ କରିବା, ବିନା ନୋଟିସରେ ବିଦ୍ୟୁତ୍ କାଟ କରିବା, ଚାଷୀଙ୍କୁ ବିଦ୍ୟୁତ ଯୋଗାଣ ଦିଗରେ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରିବା ଆଦିକୁ ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ଏକତା ମଞ୍ଚ ଦୃଢ ବିରୋଧ କରିଛି। ଏଥିସହ ଗରିବ ଗ୍ରାହକଙ୍କ ଉପରେ ରହିଥିବା ବିବାଦୀୟ ବକେୟା ବିଦ୍ୟୁତ୍ ବିଲକୁ ଛାଡ କରିବା ସହ ପ୍ରତ୍ୟେକ ଗ୍ରାହକଙ୍କୁ ୧୫୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଇ ଦେବାକୁ ମଞ୍ଚ ପକ୍ଷରୁ ବୁଧବାର ନଥୁଆବର ହାଟସ୍ଥିତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି।

ମଞ୍ଚ ପକ୍ଷରୁ କୁହାଯାଇଛି, ନିଅଣ୍ଟିଆ ରାଜ୍ୟଗୁଡ଼ିକ ବିଦ୍ୟୁତ୍ କ୍ରୟକରି ଗ୍ରାହକଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ଦେଉଥିବା ବେଳେ ଓଡ଼ିଶା ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଏକ ବଳକା ରାଜ୍ୟ ହୋଇ ବି ରାଜ୍ୟବାସୀ ବିଦ୍ୟୁତ୍ ସମସ୍ୟାରେ ପେଶି ହେଉଛନ୍ତି। କମ୍ପାନୀର ଏଭଳି ଅନ୍ୟାୟ ଓ ଅସମାନତା ବରଦାସ୍ତ କରାଯିବ ନାହିଁ। ଏଭଳି ସ୍ଥିତି ଜାରି ରହିଲେ ମଞ୍ଚ କମ୍ପାନୀ ବିରୋଧରେ ଆନ୍ଦୋଳନାତ୍ମକପନ୍ଥା ଆପଣେଇବାକୁ ବାଧ୍ୟ ହେବ ବୋଲି ସଭାପତି ନାରାୟଣ ଜେନା, ସମ୍ପାଦକ ସୁଦାମ ଚରଣ ରାଉତ, ବଟକୃଷ୍ଣ ପ୍ରଧାନ, ଗୋଲକ ବିହାରୀ ରାଉତ, ମାନଗୋବିନ୍ଦ ସାମଲ, ନୀରଞ୍ଜନ ନାୟକ, ନୀରଞ୍ଜନ ପ୍ରଧାନ, ସାନ୍ତନୁ ଶତପଥୀ, ବିଶ୍ୱଜିତ୍ ମହାନ୍ତି, ସୁଧାଂଶୁ ଭୂଷଣ ମିଶ୍ର, ଦୁଃଶାସନ ନାୟକ, ଅଲେଖ ବଳ, ଯୋଗେନ୍ଦ୍ର ନାୟକ, ଅମୂଲ୍ୟ କୁମାର ସାହୁ, କୀର୍ତ୍ତନ ବିହାରି ସାହୁ, ଅଶୋକ କୁମାର ନାୟକ, କୃଷ୍ଣଚନ୍ଦ୍ର ସାହୁ, ସନ୍ତୋଷ କୁମାର ଦାଶ, ଲାଲମୋହନ ନନ୍ଦି ଓ ବିବେକାନନ୍ଦ ନାୟକ ପ୍ରମୁଖ ମତପୋଷଣ କରିଛନ୍ତି।

# ପାନୀୟ ଜଳ ସମସ୍ୟା ଦୂରକରିବା ଉପରେ ଗୁରୁତ୍ୱ


ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟିକା, ବିଧାୟକ ଓ ଅନ୍ୟମାନେ।

ରସୁଲପୁର,୪।୫(ଡି.ଏନ.ଏ.)

**ରସୁଲପୁର ପଞ୍ଚାୟତ ସମିତିର ପ୍ରଥମ ସାଧାରଣ ପରିଷଦ ବୈଠକ**

ରସୁଲପୁର ପଞ୍ଚାୟତ ସମିତିର ପ୍ରଥମ ସାଧାରଣ ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ କୁମାର ବଳ, ବରୀ ବିଧାୟିକା ସୁନନ୍ଦା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇଥିଲେ। ପଞ୍ଚାୟତ ପ୍ରତିନିଧିଙ୍କ ପରିଚୟ ପ୍ରଦାନରୁ ବୈଠକ ଆରମ୍ଭ ହୋଇଥିଲା। ପାନୀୟ ଜଳ ସମସ୍ୟାରୁ ଆଲୋଚନା ହୋଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ଜଳ ପରିମଳ ଯୋଜନାରେ ବାର୍ଷିକ ପ୍ରକଳ୍ପ ଚୟନ କରାଯିବା ସହ ବିଭିନ୍ନ ପଞ୍ଚାୟତରେ ଥିବା ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଆଲୋଚନାରେ ସ୍ଥାନ ଦିଆଯାଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବିଭିନ୍ନ ସ୍ଥାନରେ ଜାରି ରହିଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉପରେ ଆଲୋଚନାବେଳେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ କୋଳଥଳସ୍ଥିତ କ୍ଷେତ୍ରପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ବ୍ଲକ ପରିସରକୁ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନା ସମୟରେ ଲକ୍ଷ୍ମୀନଗରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଡାକ୍ତର କାର୍ଯ୍ୟରେ ଯୋଗ ଦେଉ ନ ଥିବା ଅଭିଯୋଗ ହୋଇଥିଲା। ଏଥିସହ ବିଭିନ୍ନ ସ୍ଥାନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଚାଳନା ହେଉ ନ ଥିବା ନେଇ ଜନପ୍ରତିନିଧିମାନେ ମତ ରଖିଥିଲେ। ଏ ଦିଗରେ ତଦନ୍ତ କରାଯାଇ ତୁରନ୍ତ ପଦକ୍ଷେପ ନିଆଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କୃଷି ଓ ଉଦ୍ୟାନ କୃଷି ବିଭାଗ ସମ୍ପର୍କରେ ଆଲୋଚନା ବେଳେ ଖରିଫ ଋତୁରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସୁବିଧା ସୁଯୋଗକୁ ଠିକ୍ ଭାବରେ ମିଳିବା ଉପରେ ଗୁରୁତ୍ୱାରୋପ କାରାଯାଇଥିଲା। ପ୍ରାଣୀ ଚିକିତ୍ସା ବିଭାଗ ଉପରେ ଆଲୋଚନା ବେଳେ ପ୍ରାଣୀ ସମ୍ପଦ ସୁରକ୍ଷା ଓ ଗୋରୁଙ୍କୁ ଟିକାକରଣ କରିବା ସହ ଗୋ, ଛେଳି, କୁକୁଡା ପାଳନ, ଘାଷ ଚାଷ ଆଦିକୁ ପ୍ରର୍ଯ୍ୟାପ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସରକାରୀ ଯୋଜନା ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିଙ୍କୁ ଅବଗତ କରାଇବା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ନେଇ ଉଦ୍ଦିଷ୍ଟ ଯୋଜନା ସମ୍ପର୍କରେ ଜନ ପ୍ରତିନିଧିଙ୍କୁ ଠିକ୍ ଭାବରେ ଅବଗତ କରାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କେତେଜଣ ପ୍ରତିନିଧି ବ୍ଲକ ସମ୍ପର୍କିତ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିପାରୁ ନ ଥିବା ଅଭିଯୋଗ ହୋଇଥିଲା। ଏପରି କି ଏହି ବୈଠକ ସମ୍ପର୍କରେ ଏମ୍‌ପିଙ୍କୁ ଅବଗତ କରାଇବାରେ ତ୍ରୁଟି ଘଟିଥିବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ୍ଲ ଜେନା ବିବରଣୀ ପାଠ କରିଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ବୈଠକ ପରିଚାଳନା କରାଯାଇଥିଲା। ବ୍ଲକ ଅଧୀନ ୪ଟି ଜୋନର ଜିଲାପରିଷଦ ସଭ୍ୟସଭ୍ୟା, ସମିତିସଭ୍ୟାସଭ୍ୟ ଓ ସରପଞ୍ଚମାନେ ଯୋଗ ଦେଇଥିଲେ। ଉପାଧ୍ୟକ୍ଷା ଜୟନ୍ତୀ ଦାଶ ଧନ୍ୟବାଦ ଦେଇଥିଲେ।

# ଭାରସାମ୍ୟ ହରାଇ ଓଲଟିଲା କଣ୍ଟେନର, ଚାଳକ ଗୁରୁତର

ପାଣିକୋଇଲି,୪।୫(ଡି.ଏନ.ଏ.)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସାହାପୁର ନିକଟରେ ଭାରସାମ୍ୟ ହରାଇ ଏକ କଣ୍ଟେନର ରାସ୍ତା କଡ଼ରେ ଓଲଟି ପଡ଼ିଛି। ଫଳରେ ଗାଡ଼ି ଚାଳକ ଗୁରୁତର ହୋଇଛନ୍ତି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶଯୋଗ୍ୟ, ଭୁବନେଶ୍ୱରରୁ କୋଲକାତା ଅଭିମୁଖେ କଣ୍ଟେନର ନଂ.ଏନ୍‌ଏଲ-୦୧-ଏଏ-୯୩୮୪



ଯାଉଥିଲା। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଗୋଟିଏ ରାସ୍ତାରେ ଉଭୟ ପାର୍ଶ୍ୱର ଗାଡ଼ି ଯାତାୟାତ କରୁଛି। ତେବେ

**ରାଜପଥ ମରାମତି ଯୋଗୁ ଘଟୁଛି ଦୁର୍ଘଟଣା**

ଅନ୍ୟ ଏକ ଗାଡ଼ି ସାଇଡ୍ ମାରିବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ରାସ୍ତାରେ ଏକପାଖିଆ ଗାଡ଼ିଗୁଡ଼ିକୁ ଛଡ଼ାଯାଉଥିବାରୁ ଭିଡ଼ ହେଉଛି। ସେହିପରି ରାସ୍ତାର ଅନେକ ସ୍ଥାନରେ ମାଟି ଦବି ଯାଇଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଦେଖିବାକୁ ମିଳୁଛି।

DADLS - 21

Azadi Ka Amrit Mahotsav

ଓଡ଼ିଶା ସରକାର



ମହାନ ବିପ୍ଳବୀ
ଧରଣୀଧର ନାଏକ (ଭୂୟାଁ)ଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୫ ମଇ, ୨୦୨୨

ସକାଳ ୮ ଘଟିକା ସମୟରେ ଭୁବନେଶ୍ୱର ଇ.ଏସ୍.ଆଇ ହସ୍‌ପିଟାଲ୍ ରାସ୍ତା ଛକସ୍ଥିତ ଧରଣୀଧର ନାଏକ (ଭୂୟାଁ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ସଭାପତି : –ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ
ମୁଖ୍ୟ ଅତିଥି : –ଶ୍ରୀଯୁକ୍ତ ପ୍ରେମାନନ୍ଦ ନାୟକ, ମାନ୍ୟବର ମନ୍ତ୍ରୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା
ସମ୍ମାନିତ ଅତିଥି : –ଶ୍ରୀଯୁକ୍ତ ବଦ୍ରି ନାରାୟଣ ପାତ୍ର, ମାନ୍ୟବର ବିଧାୟକ
–ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ, ଉପଦେଷ୍ଟା, ଓଡ଼ିଶା ସରକାର(ଗଣମାଧ୍ୟମ ଓ ଲୋକସମ୍ପର୍କ)
–ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକ ସମ୍ପର୍କ ବିଭାଗ
–ଡଃ ଲେନିନ୍ ମହାନ୍ତି, ସମ୍ପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା : –ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ଦାଶ, ବିଶିଷ୍ଟ ଶିକ୍ଷାବିତ୍ ତଥା ଗବେଷକ

‘ଆଦୃତା’, ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ‘କେନ୍ଦୁଝର ସଂଘ ଓ କେନ୍ଦୁଝର ବିକାଶ ପରିଷଦ’ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

କେନ୍ଦୁଝର ଜିଲ୍ଲା ଭୂୟାଁ ସମ୍ପ୍ରଦାୟର ଜନଜାତି ନେତା ଧରଣୀଧର ଭୂୟାଁ । ତତ୍କାଳୀନ ରାଜା ଓ ରାଜ କର୍ମଚାରୀମାନଙ୍କର ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ପ୍ରଜାମାନଙ୍କର ବେଠି ଖଟିବାକୁ ତୀବ୍ର ବିରୋଧ କରି ବିଦ୍ରୋହର ସୂତ୍ରପାତ କରିଥିଲେ ଧରଣୀଧର । ଅତ୍ୟାଚାରୀ ରାଜତନ୍ତ୍ର ଓ ଇଂରେଜ ଶାସନ ବିରୁଦ୍ଧରେ ବିପ୍ଳବୀ ଧରଣୀଧରଙ୍କର ଦୁଃସାହସିକ ସଂଗ୍ରାମ ଓଡ଼ିଶା ଇତିହାସରେ ଅନନ୍ୟ । ଜନମାନସର ନେତା ଧରଣୀଧରଙ୍କର ଜାତିପ୍ରୀତି, ସାହସିକତା, ନିର୍ଭୀକତା, ଉଦାମତା ଓ ଆଦର୍ଶ ଆମକୁ ଚିର ଅନୁପ୍ରାଣିତ କରୁଥିବ ।

OIPR-15001/13/0038/2223

## ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିରୀକ୍ଷକଙ୍କ ପରଲୋକ

**ପାଣିକୋଇଲି,୪।୫(ଡି.ଏନ.ଏ.):** ପାଣିକୋଇଲି ବଜାରର ଓଚିନ୍ଦା ରୋଡ୍‌ରେ ରହୁଥିବା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିରୀକ୍ଷକ ପଞ୍ଚାନନ ଦାସଙ୍କ ବୁଧବାର ସକାଳେ ପରଲୋକ ଘଟିଛି। ସେ ଜଣେ ସ୍ୱାସ୍ଥ୍ୟ ନିରୀକ୍ଷକ ଭାବେ ଲୋକଙ୍କ ସେବା କରି ସ୍ଥାନୀୟ ଅଞ୍ଚଳରେ ବେଶ ସୁନାମ ଅର୍ଜନ କରିଥିଲେ। କିଛି ଦିନ ହେବ ଯକୃତ ରୋଗରେ ପୀଡ଼ିତ ହୋଇ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ୮୫ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ପାଣିକୋଇଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଖବର ପାଇ ବହୁ ରାଜନେତା, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ସାମାଜିକ କର୍ମୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମରଶରୀରକୁ ଯାଜପୁର ବାରୁଣୀ ମହା ଶ୍ମଶାନକୁ ନିଆଯାଇ ଶେଷକୃତ ସମ୍ପନ୍ନ କରାଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ପୁଅ ସରୋଜ, ପଙ୍କଜ, ବାରିଜ ଓ ପୁତ୍ରବଧୂ, ନାତିନାତୁଣୀ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିବା ବେଳେ ବଡ଼ପୁଅ ସରୋଜ ମୁଖାଗ୍ନି ଦେଇଥିଲେ।

## ଶିକ୍ଷକ ସଂଘ ନେତାଙ୍କୁ ବିଦାୟ ସମ୍ବର୍ଦ୍ଧନା


ଶିକ୍ଷକ ସଂଘ ନେତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରସୁଲପୁର,୪।୫(ଡି.ଏନ.ଏ.)

ଯାଜପୁର ଜିଲା ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (ମ.ଇ.) ଶିକ୍ଷକ ସଂଘର ସଭାପତି ତଥା କୋରେଇ ବ୍ଲକ ଅନ୍ତର୍ଗତ ରାମପୁର ଶଗଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର କୁମାର ପାଣିଗ୍ରାହୀଙ୍କୁ ସଂଘ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାର ନିକଟସ୍ଥ ଅଭିମନ୍ୟୁ ସାମନ୍ତ ସିଂହାର ଭବନ ପରିସରରେ ଆୟୋଜିତ ସଭାରେ ଚଣ୍ଡିପୁର ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ବୈଦ୍ୟନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରସୁଲପୁର ବ୍ଲକ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ, ମୁଖ୍ୟବକ୍ତା ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ସମ୍ମାନିତ ଅତିଥି ଧର୍ମଶାଳା ବ୍ଲକ ଶିକ୍ଷାଧିକାରୀ ନିକୁଞ୍ଜ କିଶୋର ମହାନ୍ତି, କୁଆଖିଆ ଥାନା ଅଧିକାରୀ ଶିବ ଚରଣ ବେହେରା, ବ୍ଲକ ସହକାରୀ ଶିକ୍ଷାଧିକାରୀ ଶାନ୍ତିଲତା ରାଉତ, ରାଜ୍ୟ ସଂଘ ସମ୍ପାଦକ ରମେଶଚନ୍ଦ୍ର ବାରିକ, ଯାଜପୁର ଜିଲା ଶିକ୍ଷକ ସଂଘ ସଭାପତି କାହ୍ନୁଚରଣ ମହାନ୍ତି, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ମହାରଣା ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ପାଣିଗ୍ରାହୀଙ୍କ ଗୁଣଗାନ କରିଥିଲେ। ଶିକ୍ଷକ ନେତା ସୁଜିତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅକ୍ଷୟ କୁମାର ବରାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନଳିନୀ ରଞ୍ଜନ ରାଉତ ମାନପତ୍ରପାଠ କରିଥିଲେ। ନୀଳମଣି ଲେଙ୍କା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜିଲାର ୧୦ଟି ବ୍ଲକର ଶିକ୍ଷକ ସଂଘ ସଭାପତି, ସମ୍ପାଦକ, ଅନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ବିଦାୟୀ ଶିକ୍ଷକଙ୍କୁ ମାନପତ୍ର, ଉପଢ଼ୌକନ, ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୫ ମେ, ୨୦୨୨



## ସଂକ୍ଷେପରେ

### ନିଖୋଜ ନାବାଳିକା ଉଦ୍ଧାର

**ପାଣିକୋଇଲି,୪।୫(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ରଙ୍ଗରଙ୍ଗା ଗ୍ରାମରୁ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ କେନ୍ଦୁଝର ଜିଲାରୁ ବୁଧବାର ଉଦ୍ଧାର କରିଛି। ଗୁରୁବାର ତାଙ୍କୁ କୋର୍ଟରେ ହାଜର କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ନାବାଳିକା ଗତ ମାସ ୨୮ ତାରିଖରେ କଲେଜ ଯାଇ ଘରକୁ ଫେରି ନ ଥିଲେ। ଏନେଇ ତାଙ୍କ ମା' ଗତ ୩ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୯୮/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଫାର୍ମାସିଷ୍ଟଙ୍କ ଅକାଳ ବିୟୋଗ

**ବରୀ,୪।୫(ଡି.ଏନ.ଏ.):** ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଫାର୍ମାସିଷ୍ଟ ଉଦୟଭାନୁ ସେଠୀଙ୍କ ଅକାଳ ବିୟୋଗ ଘଟିଛି। ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ସେଠୀ ହଠାତ୍ ମଙ୍ଗଳବାର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ବୁଧବାର ମରଶରୀର କଟକ ବଡ଼ ଡାକ୍ତରଖାନାରୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ



ଅଣାଯିବା ପରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ଜନ୍ମ ଭୂମି ଅନ୍ୟାସୀପୁର ଗ୍ରାମକୁ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ବରୀ ବ୍ଲକ୍ ଅଧକ୍ଷ ଅଶୋକ କୁମାର ଗେଡ଼ି, ଜିଲା ପରିଷଦ ସଭ୍ୟ ଦିଲୀପ କୁମାର ମହାନ୍ତି, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆଶିଷ ଦାସ, ଅଲିପୁର ପୂର୍ବତନ ସରପଞ୍ଚ ବୀରେନ୍ଦ୍ର ମିଶ୍ର ଓ ସରପଞ୍ଚ ସସ୍ମିତା କୁଣ୍ଡୁଙ୍କ ସମେତ ବହୁ ଶୁଭେଚ୍ଛୁ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ବିଧାୟିକା ସୁନନ୍ଦା ଦାସ, ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ, ସମିତିସଭ୍ୟ ରମେଶ ସାହୁ, ଯମୁନା ମଲିକ ଓ ପୂର୍ବତନ ସରପଞ୍ଚ ସୁଲଭ ମଲିକ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

### ଆଦର୍ଶ ମହିଳାଙ୍କ ପରଲୋକ

**ଧର୍ମଶାଳା,୪।୫(ଡି.ଏନ.ଏ.):** ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରର ଅବସରପ୍ରାପ୍ତ କର୍ମଚାରୀ ଗୋକୁଳାନନ୍ଦ ଜେନାଙ୍କ ସ୍ତ୍ରୀ କୁମୁଦିନୀ ଜେନା(୭୪)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ଘଟିଛି। କୁମୁଦିନୀ ଜଣେ ଆଦର୍ଶ, ପରୋପକାରୀ, ଧର୍ମପରାୟଣା ମହିଳା ଥିଲେ। ତାଙ୍କ ୩ ଝିଅ ଓ ୨ ପୁଅ ରହିଥିବା ବେଳେ ବଡ଼ପୁଅ ମାନସ ଜଣେ ଖବରଦାତା ଭାବେ କାର୍ଯ୍ୟ କରୁଛନ୍ତି। କୁମୁଦିନୀଙ୍କ ସ୍ୱାମୀ ଗୋକୁଳାନନ୍ଦଙ୍କ ଘର ଏହି ବ୍ଲକ କୋଟପୁର ଗ୍ରାମରେ ହୋଇଥିବାବେଳେ ଚାକିରିରୁ ଅବସର ପରେ ସେ ଜାରକାରେ ସ୍ଥାୟୀ ବାସିନ୍ଦା ହୋଇ ସପରିବାର ରହୁଥିଲେ। କୁମୁଦିନୀଙ୍କ ମୃତ୍ୟୁରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପ୍ରାକ୍ତନ ବିଧାୟକ ରବି ଲାବଣ୍ୟ, ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପୂର୍ବତନ ବ୍ଲକ ଅଧକ୍ଷ କିଷାନ ପଣ୍ଡା ଓ ରମେଶ ପରିଡ଼ା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଧର୍ମଶାଳା ପ୍ରେସ୍ କ୍ଲବ ପକ୍ଷରୁ ସଭାପତି ରମାକାନ୍ତ ଜେନା, ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉପସଭାପତି ସୀତାକାନ୍ତ ସାମଲ, ସମ୍ପାଦକ ଅବିନେଶ୍ୱର ଶତପଥୀ, କୋଷାଧକ୍ଷ ଅଖିଳ କୁମାର ସ୍ୱାଇଁ ଓ ସଦସ୍ୟମାନେ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ସାନପୁଅ ସରସ ରଞ୍ଜନ ଜେନା ମୁଖାଗ୍ନି ଦେଇଛନ୍ତି।

# ଖଣିଜ ଚୋରା ଚାଲାଣ ବ୍ୟବସ୍ଥା ପୁଣି ସକ୍ରିୟ

**ଯାଜପୁର ଅଫିସ,୪।୫**

ରତ୍ନଗର୍ଭା ସୁକିନ୍ଦା ଅଞ୍ଚଳରେ ୧୭୩ ନିୟୁତ ଟନ୍ କ୍ରୋମାଇଟ୍ ଗଚ୍ଛିତ ଅଛି ବୋଲି ସରକାରୀ ଭାବେ ଆକଳନ କରାଯାଇଛି। ଭାରତ ସ୍ୱାଧୀନତା ପୂର୍ବରୁ ଏଠାରୁ କ୍ରୋମାଇଟ ଖନନ ଆରମ୍ଭ ହୋଇ ସାରିଛି। ତେବେ ସ୍ଥାନୀୟ ଲୋକଙ୍କ ଏଠାରେ କୌଣସି ସଂପୃକ୍ତି ରହୁ ନ ଥିବାରୁ ଗତ ଦୁଇ ଦଶନ୍ଧି ହେଲା ଖଣିଜ ଲୁଟ୍ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ୨୦୧୦-୧୧ରେ ସାହା କମିଶନଙ୍କ ରିପୋର୍ଟ ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପରେ ଶିଥିଳ ପଡିଥିବା ଖଣିଜ ଚୋରି ପୁଣି ସକ୍ରିୟ ହେଉଥିବା ମନେ ହେଉଛି। ଗତ କିଛିବର୍ଷ ହେବ ୧୬, ୨୦୦ ଏବଂ ୫୩ନଂ. ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଚୋରା ଲୁହାପଥର ଓ କ୍ରୋମାଇଟ ଜବତ ଘଟଣାରୁ ବି ଏହା ସ୍ପଷ୍ଟ ହେଉଛି। ମାଇନ୍ସ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ନିଷ୍କ୍ରିୟ ହୋଇଥିବାରୁ ଏହି ଚୋରା କାରବାର ଉପରେ ଆଙ୍କୁଶ ଲାଗି ପାରୁନି ବୋଲି ମତପ୍ରକାଶ ପାଉଛି।

ଖଣି ଖନନ ଯୋଗୁ ପ୍ରାକୃତିକ ପରିବେଶ ନଷ୍ଟ ହୋଇ ସାରିଛି । ଭିଟାମାଟି ହରାଇ କ୍ଷତିଗ୍ରସ୍ତ ହୋଇଥିବା ଆଦିବାସୀଙ୍କ ଜୀବନଧାରଣର ମାନ ଅପରିବର୍ତ୍ତିତ ରହିଛି । ରାଜ୍ୟ ବାହାରର ଅଧିକାଂଶ ଠିକାସଂସ୍ଥା ନିୟୋଜିତ ହେଉଥିବାରୁ ସ୍ଥାନୀୟ ନିଯୁକ୍ତି ନ ପାଇ ସୁକିନ୍ଦାବାସୀ ଦାଦନ ଖଟିଯିବାକୁ ବାଧ ହେଉଛନ୍ତି। ଜଙ୍ଗଲ, ଜମି, ଜଳକୁ ନଷ୍ଟ କରି ଖଣି କମ୍ପାନୀମାନେ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ଲାଭ କରୁଥିବାବେଳେ କ୍ଷତିଗ୍ରସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଟୋପାଏ ମିଳୁନି। ସ୍କୁଲ, ଡାକ୍ତରଖାନା, ରାସ୍ତାଘାଟ, ବିଜୁଳି, ପ୍ରଦୂଷଣ ସମସ୍ୟା ଏବେ ବି ରହିଛି । ଅନ୍ୟପକ୍ଷେ ରାତିକରେ ହାତୀଏ କମାଣି ସୁଯୋଗ ଥିବାରୁ କ୍ରୋମାଇଟ ଚୋରି କରି କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଧରାକୁ ସରା ମଣୁଛନ୍ତି। ସରକାରୀ ବାବୁମାନଙ୍କୁ କିପରି ନିଜ କବ୍‌ଜାରେ ରଖିବେ ତାହା ଅତୀତର କେତେକ ଘଟଣାରୁ ଜଳଜଳ ହୋଇ ଦିଶିଛି। କିଛିଦିନ ତଳେ ଏକ ଖଣି ଖାଦାନର ଜଣେ ସର୍ବୋଚ୍ଚ ଅଫିସରଙ୍କ ନାମରେ ବେଆଇନ ଭାବେ ଅର୍ଜନ କରିଥିବା ସମ୍ପତ୍ତି ତାଲିକା ପ୍ରକାଶ ପାଇଥିଲା। ସଂପୃକ୍ତ ଖଣି କମ୍ପାନୀର ପରିଚାଳନା ମଣ୍ଡଳି ଏହାର ଉପଯୁକ୍ତ ତଦନ୍ତ କରି ତାଙ୍କ ପଦରୁ ହଟାଇ ଦେଇଛନ୍ତି। ଏହି ଘଟଣାକୁ ସଂପୃକ୍ତ ଖଣି କମ୍ପାନୀ ଚପାଇ ଦେବାକୁ ଅନେକ ପ୍ରୟାସ କରିଛନ୍ତି। ତେବେ ସମଗ୍ର ଖଣି ଅଞ୍ଚଳରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏହାବାଦ୍ ଭୂତଳ ଖଣି ପୋତିବା ପାଇଁ ଯେଉଁସବୁ ବାଲି କିଣା

**ମାଇନ୍ସ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ନିଷ୍କ୍ରିୟ**



ଯାଉଛି ତାହା ମଧ ବେଆଇନ ବୋଲି ଅଭିଯୋଗ ହୋଇଥିବାବେଳେ ସରକାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ବିଗତବର୍ଷରେ କାଳିଆପାଣି ଖଣି ଅଞ୍ଚଳରେ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରି ବେଖିଆଲି ଭାବେ ଓଭର୍‌ଲୋଡ ଗ୍ରହଣ କରୁଥିଲେ। ଯାହାକି ସରକାରଙ୍କ ପରିବହନ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଥିବା ନିର୍ଦ୍ଦେଶନାମାର ଉଲ୍ଲଂଘନ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ପରିବହନ ବିଭାଗ କେତେକ ଖଣି କମ୍ପାନୀକୁ କାରଣ ଦର୍ଶାଅ ନୋଟିସ ମଧ ଜାରି କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନା ସମେତ ଅନ୍ୟାନ୍ୟ ଅଞ୍ଚଳକୁ ଲୁହାପଥର ସହ କ୍ରୋମାଇଟ ପରିବହନ ହେଉଛି । ଏଥିରେ ଖଣି ବିଭାଗୀୟ ଅଧିକାରୀଙ୍କ ଅଧିକ ଗୁରୁତ୍ୱ ରହିଛି । ଖଣି ବିଭାଗୀୟ ଅଧିକାରୀଙ୍କ ପାଖରୁ ଏଥିପାଇଁ ଅନୁମତି ଲୋଡାଯାଏ, ସମ୍ପୃକ୍ତ ଖଣିରୁ ଏକ ସ୍ୱତନ୍ତ୍ର ଫର୍ମ ମାଧ୍ୟମରେ ଆବେଦନ କରାଯାଇଥାଏ । ଖଣି ବିଭାଗ ଏହି ଆବେଦନ ପତ୍ରକୁ ଗ୍ରହଣ କରି ତଦନ୍ତ ପାଇଁ ବିଭାଗୀୟ ଜଣେ ନିରୀକ୍ଷକ ଅଧିକାରୀଙ୍କୁ ପଠାଇଥାନ୍ତି । ନିରୀକ୍ଷକ ଅଧିକାରୀ ଘଟଣାସ୍ଥଳକୁ ଯାଇ ପରିଦର୍ଶନ କରି ଏକ ରିପୋର୍ଟ ପ୍ରଦାନ କରିଥାନ୍ତି । ଏହାପରେ ଆବେଦନକାରୀ ରୟାଲଟି ଭରଣା କରନ୍ତି । ପରବର୍ତ୍ତୀ ସମୟରେ ଆବେଦନ ହୋଇଥିବା ଫର୍ମ-ଏଚ୍ ଦ୍ୱାରା ଖଣି ବିଭାଗର ନିରୀକ୍ଷକ ଅଧିକାରୀ ଖଣିଜ ଦ୍ରବ୍ୟର ମାନ ଓ ପରିମାଣ ଯାଞ୍ଚ କଲା ପରେ ସରକାରୀ ରୟାଲଟି ଦେୟ ପୈଠ ହୁଏ । ଏହାପରେ ଆଇ ଫର୍ମ ଇସ୍ୟୁ ଏବଂ ଅନ୍ୟାନ୍ୟ ପ୍ରକ୍ରିୟା ହୋଇଥାଏ। ଏହିସବୁ ପ୍ରକ୍ରିୟା ସତ୍ତ୍ୱେ ମୂଲ୍ୟବାନ ଖଣି ଗଳାବାଟ ଦେଇ ଚୋରାଚାଲାଣ ହେଉଥିବା ସୂଚନା ମିଳିଛି। ଏହିସବୁ କାର୍ଯ୍ୟ ସମ୍ପାଦନ କରିବାକୁ ଖଣି ବିଭାଗକୁ ମାସିକ ମୋଟା ଅଙ୍କର ହାତଗୁଞ୍ଜା ସହିତ ବିଭିନ୍ନ ପ୍ରକାର ଦାମି ଉପହାର ଖଣି ଓ ଶିଳ୍ପ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦେବାକୁ ପଡିଥାଏ।

ଏ ସଂକ୍ରାନ୍ତରେ ଯାଜପୁର ରୋଡ୍ ଡିଏମ୍ ବିଭୁତିଭୂଷଣ ବେହେରାଙ୍କୁ ପରାରିବାରୁ ସେ କହିଛନ୍ତି, ମୁଁ ନୂଆ କରି ଯୋଗଦେଇଛି । ଏବେ ଏକ ମିଟିଂରେ ଅଛି। ପରେ କଥା ହେବି ବୋଲି କହିଥିଲେ।

## ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ୬୧ ହଜାର ଜରିମାନା

**ଚଣ୍ଡିଖୋଲ,୪।୫(ଡି.ଏନ.ଏ.)**

ଏପ୍ରିଲ ୩୦ ତାରିଖରେ ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଚଣା-ଚଣ୍ଡିଖୋଲ ମଧ୍ୟସ୍ଥଳୀ ରାଜପଥ ହୋଟେଲ ସମ୍ମୁଖରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ପଛରେ ଆମ୍ବୁଲାନ୍ସ ପିଟି ହେବା ଦ୍ୱାରା ୩ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ୨ ଜଣ ଗୁରୁତର ହୋଇ ଏବେବି କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ ଉକ୍ତ ଟ୍ରକ୍ କ୍ଷମତାଠାରୁ ଅଧିକ ମାଲ୍ ପରିବହନ କରୁଥିବାରୁ ଏହାର ମାଲିକ ହରିଦାସପୁର ଗ୍ରାମର ରଞ୍ଜନ ବେହେରାଙ୍କ ଉପରେ ୬୦,୯୪୦ ଟଙ୍କା ଜରିମାନା ଆଦାୟ ପାଇଁ ଚାଲାଣ ବୁଧବାର କଟାଯାଇ ଟ୍ରକ୍ ମାଲିକଙ୍କୁ ଦିଆଯାଇଛି। ତେବେ ଦୁର୍ଘଟଣା ସମୟରେ ଟ୍ରକର ଡ୍ରାଇଭର ଓ ହେଲପର ଫେରାର ଥିବାରୁ ସେମାନଙ୍କ ସମ୍ପର୍କରେ ତୁରନ୍ତ ଗାଡ଼ି ମାଲିକ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସିମେଣ୍ଟ ବୋଝେଇ ଟ୍ରକ ନଂ.ଓଆର୍-୧୪-ଟି-୧୩୨୮ ଓଭର ଲୋଡ୍ କରି ଆସିଥିବାରୁ ଏହାର ଆଗଚକା ଫାଟିଥିଲା। ସେ ୧୬ନମ୍ବର ଜାତୀୟ ରାଜପଥର ରାସ୍ତା ମଝିରେ ଠିଆ ହୋଇ ରହିଥିଲା। ଯେଉଁଥି ପାଇଁ ଆମ୍ବୁଲାନ୍ସ ଡ୍ରାଇଭର ଜାଣି ନ ପାରି ଟ୍ରକ୍ ପଛରେ ଧକ୍କା ଦେଇଥିଲେ। ଏହାକୁ ନେଇ ବଡ଼ଚଣା ଥାନାଅଧିକାରୀ ଚଣ୍ଡିଖୋଲ ଆର୍‌ଟିଓକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିଠି ଲେଖିଥିଲେ। ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଜୁନିୟର ଏମ୍‌ଭିଆଇ ବିଶ୍ୱରଞ୍ଜନ ସାହୁ ତଦନ୍ତ କରି ଜାଣିବାକୁ ପାଇଲେ ଯେ ସମ୍ପୃକ୍ତ ଟ୍ରକ୍‌ଟି ହରିଦାସପୁରସ୍ଥିତ ରାମ୍‌କୋ ସିମେଣ୍ଟ ପ୍ଲାଣ୍ଟରୁ ୩୧ଟନ୍ ସିମେଣ୍ଟ ନେଇ ଆସିଥିଲା। ଏହି ଟ୍ରକର ୨୦ଟନ୍ ୭୮୦କିଲୋ କ୍ଷମତା ଥିଲା ବେଳେ ଏହା ୧୧ଟନ୍ ଅଧିକା ସିମେଣ୍ଟ ବୋଝେଇ କରିଥିଲା। ତେବେ କ୍ଷମତାଠାରୁ ଅଧିକ ମାଲ ପରିବହନ କରିଥିବା ହେତୁ ଗାଡ଼ିର ଚକା ଫାଟିଥିଲା।

## କୃଷି କ୍ଷେତ୍ରର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିବା ସମୟ ଆସିଛି



ବୈଠକରେ ଉପସ୍ଥିତ ଆଞ୍ଚଳିକ ନାଗରିକ ସୁରକ୍ଷା ପରିଷଦ କର୍ମକର୍ତ୍ତା ଓ ଅନ୍ୟମାନେ।

**ପାଣିକୋଇଲି,୪।୫(ଡି.ଏନ.ଏ.)**

ଆଞ୍ଚଳିକ ନାଗରିକ ସୁରକ୍ଷା ପରିଷଦ ପକ୍ଷରୁ ବାଙ୍କସାହିସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷି କ୍ଷେତ୍ରର ସୁରକ୍ଷା ସମ୍ପର୍କିତବୈଠକରେ ଅନୁଷ୍ଠାନ ସଭାପତି ଲଳିତ ମୋହନ ବୈରୀ ଗଞ୍ଜନ ମହାପାତ୍ର ଅଧକ୍ଷତା କରିଥିଲେ। ପରିଷଦ ଯୁଗ୍ମ ସମ୍ପାଦକ ବିଜୟ କୁମାର ଘଡ଼ାଇ ଅନୁଷ୍ଠାନର ଗଠନ, ଆଭିମୁଖ୍ୟ, କାର୍ଯ୍ୟଧାରା ଏବଂ ଆଗାମୀ କାର୍ଯ୍ୟ ସମ୍ପର୍କରେ ବିବରଣୀ ପାଠ କରିଥିଲେ। ୭ଟି ପଞ୍ଚାୟତର ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ତଥା ଅଭିଜ୍ଞ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ପରିଷଦର କାର୍ଯ୍ୟକାରୀ ସଭାପତି ଅରବିନ୍ଦ ମହାନ୍ତି ସ୍ଥାନୀୟ ଅଞ୍ଚଳର କୃଷି ଓ କୃଷି କ୍ଷେତ କିଭଳି ସରକାରୀ ଯୋଜନା ଅଭାବରୁ ବନ୍ୟା, ବାତ୍ୟା, ମରୁଡ଼ିର କବଳିତ ହେଉଛି ସେ ସମ୍ପର୍କରେ ମତ ରଖିଥିଲେ। ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ କୃଷକ ସମାଜ ଏବେ ବେସାହାରା ହୋଇପଡ଼ିଛି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ନେତା, ସରକାର ସବୁ କିଛି ବଦଳିଛି, କିନ୍ତୁ ବଦଳିନି କୃଷି ବ୍ୟବସ୍ଥା। ହୋଇପାରୁନି ଚାଷ ଜମିକୁ ଜଳସେଚନ। ବିଭିନ୍ନ ସମୟରେ ଏନେଇ ପ୍ରସ୍ତାବ ଦିଆଯାଇଥିଲେ ବି ନେତା ଓ ପ୍ରଶାସନିକ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି। ନେତାଙ୍କ ଉଦାସୀନ ମନୋଭାବ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସେ କହିଥିଲେ। ତେଣୁ ଏହାର ପ୍ରତିକାର ପାଇଁ ଜନପ୍ରତିନିଧି ଓ ପ୍ରଶାସନିକସ୍ତରରେ ଦାବି ଉପସ୍ଥାପନା କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଜୋକଡ଼ିଆ ଗୁଡିଆ କେନାଲର ପୁନରୁଦ୍ଧାର ସହ ସବ୍ କେନାଲ ନିର୍ମାଣ, ଜମୁନା ନଦୀର କୂଳବନ୍ଧଠାରୁ ଚିତାହଟା-ସିମିଳିଆ ଭାୟା ବାହାବଳପୁର ୨୦ ନଂ. ଜାତୀୟ ରାଜପଥକୁ ସଂଯୋଗ, ଗୋଲେଇପୁର ପଞ୍ଚାୟତର ମସୁଦପୁରଠାରୁ ଆରମ୍ଭ ବୈଦିନାଳକୁ ପ୍ରଶସ୍ତ କରି ଯମୁନା ନଦୀ ସହ ସଂଯୋଗ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଏନେଇ ପରିଷଦ ପକ୍ଷରୁ ପ୍ରଶାସନିକ ଓ ଜନପ୍ରତିନିଧିସ୍ତରୀୟ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପୂର୍ଣ୍ଣାନନ୍ଦ କବି ଧନ୍ୟବାଦ ଦେଇଥିଲେ।

## ବୋମାମାଡ଼ ଘଟଣାର ଟେର ପାଉନି ପୋଲିସ

**ବରୀ,୪।୫(ଡି.ଏନ.ଏ.)**

ବରୀ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଜ୍ୟୋସ୍ନାରାଣୀ ନାଥଶର୍ମାଙ୍କ ଘରକୁ ୧୪।୦୩।୨୦୨୨ରେ ବୋମାମାଡ଼ କରାଯାଇଥିଲା। ବୋମାମାଡ଼ରୁ ସଭାନେତ୍ରୀ ଶର୍ମା ଓ ତାଙ୍କ ସ୍ୱାମୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ଘଟଣାକୁ ନେଇ ସଭାନେତ୍ରୀ ଶର୍ମା ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ ଅଦ୍ୟାବଧି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇ ପାରିନାହିଁ। ଉକ୍ତ ଥାନା ଅଞ୍ଚଳର ଏକ ନାବାଳିକା ହତ୍ୟାକାଣ୍ଡ ଘଟଣାକୁ ଜିଲା ପୋଲିସର ସ୍ୱତନ୍ତ୍ର ଟିମ୍ ତଦନ୍ତ କରିବା ପରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଏଥିପାଇଁ ପୋଲିସକୁ ସାଧାରଣରେ ପ୍ରଶଂସା କରାଯାଇଥିଲା। ହେଲେ ସଭାନେତ୍ରୀଙ୍କ ଘର ନିକଟରୁ ମାତ୍ର ୫୦ ଫୁଟ୍ ଦୂରରେ ସିସିଟିଭି ଲାଗିଥିବାବେଳେ କେଉଁମାନେ ବୋମାମାଡ କଲେ ପୋଲିସ କିପରି ଏହାର ଟେର ପାଇ ପାରୁନାହିଁ ବୋଲି ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି କି ପୋଲିସ ସିସିଟିଭି ଯାଞ୍ଚ କରିଛି କି ନାହିଁ ତାହାକୁ ନେଇ ଲୋକେ ପ୍ରଶ୍ନ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜରୁ ଅଭିଯୋଗକାରିଣୀଙ୍କ ଅଭିଯୋଗ ସମୟକୁ ଭିତ୍ତିକରି ତଦନ୍ତ କଲେ ବୋମାମାଡ଼ରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ ପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଅନ୍ୟପକ୍ଷରେ ପୋଲିସ ସିସିଟିଭି ଫୁଟେଜକୁ ଆଧାରକରି ୨ ଯୁବକଙ୍କୁ ଥାନାକୁ ଡାକି ପଚରା ଉଚରା କରିଥିଲା। ତେବେ ସେମାନଙ୍କୁ ଛାଡ଼ିଦେବା ପରେ ତଦନ୍ତ ନାଳିଫିତା ତଳେ ରହିଯାଇଛି ବୋଲି ସଭାନେତ୍ରୀ ଶର୍ମା ଅଭିଯୋଗ କରିଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ହତ୍ୟାକାଣ୍ଡ ଘଟଣା ଭଳି ବୋମାମାଡ଼ ଘଟଣାକୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ପଠାଇ ତଦନ୍ତ କଲେ ଅଭିଯୁକ୍ତ ଚିହ୍ନଟ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ପଚାରିବାରେ ସେ କୁହନ୍ତି, ଘଟଣାର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ଦେଖିବାକୁ ଅପେକ୍ଷା ପୋଲିସ ଏ ଦିଗରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି।

## ମଲ୍ଲୀପଶିରେ ରଥକାଠ ଅନୁକୂଳ

**ପାଟଣା,୪।୫(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ମଲ୍ଲୀପଶିଠାରେ ରଥଯାତ୍ରା ପାଇଁ ରଥ କାଠ ଅନୁକୂଳ ସମ୍ପନ୍ନ ହୋଇଛି। ମୂଷାଖରୀର ଗ୍ରାମଦେବୀ ମା' ବାଶୁଳିଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳ ଅଣାଯିବା ପରେ ମୁଖ୍ୟ ବିଶ୍ୱକର୍ମା ସୁଦର୍ଶନ ନାଏକଙ୍କ ନେତୃତ୍ୱରେ ସମସ୍ତ ଦଇତାପତି ଓ ଆଦିତ୍ୟ ବାହିନୀର ସଦସ୍ୟଙ୍କ ଉପସ୍ଥିତିରେ କାଶିଆ ଜଙ୍ଗଲ କୁ ଯାଇଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କ ଯାତ୍ରା ପାଇଁ ରଥ କାଠ କାର୍ଯ୍ୟରେ ଦୁର୍ଯ୍ୟୋଧନ ମହାନ୍ତ, ରଞ୍ଜନ ବାରିକ, ପାର୍ଥସାରଥୀ ବେଜ, ନିରାକାର ରଣା, ନିରାକାର ଦାସ, ସୁରେଶ ଚନ୍ଦ୍ର ନାଏକଙ୍କ ସମେତ ଦଇତାପତି ମାନେ ଉପସ୍ଥିତ ଥିଲେ।

## କୃଷି ବିଭାଗ ଡିଲରଙ୍କୁ ପ୍ରଶିକ୍ଷଣ

**ଧର୍ମଶାଳା,୪।୫(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କୃଷି ଡିଲରମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ଶିବିରରେ ଜିଲାର ବିଭିନ୍ନ ବ୍ଲକରୁ ୪୦ଜଣ ଡିଲର ଯୋଗ ଦେଇଥିଲେ। ଜିଲା ଆତ୍ମା କୃଷି ବିଭାଗ ତତ୍ତ୍ୱାବଧାନରେ ନିଯୁକ୍ତ ଡିଲରମାନଙ୍କୁ ଆସନ୍ତା ଜାନୁୟାରୀ ୨୩ ତାରିଖ ପର୍ଯ୍ୟନ୍ତ ସପ୍ତାହର ପ୍ରତ୍ୟେକ ବୁଧବାର ଏହି ପ୍ରଶିକ୍ଷଣ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଡିଲରମାନେ ଆବଶ୍ୟକ ମୁତାବକ କେଉଁ ସାର, କୀଟନାଶକ ଓ ବିହନ କିଣିବେ ସେ ନେଇ କୃଷି ଅଧିକାରୀ ଓ ବିଶେଷଜ୍ଞମାନେ




କୃଷି ଡିଲରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ସାର, କୀଟନାଶକ ଓ ବିହନ ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି। ଶିବିରରେ ପ୍ରଶିକ୍ଷକ ଭାବେ ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକ ଉଦୀପ୍ତ କୁମାର ତ୍ରିପାଠୀ, ସଂଯୋଜକ ପ୍ରଦ୍ୟୁମ୍ନ କୁମାର ଷଡ଼ଙ୍ଗୀ, କୃଷି ଅଧିକାରୀ କେଶବ ବେଜ, ବ୍ଲକ କୃଷି ଅଧିକାରୀ ପ୍ରଦୀପ୍ତ ମହାନ୍ତି, ଜିଲା ସହକାରୀ କୃଷି ଅଧିକାରୀ ଶୁଭସ୍ମିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଓମ୍‌ଫେଡ୍‌ର ବର୍ଦ୍ଧିତ ଦର ପ୍ରତ୍ୟାହାର ଦାବି

**ଯାଜପୁର ଟାଉନ,୪।୫(ଡି.ଏନ.ଏ.)**

ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ରାଜ୍ୟ କମିଟି ନିଷ୍ପତ୍ତିକ୍ରମେ ଓମ୍‌ଫେଡ୍ ଦର ବୃଦ୍ଧି ହ୍ରାସ କରିବା ଦାବି କରି ଭୁବନେଶ୍ୱର ଓମ୍‌ଫେଡ୍ ମ୍ୟାନେଜ୍‌ମେଣ୍ଟ ଡାଇରେକ୍ଟର, ଓଡ଼ିଶା ଷ୍ଟେଟ୍ କୋପରେଶନର ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲାପାଳଙ୍କୁ ଏଡିଏମ୍‌ଙ୍କ ଜରିଆରେ ଦାବିପତ୍ର ଦିଆଯାଇଛି। ସଂଗଠନର ଜିଲା ସମ୍ପାଦିକା ତରଙ୍ଗିଣୀ ଦାସ, ଉପସଭାନେତ୍ରୀ ସୁଲୋଚନା ପ୍ରଧାନ, ସଙ୍ଗଠିକା ମମତା ସେଠୀ ଦାବିପତ୍ର ଦେଇଛନ୍ତି।

ପ୍ରକାଶ ଥାଉକି, କରୋନା ଜନିତ ପରିସ୍ଥିତି ଯୋଗୁ କାମ ହରାଇବା,




ଏଡିଏମ୍‌ଙ୍କୁ ଦାବିପତ୍ର ଦିଆଯାଉଛି।

ନୂତନ ନିଯୁକ୍ତି ସୃଷ୍ଟି ନ ହେବା ଓ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଲଗାତର ଅହେତୁକ ଦରବୃଦ୍ଧି ଫଳରେ ଜନଗଣଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଏପରିସ୍ଥଳେ ଶିଶୁ, ରୋଗୀ, ମହିଳା ଓ ଜନଗଣଙ୍କ ସ୍ୱାସ୍ଥ୍ୟ ପାଇଁ ନିତାନ୍ତ ଆବଶ୍ୟକୀୟ ଓମ୍‌ଫେଡ୍ କ୍ଷୀରର ଦର ବୃଦ୍ଧି ଅତ୍ୟନ୍ତ ଅନ୍ୟାୟ ଓ ଅଗଣତାନ୍ତ୍ରିକ। ଓମ୍‌ଫେଡ୍ କ୍ଷୀରର ମାନ ମଧ ପୂର୍ବ ତୁଳନାରେ ଯଥେଷ୍ଟ କମି ଯାଇଛି। ମାତ୍ର ଦାମ୍ ବଢ଼ିବଢ଼ି ଚାଲିଛି। ତେଣୁ ତୁରନ୍ତ ବର୍ଦ୍ଧିତ ଦର ପ୍ରତ୍ୟାହାର ସହିତ ମାନ ବୃଦ୍ଧି କରିବା ପାଇଁ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତି ସଂଗଠନ ଦୃଢ଼ ଦାବି କରିଛି।

## 'ଗଣମାଧ୍ୟମ ଗଣତନ୍ତ୍ରର ସୁରକ୍ଷା କବଚ'

**ଯାଜପୁର ଜିଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ**

**ଦଶରଥପୁର/ଝୁମ୍ପୁରୀ,୪।୫(ଡି.ଏନ.ଏ.)**

ଗଣମାଧମ ହେଉଛି ଗଣତନ୍ତ୍ରର ସୁରକ୍ଷା କବଚ। ଗଣମାଧମ ଯଦି ବିପଦରେ ପଡ଼େ ତେବେ ଗଣତନ୍ତ୍ର ବିପନ୍ନ ହୋଇ ପଡ଼ିବ। ସରକାରୀ ଦଳର ମୁଖ୍ୟ ସଚେତକ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଜିଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଦଶରଥପୁର ମଙ୍ଗଳପୁର ବିଜୁ କଲ୍ୟାଣ ମଣ୍ଡପଠାରେ ସଂଘ ଜିଲା ସଭାପତି ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ 'ସଂକଟରେ ଗଣମାଧମ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଶ୍ରମିକ ନେତା ମାୟାଧର ନାୟକ ଯୋଗଦେଇ ଗଣମାଧମ ଆଜି ଯେଉଁ ସଙ୍କଟରେ ଗତି କରୁଛି ତାହା ସମାଜ ପ୍ରତି ଆଗକୁ ବିପଦ ସୃଷ୍ଟି କରିପାରେ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ରାଜ୍ୟ ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ଯୋଗଦେଇ ଗଣମାଧମ ସଙ୍କଟରେ ଗତି କରିବା ସମାଜ ପାଇଁ ଶୁଭଙ୍କର ନୁହେଁ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ଦିଗମ୍ବର ମଲ୍ଲିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଉପାଧକ୍ଷା ଝିଲ୍ଲି ମଲ୍ଲିକ, ଜିଲାପରିଷଦ ସଭ୍ୟା ନୀନାରାଣୀ ସାମଲ, ଜିଲା ପରିଷଦ ସଭ୍ୟ ପାର୍ଥସାରଥି ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ମୁଖ୍ୟଅତିଥି ଓ ମୁଖ୍ୟବକ୍ତାଙ୍କ ସହ ସାମ୍ବାଦିକ ଉମାକାନ୍ତ ଧଳ, ସୂର୍ଯ୍ୟମଣି ମିଶ୍ର, ଶଙ୍କର୍ଷଣ କୁଣ୍ଡୁ, ଜଗନ୍ନାଥ ଧଳ, ବିଜୟ ଦାସ, ମନୋଜ ପୃଷ୍ଟି ଓ ମନୋଜ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ ଦଶରଥପୁର କଳା ବିକାଶ କେନ୍ଦ୍ର ଛାତ୍ରୀଛାତ୍ରଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯାଇଥିଲା। ଜିଲା ସଂଘ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ପ୍ରତ୍ୟୁଷ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘ ଦଶରଥପୁର ଶାଖା ସଭ୍ୟ ସବ୍ୟସାଚୀ ଦାସ, ଯତୀନ୍ଦ୍ରନାଥ କର, ସରୋଜ କୁମାର ନାୟକ, ପ୍ରଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଜିଲା ଉପସଭାପତି ମହେଶ୍ୱର ଯେନା ଧନ୍ୟବାଦ ଦେଇଥିଲେ।

## ନୀଳାଚଳ ଇସ୍ପାତ ଠିକା ମଜଦୁର ସଂଘର ବିକ୍ଷୋଭ

**୩ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନ**

**କଳିଙ୍ଗନଗର,୪।୫(ଡି.ଏନ.ଏ.)**

୩ ଦଫା ଦାବି ନେଇ ବୁଧବାର ନୀଳାଚଳ ଇସ୍ପାତ ଠିକା ମଜଦୁର ୟୁନିୟନ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ବାରଗାଡ଼ିଆ ହନୁମାନ ମନ୍ଦିର ନିକଟରୁ ବାହାରି କାରଖାନା ମୁଖ୍ୟ ଫାଟକ ନିକଟରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଯାଜପୁର ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ରାଜ, ବାବୁଲି ପୂର୍ତ୍ତି, ମହିରା ପୂର୍ତ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ। ଟମକା, ଦାନଗଦି ଓ ଯଖପୁରା ଅଞ୍ଚଳର ବହୁ ଶ୍ରମିକ ଏଥିରେ ସାମିଲ ହୋଇଥିଲେ। କାରଖାନା କର୍ତ୍ତୃପକ୍ଷ ୧୫ ଦିନ ମଧ୍ୟରେ ଦାବି ସମ୍ପର୍କରେ ଆଲୋଚନା



ନୀଳାଚଳ ଇସ୍ପାତ ଠିକା ମଜଦୁର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି।

ନ କଲେ ସଂଘ ରାଜରାସ୍ତାକୁ ଓହ୍ଲାଇବା ସହ ଆଇନକୁ ହାତକୁ ନେବ। ସେଥିପାଇଁ କାରଖାନା କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି। ସଂଘ ଦାବିଗୁଡ଼ିକ ମଧ୍ୟରେ କାରଖାନାରେ ନିରବଚ୍ଛିନ୍ନ ଓ ଦୀର୍ଘସ୍ଥାୟୀ କାର୍ଯ୍ୟରେ ଠିକାଶ୍ରମିକ ଭାବେ କାମ କରୁଥିବା ଅନ୍ୟୁନ ୧୦ ବର୍ଷରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ଯୋଗ୍ୟତା ଭିତ୍ତିରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ନୀଳାଚଳର ବିଭିନ୍ନ ଠିକାସଂସ୍ଥାରେ କାର୍ଯ୍ୟ କରିଥିବା ସମସ୍ତ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବା ଓ ନୀଳାଚଳରେ କାର୍ଯ୍ୟ କରିଥିବା ସମସ୍ତ ଠିକା ଶ୍ରମିକଙ୍କ ଫୁଲ ଆଣ୍ଡ ଫାଇନାଲ ପାଉଣା ପ୍ରଦାନ କରିବା ଆଦି ରହିଛି।

# ୧ କୁଇଣ୍ଟାଲ ଜଙ୍ଗଲୀ ପଶୁ ମାଂସ ଜବତ

ନୟାଗଡ଼ ଅଫିସ,୪।୫

ନୟାଗଡ଼ ବନଖଣ୍ଡ ପଞ୍ଚରିଡା ରେଞ୍ଜ ବଡପୁଟ ପ୍ରାଇମେରୀ ସ୍କୁଲ ସମ୍ମୁଖ ଏକ ଖଳା ବାରିରୁ ବନବିଭାଗ କର୍ମଚାରୀ ବୁଧବାର ଭୋର ସମୟରେ ଦୁଇଟି ପ୍ଲାଷ୍ଟିକ ଡ୍ରମ୍ ଓ ଏକ ବସ୍ତାରେ ଥିବା ୧କୁଇଣ୍ଟାଲ ଜଙ୍ଗଲୀ ପଶୁ ମାଂସ ଜବତ କରିଛନ୍ତି । ଜବତ ମାଂସ କେଉଁ ପ୍ରାଣୀର ଜଣାପଡି ନାହିଁ। ତେବେ ମାଂସ ସମ୍ପର୍କରେ ଜାଣିବା ପାଇଁ ବନବିଭାଗ ପକ୍ଷରୁ ନମୁନା ସଂଗ୍ରହ କରାଯାଇ ଓୟୁଏଟିକୁ ପଠାଯାଇଛି। ଅନ୍ୟପକ୍ଷେ ଏହି ମାଂସ ଆଣିବା ସମ୍ପର୍କରେ ଗଞ୍ଜାମ ଜିଲା ପଞ୍ଚଭୂତି ଗାଁର ଫକୀର ନାୟକ(୫୫) ଅଟକ ଅଛନ୍ତି । ବନବିଭାଗ ପକ୍ଷରୁ ତାଙ୍କୁ ପଚରାଉଚୁରା କରାଯାଉଛି । ଜବତ ମାଂସ ଗଞ୍ଜାମରୁ ନୟାଗଡ଼ ବିକ୍ରି ପାଇଁ ଆସୁଥିବା ଜଣାପଡିଛି ।

ମଙ୍ଗଳବାର ରାତିରେ ଗଞ୍ଜାମ ଜିଲାରୁ ୧ କୁଇଣ୍ଟାଲ ଜଙ୍ଗଲୀ ପଶୁ ମାଂସ ବଡପୁଟକୁ ଆସିଥିଲା। ବଡପୁଟରୁ ମାଂସ ନୟାଗଡ଼ ଜିଲାର ବିଭିନ୍ନ ଗାଁକୁ ଯାଇଥାନ୍ତା। ଅଧିକାଂଶ ସମୟରେ ଜଙ୍ଗଲୀ ପଶୁ ମାଂସ


ଜବତ ଜଙ୍ଗଲୀ ପଶୁ ମାଂସ ।


ଅଟକ ବ୍ୟକ୍ତି ।

ଗଞ୍ଜାମ ଜିଲାର ସୀମାନ୍ତ ରୋହିବାଙ୍କ, ସୁନାମୁହିଁ, କୋମଣ୍ଡ, କେନାଲଛକ, ନନ୍ଦିଘୋର, ପଞ୍ଚରିଡା, ବଡପୁଟ ଓ ଶରଣକୁଳ ଅଞ୍ଚଳରେ କେଜି ପିଛା ୩୦୦ରୁ ୫୦୦ ଟଙ୍କାରେ ବିକ୍ରି ହେଉଛି। ହେଲେ ବଡପୁଟକୁ ଆସିଥିବା ଜଙ୍ଗଲି ମାଂସ ନେଇ ଖବର ପାଇ ବନବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଶିକାରୀ ଓ ସହଯୋଗୀଙ୍କୁ ଗିରଫ କରିବାକୁ ପ୍ରାୟସ କରିଥିଲେ । ତେବେ ବନବିଭାଗର କର୍ମଚାରୀଙ୍କୁ ଚକମା ଦେଖାଇ ଶିକାରୀ ଓ ଡ୍ରାଇଭର ଅଟୋ ରିକ୍ସା ନେଇ ଖସି ଯାଇଥିଲା । କିନ୍ତୁ ପଞ୍ଚଭୂତି ଅଞ୍ଚଳର ସହଯୋଗୀ ଫସି ଯାଇଥିଲେ ।

ଏନେଇ ପଞ୍ଚରିଡା ରେଞ୍ଜର ଅର୍ଚ୍ଚନା ଗମାଙ୍ଗୋ କୁହନ୍ତି, ମାଂସ ଜବତ ହୋଇଛି। ଜବତ ମାଂସରୁ ନମୁନା ସଂଗ୍ରହ କରାଯାଇ ଓୟୁଏଟିକୁ ପଠାଯାଇଛି । ରିପୋର୍ଟ ମିଳିବା ପରେ କେଉଁ ମାଂସ ଜଣାପଡିବ। ଡିଏଫ୍ଓ କ୍ଷମା ଷଡ଼ଙ୍ଗୀ କୁହନ୍ତି, ଗଞ୍ଜାମ ଜିଲାରୁ ଜଙ୍ଗଲ ମାଂସ ଆଣି ନୟାଗଡ଼ରେ ବିକ୍ରି କରାଯାଉଛି ବୋଲି କୁହାଯାଉଛି । ହେଲେ

- ପରୀକ୍ଷା ପାଇଁ ନମୁନା ଗଲା ଓୟୁଏଟି
- ଅଟକ ବ୍ୟକ୍ତିଙ୍କୁ ଚାଲିଛି ପଚରାଉଚୁରା
- ଗଞ୍ଜାମରୁ ନୟାଗଡ଼ ଆସୁଛି ଜଙ୍ଗଲୀ ମାଂସ

ଅଭିଯୋଗ ମିଳୁନି । ଅନ୍ୟପକ୍ଷେ ବୁଧବାର ଜବତ ମାଂସ ଗଞ୍ଜାମରୁ ଆସିଥିବା ଜଣାପଡିଛି । ଜବତ ମାଂସ କେଉଁ ପ୍ରାଣୀର ଜଣା ପଡୁନି । ଅଟକ ଥିବା ବ୍ୟକ୍ତି ବାରମ୍ବାର ନିଜ ବୟାନ ବଦଳାଉଛନ୍ତି। ପ୍ରଥମେ ୨ ହରିଣ ଶିକାର କରି ମାଂସ ଆଣିଥିଲେ ବୋଲି କହୁଥିବା ବେଳେ ପରେ ଗୋମାଂସ ବୋଲି କହୁଛନ୍ତି। ପୁଣି କହୁଛନ୍ତି ଛେଳି ମାଂସ। ଜବତ ମାଂସ ପୋତାଯାଇଛି। ଓୟୁଏଟିକୁ ପଠାଯାଇଥିବା ସାମ୍ପୁଲର ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏନେଇ ମାମଲା ରୁଜୁ ହୋଇନାହିଁ। ତଦନ୍ତ ପରେ ଗୁରୁବାର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

ଶରଣକୁଳ ଅଞ୍ଚଳର ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି, ଗଞ୍ଜାମ ଜିଲାରୁ ବିଭିନ୍ନ ସମୟରେ ଜଙ୍ଗଲୀ ମାଂସ ନୟାଗଡ଼ ଜିଲାକୁ ଆସୁଛି । ମଙ୍ଗଳବାର ଶରଣକୁଳ ଅଞ୍ଚଳରେ ହରିଣ ମାଂସ ବିକ୍ରି ହେଉଥିଲା । ମାଂସ ବିକ୍ରି ପାଇଁ ଗଞ୍ଜାମ ଓ ନୟାଗଡ଼ ଜିଲାର କେତେଜଣ ବ୍ୟକ୍ତି ନିୟୋଜିତ ହୋଇଛନ୍ତି । ଧରପଗଡ଼ ନ ହେବା ପାଇଁ ବନବିଭାଗର କେତେଜଣ କର୍ମଚାରୀ ଏଥିରେ ସମ୍ପୃକ୍ତ ଅଛନ୍ତି । ବନବିଭାଗର ଜ୍ଞାତସାରରେ ଏପରି ମାଂସ ବିକ୍ରି ଚାଲିଛି । ଭାଗ ନ ମିଳିଲେ ଚଢ଼ାଉ, ଧରପଗଡ଼ ହେଉଛି । ଭାଗ ମିଳିଗଲେ ସବୁ ପୁଣି ପୁରୁଣା ଢ଼ାଞ୍ଚାରେ ଚାଲୁଛି ବୋଲି ସେ କହିଛନ୍ତି । ନୟାଗଡ଼ର ଜଣେ ବ୍ୟକ୍ତି କୁହନ୍ତି, ଗତ କିଛି ମାସ ତଳେ ଲେଙ୍କୁଡିପଡ଼ାଠାରୁ ପ୍ରାୟ ୧କୁଇଣ୍ଟାଲ ମାଂସ ଜବତ ହୋଇଥିଲା । ସେହି ମାଂସ ଗଞ୍ଜାମରୁ ଆସିଥିବା କୁହାଯାଇଥିଲା । ହେଲେ ଜବତ ମାଂସ ଗୋମାଂସ ବୋଲି ଜଣାପଡିଥିଲା । ଏଣୁ ଜବତ ମାଂସର ରିପୋର୍ଟର ସତ୍ୟତା ଉପରେ ପ୍ରଶ୍ନ ଉଠୁଛି। ଗତ ଥର ପରି ଏଥର ଜବତ ମାଂସର ରିପୋର୍ଟ ବଦଳି ଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

## ସଂକ୍ଷେପରେ

### ଅନ୍ତିମ ପର୍ଯ୍ୟାୟରେ ୨୩ଖଣ୍ଡ ରଥକାଠ ପୁରୀ ଗଲା



**ନୟାଗଡ଼ ଅଫିସ/ଦଶପଲ୍ଲା, ୪।୫ (ଡି.ଏନ୍.ଏ.):** ଶ୍ରୀଜୀଉଙ୍କ ରଥ ନିର୍ମାଣ ପାଇଁ ବୁଧବାର ନୟାଗଡ଼ ବନଖଣ୍ଡ ଦଶପଲ୍ଲା ବନାଞ୍ଚଳରୁ ଅନ୍ତିମ ପର୍ଯ୍ୟାୟରେ ୨୩ ଖଣ୍ଡ ରଥ କାଠ ପୁରୀ ରଥଖଳାକୁ ଯାଇଛି । ପଠାଯାଇଥିବା କାଠ ମଧ୍ୟରେ ଅସନ ୧୨ ଫୁଟିଆ ୩ ଖଣ୍ଡ ,ଧଉରା ୧୨ ଫୁଟିଆ ୧୮ଖଣ୍ଡ ,ଧଉରା ୨୦ ଫୁଟିଆ ୨ଖଣ୍ଡ ଟ୍ରକରେ ଯାଇଛି । ଏହି କାଠଗୁଡିକ ପୋଖରିଗୋଛା ଓ ନୂଆଗାଁ ଜଙ୍ଗଲରୁ ସଂଗ୍ରହ ହୋଇଥିବା ରେଞ୍ଜର ଅଖିଳେଶ ମଲ୍ଲିକ କହିଛନ୍ତି ।

### ନାବାଳିକା ବିବାହ ବନ୍ଦ ହେଲା

**ନୟାଗଡ଼ ଅଫିସ,୪।୫:** ନୟାଗଡ଼ ବ୍ଲକ ଇଟମାଟି ଥାନା ମଜୁରିଆ ପଲ୍ଲୀ ଭୈରବୀ ପୀଠରେ ବୁଧବାର ହେଉଥିବା ଏକ ବାଲ୍ୟ ବିବାହକୁ ରୋକା ଯାଇଛି । ନୟାଗଡ଼ ଚାଇଲଡ ଲାଇନ୍, ନୟାଗଡ଼ ସିଡିପିଓ ଏବଂ ଇଟମାଟି ଥାନା ପୋଲିସ ମିଳିତ ଭାବେ ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରି ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଇଛନ୍ତି। ଜିଲ୍ଲା ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶ ଅନୁସାରେ ୱାନ ଷ୍ଟପ୍ ସେଣ୍ଟରରେ ନାବାଳିକାଙ୍କୁ ରଖାଯାଇଛି । ସୂଚନା ଅନୁଯାୟୀ, ଇଟାମାଟି ଥାନା ବାଘେରାର କେଦାର ପରିଡା (୨୯) ଓଡ଼ଗାଁ ଥାନା ଭାଡ଼ିକିଲା ଗାଁର ଜଣେ ୧୭ ବର୍ଷିଆ ନାବାଳିକାଙ୍କୁ ବିବାହ କରୁଥିଲେ। ଏ ସଂକ୍ରାନ୍ତରେ ଖବର ପାଇବା ପରେ ଚାଇଲଡ୍ ଲାଇନ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା ।

## ନୀଳମାଧବ ମନ୍ଦିର ପୁରାତନ କବାଟ ପରିବର୍ତ୍ତନ



ଖଣ୍ଡପଡା,୪।୫(ସ୍ୱ.ପ୍ର.)

ଶ୍ରୀନୀଳମାଧବ ମନ୍ଦିରର ବିଭିନ୍ନ ଦ୍ୱାରରେ ଥିବା ପୁରାତନ କାଠ କବାଟ ନଷ୍ଟ ହୋଇ ଯାଇଥିବାରୁ ପରିବର୍ତ୍ତନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ମନ୍ଦିରର ଦକ୍ଷିଣ ପାର୍ଶ୍ୱ କବାଟକୁ ସ୍ଥାନୀତ କରାଯିବା ସହ ନୀଳମାଧବ ଜୀଉଙ୍କ ପାର୍ଶ୍ୱ ଦେବତା ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ନଷ୍ଟ ହୋଇଯାଇଥିବା କବାଟକୁ ପରିବର୍ତ୍ତନ କରାଯାଇ ନୂତନ କବାଟ ଲଗାଯାଇଛି । ଦକ୍ଷିଣ ଦ୍ୱାରର କବାଟର ଉଚ୍ଚତା ୧୦ ଫୁଟ ରହିଥିବା ବେଳେ ଓସାର ୪ ଫୁଟ ରହିଛି ।

## ମୃତ କୁଟୁରା ଜବତ, ଶିକାରୀ ଫେରାର

ଗଣିଆ,୪।୫(ଡି.ଏନ୍.ଏ.)

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ, ଛାମୁଣ୍ଡିଆ ବନାଞ୍ଚଳର ବନକର୍ମଚାରୀମାନେ ମଙ୍ଗଳବାର ରାତିରେ ଏକ ମୃତ କୁଟୁରାକୁ ଜବତ କରିଛନ୍ତି । ଘଟଣାସ୍ଥଳରୁ ଶିକାରୀ ଫେରାର ହୋଇଯାଇଛନ୍ତି। ଏ ସଂକ୍ରାନ୍ତରେ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଜଣେ ବ୍ୟକ୍ତି କୁଟୁରା ଶିକାର କରି ଫେରୁଥିଲେ । ବନକର୍ମଚାରୀମାନେ ବଡ଼ମୂଳ ଚେକ୍‌ଗେଟ୍‌ଠାରେ ତାଙ୍କୁ ପିଛା କରିଥିଲେ । ବନକର୍ମଚାରୀଙ୍କୁ ଦେଖି ଶିକାରୀ ମୃତ କୁଟୁରାକୁ ଛାଡ଼ି ଫେରାର


ଜବତ କୁଟୁରା ।

ହୋଇଯାଇଥିଲେ । ବନ କର୍ମଚାରୀମାନେ ଗଣିଆ ପ୍ରାଣୀଧନ ଚିକିତ୍ସାଳୟରେ କୁଟୁରା ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ଛାମୁଣ୍ଡିଆ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପୋତି ଦେଇଛନ୍ତି । ଫେରାର ଶିକାରୀ ବଡ଼ମୂଳ ଗ୍ରାମର ବୋଲି ବନବିଭାଗ ଅଧିକାରୀମାନେ ସୂଚନା ଦେଇଛନ୍ତି ।

## ଜଳ ଯୋଗାଣ ସ୍ୱାଭାବିକ ପାଇଁ ପଦକ୍ଷେପ

ଖଣ୍ଡପଡା,୪।୫(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ କରିବା ସମ୍ପର୍କରେ ବୁଧବାର ନୟାଗଡ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ସୌରଭ ଦିକ୍ଷିତ ଓ କନିଷ୍ଠଯନ୍ତ୍ରୀ ଇଂ ମନୋରଞ୍ଜନ ହୋତା ଆଲୋଚନ କରିଛନ୍ତି । ଯନ୍ତ୍ରୀଦ୍ୱୟ କଣ୍ଟିଲୋ ଆସି ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଉଜ୍ୱଳ ମହାରଣା, ସରପଞ୍ଚଙ୍କ ପ୍ରତିନିଧି ଶତ୍ରୁଘ୍ନ ବେହେରା, ସମିତି ସଭ୍ୟାଙ୍କ ପ୍ରତିନିଧି ସରୋଜ କୁମାର ସାହୁ ଓ ଗ୍ରାମବାସୀଙ୍କ


ଯନ୍ତ୍ରୀମାନେ ପାଣି ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

ସହିତ ଆଲୋଚନା କରିଥିଲେ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ଜଳ ଯୋଗାଣ କିପରି ସ୍ୱାଭାବିକ ହେବ ସେ ସଂକ୍ରାନ୍ତରେ ଲୋକ ପ୍ରତିନିଧିଙ୍କ ସହ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ । ଆଗାମୀ ଦିନରେ ନୂତନ ଇନ୍‌ଟେକ ୱେଲ ମାଧ୍ୟମରେ ଜଳ ଯୋଗାଣ କରାଯିବା ପାଇଁ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯିବ। ପାଟଣା ଅଞ୍ଚଳରେ ଥିବା ପାଣି ଟାଙ୍କିରୁ ପାନୀୟ ଜଳ ଯୋଗାଇ ଦେବାକୁ ସ୍ୱତନ୍ତ୍ର ମୋଟର ପମ୍ପ ବ୍ୟବସ୍ଥା କରାଯିବ ବୋଲି ଇଂ. ଦୀକ୍ଷିତ ସୂଚନା ଦେଇଥିଲେ । ଏହାଛଡା ହରିସୁବୁଦ୍ଧି ପାଟଣା ହରିଜନ ସାହି ପାହାଡ ଉପରେ ଦୀର୍ଘ ବର୍ଷରୁ ନିର୍ମାଣ ହୋଇଥିବା ଏକ ପାଣିଟାଙ୍କିକୁ କାର୍ଯ୍ୟକ୍ଷମ କରାଯାଇ ସ୍ଥାନୀୟ ଅଞ୍ଚଳକୁ ଜଳ ଯୋଗାଣର ବ୍ୟବସ୍ଥା କରାଯିବ ବୋଲି ସହକାରୀ ଯନ୍ତ୍ରୀ କହିଥିଲେ ।

## ଚକ୍ଷୁ ଚିକିତ୍ସା ଶିବିର


ଚକ୍ଷୁ ଚିକିତ୍ସା ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

ନୂଆଗାଁ,୪।୫(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସିଙ୍ଗାରପଲୀ ପଞ୍ଚାୟତଠାରେ ବୁଧବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରକୁ ସିଙ୍ଗାରପଲି ସରପଞ୍ଚ ଗାୟତ୍ରୀ ବେହେରା ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଭୂମିକା ଚକ୍ଷୁ ହସ୍ପିଟାଲ ଓ ସିଙ୍ଗାରପଲି ସରପଞ୍ଚ ଗାୟତ୍ରୀ ବେହେରା , ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତୁଷାରକାନ୍ତ ରାଉତଙ୍କ ସହଯୋଗରେ ଆୟୋଜିତ ଏହି ଶିବିରରେ ଆଖପାଖ ଅଞ୍ଚଳର ୫୧ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ଚକ୍ଷୁ ଅପରେଶନ କରିବା ପାଇଁ ଭୁବନେଶ୍ୱର ଯିବା ପାଇଁ ପରାମର୍ଶ ଦିଆଯାଇଛି ।

## ଟ୍ରକ ପଛ ଚକାତଳେ ମହିଳାଙ୍କ ଜୀବନଗଲା

ନୟାଗଡ଼ ଅଫିସ,୪।୫

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ନୟାଗଡ଼ ଟ୍ରାଫିକ ଛକରେ ଟ୍ରକ ପଛ ଚକାରେ ଚାପି ହୋଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସୁଲଭି ବେହେରା(୩୫) । ଘର ଓଡ଼ଗାଁ ଆଦର୍ଶ ଥାନା ଅଧୀନ ଓଡଗାଁ ମନ୍ଦିର ସାହିରେ । ଉକ୍ତ ଟ୍ରକ(ନଂ. ଆରଜେ୧୧ ଜିବି ୮୬୮୨) ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱର ଯାଉଥିବାବେଳେ ସୁଲଭି ନୟାଗଡ଼ ବଜାରକୁ ସଉଦା କିଣିବାକୁ ଯାଉଥିଲେ । ହେଲେ ସୁଲଭି କିପରି ଟ୍ରକ ପଛ ଚକାତଳେ ପଡି ଯାଇଥିଲେ ଜଣା ପଡି ନ ଥିଲା । ଘଟଣାସ୍ଥଳରେ ସୁଲଭିଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୫୫/୨୨) ରୁଜୁ ହୋଇଛି । ଡ୍ରାଇଭରଙ୍କୁ ପୋଲିସ ଗିରଫ କରିବା ସହ ଟ୍ରକକୁ ଜବତ କରିଛି ।

## ଏସ୍‌ଏସ୍ ଜାଗୁଆର ଟିମ୍ ବିଜୟୀ


ଅତିଥିଙ୍କ ଗହଣରେ ଖେଳାଳିମାନେ ।

ନୂଆଗାଁ,୪।୫(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହିପୁର ସ୍କୁଲ ପଡିଆରେ ଚାଲିଥିବା ମହିପୁର ପ୍ରିମିୟର ଲିଗର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏସ୍ ଏସ୍ ଜାଗୁଆର ଟିମ୍ ବିଜୟ ହୋଇ ଫାଇନାଲରେ ପ୍ରବେଶ କରିଛି ।

ଗତମାସ ୧୦ରୁ ମହିପୁର ସ୍କୁଲ ପଡିଆରେ ଆରମ୍ଭ ହୋଇଥିବା ମହିପୁର ପ୍ରିମିୟର ଲିଗ-୨୦୨୨ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଏସ୍ ଏସ୍ ଜାଗୁଆର ଓ ଏକତାଳ ଇଲେଭେନ ଲାୟନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏସ୍.ଏସ୍. ଜାଗୁଆର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୩ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରିଥିଲା । ତାର ଜବାବରେ ଏକତାଳ ଇଲେଭେନ ଲାୟନ୍ସ ସମସ୍ତ ଉଇକେଟ ହରାଇ ୭୨ ରନ

### ମହିପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣାମେଣ୍ଟ

ସଂଗ୍ରହ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚରେ ମାନସ କୁମାର ସ୍ୱାଇଁ ସର୍ବାଧିକ ୬୬ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ହାସଲ କରିଥିଲେ। ମ୍ୟାଚ ଜିତି ଏସ୍.ଏସ୍ ଜାଗୁଆର ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ରବିବାର ହେବାକୁ ଥିବା ଫାଇନାଲ ମ୍ୟାଚ ରାମଚଣ୍ଡୀ ଷ୍ଟ୍ରାଇକର୍ସ ବନାମ ଏସ୍ ଏସ୍ ଜାଗୁଆର ମଧ୍ୟରେ ହେବ ବୋଲି ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି । ବୁଧବାର ମ୍ୟାଚରେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଡ. ସୌମେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୌମ୍ୟଦର୍ଶୀ ଦାଶ ଓ ମୁନା ସାର୍ ମ୍ୟାଚକୁ ପରିଚାଳନା କରିଥିଲେ । ଆୟୋଜକ କମିଟର ସତ୍ୟବ୍ରତ ସ୍ୱାଇଁ, ଜିତେନ୍ଦ୍ର କୁମାର ନାୟକ, ପ୍ରଦ୍ୟୁମ୍ନ ପାତ୍ର ଖେଳ ପରିଚାଳନା କରିଥିଲେ ।

DADLS - 21
Azadi Ka Amrit Mahotsav
ଓଡ଼ିଶା ସରକାର



ମହାନ ବିପ୍ଳବୀ
ଧରଣୀଧର ନାଏକ (ଭୂୟାଁ)ଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୫ ମଇ, ୨୦୨୨

ସକାଳ ୮ ଘଟିକା ସମୟରେ ଭୁବନେଶ୍ୱର ଇ.ଏସ୍.ଆଇ ହସ୍‌ପିଟାଲ୍ ରାସ୍ତା ଛକସ୍ଥିତ ଧରଣୀଧର ନାଏକ (ଭୂୟାଁ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ସଭାପତି : -ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ
ମୁଖ୍ୟ ଅତିଥି : -ଶ୍ରୀଯୁକ୍ତ ପ୍ରେମାନନ୍ଦ ନାୟକ, ମାନ୍ୟବର ମନ୍ତ୍ରୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା
ସମ୍ମାନିତ ଅତିଥି : -ଶ୍ରୀଯୁକ୍ତ ବଦ୍ରି ନାରାୟଣ ପାତ୍ର, ମାନ୍ୟବର ବିଧାୟକ
-ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ, ଉପଦେଷ୍ଟା, ଓଡ଼ିଶା ସରକାର(ଗଣମାଧ୍ୟମ ଓ ଲୋକସମ୍ପର୍କ)
-ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକ ସମ୍ପର୍କ ବିଭାଗ
-ଡଃ ଲେନିନ୍ ମହାନ୍ତି, ସମ୍ପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା : -ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ଦାଶ, ବିଶିଷ୍ଟ ଶିକ୍ଷାବିତ୍ ତଥା ଗବେଷକ

'ଆଦୃତା', ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ 'କେନ୍ଦୁଝର ସଂଘ ଓ କେନ୍ଦୁଝର ବିକାଶ ପରିଷଦ'ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

କେନ୍ଦୁଝର ଜିଲ୍ଲା ଭୂୟାଁ ସମ୍ପ୍ରଦାୟର ଜନଜାତି ନେତା ଧରଣୀଧର ଭୂୟାଁ । ତତ୍କାଳୀନ ରାଜା ଓ ରାଜ କର୍ମଚାରୀମାନଙ୍କର ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ପ୍ରଜାମାନଙ୍କର ବେଠି ଖଟିବାକୁ ତୀବ୍ର ବିରୋଧ କରି ବିଦ୍ରୋହର ସୂତ୍ରପାତ କରିଥିଲେ ଧରଣୀଧର । ଅତ୍ୟାଚାରୀ ରାଜତନ୍ତ୍ର ଓ ଇଂରେଜ ଶାସନ ବିରୁଦ୍ଧରେ ବିପ୍ଳବୀ ଧରଣୀଧରଙ୍କର ଦୁଃସାହସିକ ସଂଗ୍ରାମ ଓଡ଼ିଶା ଇତିହାସରେ ଅନନ୍ୟ । ଜନମାନସର ନେତା ଧରଣୀଧରଙ୍କର ଜାତିପ୍ରୀତି, ସାହସିକତା, ନିର୍ଭୀକତା, ଉଦାମତା ଓ ଆଦର୍ଶ ଆମକୁ ଚିର ଅନୁପ୍ରାଣିତ କରୁଥିବ ।

OIPR-15001/13/0038/2223

# ସ୍କୁଲ ମିଶ୍ରଣ ବାତିଲ ଦାବିରେ ଧାରଣା

ଛତ୍ରପୁର,୪।୫(ଡି.ଏନ୍.ଏ.)

ବିଦ୍ୟାଳୟ ବନ୍ଦ କରି ଅନ୍ୟ ବିଦ୍ୟାଳୟରେ ମିଶ୍ରଣ ନୀତିକୁ ବାତିଲ୍ କରିବା ଦାବି ନେଇ ବୁଧବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଞ୍ଜାମ ଜିଲା ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ଧାରଣା ଦିଆଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚେତାବନୀ ଦିଆଯାଇଥିଲା। ଅଭିଭାବକଙ୍କ ସହ ପିଲାମାନେ ମଧ୍ୟ ଏଥିରେ ସାମିଲ ଥିଲେ । ଅପରାହ୍ଣରେ ପ୍ରଶାସନ ନିର୍ଦ୍ଦେଶକ୍ରମେ ଧାରଣାରତ ଅଭିଭାବକଙ୍କ ମଧ୍ୟରୁ ୨ ଜଣଙ୍କୁ ଛତ୍ରପୁର ପୋଲିସ ଥାନାକୁ ନେଇଯିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଶତାଧିକ ମହିଳା ଓ ପୁରୁଷ ଥାନା ଘେରାଉ କରି ଅଟକ ୨ ଜଣଙ୍କୁ ଛାଡିବା ଓ ବନ୍ଦ କରାଯାଇଥିବା ସ୍କୁଲଗୁଡିକୁ ଖୋଲିବାକୁ ଦାବି କରିଥିଲେ। ଥାନା ପରିସରରେ ଛତ୍ରପୁର ଉପଜିଲାପାଳ ନୀଳମାଧବ ଭୋଇ, ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ତହସିଲଦାର ପ୍ରକାଶ କୁମାର ମିଶ୍ର, ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ଜିଲା ଶିକ୍ଷାଅଧିକାରୀ ବିନିତା ସେନାପତି, ଜିଲା ମଙ୍ଗଳ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ ପ୍ରମୁଖ ସେମାନଙ୍କ ସହ ଆଲୋଚନା କରିଥିଲେ। ଆଇନଶୃଙ୍ଖଳା ରକ୍ଷା କରିବା ଲାଗି ଛତ୍ରପୁର ଥାନା ଆଇଆଇସି ସତ୍ୟରଞ୍ଜନ ପ୍ରଧାନ, ଚମାଖଣ୍ଡି ଥାନା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ମେରାଇନ୍ ଥାନା ଆଇଆଇସି ମମତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ସହ ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହିଥିଲେ। ତେବେ ପୋଲିସ ଅଟକ ୨ଜଣଙ୍କୁ ଛାଡ଼ି ଦେବାପରେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଥାନା ପରିସରରୁ ଚାଲିଆସି ପୁଣି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

### ୨ ଜଣଙ୍କୁ ପୋଲିସ ନେବାରୁ ଥାନା ଘେରାଉ

ପ୍ରଶାସନ ପକ୍ଷରୁ ୨ ଦୁଇ ଦିନ ମଧ୍ୟରେ ଏକ ଟିମ୍ ଯାଇ ବନ୍ଦ ହୋଇଯାଇଥିବା ବିଦ୍ୟାଳୟଗୁଡିକୁ ପରିଦର୍ଶନ କରିବେ ବୋଲି ପ୍ରତିଶ୍ରୁତି ମିଳିବାରୁ ସନ୍ଧ୍ୟା ପ୍ରାୟ ସାଢେ ୭ରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ଦିଗପହଣ୍ଡି ବ୍ଲକର ନୂଆଗାଁ ଘନସିଂ, ଗୋବରବାଲସା ଓ ବିଜୟନଗରର ଗତ, ପୁରୁଷୋତ୍ତମପୁର ବ୍ଲକ ଢେପ ଅନ୍ତରିଗାଁ, ଶେରଗଡ ବ୍ଲକର କମଳାଦେଇପୁର ଆଦି ଗାଁରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ କମ୍ ଛାତ୍ରୀଛାତ୍ର ଥିବା ଦର୍ଶାଇ ସେଗୁଡିକୁ ବନ୍ଦ କରିବା ସହ ତାହାକୁ ନିକଟବର୍ତ୍ତୀ ସ୍କୁଲଗୁଡିକରେ ମିଶ୍ରଣ ନିଷ୍ପତ୍ତି ନିଆଯାଇଥିଲା । ଏହା ପ୍ରତିବାଦରେ ଧାରଣା ଦିଆଯାଇଥିଲା ।

## ସଂକ୍ଷେପରେ

### କୃଷିବିଜ୍ଞାନ କେନ୍ଦ୍ରରେ କୃଷକ ସମାରୋହ

ଆର.ଉଦୟଗିରି,୪।୫(ଡି.ଏନ.ଏ.):ଗଜପତି ଜିଲା କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ସମାରୋହ ଆର.ଉଦୟଗିରି ବ୍ଲକ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ମହେଶ ଚନ୍ଦ୍ର ନାୟକ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ସଂଗ୍ରାମ ପରମଗୁରୁ, ସିଡିଭିଓ ଗିରିଶ ଚନ୍ଦ୍ର ମହାନ୍ତି, ସରକାରୀ କୃଷି ଉପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାତ୍ର, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ ପଟ୍ଟନାୟକ, ଆର.ଉଦୟଗିରି ବ୍ଲକ ଅଧକ୍ଷ ଲକ୍ଷ୍ମୀ ନାରାୟଣ ଶବର, ଏସଡିପିଓ ଦିଲ୍ଲୀପ କୁମାର ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ କୈଳାଶ ଚନ୍ଦ୍ର ବେହେରା, ଜିଲା କୃଷି ଅଧିକାରୀ ଇରେନିଏସ ପ୍ରଧାନ, ସହକାରୀ କୃଷି ଅଧିକାରୀ ସରୋଜ ପାତ୍ରଙ୍କ ସମେତ ବହୁ ଜନ ପ୍ରତିନିଧି, କୃଷି କର୍ମଚାରୀ ଓ ଚାଷୀ ଉପସ୍ଥିତ ଥିଲେ।

### ଗଞ୍ଜାମ ସହରରେ ଚନ୍ଦନ ଯାତ୍ରା ଆରମ୍ଭ

ଗଞ୍ଜାମ,୪।୫(ଡି.ଏନ.ଏ.):ଅକ୍ଷୟ ତୃତୀୟାରୁ ଗଞ୍ଜାମର ଚନ୍ଦନଯାତ୍ରା ଆରମ୍ଭ ହୋଇଛି। ଏହି ଅବସରରେ ଶ୍ରୀମଦନ ମୋହନ ଗୋପାଳ ସ୍ୱାମୀଙ୍କ ମନ୍ଦିରରେ ରୀତିନୀତି ଅନୁଯାୟୀ ପୁଜାର୍ଚ୍ଚନା ପରେ ସନ୍ଧ୍ୟାରେ ଠାକୁର ଶୋଭାଯାତ୍ରାରେ ବିଭିନ୍ନ ସାହି ବୁଲି ପ୍ରାଚୀନ ସାମନ୍ତରା ପୁଷ୍କରିଣୀକୁ ଯାଇଥିଲେ। ସେଠାରେ ପୂର୍ବରୁ ସୁସଜ୍ଜିତ ନୌକାରେ ବସି ନୌବିହାର କରିଥିଲେ। ଠାକୁରଙ୍କ ମନ୍ଦିର ଏବଂ ପୁଷ୍କରିଣୀର ଚତୁପାର୍ଶ୍ୱରେ ରଙ୍ଗବେରଙ୍ଗର ଆଲୋକରେ ସୁସଜ୍ଜିତ କରାଯାଇଥିଲା।

### ଓଏସ୍ଏପି ଅଷ୍ଟମ ବାଟାଲିୟନ ପକ୍ଷରୁ ଜଳଛତ୍ର

ଗଞ୍ଜାମ,୪।୫(ଡି.ଏନ.ଏ.): ଛତ୍ରପୁର ଓଏସଏପି ଅଷ୍ଟମ ବାଟାଲିୟନ ପକ୍ଷରୁ ଅଗସ୍ତି ନୂଆଗାଁ ଛକ ନିକଟରେ ମଙ୍ଗଳବାରଠାରୁ ଏକ ଜଳଛତ୍ର ଖୋଲାଯାଇଛି। ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ପରେ ପଥଚାରୀଙ୍କୁ ଦହି ଓ ଲେମ୍ବୁ ମିଶ୍ରିତ ପଣା ବଣ୍ଟନ କରାଯାଇଥିଲା। ଆସନ୍ତା ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ଏହା ଚାଲିବ ବୋଲି ସୂଚନା ମିଳିଛି। ଡେପୁଟି କମାଣ୍ଡାଣ୍ଟ ସୁନୀଲ କୁମାର ବେହେରା, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲକ୍ଷ୍ମୀ ନାରାୟଣ ବେହେରା, ଅରୁଣ କୁମାର ସାହୁ, ଜ୍ୟୋତି ରଞ୍ଜନ ନାୟକ, ଡେପୁଟି ସୁବେଦାର ପି.କେ ତ୍ରିପାଠୀ, ହାବିଲଦାର ଓ ସିପାହୀ ଶାଖା ସଂଘ ସଭାପତି ଅଜିତ କୁମାର ରଥ ପ୍ରମୁଖଙ୍କ ସହ ଅଫିସର ଓ ସଂଘ କର୍ମକର୍ତ୍ତା ଓ ସଦସ୍ୟ ମାନେ ଉଦ୍‌ଘାଟନୀ ସମୟରେ ଉପସ୍ଥିତ ଥିଲେ।

### ଭେଣ୍ଡିଂ ଜୋନ୍ ନିର୍ମାଣରେ ବିଳମ୍ବ ଅଭିଯୋଗ

କବିସୂର୍ଯ୍ୟନଗର,୪।୫(ଡି.ଏନ୍.ଏ.): କବିସୂର୍ଯ୍ୟନଗର ବ୍ଲକ ସମ୍ମୁଖରେ ରହିଥିବା ଖୋଲା ସ୍ଥାନରେ ବହୁ ବର୍ଷ ଧରି ୧୦ରୁ ଅଧିକ ବ୍ୟବସାୟୀ ବ୍ୟବସାୟ କରି ଜୀବିକା ନିର୍ବାହ କରି ଆସୁଥିଲେ। ଏଠାରେ ଏନ୍ଏସି ମୁକ୍ତା ଯୋଜନାରେ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ୧୦ଟି ରୁମ ବିଶିଷ୍ଟ ଭେଣ୍ଡିଂ ଜୋନ ନିର୍ମାଣ କରିବା ଏନ୍ଏସି ପକ୍ଷରୁ ଭେଣ୍ଡିଂ ଜୋନ ନିର୍ମାଣ ଲାଗି ବର୍ଷେ ତଳେ ବାରମ୍ବାର ନୋଟିସ ଦିଆଯାଇ ଜାଗା ଖାଲି କରିବାକୁ କୁହାଗଲା। ତେବେ ବ୍ୟବସାୟୀ ଜୀବନ ଜୀବିକା ହରାଇବା ଭୟରେ ଖାଲି କରିବାକୁ ବିଳମ୍ବ କରିବାକୁ ଅମଙ୍ଗ ହେଉଥିଲେ। ଏନ୍ଏସି ପକ୍ଷରୁ ପୁନଃ ଥଇଥାନ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ମିଳିବା ପରେ ବ୍ୟବସାୟୀମାନେ ଜାଗା ଖାଲି କରିଥିଲେ। ତେବେ ଜାଗା ଖାଲି କରିବାର ଦୀର୍ଘ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଆଜିଯାଏ କାମ ସରୁନାହିଁ। ଆଗକୁ ମହାମାୟୀ ଯାତ୍ରା ୧୨ବର୍ଷରେ ଥରେ କିଛି ଅର୍ଥ ଉପାର୍ଜନର ପ୍ରକୃଷ୍ଟ ସମୟ ଆସିଛି। ଏହି ଦୃଷ୍ଟିରୁ ଯାତ୍ରା ପୂର୍ବରୁ ଅର୍ଦ୍ଧନିର୍ମିତ ଭେଣ୍ଡିଂ ଜୋନ ସମ୍ପୂର୍ଣ୍ଣ କରି ବ୍ୟବସାୟୀଙ୍କୁ ହସ୍ତାନ୍ତର କରିବାକୁ ସେମାନେ ଦାବି କରିଛନ୍ତି। ଯାତ୍ରା ପୂର୍ବରୁ କାମ ଶେଷ ନ କଲେ ଜୀବିକା ହରାଇଥିବା ବେପାରୀ ରାଜରାସ୍ତାକୁ ଆସିବେ ବୋଲି ଧମକ ଦେଇଛନ୍ତି।

### ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଧରାକୋଟ,୪।୫(ଡି.ଏନ୍.ଏ.): ଧରାକୋଟରେ ପବିତ୍ର ଶୀତଳଷଷ୍ଠୀ ଯାତ୍ରା ପାଇଁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ପୂର୍ବତନ ସରପଞ୍ଚ ଦିଲ୍ଲୀପ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାତ୍ରାକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ଆଲୋଚନା କରାଯିବା ସହିତ ଯାତ୍ରା କମିଟି, ପୂଜା କମିଟି ଓ ଶୃଙ୍ଖଳା କମିଟି ଆଦି ତିନୋଟି କମିଟି ଗଠନ ହୋଇଥିଲା। ପୂଜା କମିଟି ମୁଖ୍ୟ ଭାବେ ଶ୍ୟାମ ସୁନ୍ଦର ତ୍ରିପାଠୀ, ରବୀନ୍ଦ୍ର ମହାପାତ୍ର ଓ ରାଜେନ୍ଦ୍ର ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା। ଯାତ୍ରା କମିଟି ସଭାପତି ଭାବେ ଦିଲୀପ ସ୍ୱାଇଁ, ଉପସଭାପତି ଭାବେ ରବୀନ୍ଦ୍ର ଘୋଷ, ପରିଚାଳକ ଭାବେ ସୁନୀଲ ସାଇଁ, ସହପରିଚାଳକ ଭାବେ ବାପୁନି ସ୍ୱାଇଁ, ସମ୍ପାଦକ ଭାବେ ଟୁନା ଆଚାର୍ଯ୍ୟ, ସହସମ୍ପାଦକ ଭାବେ ଦିଲୀପ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା।

### ପୂଜାରୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଗୋପାଳପୁର,୪।୫(ଡି.ଏନ.ଏ.)

ଗୋପାଳପୁର ଥାନା ବାହାଦୁରପେଟା ଗ୍ରାମର ପୂଜାରୀଙ୍କ ଘରୁ ଦୁର୍ବୃତ୍ତମାନେ ମଙ୍ଗଳବାର ରାତିରେ କଳାକନା ବୁଲେଇଛନ୍ତି। ଏ ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ବାହାଦୁରପେଟା ଗ୍ରାମର ପୂଜାରୀ ବିଜୟ କୁମାର ଦାସ ମଙ୍ଗଳବାର ଅକ୍ଷୀତୃତିୟାରେ ମନ୍ଦିରରେ ପୂଜା କାର୍ଯ୍ୟ କରି ଘରକୁ ଫେରିନଥିଲେ। ଘରେ ଚାବି ପଡିଥିବାର ସୁଯୋଗ ନେଇ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗ୍ରୀଲ ଚାବି ତାଡି ଘରେ ପଶି ଆଲମିରା ଭାଙ୍ଗି ମୂଲ୍ୟବାନ କାଗଜପତ୍ର, ୨୦ ହଜାର ଟଙ୍କା, ରୁପାର ଗଣେଶ, ଲକ୍ଷ୍ମୀ ଓ ପ୍ଲେଟ ଲୁଟି ନେବା ସହ ବିଭିନ୍ନ ସାମଗ୍ରୀ ଫୋପଡା ଫୋପଡି କରି ଚମ୍ପଟ ମାରିଥିଲେ। ବୁଧବାର ବିଜୟ ଘରକୁ ଆସି ଚୋରି ହୋଇଥିବା ନେଇ ଜାଣିବାକୁ ପାଇ ଥାନାରେ ଅଭିଯୋଗ କରିଥିଲେ। ନଂ. ୭୪/୨୨ରେ ମାମଲା ରୁଜୁ ହୋଇଥିବା ନେଇ ଥାନାଧିକାରୀ ଶ୍ରୀକାନ୍ତ ଖମାରୀ କହିଛନ୍ତି।

### ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା

ରମ୍ଭା,୪।୫

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ଗ୍ରାମ ପଞ୍ଚାୟତ ଅଧୀନ କଣ୍ଟାପଡା ମଠମକୁନ୍ଦପୁର ଗ୍ରାମରେ ନୂତନ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ଦିବସରେ କଳସ ଯାତ୍ରା କରାଯାଇଛି। ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସହ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରାଣ ପ୍ରତିଷ୍ଠା ଓ ମନ୍ଦିର ପରିସରରେ ମହାଦେବ, ଜୟ ବୀର ହନୁମାନ ଗ୍ରାମରେ ମା' ବୁଢ଼ୀ ଠାକୁରାଣୀ ଓ ମା' ଉଜ୍ଜଳେଶ୍ୱରୀ ମନ୍ଦିର ପ୍ରତିଷ୍ଠା ପାଇଁ ବୁଧବାର ପ୍ରତ୍ୟୁଷରୁ ଗଞ୍ଜାମ ନିକଟସ୍ଥ ପବିତ୍ର ଋଷିକୂଲ୍ୟା ନଦୀରୁ ୧ ହଜାରରୁ ଉର୍ଦ୍ଧ୍ୱ ମହିଳା ଜଳଭର୍ତ୍ତି କଳସ ମୁଣ୍ଡେଇ କଣ୍ଟାପଡା ଗ୍ରାମକୁ ଆସିଥିଲେ। ଶ୍ରୀଜଗନ୍ନାଥ ବେଢ଼ା ପରିକ୍ରମା ପରେ ଯଜ୍ଞ ସ୍ଥଳରେ ସ୍ଥାପନା କରାଯାଇଥିଲା। ଗାୟତ୍ରୀ ପରିବାର ତରଫରୁ ଦୈନିକ ଜଳଛତ୍ର ଚାଲୁଥିବା ବେଳେ ଦିବସ ବ୍ୟାପି ପ୍ରସାଦସେବନ, ସନ୍ଧ୍ୟାରେ ସାଂସ୍କୃତି ପ୍ରବଚନ ହୋଇଥିଲା। ଏହି କଳସ ଶୋଭାଯାତ୍ରକୁ ଶ୍ରୀଜଗନ୍ନାଥ ସାଂସ୍କୃତିକ ପ୍ରଜ୍ଞା ପରିଷଦର ବିପିନ ନାହାକ, ଗଦାଧର ନାହାକ, ସତ୍ୟ ପ୍ରଧାନ, ରଞ୍ଜନ ନାହାକ, ଦୀପକ ନାହାକ, ପ୍ରଦୀପ ରେଡ୍ଡୀ, ରାଜେନ୍ଦ୍ର, କ୍ଷୀରମଣି ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ନିରଞ୍ଜନ ପ୍ରଧାନ, ଦିଲୀପ ନାହାକ ଓ ସଞ୍ଜୟ ପ୍ରଧାନ ମୁଦୁଲି, କୃପାସିନ୍ଧୁ ପ୍ରଧାନ ପରିଚାଳନା କରିଥିଲେ।

# ଗଞ୍ଜାମ ଜିଲା ପରିଷଦ ବୈଠକ

ଛତ୍ରପୁର,୪।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲାପରିଷଦର ବୈଠକ ବୁଧବାର ଛତ୍ରପୁରସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଋଷିକୁଲ୍ୟା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ଅଧକ୍ଷତା କରିଥିଲେ । ନିର୍ବାଚନ ପରେ ଜିଲାପରିଷଦର ଏହା ସାଧାରଣ ବୈଠକ ହୋଇଥିବାରୁ ଅନେକାଂଶରେ ଗୁରୁତ୍ୱବହନ କରିଥିଲା। ବୈଠକରେ ଦିଗପହଣ୍ଡି, ହିଞ୍ଜିଳି, ଗୋପାଳପୁର ଓ ସାନଖେମୁଣ୍ଡି ବିଧାୟକ, ଆସିକା ଏମ୍‌ପି ଅନୁପସ୍ଥିତ ରହିଥିବା ଦେଖିବାକୁ ଦେଖାଯାଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଯୋଗାଣ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଆଦି ବିଷୟ ଉପରେ ବୈଠକରେ ଆଲୋଚନା ହୋଇଥିଲା। ପାଣି, ଜଳସେଚନ, ସ୍ୱାସ୍ଥ୍ୟ ସମସ୍ୟା ସହ ଶିକ୍ଷକ ଅଭାବ, ବାରମ୍ବାର ବିଦ୍ୟୁତ୍ କାଟକୁ ନେଇ ବିଧାୟିକା, ବିଧାୟକ,



ବୈଠକରେ ଉପସ୍ଥିତ ଅଧକ୍ଷା, ମନ୍ତ୍ରୀ ଓ ଅନ୍ୟମାନେ।

ବ୍ଲକ ଅଧକ୍ଷ, ଜିଲାପରିଷଦ ସଭ୍ୟମାନେ ପ୍ରସଙ୍ଗ ଉଠାଇବା ସହ ଜିଲାପାଳ ଓ ଜିଲାପରିଷଦ ଅଧକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରି ଏସବୁର ସମାଧାନ ପାଇଁ ଅନୁରୋଧ କରିଥିଲେ । ସମସ୍ୟା ସମାଧାନ ପାଇଁ ପ୍ରଥମ କରି ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଜନପ୍ରତିନିଧିଙ୍କ ନିଜ ଅଞ୍ଚଳର କ'ଣ ସମସ୍ୟା ରହିଛି, ସେ ସମ୍ପର୍କରେ ଲେଖି ଜଣାଇବାକୁ ପ୍ରଶାସନ ପକ୍ଷରୁ ଜିଲାପରିଷଦ ସଭ୍ୟମାନଙ୍କୁ ଫର୍ମ ବଣ୍ଟାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଉପାଧକ୍ଷା ଏସ୍.ରାଜେଶ୍ୱରୀ ଦୋରା, ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଜିଲା ଯୋଜନା କମିଟି ଅଧକ୍ଷ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଚିକିଟି ବିଧାୟିକା ଉଷା ଦେବୀ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ , ସୋରଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡିଆରଡିଏ ପିଡି ସିନ୍ଧେ ଦତାତ୍ରେୟ ଭାଉସାହେବଙ୍କ ସମେତ ବ୍ଲକ ଅଧକ୍ଷ, ଜିଲାପରିଷଦ ସଭ୍ୟ ଉପସ୍ଥିତ ଥିଲେ ।

# ଆମ ପୋଲିସ ସମିତି ବୈଠକ

ଜଗନ୍ନାଥପ୍ରସାଦ,୪।୫(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଅଳସୁ ପଞ୍ଚାୟତର ସଭାଗୃହରେ ରବିବାର ଆମ ପୋଲିସ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥପ୍ରସାଦ ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ବୈଠକରେ ମୁଖ୍ୟତଃ ଗୁଣିଗାରେଡି ଏକ ଅନ୍ଧବିଶ୍ୱାସ, ବାଲ୍ୟ ବିବାହ ଏକ ଦଣ୍ଡନୀୟ ଅପରାଧ, ନିଶାସକ୍ତ ବାଇକ ଚଳାଇବା ନାହିଁ ଆଦି ଉପରେ ଆଲୋଚନା କରାଯାଇଥିଲା। ଅନଲାଇନ ଠକେଇ ପ୍ରତି ସତର୍କହେବା ସହ ଅଜଣା ବ୍ୟକ୍ତିଙ୍କ କଲ୍ ଉପରେ ସନ୍ଦେହ ଉପୁଜିଲେ ତୁରନ୍ତ ଥାନାକୁ ଯୋଗାଯୋଗ କରିବା ପାଇଁ ଥାନାଧିକାରୀ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବ୍‌ଇନ୍ସପେକ୍ଟର ସୁଶାନ୍ତ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ହୃଷୀକେଶ ନାୟକ, ଅଳସୁ ସମିତିସଭ୍ୟଙ୍କ ସମେତ ଗ୍ରାମର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ପାଇଥିବା ଡକ୍ୟୁମେଣ୍ଟ ଫେରାଇଲେ ଅରୁଣ



ମିଳିଥିବା ସାର୍ଟିଫିକେଟ ଫେରାଉଛନ୍ତି।

ବଲସକୁମ୍ପା,୪।୫

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଦୃତିପଡା ପଞ୍ଚାୟତର ରାଇଖୋଲ ଗ୍ରାମରେ ପାଇଥିବା ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟକୁ ଫେରାଇ ଜଣେ ବ୍ୟକ୍ତି ମାନବିକତା ଦେଖାଇଛନ୍ତି। କିଛି ଦିନ ତଳେ ଉକ୍ତ ଗ୍ରାମର ଯୁବକ ସୁନୀଲ ସେଠୀ ନିଜ ୧୧ ବର୍ଷୀୟ ପୁଅର ସ୍କୁଲରେ ନାମ ଲେଖାଇବା ପାଇଁ ସାର୍ଟିଫିକେଟ, ରେସିଡେଣ୍ଟ ଓ କଷ୍ଟ ସାର୍ଟିଫିକେଟ ସହିତ ଆଧାର କାର୍ଡ, ରାଶନ କାର୍ଡ, ଭୋଟର କାର୍ଡ ଜରୁରୀ କାଗଜ ଧରି ବଇଡ଼ା ସ୍କୁଲକୁ ନାମ ଲେଖାଇବା ପାଇଁ ଯାଉଥିବା ସମୟରେ ଅସାବଧାନତା ହେତୁ ବାଟରେ ସମସ୍ତ ଡକ୍ୟୁମେଣ୍ଟ ହଜେଇ ଦେଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ବଲସକୁମ୍ପା ଗ୍ରାମର ଅରୁଣ କୁମାର ସାହୁ ଲାଳସାପଡା ଛକରେ ଉକ୍ତ ଡକ୍ୟୁମେଣ୍ଟ ପାଇଥିଲେ। ସାମାଜିକ କର୍ମୀ ଭଗବାନ ଗୁରୁ ଏବଂ ଖବରଦାତା ବିଦୂର ବେହେରାଙ୍କ ସହଯୋଗ ଯୋଗୁ ହଜି ଯାଇଥିବା ସମସ୍ତ ଡକ୍ୟୁମେଣ୍ଟ ସୁନୀଲ ସେଠୀଙ୍କୁ ଡକେଇ ଫେରସ୍ତ କରିଛନ୍ତି। ଉକ୍ତ ଡକ୍ୟୁମେଣ୍ଟ ପାଇବା ପରେ ସୁନୀଲ ସାମାଜିକ କର୍ମୀ ଏବଂ ସାମ୍ବାଦିକଙ୍କୁ ଧନ୍ୟବାଦ ଦେଇଛନ୍ତି।

## ରମ୍ଭା ସରପଞ୍ଚଙ୍କ ପଦବୀକୁ ଅସିଦ୍ଧ ପାଇଁ କୋର୍ଟରେ ମାମଲା

ଚିକିଟି,୪।୫(ଡି.ଏନ.ଏ.)

ଚିକିଟି ବ୍ଲକ ରମ୍ଭା ପଞ୍ଚାୟତର ସରପଞ୍ଚ କୁମାରୀ ସେଠୀଙ୍କୁ ଅସିଦ୍ଧ ଘୋଷଣା କରିବା ପାଇଁ ପରାଜିତ ପ୍ରାର୍ଥୀନୀ ବାସନ୍ତୀ ସେଠି ସିଭିଲ ଜଜ (ଜୁନିଅର ଡିଭିଜନ) ପାତ୍ରପୁରଙ୍କ ଠାରେ ପିଟିସନ ଦାଖଲ କରିଛନ୍ତି। ନବ ନିର୍ବାଚିତ ସରପଞ୍ଚ ଓଡ଼ିଆ ଲେଖି ପଢି ଜାଣି ନ ଥିବା ଅଭିଯୋଗ ଆଣି ବାସନ୍ତୀ ପାତ୍ରପୁରସ୍ଥିତ ସିଭିଲ ଜଜ୍‌ଙ୍କ ଅଦାଲତରେ ପିଟିସନ (ନଂ ୩/୨୨) ଦାଖଲ କରିଛନ୍ତି। ମାତ୍ର ୬୭ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା କୁମାରୀଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ବାସନ୍ତୀ କୋର୍ଟଙ୍କ ଠାରେ ନିବେଦନ କରିଛନ୍ତି। ଓଡ଼ିଆ ଲେଖି ପଢି ଜାଣି ନଥିବାରୁ କୁମାରୀଙ୍କ ନାମାଙ୍କନ ଖାରଜ କରିବାକୁ ରମ୍ଭା ଗ୍ରାମ ପଞ୍ଚାୟତର ନିର୍ବାଚନ ଅଧିକାରୀଙ୍କୁ ବାସନ୍ତୀ ଜଣାଇଥିଲେ ସୁଦ୍ଧା ସେ ଅଭିଯୋଗ ଗ୍ରହଣ କରିବାକୁ ମନା କରିଥିଲେ ବୋଲି ପିଟିସନରେ ଦର୍ଶାଯାଇଛି। ନିର୍ବାଚିତ ସରପଞ୍ଚ, ଚିକିଟି ବ୍ଲକ ନିର୍ବାଚନ ଅଧିକାରୀ, ଜିଲା ନିର୍ବାଚନ ଅଧିକାରୀ ଏବଂ ପଞ୍ଚାୟତ ନିର୍ବାଚନ ଅଧିକାରୀଙ୍କୁ ପକ୍ଷଭୁକ୍ତ କରିବାକୁ ପିଟିସନରେ ଦର୍ଶାଯାଇଛି। ଆସନ୍ତା ମେ ୧୬ରେ ସମସ୍ତେ ହାଜର ହେବା ପାଇଁ ନୋଟିସ ହୋଇଥିବା ନେଇ ବାସନ୍ତୀଙ୍କ ଓକିଲ ମୋହନ ସିଙ୍ଗାରି କହିଛନ୍ତି।

## ୧୩ ଫୁଟର ଅଜଗର ଉଦ୍ଧାର

ଗଞ୍ଜାମ,୪।୫(ଡି.ଏନ.ଏ.)

ଗଞ୍ଜାମ ସହର ଗ୍ରାସୀମ କମ୍ପାନୀର ସିକ୍ୟୁରିଟି ଗାର୍ଡମାନେ ଦରୱାନୀ କ୍ୱାର୍ଟର ନିକଟରେ ମଙ୍ଗଳବାର ରାତିରେ ଡ୍ୟୁଟି କରୁଥିବା ବେଳେ ଏକ ବିରାଟ ଅଜଗର ସାପ ଦେଖିଥିଲେ। ତୁରନ୍ତ ସେମାନେ ଓ ଫାୟାର ଟିମ ମିଶି ଏକ ବଡ଼ ପ୍ଲାଷ୍ଟିକ ପାତ୍ରରେ ସାପକୁ କାବୁକରି ବନ ବିଭାଗକୁ ଖବର ଦେଇଥିଲେ। ଅଜଗରଟି ପ୍ରାୟ ୧୩ ଫୁଟ ଲମ୍ବା ଓ ପ୍ରାୟ ୩୦ କିଲୋ ଓଜନ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ବନ କର୍ମଚାରୀ ସାପଟିକୁ ଉଦ୍ଧାର କରି ରାମଗଡ଼ ପଞ୍ଚାୟତ ଦୁମୁନାଗିରି ପାହାଡ଼ରେ ଛାଡିଥିଲେ।

### ଲୁଟ୍ ମାମଲାରେ ୩ ଗିରଫ

କବିସୂର୍ଯ୍ୟନଗର,୪।୫(ଡି.ଏନ୍.ଏ.)

କବିସୂର୍ଯ୍ୟନଗର ସହରର ବିଦେଶୀ ମଦ ଦୋକାନ ବ୍ଲକ ନିକଟରୁ ଗତ ସୋମବାର ଦୁର୍ବୃତ୍ତମାନେ ମଦ ଦୋକାନ ମ୍ୟାନେଜରଙ୍କଠାରୁ ୮୨ ହଜାର ଟଙ୍କା ସହ ସୁନା ଅଳଙ୍କାର ଲୁଟି ଫେରାର ହୋଇଯାଇଥିଲେ। ମ୍ୟାନେଜର ପିଣ୍ଟୁ ମଣ୍ଡଳଙ୍କ ଏତଲା କ୍ରମେ ସ୍ଥାନୀୟ ପୋଲିସ ନଂ.୧୭୬/୨୨ରେ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ବୁଧବାର ଅଭିଯୁକ୍ତ ଗଣେଶ ନାୟକ, ଅଜିତ ନାୟକ ଓ ଶ୍ରୀକାନ୍ତ ରାଓଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଏହା ସହିତ ଲୁଟ୍ ସମସ୍ତ ସାମଗ୍ରୀ ଓ ଟଙ୍କା ଅଭିଯୁକ୍ତମାନଙ୍କଠାରୁ ଜବତ କରାଯାଇଥିବା ଥାନାଧିକାରୀ ପ୍ରଭାତ ସାହୁ ସୂଚନା ଦେଇଛନ୍ତି।

# ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ଭଞ୍ଜନଗର, ୪।୫(ଡି.ଏନ.ଏ.)

ଭଞ୍ଜନଗର ଓକିଲ ସଂଘ ପକ୍ଷରୁ ଶନିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବାର୍ ଆସୋସିଏଶନ ବରିଷ୍ଠ ସଦସ୍ୟ ଲଡୁ କିଶୋର ଆଳତିଆ, ଗୋପାଳ ଚନ୍ଦ୍ର ତ୍ରିପାଠୀ, ଶୁଭ୍ରାଂଶୁ ଶେଖର ସାହୁ, ଅରୁଣ କୁମାର ପାଢ଼ୀ, ବିଜୟ କୁମାର ଗୌଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଗତ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ନିର୍ବାଚିତ ହୋଇଥିବା ବାର୍ ଆସୋସିଏଶନ ସଭ୍ୟ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଉଡ୍ରା ସମିତି ସଭ୍ୟ ସୁଧାଂଶୁ ଶେଖର ପୋଲାଇ, କ୍ଷେତମୁଣ୍ଡାଲି ସରପଞ୍ଚ ନୀଳାଚଳ ଖିଲାର, ଜଗନ୍ନାଥପ୍ରସାଦ ବ୍ଲକ ଅଧକ୍ଷା ଜୟଶ୍ରୀ ସାହୁ, ଗାୟଗଣ୍ଡା ସରପଞ୍ଚ ପଦ୍ମଜା ପାତ୍ର, ଭଞ୍ଜନଗର ଏନ୍ଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ବିଏମ୍‌ସି କର୍ପୋରେଟର ମଳୟ କୁମାର ବିଶୋଇ। ବୈଠକରେ ସଭାପତି ସନ୍ତୋଷ କୁମାର ନାୟକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏଡିଜେ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ ଏମ୍.ତାଜ ଆଦେନୀ, ପ୍ରଦ୍ୟୁମ୍ନ କୁମାର ନାୟକ, ଦଣ୍ଡପାଣି ସ୍ୱାଇଁ, ବିନୟ କୁମାର ରଥ, ଅଭିମନ୍ୟୁ ଗୌଡ, ରାଜେନ୍ଦ୍ର ପ୍ରସାଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଶ୍ୱିନ ପାଣିଗ୍ରାହୀ ସଭା ସଂଯୋଜନା କରିଥିବା ବେଳେ ସମ୍ପାଦକ ଅମରେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ଧୀରେନ ସ୍ୱାଇଁ, କୋଷାଧକ୍ଷ ଗିରିଜା ଶଙ୍କର ଭୂୟାଁ,ସଭ୍ୟ ସ୍ନିଗ୍ଧା ଦାସ, ଅଳକା ମଞ୍ଜରୀ ପଟ୍ଟନାୟକ, ଅଳକା କୁମାରୀ ମହାନ୍ତି, ସୁରେଶ୍ୱରୀ ପ୍ରଧାନ, ଅଭାଗିନୀ ବିଶୋଇ, ଅପର୍ଣ୍ଣା ଗୌଡ ଓ ମୋନାଲିମା ଗୌଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାଞ୍ଚନ କଳା କେନ୍ଦ୍ର ପକ୍ଷରୁ ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା।

# ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍ ଯୋଗାଣକୁ ନେଇ ଅସନ୍ତୋଷ

ଫୁଲବାଣୀ ଅଫିସ, ୪।୫

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ବୁଧବାର ଜିଲା ପରିଷଦର ପ୍ରଥମ ବୈଠକ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ କେତେଜଣ ଲୋକ ପ୍ରତିନିଧିଙ୍କୁ ଠିକ୍ ଭାବେ ଡକାଯାଇ ନ ଥିବା ଅଭିଯୋଗ ହୋଇଥିଲା। କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଏହାକୁ ଦୃଢ଼ ବିରୋଧ କରି ଲୋକ ପ୍ରତିନିଧିଙ୍କୁ ଉଚିତ ସମ୍ମାନ ଦେବାକୁ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀଙ୍କୁ କହିଥିଲେ। ନବ ନିର୍ବାଚିତ ଜନ ପ୍ରତିନିଧିମାନେ କିପରି ବୈଠକକୁ ଆସିବେ ତାହା ଜିଲା ପ୍ରଶାସନ ଗୁରୁତ୍ୱ ଦେବା କଥା। ସେପରି କାହିଁ ହେଲା ନାହିଁ ବୋଲି ନିଜର ଅସନ୍ତୋଷ ବ୍ୟକ୍ତ କରିବା ସହ ଆଗକୁ ଯେପରି ଭୁଲ ନ ହୁଏ ସେଥିନେଇ ତାଗିଦ୍ କରିଥିଲେ। ବୈଠକରେ ବିଶେଷ କରି ସ୍ୱାସ୍ଥ୍ୟ ସେବାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଅନେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ରହନାହାନ୍ତି। ଡାକ୍ତରମାନେ କିପରି ମେଡିକାଲ ଯାଇ ରୋଗୀସେବା କରିବେ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରାଯାଇଥିଲା। ସେହିପରି ବିଦ୍ୟୁତ୍ ସମସ୍ୟା, ମାତ୍ରାଧିକ ବିଲ ଓ ବିଦ୍ୟୁତ୍ ଯାଇ ନ ଥିବା ଗ୍ରାମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏସବୁକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଏମ୍‌ପି, ବିଧାୟକମାନେ ନିର୍ଦ୍ଦେଶ ଦେଇଥିଲେ । ଜିଲା ପରିଷଦ ଅଧକ୍ଷା ନନ୍ଦିନୀ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ଓ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗଦେଇଥିଲେ। ସେହିପରି ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ପାଣି, ବିଦ୍ୟୁତ, ଜଙ୍ଗଲ ଜମି ପଟ୍ଟା ସମସ୍ୟା ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କର ସହଯୋଗ ଲୋଡ଼ିଥିଲେ। ଜିଲା ପରିଷଦର ଉପ ସଭାପତି ସାଧବାଣୀ ନାୟକ ସମସ୍ତେ ମିଳିମିଶି ଲୋକମାନଙ୍କ ସେବା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ଡା. ବୃନ୍ଦା ଡି. ନବ ନିର୍ବାଚିତ ଜନ ପ୍ରତିନିଧିମାନେ ପ୍ରଥମେ ସରକାରଙ୍କର ସମସ୍ତ ଯୋଜନା ବିଷୟରେ ଜାଣିବା ଦରକାର ବୋଲି କହିଥିଲେ। ପ୍ରାରମ୍ଭରେ ଜିଲାପରିଷଦର ଏକାଦଶତମ ଅଧିବେଶନର ଅନୁପାଳନ ବିବରଣୀ ଗୃହରେ ପଠନ ପୂର୍ବକ ଏହାର ଦୃଢ଼ୀକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ପରେ ଚଳିତ ଅଧିବେଶନର କାର୍ଯ୍ୟସୂଚୀ ଉପସ୍ଥାପନ କରା ଯାଇଥିଲା। ନବନିର୍ବାଚିତ ପ୍ରତି ୩ ଜଣ ସଭ୍ୟ/ସଭ୍ୟାମାନଙ୍କୁ ନେଇ ୭ଟି ସ୍ଥାୟୀ କମିଟି ଗଠନ କରାଯାଇଛି। ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଥିବା ବେଳେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ନରେଶ ଚନ୍ଦ୍ର ଶବର ଧନ୍ୟବାଦ ଦେଇଥିଲେ।



ବୈଠକରେ ଆଲୋଚନା ଚାଲିଛି।

### କନ୍ଧମାଳ ଜିଲା ପରିଷଦ ବୈଠକ